


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-285 ◆BHUBANESWAR ◆THURSDAY ◆11 APRIL 2024 ◆PAGE-20 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୮୫ ◆ଭୁବନେଶ୍ୱର ◆ଗୁରୁବାର ◆୧୧ ଏପ୍ରିଲ୍ ୨୦୨୪ ◆ପୃଷ୍ଠା-୨୦ ◆ଟ.୬.୦୦

## ରାମଦେବଙ୍କ କ୍ଷମାଭିକ୍ଷାକୁ ସୁପ୍ରିମକୋର୍ଟଙ୍କ ଅଗ୍ରାହ୍ୟ




**ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି):** ବାବା ରାମଦେବ ଓ ଆଚାର୍ଯ୍ୟ ବାଳକୃଷ୍ଣଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଆଜି ଅଗ୍ରାହ୍ୟ କରିଦେଇଛନ୍ତି। କୋର୍ଟ କହିଛନ୍ତି, ଜାଣିଶୁଣି ଅଦାଲତ ଅବମାନନା କରିଛ। ଏବେ ଅଡୁଆରେ ପଡ଼ି ଅନ୍ୟ ଉପାୟ ନ ପାଇ କ୍ଷମା ମାଗୁଛ। ଏପ୍ରକାର କ୍ଷମାଭିକ୍ଷାକୁ ଅଗ୍ରାହ୍ୟ କରୁଛୁ। ଅଦାଲତ ଅବମାନନାର ଫଳ ଭୋଗିବାକୁ ପ୍ରସ୍ତୁତ ରୁହ ବୋଲି କହିଛନ୍ତି। ସେହିପରି ସର୍ବୋଚ୍ଚ ନ୍ୟାୟାଳୟ ଉତ୍ତରାଖଣ୍ଡ ସରକାରଙ୍କୁ ତାଗିଦ କରିଛନ୍ତି। ଜଷ୍ଟିସ ହିମା କୋହଲି ଓ ବିଚାରପତି ଅସାନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି ଯେ ରାଜ୍ୟ ପାଖରେ ମାମଲା ଥିବା ନେଇ କେନ୍ଦ୍ର ଚିଠି ଲେଖି ଜଣାଉଛି। ରାଜ୍ୟ ସରକାର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବା କଥା। ମାତ୍ର ୬ ଥର ▶ପୃଷ୍ଠା-୧୩

## ଗଜପତି ଖଜୁରି ଗୁଡ଼କୁ ଜିଆଇ ମାନ୍ୟତା



**ଭୁବନେଶ୍ୱର, ୧୦।୪ (ସମିସ):** ଗଜପତି ଜିଲ୍ଲାର ଖଜୁରୀ ଗୁଡ଼କୁ ଜିଆଇ ଟ୍ୟାଗ୍ ମିଳିଛି। ଭାରତ ସରକାରଙ୍କ ଚେନ୍ନାଇ ସ୍ଥିତ ଜିଓଗ୍ରାଫିକାଲ ଇଣ୍ଡିକେସନ ରେଜିଷ୍ଟ୍ରି ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଗଜପତି ଜିଲ୍ଲାର ପର୍ବତ ପାଦଦେଶରେ ବହୁଳ ମାତ୍ରାରେ ଖଜୁରି ଗଛ ଦେଖାଯାଏ। ସେଥି ମଧ୍ୟରୁ ସଉରା ଜାତିର ଜନଜାତିମାନେ ଖଜୁରୀ ଗୁଡ଼ ପ୍ରସ୍ତୁତ କରିଥାନ୍ତି। ଓଡ଼ିଶା ରାଜ୍ୟ ତାଳଗୁଡ଼ ସମବାୟ ସଂଘ (ଓଆର୍‌ଟିଏସ୍‌ଏସ୍) ଅଧିନରେ ହଜାର ହଜାର ଆଦିବାସୀ ଖଜୁରୀ ଗୁଡ଼ ଉତ୍ପାଦନରେ ନିୟୋଜିତ ହୋଇଛନ୍ତି। ଚାରି କୋଣିଆ ଆକୃତିର ଛାଞ୍ଚରେ ପ୍ରସ୍ତୁତ କରାଗଲେ ତାକୁ ପାତାଳି ଗୁଡ଼ ଓ ସ୍ୱଳ୍ପ ପରିମାଣରେ ତରଳ ଭାବେ ପ୍ରସ୍ତୁତ କରାଗଲେ ତାକୁ ରୁବ୍ ଗୁଡ଼ କୁହାଯାଏ। ପାରମ୍ପରିକ ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଉଥିବା ଏହି ଗୁଡରେ କୌଣସି ପ୍ରାକୃତିକ ବା କୃତ୍ରିମ ରଙ୍ଗ ମିଶାଯାଇ ନଥାଏ। ଖଜୁରୀର ରଙ୍ଗ ପରି ଏହାର ରଙ୍ଗ ମଧ୍ୟ ବାଦାମୀ ହୋଇଥାଏ। ଖଜୁରୀ ଗୁଡ଼ ଉପରେ ଗବେଷଣା କରୁଥିବା ▶ପୃଷ୍ଠା-୧୩

# ପଥ ସମ୍ମୋହନ; ବଢ଼ୁଛି ଦୁର୍ଘଟଣା




**କଟକ, ୧୦।୪(ସମିସ):** ରୋଡ ହିପ୍ନୋସିସ ବା ପଥ ସମ୍ମୋହନଜନିତ ଦୁର୍ଘଟଣା ଏବେ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଦୀର୍ଘ ସମୟ ଧରି ଗାଡ଼ି ଚଳାଇବା ପରେ ଚାଳକ ନିଜର ମସ୍ତିଷ୍କ ଉପରୁ ନିୟନ୍ତ୍ରଣ ହରାଇବା ହେଉଛି ପଥ ସମ୍ମୋହନର ସ୍ଥିତି। ଏଭଳି ସ୍ଥିତି ପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏହାକୁ ଏଡ଼ାଇବାକୁ ଲଗାତାର ଭାବେ ଅଢ଼େଇ ଘଣ୍ଟା ଧରି ଗାଡ଼ି ଚଳାଇବା ପରେ କିଛି ମିନିଟ୍‌ର ବିଶ୍ରାମ ନେବାକୁ ପରାମର୍ଶ ଦେଇଛି ପରିବହନ ବିଭାଗ। ଭଲ ଭାବେ ମୁହଁ ଧୋଇବା ସହ ଚା', କଫି ଆଦି ପିଇବାକୁ ଏହି ଚାଳକଙ୍କୁ ପରିବହନ କମିସନର ପରାମର୍ଶ ଦେଇ ସଚେତନ କରିଛନ୍ତି। ରାଜପଥଗୁଡ଼ିକରେ ପଥ ସମ୍ମୋହନ ପ୍ରାୟତଃ ରାତିରେ ଘଟେ। ଚାଳକର ଆଖି ଖୋଲାଥିଲେ ମଧ୍ୟ ମସ୍ତିଷ୍କ ଅବଚେତନ ଅବସ୍ଥାକୁ ଚାଲିଯାଇଥାଏ। ଏହି ଅବସ୍ଥାରେ ଆଖି ତ ଖୋଲା ଥାଏ ହେଲେ ମସ୍ତିଷ୍କ କିଛି ମନେ ରଖିପାରେନାହିଁ ଓ ବୁଝିପାରେନାହିଁ। ଚାଳକ ଦୁର୍ଘଟଣାର ପୂର୍ବ ୧୫ମିନିଟ୍ କିଛି ଜାଣିପାରେ ନାହିଁ। ଏପରିକି କେତେ ବେଗରେ ସେ ଗାଡ଼ି ଚଳାଉଛନ୍ତି କିମ୍ବା ତାଙ୍କ ସାମ୍ନାରେ ଥିବା ଗାଡ଼ି କେତେ ବେଗରେ ଯାଉଛି ତାହା ଜାଣିପାରନ୍ତି ନାହିଁ। ଦୁର୍ଘଟଣା ପଛର ଅନେକ କାରଣ ମଧ୍ୟରୁ ପଥ ସମ୍ମୋହନ ମଧ୍ୟ ଅନ୍ୟତମ।

୨୦୨୩ରେ ରାଜ୍ୟର ଦୁର୍ଘଟଣାର ତଥ୍ୟ ଅନୁସାରେ, ଗାଡ଼ିକୁ ପଛରୁ ଧକ୍କା ଦେଇ ୨୪୯୬ଟି ଘଟିଥିବା ଦୁର୍ଘଟଣାରେ ୧୧୯୮ ଜଣଙ୍କ ମୃତ୍ୟୁ ହୋଇଛି ଓ ୧୭୭୨ ଜଣ ଆହତ ହୋଇଛନ୍ତି। ଗୋଟିଏ ପାଖରୁ ଗାଡ଼ିକୁ ଧକ୍କା ଦେଇ ଘଟିଥିବା ୬୩୯ଟି ଦୁର୍ଘଟଣାରେ ୨୭୪ ଜଣଙ୍କ ମୃତ୍ୟୁ ଘଟିଛି ଓ ୩୫୪ ଜଣ ଗୁରୁତର ହୋଇଛନ୍ତି। ସେହିଭଳି ରାସ୍ତାକଡ଼ ଗଛ, ଖୁଣ୍ଟ ଆଦିକୁ ଧକ୍କା ଦେଇ ୭୬୩ଦୁର୍ଘଟଣା ଘଟିଥିବାବେଳେ ୩୭୩ ▶ପୃଷ୍ଠା-୧୩

### ବିଜେଡିର ନିର୍ବାଚନ ଇସ୍ତାହାର କମିଟି ଗଠିତ

## ଚନ୍ଦ୍ରଶେଖର ଅଧ୍ୟକ୍ଷ, ଅମର ଆବାହକ



> **ଦେବୀ, ପ୍ରତାପ, ସୁଦାମ, ମଙ୍ଗଳା, ପଦ୍ମନାଭ, କସ୍ତୁରୀ ସହ-ଅଧ୍ୟକ୍ଷ**
> **ସସ୍ମିତ ସହ'-ଆବାହକ, ୩୮ ଜଣିଆ ତାଲିକାରେ ୩ ପ୍ରବାସୀ ଓଡ଼ିଆ**
> **ସାଧାରଣ ଲୋକମାନେ ମଧ୍ୟ ଦେଇପାରିବେ ଇସ୍ତାହାର ପାଇଁ ପ୍ରସ୍ତାବ**

**ଭୁବନେଶ୍ୱର, ୧୦।୪(ସମିସ):** ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଠନ କରିଛନ୍ତି ଦଳର ଇସ୍ତାହାର କମିଟି। କମିଟିରେ ମୋଟ ୩୮ ଜଣ ସଦସ୍ୟ ରହିଛନ୍ତି ଓ ଅଧ୍ୟକ୍ଷ ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାୟିତ୍ୱ ପ୍ରଦାନ କରିଛନ୍ତି। ପୂର୍ବତନ ସାଂସଦ ଡ. ଅମର ପଟ୍ଟନାୟକ କମିଟିର ଆବାହକ ଓ ସାଂସଦ ଡ.ସସ୍ମିତ ପାତ୍ର ସହ ଆବାହକ ରହିଛନ୍ତି। ଅନୁରୂପ ଭାବରେ କମିଟିରେ ୩ ପ୍ରବାସୀ ଓଡ଼ିଆଙ୍କୁ ମଧ୍ୟ ସାମିଲ କରାଯାଇଛି।

ଇସ୍ତାହାର କମିଟିରେ ସହ ଅଧ୍ୟକ୍ଷ ଭାବେ ଦଳର ୬ ଜଣ ବରିଷ୍ଠ ନେତାଙ୍କୁ ଅବସ୍ଥାପିତ କରାଯାଇଛି। ଦେବୀ ପ୍ରସାଦ ମିଶ୍ର, ପ୍ରତାପ ଦେବ, ସୁଦାମ ମାର୍ଣ୍ଡି, ମଙ୍ଗଳା କିଷାନ, ପଦ୍ମନାଭ ବେହେରା ଓ କସ୍ତୁରୀ ମହାପାତ୍ର କମିଟିରେ ସହ ଅଧ୍ୟକ୍ଷ ରହିଛନ୍ତି। ପ୍ରବାସୀ ଓଡ଼ିଶା ବିଶେଷଜ୍ଞ ସଦସ୍ୟ ଭାବେ ସୁକାନ୍ତ ମହାପାତ୍ର, ସ୍ୱପ୍ନେନ୍ଦୁ ମହାନ୍ତି ଓ ଅମୀୟ ମିଶ୍ରଙ୍କୁ ସ୍ଥାନ ମିଳିଛି। ଏହାବ୍ୟତୀତ ଅତନୁ ସବ୍ୟସାଚୀ ନାୟକ, ଡ. ଅଚ୍ୟୁତାନନ୍ଦ ସାମନ୍ତ, ଡ. ଅରୁଣ କୁମାର ସାହୁ, ଡ଼. ସଂତୃପ୍ତ ମିଶ୍ର, ସଞ୍ଜୟ କୁମାର ଦାସବର୍ମା, ସ୍ନେହାଙ୍ଗିନୀ ଛୁରିଆ, ସୁଶାନ୍ତ ସିଂ, କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର, ଶ୍ରୀମୟୀ ଶ୍ୱେତାସ୍ନିଗ୍ଧା ମିଶ୍ର, ଚିନ୍ମୟ ସାହୁ, ଚିରଞ୍ଜିବ ବିଶ୍ୱାଳ, ସୁବାସ ସିଂ, ବ୍ୟୋମକେଶ ରାୟ, ▶ପୃଷ୍ଠା-୧୩

### ଲୋକକଥା



ସୁନା ଦଅରରେ ପର ଲାଗିଲା କି
ଉପରକୁ ଯାଏ ଉଡ଼ି,
ଝିଅ ବାହା ସତେ କେମିତି କରିବ
ବାପ ହୁଏ ମୁଣ୍ଡ କୋଡ଼ି।
ଅଧୁରା ରହିବ ପେଡ଼ି
ଗହଣାଗାଣ୍ଠିକୁ ଛୁଇଁ ହେଉନାହିଁ,
ଦର ତାତି ଦିଏ ପୋଡ଼ି !!

### ରାଜ୍ୟ ବିଜେପିରେ 'ଟିକଟ' ଆକ୍ରୋଶ

## ଲାଗିରହିଛି ଇସ୍ତଫା ଝଡ଼

> **ଆଲୋଚନା କରି ସମାଧାନ କରିବାକୁ କେନ୍ଦ୍ରୀୟ ନେତାଙ୍କ ପରାମର୍ଶ**

**ଭୁବନେଶ୍ୱର, ୧୦।୪(ସମିସ):** ଲୋକସଭା ଓ ବିଧାନସଭା ପାଇଁ ଟିକଟ ଘୋଷଣା ପରେ ବିଜେପିର ଇସ୍ତଫା ଝଡ଼ ଜାରି ରହିଛି। ପ୍ରତିଦିନ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ରାଜ୍ୟ ବିଜେପିର ଛାମୁଆ ନେତା ଓ କର୍ମୀ ଦଳ ଛାଡୁଛନ୍ତି। ଏପଟେ ଦଳୀୟ କାର୍ଯ୍ୟାଳୟରେ ଅସନ୍ତୋଷ, ବିରୋଧ ପ୍ରଦର୍ଶନ ମଧ୍ୟ ଜାରି ରହିଛି। ଘୋଷିତ ପ୍ରାର୍ଥୀଙ୍କୁ ପରିବର୍ତ୍ତନ ନ କଲେ ସେମାନେ ଚରମ ନିଷ୍ପତ୍ତି ନେବେ ବୋଲି ରାଜ୍ୟ ନେତୃତ୍ୱଙ୍କୁ ଆଶାୟୀ ଓ ତାଙ୍କ ସମର୍ଥକମାନେ ଚେତାବନୀ ଦେଉଛନ୍ତି। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ରାଜ୍ୟ ବିଜେପିର ଶୀର୍ଷ ନେତୃତ୍ୱ ସମର୍ଥକରୁ ବିଦ୍ରୋହୀ ପାଲଟିଥିବା କର୍ମୀଙ୍କ ମାନଭଞ୍ଜନ କରିବାକୁ ଚେଷ୍ଟା କରିବେ। ଯେଉଁମାନେ ଦଳରୁ ଇସ୍ତଫା ଦେଇଛନ୍ତି, ମାତ୍ର ଏଯାଏଁ ଅନ୍ୟଦଳରେ ଯୋଗ ଦେଇନାହାନ୍ତି ସେମାନଙ୍କ ସହ ରାଜ୍ୟ ନେତୃତ୍ୱ ଅଗ୍ରାଧିକାର ଭିତ୍ତିରେ ଆଲୋଚନା କରିବେ। ଏଥିପାଇଁ ଜାତୀୟ ନେତୃତ୍ୱ ରାଜ୍ୟ ସଭାପତି ଓ ବରିଷ୍ଠ ନେତାଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି।

ବଲାଙ୍ଗୀର ବିଧାନସଭା ଆସନରୁ ଗୋପାଳଜୀ ପାଣିଗ୍ରାହୀଙ୍କୁ ଟିକଟ ▶ପୃଷ୍ଠା-୧୩

DADLS-107








ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ରଘୁବର ଦାସ)

OIPR-15001/13/0001/2425



# ଗଡୁଛି ଝୁମ୍ପୁଡ଼ି ଘର



ରାସ୍ତାରେ ଗାଡ଼ି ମଟର ଯିବା ସାଧାରଣ କଥା । କିନ୍ତୁ ରାସ୍ତାରେ କାର୍, ବାଇକ୍ ଭଳି ଝୁମ୍ପୁଡ଼ି ଘର ଗଡ଼ିବା ଘଟଣା ନିହାତି ଆଶ୍ଚର୍ଯ୍ୟଜନକ ନଚେତ ସାଇନ୍ସ ଫିକସନ ସିନେମାର ଦୃଶ୍ୟ ଭଳି ଲାଗିବା ସ୍ୱାଭାବିକ । ତେବେ ଏଭଳି ବିସ୍ମୟକର ଦୃଶ୍ୟ ଗୁଜରାଟର ସୁରଟ୍ ରାଜରାସ୍ତାରେ ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମରେ ଏହାର ଏକ ଭିଡିଓକୁ ବଲିଉଡ୍ ଫଟୋଗ୍ରାଫର ଭାଇରାଲ ଭୟାନି ସେୟାର୍ କରିବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି । ରାସ୍ତାରେ ଖାଲି କୁଡ଼ିଆ ଘରଟିଏ ଯାଉଥିବା ଦେଖିବାକୁ ମିଳିଛି । ଘରର ଏଭଳି ଗତିକୁ ଦେଖି ଏହାକୁ 'ମୁଭିଂ ହଟ୍' ବୋଲି କୁହାଯାଉଛି । ତେବେ ସୁରଟ୍‌ର ଏକ କ୍ରିଏଟିଭ୍ ସାଇନ୍ସ ଟିମ୍‌ର ଡିଜାଇନର୍‌ମାନେ ଏଭଳି ଏକ ଭିନ୍ନଧରଣର କାରନାମା କରି ଦେଖାଇଛନ୍ତି । ସେମାନେ ଗୋଟିଏ ଚାରି ଚକିଆ ଗାଡ଼ିକୁ ଚାଳଘର ଭାବେ ଡିଜାଇନ୍ କରିଛନ୍ତି । ଯାହାକୁ ଦେଖି ସମସ୍ତେ ଚାଳଘର ବୋଲି ଭାବିଛନ୍ତି । ସେମାନେ ଏହି ଗାଡ଼ି ଭିତରେ ଏଭଳି ଭାବେ ମୁଣ୍ଡ ତଳକୁ କରି ବସିଛନ୍ତି ଯେ, ରାସ୍ତାରେ କେବଳ ଘରଟିଏ ଯାଉଥିବା ଦେଖାଯାଇଛି । ରାସ୍ତାରେ ଏହି ଝୁମ୍ପୁଡ଼ି କାର୍‌କୁ ଦେଖି ଲୋକେ ବେଶ୍ ଆଶ୍ଚର୍ଯ୍ୟ ହୋଇଛନ୍ତି । ତେବେ ୨୦୦୪ର 'ତାର୍ଜନ: ଦ ୱାଣ୍ଡର କାର୍' ଫିଲ୍ମରୁ ଅନୁପ୍ରେରିତ ହୋଇ ସେମାନେ କାର୍‌କୁ ଏଭଳି ଭାବେ ତିଆରି କରିଛନ୍ତି । ଘଣ୍ଟା ପ୍ରତି ଏହି ଗାଡ଼ି ୧୫-୨୦ କିମି ବେଗରେ ଯାଉଛି । ଗାଡ଼ିର ଏଭଳି ନିଆରା ଡିଜାଇନ୍ ପାଇଁ ଉକ୍ତ କ୍ରିଏଟିଭ୍ ଟିମ୍‌ର ପରିକଳ୍ପନାକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି ।

# ଜାତୀୟ ନିରାପଦ ମାତୃତ୍ୱ ଦିବସ



ସୁରକ୍ଷିତ ଗର୍ଭଧାରଣ, ପ୍ରସବକାଳୀନ ନିରାପତ୍ତା , ପ୍ରସବ ପରେ ମା'ର ସ୍ୱାସ୍ଥ୍ୟ ବାବଦରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ୍ ୧୧ ତାରିଖରେ ପାଳନ କରାଯାଏ ଜାତୀୟ ନିରାପଦ ମାତୃତ୍ୱ ଦିବସ । ଭାରତ ସରକାର ଏପ୍ରିଲ୍ ୧୧ ତାରିଖକୁ (କସ୍ତୁରବା ଗାନ୍ଧୀଙ୍କ ଜନ୍ମଦିନ) ୧୮୦୦ ସଂଗଠନର ମିଳିତମଞ୍ଚ 'ହ୍ୱାଇଟ୍ ରିବନ୍ ଆଲାଏନ୍ସ ଇଣ୍ଡିଆ'ର ଅନୁରୋଧ କ୍ରମେ 'ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ' ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ଦିବସ ପାଳନ କରିବାରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର । ଏହି ଅବସରରେ ଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଗର୍ଭବତୀ ମହିଳାଙ୍କୁ କିପରି ସ୍ୱାସ୍ଥ୍ୟ ସେବା ସହ ଉପଯୁକ୍ତ ପୋଷଣ ମିଳିପାରିବ, ସେଦିଗରେ ସଚେତନତା ସୃଷ୍ଟି କରାଯାଏ । ଆମ ଦେଶରେ କିଛିବର୍ଷ ପୂର୍ବରୁ ମାତୃ ମୃତ୍ୟୁହାର ପ୍ରତିଶତ ବହୁତ ଅଧିକ ଥିଲା । ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ହେବା ପରେ ବିଗତ ଏକ ଦଶକ ହେଲାଣି ଭାରତରେ ମାତୃ ମୃତ୍ୟୁହାର (ଏମ୍‌ଏମ୍‌ଆର୍) ଅପେକ୍ଷାକୃତ କମିଛି । ତଥାପି ଏବେର ସ୍ଥିତି ବି ଗର୍ବ କଲାଭଳି ନୁହେଁ । ନିରାପଦ ମାତୃତ୍ୱ କହିଲେ ଉଭୟ ମା' ଓ ଶିଶୁର ସୁରକ୍ଷାକୁ ବୁଝାଏ । ଗର୍ଭଧାରଣ ଓ ପ୍ରସବ ବାବଦରେ ଉପଯୁକ୍ତ ଜ୍ଞାନ ହାସଲ ଏବଂ ଠିକ୍ ପଦକ୍ଷେପ ଦ୍ୱାରା ନିରାପଦ ମାତୃତ୍ୱ ଲାଭ ସମ୍ଭବ । ଏହାଦ୍ୱାରା ଉଭୟ ମାତୃ ଓ ଶିଶୁ ମୃତ୍ୟୁହାର କମିବ । ସୁଷମ ଓ ପୁଷ୍ଟିକର ଆହାର ସହ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ରୋଗ ପ୍ରତିଷେଧକ ଟିକାଗ୍ରହଣ, ପ୍ରସବ ସମୟରେ ଡାକ୍ତର କିମ୍ବା ତାଲିମପ୍ରାପ୍ତ ଧାତ୍ରୀଙ୍କ ସାହାଯ୍ୟ ନେବା ଉଚିତ । ଏହାଦ୍ୱାରା ଉଭୟ ମା' ଓ ଶିଶୁଙ୍କ ଜୀବନ ସୁରକ୍ଷିତ ରହିବ । ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ପ୍ରସୂତି ସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ଲାଗି ଏହି ଦିବସ ଅବସରରେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ ।

# ଭାରତର ପ୍ରଥମ ମହିଳା ନାପିତ



କ୍ଷୌରକାର୍ଯ୍ୟକୁ ଅତି ସାବଧାନତାର ସହ କରାଯାଇଥାଏ । ଏହା ମୁଖ୍ୟତଃ ପୁରୁଷମାନଙ୍କ କାର୍ଯ୍ୟ । କିନ୍ତୁ ମହାରାଷ୍ଟ୍ରର ଶାନ୍ତାବାଇ ଯାଦବ ୪୮ ବର୍ଷ ତଳୁ ନିଜ ପରିବାର ଚଳାଇବା ପାଇଁ ନାପିତ କାର୍ଯ୍ୟ କରି ଆସୁଛନ୍ତି । ଆଉ ଏବେ ୭୮ ବର୍ଷ ବୟସରେ ମଧ୍ୟ ସେ ନିଜ କୁଳ ବେଉସାକୁ ବଞ୍ଚାଇ ରଖିଛନ୍ତି । ଶାନ୍ତାଙ୍କୁ ଦେଶର ପ୍ରଥମ ମହିଳା ନାପିତ କୁହାଯାଏ । ଶାନ୍ତାବାଇଙ୍କ ଜୀବନ ଯାତ୍ରା ମଧ୍ୟ ବେଶ୍ ଯନ୍ତ୍ରଣାଦାୟକ । ସେ ୧୨ ବର୍ଷରେ ଶ୍ରୀପତିଙ୍କୁ ବିବାହ କରିଥିଲେ । ଶ୍ରୀପତି ଗାଁ ଗାଁ ବୁଲି ଲୋକଙ୍କ ଚୁଟି କାଟିବା ସହ ନିଶଦାଢି କ୍ଷେର କରୁଥିଲେ । ତଥାପି ଘରର ବୋଝ ହାଲୁକା ହୋଇନଥିଲା । ଶାନ୍ତା ୬ ଜଣ ଝିଅକୁ ଜନ୍ମ ଦେଇଥିଲେ । ଦୁଇଜଣ ଝିଅଙ୍କର ଜନ୍ମ ହେବାର ଅଳ୍ପ ଦିନ ମଧ୍ୟରେ ମୃତ୍ୟୁ ହୋଇଥିଲା । ଶାନ୍ତାଙ୍କ ବଡ଼ ଝିଅ ଆଠ ବର୍ଷ ହେବାବେଳକୁ ତାଙ୍କ ସ୍ୱାମୀଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା । ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ସେ ମଧ୍ୟ ଥରେ ନିଜର ଚାରିଝିଅଙ୍କ ସହ ଆତ୍ମହତ୍ୟା କରିବାକୁ ଚିନ୍ତା କରିଥିଲେ । ହେଲେ ଗାଁର ସଭାପତି ଶାନ୍ତାଙ୍କୁ ସ୍ୱାମୀଙ୍କ କାମ ସମ୍ଭାଳିବାକୁ ସାହସ ଦେଇଥିଲେ । ସେହି ସମୟରେ ଗାଁ'ରେ କୌଣସି ନାପିତ ନ ଥିଲେ । ତେଣୁ ଶାନ୍ତା ଗାଁ ଗାଁ ବୁଲି ଲୋକଙ୍କର ଚୁଟି କାଟିବା ସହ କ୍ଷୌର କଲେ । ମଣିଷ ନୁହେଁ, ଜୀବଜନ୍ତୁଙ୍କ କେଶ କାଟି ଶାନ୍ତା ବେଶ୍ ଦୁଇ ପଇସା ରୋଜଗାର କରନ୍ତି । ଏହି ଟଙ୍କାରେ ସେ ସବୁ ଝିଅଙ୍କୁ ବିବାହ କରାଇବା ସହ ଏବେ ଗାଁରେ ଶାନ୍ତାବାଇ ଏକ ସେଲୁନ୍ ମଧ୍ୟ ଖୋଲିଛନ୍ତି । ସେ ଏହି ବୟସରେ ହାର୍ ନ ମାନି ଗାଁ ଗାଁ ବୁଲି କ୍ଷୌର କାର୍ଯ୍ୟ କରନ୍ତି । ଏପରି କରି ସେ ମାସକୁ ୧୦ ହଜାର ଟଙ୍କା ରୋଜଗାର କରନ୍ତି ।

## ଆଜିର ଇତିହାସ

- ୧୮୬୯ - କସ୍ତୁରବା ଗାନ୍ଧୀଙ୍କ ଜନ୍ମ ।
- ୧୯୧୯ - ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନର(ଆଇଏଲ୍‌ଓ) ସ୍ଥାପନା ।
- ୧୯୨୧- ରେଡିଓରେ ପ୍ରଥମ ଥର ପାଇଁ ଖେଳର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ଆରମ୍ଭ ହେଲା ।
- ୧୯୩୦- ଋଷିକେଶର ଲକ୍ଷ୍ମଣ ଝୁଲାକୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଖୋଲିଦିଆଗଲା ।
- ୧୯୬୪- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଦୁଇ ଭାଗ ହେଲା ।
- ୨୦୦୮ -ସ୍ୱିଡେନର ବୈଜ୍ଞାନିକମାନେ ୮୦୦୦ ବର୍ଷ ପୁରୁଣା ଏକ ଗଛର ଠାବ କରିଥିଲେ ।

# ରେଳଯାତ୍ରୀଙ୍କୁ ସାହାଯ୍ୟ କରନ୍ତି 'ହ୍ୟୁମାନ୍ ଇଣ୍ଡିକେଟର'

ସାଧାରଣତଃ କୌଣସି ସ୍ଥାନର ବାଟ ଜାଣି ନ ଥିଲେ, ସେଠାରେ ଥିବା ଲୋକଙ୍କୁ ଏବାବଦରେ ପଚାରି ବୁଝାଯାଏ । ସେହିପରି ପ୍ଲାଟ୍‌ଫର୍ମ ଓ କେଉଁ ଟ୍ରେନ୍ କେତେବେଳେ ଆସିବ, ସେ କଥା ବି ସେଠାରେ ଥିବା ଲୋକଙ୍କୁ ପଚାରି ବୁଝିବା ହେଉଛି ଲୋକଙ୍କର ଏକ ସାଧାରଣ ଅଭ୍ୟାସ । ଏହି ପରିପ୍ରେକ୍ଷୀରେ ଏମିତି ବି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କି ବିନା ସ୍ୱାର୍ଥରେ ମୁମ୍ବାଇର ଦାଦର ଷ୍ଟେସନ୍‌ରେ ନିତିଦିନ ଯାତ୍ରୀଙ୍କୁ ଏହିସବୁ କାମରେ ସାହାଯ୍ୟ କରି ଆସୁଛନ୍ତି । ନରେନ୍ଦ୍ର ପାଟିଲ୍‌ଙ୍କ ଏଭଳି କାମ ତାଙ୍କୁ 'ହ୍ୟୁମାନ୍ ଇଣ୍ଡିକେଟର'ର ପରିଚୟ ପ୍ରଦାନ କରିଛି । ହସ ହସ ମୁହଁରେ ସେ ସର୍ବଦା ଉକ୍ତ ଷ୍ଟେସନର ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ଠିଆ ହୋଇ ରହିଥାନ୍ତି । ତା'ସହ ଯାତ୍ରୀଙ୍କୁ ଟ୍ରେନ୍ ସମୟ ଏବଂ ପ୍ଲାଟଫର୍ମ ସମ୍ପର୍କିତ ସୂଚନା ପ୍ରଦାନ କରିବାରେ ସାହାଯ୍ୟ କରନ୍ତି । କେବଳ ସେତିକି ନୁହେଁ, ଏହି ଷ୍ଟେସନ୍‌କୁ ପ୍ରଥମଥର ପାଇଁ ଆସୁଥିବା ଯାତ୍ରୀଙ୍କୁ ସେ ବିନା ଦ୍ୱିଧାରେ ସ୍ପଷ୍ଟ ଭାବେ ସମସ୍ତ ବିବରଣୀ ପ୍ରଦାନ କରିଥାନ୍ତି । ଅବଶ୍ୟ ତାଙ୍କର ଏହି ନିଃସ୍ୱାର୍ଥ ସେବା ପ୍ରତିଦିନ ଦୁଇ ଘଣ୍ଟା ପାଇଁ ଜାରି ରହେ । ନରେନ୍ଦ୍ରଙ୍କର ଏହି କାର୍ଯ୍ୟକୁ ଲୋକେ ବେଶ୍ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ନରେନ୍ଦ୍ରଙ୍କର ଏହି କାହାଣୀ ସେୟାର୍ କରାଯିବା ପରେ ସମସ୍ତଙ୍କ ନଜରକୁ ଆସିଛି ।







# ରାଗ ଥଣ୍ଡା ପାଇଁ କୋଠରି

## ନିଜ ଇଚ୍ଛାରେ ଭାଙ୍ଗିପାରିବେ ଜିନିଷପତ୍ର

କଥାରେ ଅଛି ରାଗ ବ୍ରହ୍ମଚଣ୍ଡାଳ । ବେଳେବେଳେ ମଣିଷ କ୍ରୋଧର ବଶବର୍ତ୍ତୀ ହୋଇ ଏମିତି ସବୁ ଭୁଲ୍‌କରି ବସେ, ଯାହା ପ୍ରାୟଶ୍ଚିତ କରିବା ପାଇଁ ତା ପାଖେ ସୁଯୋଗ ନ ଥାଏ । କାହିଁକିନା କ୍ରୋଧ ସମୟରେ ବ୍ୟକ୍ତି ନିଜର ହିତାହିତ ଜ୍ଞାନକୁ ଭୁଲିଯାଇଥାଏ । ଯାହଫଳରେ ସେ ନିଜ ସହ ଅନ୍ୟକୁ ମଧ୍ୟ କ୍ଷତି ପହଁଞ୍ଚାଇଥାଏ । ଦେଖାଯାଏ, ଅନେକ ଲୋକ ରାଗିଯାଇ ଜିନିଷପତ୍ର ଫୋପାଡ଼ିବା ସହ ଭଙ୍ଗାରୁଜା କରିଥାନ୍ତି । ତେଣୁ ଅଧିକ ରାଗୁଥିବା ଲୋକଙ୍କ ରାଗ ସୁଝାଇବା ପାଇଁ ମୁମ୍ବାଇରେ ଏକ ସ୍ୱତନ୍ତ୍ର କୋଠରି ନିର୍ମାଣ କରାଯାଇଛି । ଏହି କୋଠରିକୁ ରେଜ୍ ରୁମ୍ ବୋଲି କୁହାଯାଇଥାଏ । ସାଧାରଣତଃ ଯେଉଁମାନେ ରାଗିଯାଇ ବିଭିନ୍ନ ଜିନିଷ ଭଙ୍ଗାରୁଜା କରନ୍ତି ସେମାନଙ୍କ ପାଇଁ ଏହି କୋଠରି ସ୍ୱତନ୍ତ୍ର ଅଫର ଦେଇଥାଏ । ସେଭଳି ଲୋକଙ୍କର ରାଗକୁ ଶାନ୍ତ କରିବା ପାଇଁ ଏଠାରେ କାଚ ସାମଗ୍ରୀ ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଭାଙ୍ଗିବାକୁ ସୁଯୋଗ ଦିଆଯାଏ । ରେଜ ରୁମ୍‌ରେ ପ୍ରବେଶ ପାଇଁ ମାତ୍ର ୯ ଟଙ୍କା ଦେବାକୁ ହୁଏ । ତାହାସହ ଭଙ୍ଗାରୁଜା ପାଇଁ ସାମଗ୍ରୀ ଯୋଗାଇ ଦିଆଯାଏ । ମଜାଦାର କଥା ହେଉଛି, ଯଦି ଜଣକର ରାଗ ଅଧିକ ଥିବ ଆଉ ସେ ଅଧିକ ସାମଗ୍ରୀ ଭାଙ୍ଗିବାକୁ ଇଚ୍ଛା ପ୍ରକାଶ କରନ୍ତି, ତାଙ୍କୁ ସେହି ହିସାବରେ ଅଧିକ ଟଙ୍କା ଦେବାକୁ ପଡ଼ିଥାଏ । ରେଜ ରୁମ୍‌ର ସ୍ୱତନ୍ତ୍ରତା ହେଉଛି ଯେ, ରାଗ ନିୟନ୍ତ୍ରଣ ପାଇଁ ବ୍ୟକ୍ତି ମଧ୍ୟ ନିଜ ଘରୁ ଜିନିଷ ଆଣି ଭାଙ୍ଗିପାରିବେ । ଏମିତି ଭଙ୍ଗାରୁଜା ପରେ ଜଣକର ରାଗ ଶାନ୍ତ ହୋଇଯାଏ ବୋଲି ରେଜ୍ ରୁମ୍‌ର ନିର୍ମାତା କୁହନ୍ତି ।



# ଓଟିଟି କ୍ୱିନ୍ ରାଧିକା

## ଫିଲ୍ମଠାରୁ ନିଅନ୍ତି ୱେବ୍‌ସିରିଜ୍‌ରେ ଅଧିକ ପାରିଶ୍ରମିକ

ଆଜିକାଲି ଓଟିଟି ଦର୍ଶକଙ୍କ ପାଇଁ ଏକ ବଳିଷ୍ଠ ମନୋରଞ୍ଜନର ମାଧ୍ୟମ ପାଲଟିଛି । ବଡ଼ ପରଦାରେ ଫ୍ଲପ୍ ମାରିଥିବା ଅନେକ କଳାକାରଙ୍କ ଭାଗ୍ୟ ବଦଳାଇ ଦେଇଛି ଓଟିଟି । ଅଭିନେତା ସୁମିତ୍ ବ୍ୟାସ୍ ଓଟିଟି କିଙ୍ଗ୍ ଭାବେ ଜଣାଶୁଣା । ସେହିଭଳି ରାଧିକା ଆପ୍ଟେ ଓଟିଟି କ୍ୱିନ୍ ଭାବେ ପରିଚିତ । ରାଧିକା ଅନେକ ହିନ୍ଦୀ ଓ ସାଉଥ୍ ଫିଲ୍ମରେ କାମ କରିଥିଲେ ସୁଦ୍ଧା ଓଟିଟି ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ନେଟ୍‌ଫ୍ଲିକ୍ସର କ୍ରାଇମ୍ ଡ୍ରାମା ସିରିଜ୍ 'ସାକ୍ରେଡ୍ ଗେମ୍ସ' ଓ 'ଲଷ୍ଟ ଷ୍ଟୋରିଜ୍'ରେ ରାଧିକାଙ୍କ ଅଭିନୟ ଦର୍ଶକଙ୍କ ମନ ଛୁଇଁଛି । ଲାଗାତାର ସୁପରହିଟ୍ ୱେବ୍‌ସିରିଜ୍ ଦେଇଥିବା ଯୋଗୁ ଓଟିଟିରେ ଏବେ ସେ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀ ପାଲଟି ଯାଇଛନ୍ତି । ଫିଲ୍ମରେ ଅଭିନୟ କରି ଜଣେ ଅଭିନେତ୍ରୀ ଯେତିକି ପାରିଶ୍ରମିକ ପାଆନ୍ତି, ରାଧିକା ୱେବ୍‌ସିରିଜ୍‌ରୁ ସେତିକି ଅର୍ଥ ପାଇଥାନ୍ତି । ରାଧିକା ଓଟିଟି ପ୍ଲାଟଫର୍ମରେ ପ୍ରତିଟି ପ୍ରୋଜେକ୍ଟ ପାଇଁ ପାରିଶ୍ରମିକ ବାବଦରେ ୪ କୋଟି ନିଅନ୍ତି । ତେବେ ଫିଲ୍ମ ଅପେକ୍ଷା ତାଙ୍କୁ ୱେବ୍‌ସିରିଜ୍‌ରୁ ଅଧିକ ପାରିଶ୍ରମିକ ମିଳୁଥିବା କଥା ସେ କହିଛନ୍ତି ।

# ବିଶ୍ୱ ଛେନାପୋଡ଼ ଦିବସ



ଓଡ଼ିଶାର ଏକ ସ୍ୱତନ୍ତ୍ର ତଥା ସୁଆଦିଆ ମିଠା ହେଉଛି ଛେନାପୋଡ଼ । ଛେନାପୋଡ଼ର ଆକ୍ଷରିକ ଅର୍ଥ ହେଉଛି ପୋଡ଼ା ଯାଇଥିବା ଛେନା ବା ପୋଡ଼ିକରି ତିଆରି କରାଯାଇଥିବା ଛେନାରେ ତିଆରି ଏକ ମିଠା । ବାଦାମୀ ହେବାଯାଏଁ ଏହାକୁ ପୋଡ଼ାଯାଇ ତିଆରି କରାଯାଇଥାଏ । ଘରେ ଘରେ ପରିଚିତ ଏହି ମିଠାକୁ ସବୁ ବର୍ଗର ଲୋକେ ପସନ୍ଦ କରିଥାନ୍ତି । ଓଡ଼ିଆଙ୍କ ପ୍ରିୟ ମିଠାର ସ୍ୱାଭିମାନକୁ ବଞ୍ଚାଇବାକୁ ପ୍ରତିବର୍ଷ ଏପ୍ରିଲ ୧୧ ତାରିଖକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଉଛି । ଏହା ହେଉଛି ଛେନାପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମଦିନ । ନୟାଗଡ଼ ମାଟିରୁ ଜନ୍ମ ନେଇଥିବା ଛେନାପୋଡ଼ ଆଜି ବିଶ୍ୱ ଦରବାରରେ ନିଜର ପରିଚୟ ସୃଷ୍ଟି କରିଛି । ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଛେନାପୋଡ଼ ପଛରେ ନୟାଗଡ଼ର ଏକ ସ୍ୱତନ୍ତ୍ର ଅବଦାନ ରହିଛି । ସ୍ୱାଧୀନତା ପୂର୍ବରୁ ନୟାଗଡ଼ ଛେନାପୋଡ଼ ଜନ୍ମ ନେଇଥିଲା । ଛେନାପୋଡ଼ ପଛରେ ରହିଛି ଏକ ରୋଚକ କାହାଣୀ । ନୟାଗଡ଼ ଜିଲ୍ଲା ଦଶପଲ୍ଲା ସାତପାଟଣା ଗ୍ରାମରେ ୧୯୩୧ ଏପ୍ରିଲ୍ ୧୧ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ଛେନାପୋଡ଼ର ଜନ୍ମଦାତା ସୁଦର୍ଶନ ସାହୁ । ଏକ ଛୋଟିଆ ଭୁଲରୁ ସୃଷ୍ଟି ହେଇଥିଲା ଏହି ସୁଆଦିଆ ମିଠା । ସୁଦର୍ଶନ ଏକ ଜଳଖିଆ ଦୋକାନ କରି ପରିବାର ଚଳାଉଥିଲେ । ଏକଦା ତାଙ୍କ ଦୋକାନରେ କିଛି ଛେନା ବଳକା ରହିଯାଇଥିଲା । ତାହା ସକାଳକୁ ଖରାପ ହୋଇଯିବ ଭାବି ସେଥିରେ କିଛି ଚିନି ଓ କିଛି ଚାଉଳ ଚୁନା ମିଶାଇ ରଡନିଆଁରେ ପୋଡ଼ିଦେଇଥିଲେ । ଏହାପରେ ତାହା ଏକ ପିଠା ଆକାରର ହୋଇଥିଲା । ପ୍ରଥମେ ତାହା ଛେନାପୋଡ଼ ପିଠା ହୋଇଥିଲା । ପରେ ଏହା ପିଠାରୁ ମିଠା ପାଲଟିଥିଲା । ଖୁବ୍ କମ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ମିଠା ନାଁ କରିଥିଲା । ନୟାଗଡ଼ରୁ ବିଭିନ୍ନ ଜିଲ୍ଲାକୁ ଛେନାପୋଡ଼ ପଠାଯାଇଥିଲା । ପରେ ଅନ୍ୟ ଜିଲ୍ଲାରେ ମଧ୍ୟ ଏହା ପ୍ରସ୍ତୁତ ହୋଇ ବିକ୍ରି ହେଲା । ୨୦୨୨ ମସିହାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲପିଙ୍ଗହ୍ୟାଣ୍ଡ' ପ୍ରଥମ ଥର ପାଇଁ ସୁଦର୍ଶନଙ୍କ ଜନ୍ମଦିନ ଏପ୍ରିଲ ୧୧କୁ ବିଶ୍ୱ ଛେନାପୋଡ଼ ଦିବସ ଭାବେ ପାଳନ ଆରମ୍ଭ କରିଥିଲା ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନଶୀଳ ରୁହନ୍ତୁ । ଧୈର୍ଯ୍ୟର ସହ କାମ କରନ୍ତୁ । ସନ୍ତାନଙ୍କ ସହ ମଜାମସ୍ତିରେ ଦିନ ବିତିବ ।

**ବୃଷ:** ପରିଶ୍ରମର ଫଳ ମିଳିବ । କମରପୀଡ଼ା ଚିନ୍ତା ବୃଦ୍ଧି କରିବ । ବ୍ୟବସାୟୀଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ ।

**ମିଥୁନ:** ଅଯଥା କଥାରେ ମୁଣ୍ଡ ପୂରାନ୍ତୁନି । ପୁରୁଣା ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେଇପାରେ । ଅଚାନକ ସୁସମ୍ବାଦ ମିଳିବ । ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ ।

**କର୍କଟ:** ନିଜର ଦାୟିତ୍ୱକୁ ସୁରୁଖୁରୁରେ ସମ୍ଭାଳିବେ । ବନ୍ଧୁଙ୍କ ସହିତ ମଧୁର ବ୍ୟବହାର କରିବେ । ଦୂରସ୍ଥାନ ଯାତ୍ରା କରିପାରନ୍ତି । ଯୋଜନା ମୁତାବକ କାର୍ଯ୍ୟ କରନ୍ତୁ ।

**ସିଂହ:** କାମଚାପ ଅଧିକ ରହିବ । ଯୁବପିଢ଼ିଙ୍କ ପାଇଁ ସମୟ ଅନୁକୂଳ । ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଭିଭାବକ ଭାବେ ନିଜର ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତା କରିବେ ।

**କନ୍ୟା:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । କ୍ୟାରିୟରକୁ ନେଇ ଚିନ୍ତିତ ହୁଅନ୍ତୁନି । ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ । ଦିନସାରା ବ୍ୟସ୍ତ ରହିବା କାରଣରୁ ଥକ୍କାପଣ ଅନୁଭବ କରିବେ ।

**ତୁଳା:** ଘର ବାତାବରଣ ଶାନ୍ତିପୂର୍ଣ୍ଣ ରହିବ । ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ହୋଇପାରେ । ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ । ଛାତ୍ରଛାତ୍ରୀ ଖେଳପ୍ରିୟ ହେବେ ।

**ବିଛା:** ବିଦ୍ୟାର୍ଥୀମାନେ ନିଜ କ୍ୟାରିୟରକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଆଳସ୍ୟ ଓ ଚିନ୍ତାରେ ଦିନଟି ବିତିବ । ପ୍ରେମ ବ୍ୟାପାରରେ ସଫଳ ହେବେ । ଘର କାମରେ ବ୍ୟସ୍ତ ରହିପାରନ୍ତି ।

**ଧନୁ:** ନକାରାତ୍ମକ ପ୍ରବୃତ୍ତିର ଲୋକଙ୍କଠାରୁ ଦୂରେଇ ରୁହନ୍ତୁ । ଅଫିସ୍ କାମରେ ବ୍ୟସ୍ତ ରହିବେ । ଥକ୍କାପଣ ଅନୁଭବ କରିପାରନ୍ତି । ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ ।

**ମକର:** ସହକର୍ମୀଙ୍କ ସହଯୋଗ ମିଳିବ । ଯାତାୟାତ ସମୟରେ ସତର୍କ ରୁହନ୍ତୁ । ଅଯଥା ଖର୍ଚ୍ଚ ବଢ଼ିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିବେ ।

**କୁମ୍ଭ:** ପରିସ୍ଥିତି ଅନୁସାରେ କାମ କରନ୍ତୁ । ମନକୁ ଆୟତ୍ତରେ ରଖିବା ଭଲ । କର୍ମକ୍ଷେତ୍ରରେ ପଦୋନ୍ନତି ହୋଇପାରେ । ମହିଳାମାନେ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେବେ । ଆଖି ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ ।

**ମୀନ:** ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ । ପୁରୁଣା ସ୍ୱାସ୍ଥ୍ୟସମସ୍ୟା ଦେଖାଦେଇପାରେ । ପ୍ରେମ ବ୍ୟାପାରରେ ଦିନଟି ଭଲରେ ବିତିବ । ବୈବାହିକ ଜୀବନ ସୁଖମୟ ହେବ ।

# 'ନବୀନ' ଆକର୍ଷଣ — ଶଙ୍ଖ ଭବନକୁ ଅନ୍ୟ ଦଳ ନେତାଙ୍କ ଧାଡ଼ି

## ବିଜେଡିରେ ବଲାଙ୍ଗିର ଜିଲ୍ଲା ବିଜେପିର ପୂର୍ବତନ ସଭାପତି ପ୍ରଭାସ



**ଭୁବନେଶ୍ୱର, ୧୦।୪(ସମିସ):** ପୂର୍ବତନ ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ପ୍ରଭାସ ପାଣିଗ୍ରାହୀ ବିଜେଡିରେ ସାମିଲ ହୋଇଛନ୍ତି। ଆଜି ଶଙ୍ଖଭବନରେ ପୂର୍ବତନ ବଲାଙ୍ଗୀର ସାଂସଦ ତଥା ବଲାଙ୍ଗୀର ବିଧାୟକ ପ୍ରାର୍ଥୀ କଳିକେଶ ସିଂହଦେଓ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ଶ୍ରୀ ପାଣିଗ୍ରାହୀ ବିଧିବଦ୍ଧ ଭାବରେ ଦଳରେ ସାମିଲ ହୋଇଛନ୍ତି। ଶ୍ରୀ ପାଣିଗ୍ରାହୀଙ୍କ ସହିତ ଅନ୍ୟ ଦୁଇ ବରିଷ୍ଠ ନେତା ଯଥା ସ୍ୱରମ୍ୟ ବବି ମିଶ୍ର ଏବଂ ବିନୋଦ ବିହାରୀ ନାଗ ମଧ୍ୟ ବିଜେଡିରେ ଯୋଗ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛନ୍ତି ବୋଲି ଏହି ଅବସରରେ ପ୍ରଭାସ ପାଣିଗ୍ରାହୀ କହିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ ଓ ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି ପ୍ରଭାସ।

## ବିଜେଡିରେ ଯୋଗଦେଲେ ଦଶପଲ୍ଲା ପୌରାଧକ୍ଷା ପୁନମ୍ ପ୍ରିୟଦର୍ଶିନୀ



**ଭୁବନେଶ୍ୱର, ୧୦।୪(ସମିସ):** ଦଶପଲ୍ଲା ପୌରପାଳିକାର ଅଧକ୍ଷା ଙ୍ଖ ପୁନମ ପ୍ରିୟଦର୍ଶିନୀ ବିଜେଡିରେ ଯୋଗ ଦେଇଛନ୍ତି। ବୁଧବାର ଶଙ୍ଖଭବନଠାରେ ନୟାଗଡ଼ ବିଧାୟକ ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପୁନମ୍ ବିଜୟୀ ହୋଇଥିଲେ। ତାଙ୍କ ଯୋଗଦାନ ଫଳରେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି। ନିଜ ପ୍ରତିକ୍ରିୟାରେ ପୁନମ୍ କହିଛନ୍ତି ଯେ ସେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ କେବେ ବି ବିଜେଡିକୁ ବିରୋଧ କରି ନାହାନ୍ତି। ନବୀନ ପଟ୍ଟନାୟକ ଓ ବିଜୁ ବାବୁଙ୍କୁ ଆଦର୍ଶ ଭାବି ସେ ନିର୍ବାଚନ ଲଢ଼ିଛନ୍ତି। ନବୀନ ବାବୁଙ୍କ ହାତମୁଠା ଟାଣ କରିବା ସହ ତାଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବେ ପୁନମ୍ ଘୋଷଣା କରିଛନ୍ତି। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବେ। ଦଳରେ ତାଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ଶଙ୍ଖ ଫୁଙ୍କିଲେ ରାଜ୍ୟ କଂଗ୍ରେସ ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନି



ଭୁବନେଶ୍ୱର, ୧୦।୪(ସମିସ): ପିସିସି ସମ୍ପାଦକ ତଥା ୨୦୦୯ ନିର୍ବାଚନରେ ରଘୁନାଥପାଲିର ବିଧାନସଭା ଆସନରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସୁନ୍ୟାନି ବିଜେଡିରେ ଯୋଗ ଦେଇଛନ୍ତି। ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର, ମନ୍ତ୍ରୀ ତଥା ସୁନ୍ଦରଗଡ଼ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରୀତିରଞ୍ଜନ ଘଡାଇ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ସୁନ୍ଦରଗଡ଼ର ପୂର୍ବତନ ବିଧାୟକ ଯୋଗେଶ ସିଂ ଓ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ ପ୍ରମୁଖ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ତାଙ୍କ ଯୋଗଦାନ ଫଳରେ ରଘୁନାଥପାଲି ନିର୍ବାଚନମଣ୍ଡଳୀ ସହ ସୁନ୍ଦରଗଡ଼ ଜିଲ୍ଲାରେ ବିଜେଡି ସଙ୍ଗଠନ ସୁଦୃଢ଼ ହେବ ବୋଲି ଦଳର ନେତାମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ପ୍ରଫୁଲ୍ଲ କହିଛନ୍ତି ଯେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟ ଓ ରାଜ୍ୟର ନବ ରୂପାନ୍ତରଣ ତାଙ୍କୁ ପ୍ରଭାବିତ କରିଛି। ତାଙ୍କର କୌଣସି ଆଶା ନାହିଁ। ନୂତନ ଓଡ଼ିଶା ଗଠନ ଦିଗରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ଯାହା ଦାୟିତ୍ୱ ଦେବେ ତାହାକୁ ସେ ସୁଚାରୁ ସମ୍ପାଦନ କରିବେ। ତାଙ୍କୁ ଦଳରେ ଗ୍ରହଣ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମଗୁଡ଼ିକୁ ମୁଖପାତ୍ର ଡ଼. ପ୍ରିୟବ୍ରତ ମାଝି ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଛନ୍ତି।

### ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି

## ସରକାରୀ ଅଧିକାରୀଙ୍କୁ ବିଜେପି ନେତାଙ୍କ ବଦଳି ଧମକ

**ଭୁବନେଶ୍ୱର, ୧୦।୪(ସମିସ):** ନିର୍ବାଚନ କମିଶନଙ୍କ ନାଁ ନେଇ ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ବ୍ରହ୍ମପୁର ଲୋକସଭା ଆସନ ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ। ପୂର୍ବରୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ କିଛି ଆଇଏଏସ୍ ଓ ଆଇପିଏସ୍‌ଙ୍କୁ ବଦଳି କରାଯାଇଛି। ଏହାକୁ ବିଜେପି ପ୍ରାର୍ଥୀ ଶ୍ରୀ ପାଣିଗ୍ରାହୀ ଉଦାହରଣ ଦର୍ଶାଇ ବିଜେପିକୁ ସମର୍ଥନ ନ କଲେ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରି ସେମାନଙ୍କୁ ଅନ୍ୟତ୍ର ବଦଳି କରି ଦିଆଯିବ ବୋଲି ଧମକ ଦେଉଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବୁଧବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରଦୀପ ପାଣିଗ୍ରାହୀଙ୍କ ନାମରେ ଫେରାଦ ହୋଇଛି। ଏହାସହିତ ନିର୍ବାଚନ କମିସନ ଏହି ଘଟଣାକୁ ଗୁରୁତ୍ୱ ପ୍ରଦାନ କରି ତଦନ୍ତ ଓ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ଦାବି କରିଛି।



ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେବା ପରେ ଘଟଣା ସମ୍ପର୍କରେ ସୂଚନା ଦେଇ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେପି ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କ ଅତୀତ କାର୍ଯ୍ୟକଳାପ ସମ୍ପର୍କରେ ରାଜ୍ୟବାସୀ ଅବଗତ ଅଛନ୍ତି। ଲୋକଙ୍କୁ ଠକିବା, ପ୍ରତାରିତ କରିବା, ବେଆଇନ ଉପାୟରେ ସମ୍ପତ୍ତି ଠୁଳ ଆଦି ଅଭିଯୋଗରେ ଜେଲରେ ୮ ମାସ କାଟି ଜାମିନରେ ଆସିଛନ୍ତି। ବର୍ତ୍ତମାନ ବିଜେପି ତାଙ୍କୁ କୋଳେଇ ନେଇ ପ୍ରାର୍ଥୀ କରିବା ପରେ ସେ ପୁଣି ଥରେ ତାଙ୍କ ଅସଲ ସ୍ୱରୂପ ଧାରଣ କରିଛନ୍ତି। ଶ୍ରୀ ପାଣିଗ୍ରାହୀ ରାଜ୍ୟରେ କାର୍ଯ୍ୟରତ ସରକାରୀ ଅଧିକାରୀ (ତହସିଲଦାର/ବିଡିଓ)ଙ୍କୁ ସମର୍ଥନ ନ କଲେ ବଦଳି ଭୋଗିବ ବୋଲି ଧମକ ଦେଇଥିବା ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଛି। ଏହା ଅତ୍ୟନ୍ତ ଗୁରୁତର ପ୍ରସଙ୍ଗ। ନିର୍ବାଚନ ପରିଚାଳନାରେ କାର୍ଯ୍ୟରେ ନିୟୋଜିତ ଅଧିକାରୀମାନେ ଭାରତୀୟ ନିର୍ବାଚନ କମିସନଙ୍କ ଅଧିନରେ କାର୍ଯ୍ୟ କରୁଛନ୍ତି। ଯେଉଁ ସରକାରୀ ଅଧିକାରୀମାନେ ପ୍ରଦୀପ ପାଣିଗ୍ରାହୀଙ୍କ କଥା ନ ଶୁଣିବେ, ସେମାନଙ୍କ ନାମରେ ଅଭିଯୋଗ କରି ନିର୍ବାଚନ କମିଶନଙ୍କ ଦ୍ୱାରା ବଦଳି କରି ଦିଆଯିବ ବୋଲି ଶ୍ରୀ ପାଣିଗ୍ରାହୀ ଦେଉଥିବା ଧମକ ଅତ୍ୟନ୍ତ ସ୍ପର୍ଶକାତର ପ୍ରସଙ୍ଗ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

ଏହାକୁ ଆଧାର ଦଳ ଦଳ ପକ୍ଷରୁ ନିର୍ବାଚନ ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଛି। ବିଜୁ ଜନତା ଦଳ ଗଣତାନ୍ତ୍ରିକ ଢାଞ୍ଚାରେ ବିଶ୍ୱାସ କରେ। ନିର୍ବାଚନ କମିଶନଙ୍କ ଉପରେ ଦଳର ଆସ୍ଥା ଓ ବିଶ୍ୱାସ ରହିଛି। ନିର୍ବାଚନ କମିସନ ଯେଭଳି ନିରପେକ୍ଷତା ଅବଲମ୍ବନ କରୁଛନ୍ତି, ତାହା ବଜାୟ ରଖିବେ

**ନିର୍ବାଚନ କମିଶନଙ୍କ ନାଁ ନେଇ ଡରାଉଛନ୍ତି ପ୍ରଦୀପ ପାଣିଗ୍ରାହୀ**

ବୋଲି ଦଳ ଆଶା ରଖିଛି। ଏହାସହିତ ପ୍ରଦୀପ ପାଣିଗ୍ରାହୀ ଯେଉଁ ଧମକ ଦେଇଛନ୍ତି, ତାହା ଉପରେ ଦୃଷ୍ଟି ଦେଇ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଦଳ ଅନୁରୋଧ କରିଛି ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଅଦାଲତରେ ବିଚାର ପ୍ରକ୍ରିୟାରେ ସମ୍ମୁଖୀନ ହୋଇଥିବା ଓ ଜାମିନରେ ଆସି ନିର୍ବାଚନ ଲଢୁଥିବା ଜଣେ ବ୍ୟକ୍ତିଙ୍କ ଏପରି ଆଚରଣକୁ ନେଇ କ୍ଷୋଭ ପ୍ରକାଶ କରିଛି ବିଜେଡି। ଶ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟ ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ ଓ ଏଥିନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ଆବଶ୍ୟକତା ରହିଛି ବୋଲି ବିଜେଡି କହିଛି। ଏହି ପ୍ରତିନିଧି ଦଳରେ ସାଂସଦ ସୁଲତା ଦେଓ, ସସ୍ମିତ ପାତ୍ର, ମୁଖପାତ୍ର ପ୍ରିୟବ୍ରତ ମାଝୀ, ଇପ୍ସିତା ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।

## ମାଟ୍ରିକ ଫଳ ପ୍ରକାଶ ପରେ ଓଏସ୍ଏସ୍‌ଟିଇଟି ରେଜଲ୍ଟ

**ଭୁବନେଶ୍ୱର, ୧୦।୪(ସମିସ):** ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା(ଓଏସ୍ଏସ୍‌ଟିଇଟି) ଫଳ ପ୍ରକାଶରେ ବିଳମ୍ବ ହେଉଛି। ଫଳରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ନିଯୁକ୍ତି ପାଇଁ ପରୀକ୍ଷାର୍ଥୀମାନେ ଆବେଦନ କରିପାରୁନାହାନ୍ତି। ଚଳିତ ମାସ ୩୦ତାରିଖ ଆବେଦନର ଶେଷ ତାରିଖ ହୋଇଥିବାବେଳେ ଏହା ପୂର୍ବରୁ ଫଳ ପ୍ରକାଶ କରିବାକୁ ଆଶାୟୀମାନେ ଦାବି କରୁଛନ୍ତି।

ସୂଚନା ଅନୁଯାୟୀ, ଗତ ଜାନୁଆରୀ ୧୯ ତାରିଖରେ ରାଜ୍ୟରେ ଓଏସ୍ଏସ୍‌ଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଛି। ଫେବୃଆରୀ ୨୯ ତାରିଖରେ ଏହାର ଆନ୍‌ସାର କି ପ୍ରକାଶିତ ହୋଇଛି। ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ପରୀକ୍ଷାର୍ଥୀମାନେ ଆନ୍‌ସାର କି ବିପକ୍ଷରେ ଆପତ୍ତି ମଧ୍ୟ କରି ସାରିଛନ୍ତି। ପରୀକ୍ଷା ଫଳ ପ୍ରକାଶ କରିବା ପୂର୍ବର ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ପରୀକ୍ଷା

**ଓଏଭି ଶିକ୍ଷକ ଆବେଦନରୁ ବଞ୍ଚିତ ହୋଇପାରନ୍ତି ଓଏସ୍ଏସ୍‌ଟିଇଟି ପରୀକ୍ଷାର୍ଥୀ**

ଫଳ ପ୍ରକାଶ ପରେ କୃତି ପରୀକ୍ଷାର୍ଥୀ ବିଭିନ୍ନ ଶିକ୍ଷକ ପଦ ପାଇଁ ଆବେଦନ କରିପାରିବେ। ସମ୍ପ୍ରତି ଓଏଭି ଶିକ୍ଷକ ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହାର ଆବେଦନ ଅବଧି ସରିବା ପୂର୍ବରୁ ଫଳ ପ୍ରକାଶ କଲେ ସେମାନେ ଲାଭାନ୍ୱିତ ହୋଇପାରିବେ। ତେଣୁ ବହୁ ସଂଖ୍ୟାରେ ପରୀକ୍ଷାର୍ଥୀ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶିଘ୍ର ଫଳ ପ୍ରକାଶ କରିବାକୁ ଦାବି କରୁଛନ୍ତି। ଫଳ ପ୍ରକାଶ ସମ୍ପର୍କରେ ବୋର୍ଡ ଉପ ସଭାପତି ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି, ପ୍ରଥମେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ କରିବାକୁ ବୋର୍ଡ ପକ୍ଷରୁ ପ୍ରାଥମିକତା ଦିଆଯାଉଛି। ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପରେ ଓଏସ୍ଏସ୍‌ଟିଇଟି ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ଆସନ୍ତା ମାସରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବାର ସମ୍ଭାବନା ରହିଛି। ଫଳରେ ଓଏଭି ଶିକ୍ଷକ ଆବେଦନ ଅବଧି ବୃଦ୍ଧି ନହେଲେ ଓଏସ୍ଏସ୍‌ଟିଇଟି ପରୀକ୍ଷାର୍ଥୀ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

## ୨ ଦିନରେ ୪ ଡିଗ୍ରୀ ବଢ଼ିବ ତାତି

**ଭୁବନେଶ୍ୱର, ୧୦।୪(ସମିସ):** ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ୪ ଡିଗ୍ରୀ ପର୍ଯ୍ୟନ୍ତ ତାତି ବୃଦ୍ଧି ପାଇବ। କାଳବୈଶାଖୀର କ୍ରମାଗତ ପ୍ରଭାବ ହେତୁ ରାଜ୍ୟରେ ତାପମାତ୍ରାରେ ବର୍ତ୍ତମାନ ତଳକୁ ଖସିଛି। ରାଜ୍ୟରେ ତାପମାତ୍ରା ବର୍ତ୍ତମାନ ୪୦ ଡିଗ୍ରୀ ତଳେ ରହିଥିଲେ ମଧ୍ୟ ପାରଳାଖେମୁଣ୍ଡିରେ ତାତି ୩୯ ଡିଗ୍ରୀ ଛୁଇଁଛି। ଗତ ୨୪ ଘଣ୍ଟାରେ ଏଠାରେ ତାପମାତ୍ରା ୩୯.୩ ଡିଗ୍ରୀ ରେକର୍ଡ କରାଯିବା ସହ ପାରାଦୀପ, ଟିଟଲାଗଡ଼ ଓ ମାଲିକାନଗିରି ଆଦିରେ ତାମପାତ୍ରା ୩୭ ଡିଗ୍ରୀ ଉପରେ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ କାଳବୈଶାଖୀ ଜନିତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହା ସତ୍ତ୍ୱେ ମଧ୍ୟ ୨ ଦିନ ମଧ୍ୟରେ ରାଜ୍ୟରେ ୩-୪ ଡିଗ୍ରୀ ପର୍ଯ୍ୟନ୍ତ ତାମପାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଗୁରୁବାର ମାଲକାନଗିରି, ଗଜପତି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଓ ନୂଆପଡ଼ା ଆଦିରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

D-5

**The Odisha Gazette**

EXTRAORDINARY
PUBLISHED BY AUTHORITY

No. 751, CUTTACK, SATURDAY, MARCH 30, 2024/CHAITRA 10, 1946

HOME (ELECTIONS) DEPARTMENT

DIRECTION

The 30th March, 2024

NO.4097–EC-CON-EVM-0002/2023 /Elec.— The following direction issued by Election Commission of India, New Delhi is hereby republished in the Extraordinary issue of *Odisha Gazette* for general information.

NIKUNJA BIHARI DHAL
Chief Electoral Officer, Odisha

**ELECTION COMMISSION OF INDIA**
**Nirvachan Sadan, Ashoka Road, New Delhi-110001**

No.576/3/EVM/2024/SDR-Vol.-I — Dated: 20th March, 2024
Phalguna 30, 1945

**DIRECTION**

No.576/3/EVM/2024/SDR-Vol.-I:- Whereas, Section 61A of the Representation of the People Act, 1951, provides that the giving and recording of votes by voting machines in such manner as may be prescribed, may be adopted in such constituency or constituencies as the Election Commission of India may, having regard to the circumstances of each case, specify;

2. Whereas, as per the proviso to Rule 49A of the Conduct of Elections Rules, 1961, a printer with a drop box of such design, as may be approved by the Election Commission of India, may also be attached to voting machine for printing a paper trail of the vote, in such constituency or constituencies or parts thereof as the Election Commission of India may direct;

3. Whereas, the Election Commission has considered the circumstances **in all the Parliamentary Constituencies of Lok Sabha, all the Assembly Constituencies of Andhra Pradesh, Arunachal Pradesh, Odisha & Sikkim at the current general elections, 2024 and in 26 Assembly Constituencies (as per Annexure-1) in 13 States at the current bye-elections, announced vide the Election Commission's Press Notes No. ECI/PN/23/2024 & ECI/PN/24/2024 both dated 16th, March 2024,** and is satisfied that sufficient number of Electronic Voting Machines (EVMs) and Printers for printing Paper Trail [Voter Verifiable Paper Audit Trail(VVPAT)] are available for taking the poll in all the Parliamentary Constituencies and all the Assembly Constituencies of Andhra Pradesh, Arunachal Pradesh, Odisha and Sikkim and in 26 Assembly Constituencies (as per Annexure-1) of 13 States. The polling personnel are well trained in efficient handling of EVMs and 'VVPAT Printers' and the electors are also fully conversant with the operation of the EVMs and the VVPAT Printers;

4. Now, therefore, the Election Commission of India, in exercise of its powers under the said Section 61A of the Representation of the People Act, 1951, and Rule 49A of the Conduct of Elections Rules, 1961, hereby **specifies all the Parliamentary Constituencies of the Lok Sabha, all the Assembly Constituencies of the legislative assemblies of Andhra Pradesh, Arunachal Pradesh, Odisha & Sikkim at the current General Elections, 2024 and 26 Assembly Constituencies (as per Annexure-1) in 13 states at the current bye-election, as per the schedule announced by the Election Commission on 16th March, 2024,** as the constituencies in which the votes, shall be given and recorded by means of EVMs and VVPAT printers in the manner prescribed, under the Conduct of Elections Rules, 1961, and the supplementary instructions issued by the Election Commission from time to time on the subject.

5. The Election Commission also hereby approves the design of EVMs and VVPAT Printers as developed by the Bharat Electronics Ltd., Bangalore and Electronics Corporation of India Ltd., Hyderabad, which shall be attached to the said machines, to be used for the giving and recording of votes in all the Constituencies.

By Order,
(S.B.JOSHI)
PRINCIPAL SECRETARY

Annexure-1

| S. No. | Name of State | Assembly Constituency No. & Name |
|---|---|---|
| 1. | Bihar | 195-Agiaon(SC) |
| 2. | | 26 - Vijapur |
| 3. | | 108 - Khambhat |
| 4. | Gujarat | 136 - Vaghodia |
| 5. | | 85 - Manavadar |
| 6. | | 83 - Porbandar |
| 7. | Haryana | 21-Karnal |
| 8. | Jharkhand | 31- Gandey |
| 9. | Maharashtra | 30 – Akola West |
| 10. | Tripura | 7- Ramnagar |
| 11. | | 136 - Dadraul |
| 12. | Uttar Pradesh | 173 - Lucknow East |
| 13. | | 292 - Gainsari |
| 14. | | 403 – Duddhi (ST) |
| 15. | West Bengal | 62-Bhagawangola |
| 16. | | 113- Baranagar |
| 17. | Telangana | 71-Secunderabad Cantt.(SC) |
| 18. | Himachal Pradesh | 18 - Dharamshala |
| 19. | | 21 – Lahaul&Spiti (ST) |
| 20. | | 37 - Sujanpur |
| 21. | | 39 - Barsar |
| 22. | | 42 - Gagret |
| 23. | | 45 - Kutlehar |
| 24. | Rajasthan | 165 – Bagidora (ST) |
| 25. | Karnataka | 36 – Shorapur (ST) |
| 26. | Tamil Nadu | 233 - Vilavancode |

OIPR-12113/11/0001/2425

# ରାଜଧାନୀରେ ମନ୍ମଥଙ୍କ ଶଙ୍ଖଧ୍ୱନି

## ଭୁବନେଶ୍ୱର ଲୋକସଭା ଆସନ ଦଖଲ ଲକ୍ଷ୍ୟରେ ବିଜେଡି

**ଭୁବନେଶ୍ୱର,୧୦।୪(ସମିସ):** ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତାଙ୍କୁ ଘାରିଛି ଜଟଣୀ ବିଧାୟକ ସୁର ରାଉତରାୟଙ୍କ ଭୟ। ୨୦୧୯ରେ କଂଗ୍ରେସ ଭୋଟରଙ୍କ କାନ୍ଧରେ ଠିଆହୋଇ ନିର୍ବାଚନୀ ବୈତରଣୀ ପାର୍ ହୋଇଥିବା ଅପରାଜିତାଙ୍କ ବିଜୟ ପଥ ଏଥର ସହଜ ହେବ ନାହିଁ ଓ ପୁଣିଥରେ ବିଜେଡି ରାଜଧାନୀରେ ବିଜୟ ପଥକୁ ଫେରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ବିଭିନ୍ନ ଅଞ୍ଚଳରେ ବିରୋଧ ସାଙ୍ଗକୁ ଜଟଣୀ, ଖୋର୍ଦ୍ଧା ଓ ଭୁବନେଶ୍ୱରର ବିଭିନ୍ନ ବିଧାନସଭା ଅଞ୍ଚଳରେ ଲୋକପ୍ରିୟତା ହ୍ରାସ ଅପରାଜିତା ଓ ବିଜେପି ପାଇଁ ଅଡୁଆ ହୋଇଛି। ବିଜେପି ପ୍ରାର୍ଥୀ ଭାବେ ତାଙ୍କ ନାମ ଘୋଷଣା ପରଠାରୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ୭ ଟି ଯାକ ନିର୍ବାଚନ ମଣ୍ଡଳୀ ବୁଲୁଛନ୍ତି। ମାତ୍ର ପୂର୍ବଥର ତାଙ୍କ ସପକ୍ଷରେ ଆସିଥିବା ଭୋଟ ଏଥର ମିଳିବ କି ନାହିଁ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।



ଗତ ନିର୍ବାଚନରେ ଅପରାଜିତା ୪ ଲକ୍ଷ ୮୬ ହଜାର ୯୯୧ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ୪ ଲକ୍ଷ ୬୩ ହଜାର ୧୫୨ ଖଣ୍ଡ ଭୋଟ୍ ପାଇଥିଲେ। ମାତ୍ର ୨୩ ହଜାର ୮୩୯ ଖଣ୍ଡ ଭୋଟ୍ ବ୍ୟବଧାନରେ ଅପରାଜିତା ବିଜୟୀ ହୋଇଥିଲେ। କଂଗ୍ରେସ ସହ ମେଣ୍ଟ କରି ସିପିଆଇ(ଏମ୍) ପ୍ରାର୍ଥୀ ଜନାର୍ଦ୍ଦନ ପତି ମାତ୍ର ୨୩୦୨୬ ଖଣ୍ଡ ଭୋଟ୍ ପାଇବାକୁ ସମର୍ଥ ହୋଇଥିଲେ। କୌତୂହଳର କଥା ହେଉଛି ଜଟଣୀ ନିର୍ବାଚନ ମଣ୍ଡଳୀରୁ ସୁରେଶ ରାଉତରାୟ ୬୮ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ ମୋଟ୍ ୭ ଟି ନିର୍ବାଚନମଣ୍ଡଳୀରୁ ମଧ୍ୟ କଂଗ୍ରେସର ସମର୍ଥିତ ସାଂସଦ ପ୍ରାର୍ଥୀ ଜନାର୍ଦ୍ଦନ ପତିଙ୍କୁ ମାତ୍ର ୨୩ ହଜାରରୁ କିଛି ଅଧିକ ଭୋଟ ମିଳିଥିଲା। କଂଗ୍ରେସ ଭୋଟ ବଳରେ ଅପରାଜିତା ବିଜୟୀ ହୋଇଥିବା ସେତେବେଳେ କୁହାଯାଉଥିଲା।

ମାତ୍ର ଚଳିତ ନିର୍ବାଚନରେ ସ୍ଥିତି ସମ୍ପୂର୍ଣ୍ଣ ଓଲଟା ହୋଇଛି। ଯୁବ ଚେହେରା ସହିତ ସୁରେଶ ରାଉତରାୟଙ୍କ ପୁଅ କ୍ୟାପ୍ଟେନ ମନ୍ମଥ ରାଉତରାୟଙ୍କୁ ବିଜେଡି ଏଥର ନିର୍ବାଚନ ମୈଦାନକୁ ନିଜର ପ୍ରାର୍ଥୀ ଭାବେ ଓହ୍ଲାଇଛି। ଏହାସହିତ ଚଳିତ ନିର୍ବାଚନରେ କଂଗ୍ରେସ ମଧ୍ୟ ଭୁବନେଶ୍ୱର ଲୋକସଭା ଆସନରେ ନିଜ ପ୍ରାର୍ଥୀ ଦେବ ବୋଲି ସ୍ଥିର କରି ସାରିଛି। ଏହି ଦୁଇ ସମୀକରଣ ହିଁ ଅପରାଜିତାଙ୍କ ପରାଜୟର କାରଣ ସାଜିପାରେ ବୋଲି ଆଶଙ୍କା କରାଯାଉଛି।

ଚଳିତ ନିର୍ବାଚନରେ କଂଗ୍ରେସ ଭିନ୍ନ ରଣନୀତି ଆପଣେଇଛି। ଯେଉଁଠାରେ ଦଳ ବିଜୟୀ ହୋଇ ପାରିବ ନାହିଁ, ସେଠାରେ ବିଜେପିର ପରାଜୟ ପାଇଁ ପଥ ପ୍ରସ୍ତୁତ କରିବାକୁ ଜାତୀୟ ନେତୃତ୍ୱ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଧାର କରି କଂଗ୍ରେସ ଚଳିତ ନିର୍ବାଚନରେ ନିଜର ପ୍ରାର୍ଥୀ ଦେବା ସହ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍ ଦଖଲ ଲକ୍ଷ୍ୟ ରଖିଛି। ୨୦୧୪ ମସିହାରେ ଦଳ ଏଠାରୁ ଅଭିନେତା ବିଜୟ ମହାନ୍ତିଙ୍କୁ ପ୍ରାର୍ଥୀ କରି ୧ ଲକ୍ଷ ୪୫ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ପାଇଥିଲା। ସେହିପରି ଗତ ୨୦୧୯ ନିର୍ବାଚନରେ ଦଳ ଏହି ସଂସଦୀୟ କ୍ଷେତ୍ରେରେ ଆସୁଥିବା ୭ ଟି ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀମାନେ ୧ ଲକ୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ହାତେଇଥିଲେ। ତେଣୁ ଚଳିତ ନିର୍ବାଚନରେ କଂଗ୍ରେସ ଭୋଟ୍ କଂଗ୍ରେସ ନିକଟକୁ ଫେରିଗଲେ ବିଜେଡିକୁ ବଡ଼ ଫାଇଦା ହେବ ଓ ଭୁବନେଶ୍ୱରକୁ ପୁଣି ଥରେ ଦଳ ନିଜ ଅକ୍ତିଆର କରିବାରେ ସଫଳ ହେବ ବୋଲି ଆକଳନ କରାଯାଉଛି। ବିଜେଡି ପ୍ରାର୍ଥୀ ସୁରେଶ ରାଉତରାୟଙ୍କ ପୁଅ ହୋଇଥିବାରୁ ସୁର ମଧ୍ୟ ପରୋକ୍ଷରେ ତାଙ୍କ ପୁଅ ସପକ୍ଷରେ ଜନମତ ସୃଷ୍ଟି ପାଇଁ ଚେଷ୍ଟା ଚଳାଇଛନ୍ତି। ଯାହାକି ଭବିଷ୍ୟତରେ ବିଜେଡି ତଥା ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ବିଜୟକୁ ଆହୁରି ସହଜକରିଦେବା ଭଳି ମନେ ହେଉଛି।

# ପିପିଲି: ଗଡ଼ ସୁରକ୍ଷା ପାଇଁ ପ୍ରସ୍ତୁତ ଜୁନିୟର ମହାରଥୀ

**ପୁରୀ/ପିପିଲି,୧୦।୪(ସମିସ):** ପୁରୀ ଜିଲ୍ଲାର ୬ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ପିପିଲି ରାଜନୈତିକ ଦୃଷ୍ଟିକୋଣରୁ ଏକ ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ। ୨୦୨୪ ନିର୍ବାଚନ ପାଇଁ ତିନି ପ୍ରମୁଖ ଦଳ ମଧ୍ୟରୁ ବିଜେଡି ଏବଂ ବିଜେପି ପ୍ରାର୍ଥୀ ସ୍ପଷ୍ଟ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କଂଗ୍ରେସ ନାଁ ଘୋଷଣା କରିନାହିଁ। ୨୦୨୧ ଉପ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ତିନି ପ୍ରମୁଖ ଦଳ (ବିଜେଡି, କଂଗ୍ରେସ ଓ ଭାଜପା)ର ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ଓ ବିଜେପି ରିପିଟ୍ କରିଥିବା ବେଳେ କଂଗ୍ରେସ ନୂଆମୁହଁ ଦେବ ବୋଲି ଚର୍ଚ୍ଚା ହେଉଛି। ଏହି ଚର୍ଚ୍ଚା ଏବଂ ଆଲୋଚନାକୁ ନେଇ ରାଜନୈତିକ ସମୀକ୍ଷକ ପିପିଲିର ଅଙ୍କ କଷୁଥିବା ବେଳେ ପ୍ରତ୍ୟେକ ଦଳ ମଧ୍ୟ ଆଶାବାଦୀ ଅଛନ୍ତି। ତେବେ ୨୦୦୦ ମସିହାରୁ ପିପିଲିକୁ ନିଜ ଅକ୍ତିଆରରେ ରଖିଥିବା ପ୍ରଦୀପ ମହାରଥୀଙ୍କ ପରଲୋକ ପରେ ତାଙ୍କ ପୁଅ ରୁଦ୍ର ପ୍ରତାପ (ଜୁନିୟର ମହାରଥୀ) ମଧ୍ୟ ୨୦୨୧ ଉପ ନିର୍ବାଚନରେ ବାଜିମାତ୍ କରିଥିଲେ। ବିଜେଡି ଗଡ଼ ପିପିଲିକୁ ନିଜ ଅକ୍ତିଆରରେ ରଖିବା ଲାଗି ଜୁନିୟର ମହାରଥୀ ତୟାର ଥିବାବେଳେ ପଦ୍ମ ଫୁଟାଇବା ଲାଗି ଆଶ୍ରିତ ପଟ୍ଟନାୟକ (ରିଙ୍କୁ) ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି। ଏହାରି ଭିତରେ କଂଗ୍ରେସ ମଧ୍ୟ ପୁରୁଣା ଫର୍ମକୁ ଫେରିବା ଲାଗି ଚେଷ୍ଟା ଚଳାଇଛି।

ପିପିଲି ବ୍ଲକର ୨୫ଟି ପଞ୍ଚାୟତ, ଡେଲାଙ୍ଗ ବ୍ଲକର ୧୮ଟି ପଞ୍ଚାୟତ ଏବଂ ପିପିଲି ଏନ୍ଏସିର ୧୬ଟି ୱାର୍ଡକୁ ନେଇ ପିପିଲି ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ପୁରୀ ଲୋକସଭା କ୍ଷେତ୍ର ଅନ୍ତର୍ଗତ ଏହି ନିର୍ବାଚନ ମଣ୍ଡଳୀର ମୋଟ ଭୋଟରଙ୍କ ସଂଖ୍ୟା ୨, ୩୪, ୬୨୩। ୧୯୫୧ରେ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀ ସୃଷ୍ଟି ହୋଇଥିଲା। ପ୍ରଥମେ ଏହା କଂଗ୍ରେସର ଗଡ଼ ରହିଥିଲା। ୧୯୫୧ରୁ ୧୯୭୭ ପର୍ଯ୍ୟନ୍ତ କଂଗ୍ରେସ କବ୍ଜାରେ ରହିଥିଲା ପିପିଲି। ୧୯୮୫ ପରଠାରୁ ପ୍ରଦୀପ ମହାରଥୀ ଏହାକୁ ନିଜ ଅକ୍ତିଆରରେ ରଖି ଆସିଛନ୍ତି। କେବଳ ମଝିରେ ଅର୍ଥାତ୍ ୧୯୯୫ରେ କଂଗ୍ରେସ ପ୍ରାର୍ଥୀ ଯୁଧିଷ୍ଠିର ସାମନ୍ତରାୟ ବିଜୟୀ ହୋଇଥିଲେ। ୧୯୮୫ ଏବଂ ୧୯୯୦ରେ ଜନତା ଦଳରୁ ଜିତିଥିବା ମହାରଥୀ ବିଜୁ ଜନତା ଦଳ ଗଠନ ପରଠାରୁ ଅର୍ଥାତ୍ ୨୦୦୦ ମସିହାରୁ ଲଗାତର ୫ ଥର ବିଜୟୀ ହୋଇଛନ୍ତି। ପ୍ରଦୀପ ମହାରଥୀଙ୍କ



ପରଲୋକ ପରେ ୨୦୨୧ରେ ହୋଇଥିଲା ଉପ ନିର୍ବାଚନ। ଏଥିରେ ୨୦୧୯ ସାଧାରଣ ନିର୍ବାଚନରେ ବାପାଙ୍କ ସହିତ ଲଢ଼ିଥିବା ବିଜେପିର ଆଶ୍ରିତ ପଟ୍ଟନାୟକ(ରିଙ୍କୁ)ଙ୍କୁ ପ୍ରାୟ ୨୦ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ ରୁଦ୍ରପ୍ରତାପ। ୨୦୧୯ରେ ପ୍ରଦୀପ ମହାରଥୀ ୮୮, ୫୧୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପିର ଆଶ୍ରିତ ୭୮, ୭୩୧ ଖଣ୍ଡ ଏବଂ କଂଗ୍ରେସର ଅଜିତ ମଙ୍ଗରାଜ ୯, ୮୩୦ ଖଣ୍ଡ ଭୋଟ ପାଇଥିଲେ। ଅର୍ଥାତ୍ ପ୍ରଦୀପ ମହାରଥୀ ୯, ୭୮୭ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ୨୦୨୧ ଉପନିର୍ବାଚନରେ ପ୍ରଦୀପ ମହାରଥୀଙ୍କ ପୁଅ ରୁଦ୍ରପ୍ରତାପ ୯୬, ୯୭୨ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ଆଶ୍ରିତ ପଟ୍ଟନାୟକ ୭୬, ୦୫୬ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର ମାତ୍ର ୪, ୨୬୧ ଖଣ୍ଡ ଭୋଟ ପାଇଥିଲେ। ଅର୍ଥାତ୍ ରୁଦ୍ରପ୍ରତାପ ୨୦, ୯୨୧ ଖଣ୍ଡ ଭୋଟ ବ୍ୟବଧାନରେ ଅର୍ଥାତ୍ ବାପାଙ୍କଠାରୁ ଡବଲ ବ୍ୟବଧାନରେ ଆଶ୍ରିତଙ୍କୁ ହରାଇଥିଲେ।

୨୦୨୪ରେ ପୁଣିଥରେ ରୁଦ୍ର ଏବଂ ରିଙ୍କୁଙ୍କ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଶାସକ ଦଳର ଅଭେଦ୍ୟ ଦୁର୍ଗ ପିପିଲିରେ ବିକାଶକୁ ପାଥେୟ କରି ରୁଦ୍ର ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ଡେଲାଙ୍ଗ ବ୍ଲକର ୩ଟି ଜିଲ୍ଲା ପରିଷଦ ଏବଂ ପିପିଲି ବ୍ଲକର ୩ଟି ଜିଲ୍ଲା ପରିଷଦ ଜୋନ୍‌କୁ ବିଜେଡି କ୍ଲିନ୍ ସୁଇପ କରିଥିବା ବେଳେ ଏହି ଦୁଇଟି ବ୍ଲକ ସହିତ ପିପିଲି ଏନ୍ଏସିର ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ ପଦକୁ ମଧ୍ୟ ବିଜେଡି ନିଜ କବ୍ଜାରେ ରଖିଛି। ସେହିପରି ପିପିଲି ଏବଂ ଡେଲାଙ୍ଗ ଅଞ୍ଚଳରେ ଅନେକ ବିକାଶମୂଳକ କାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ରୁଦ୍ର ମହିଳା, ଯୁବ, ବୟସ୍କ ସମସ୍ତଙ୍କୁ ଏକାଠି କରି ଆସନ୍ତା ନିର୍ବାଚନରେ ବିଜୟୀ ହେବା ପାଇଁ ରଣକୌଶଳ ପ୍ରସ୍ତୁତ କରିଛନ୍ତି।

ଅପରପକ୍ଷେ ବିଜେପିର ରିଙ୍କୁ ପୂର୍ବ ପରାଜୟକୁ ଭୁଲି ଏଥର ନିର୍ବାଚନରେ କିପରି ଭଲ କରିବେ ସେ ନେଇ ମଧ୍ୟ ନିର୍ବାଚନମଣ୍ଡଳୀ ବୁଲୁଛନ୍ତି। ସେପଟେ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିଲେ ମଧ୍ୟ ଲୋକମାନଙ୍କ ସୁଖଦୁଃଖରେ ଠିଆ ହୋଇଥିବା ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ଟିକେଟ ପାଇବା ପାଇଁ ଆଶା ରଖିଛନ୍ତି। ପିପିଲିରେ କଂଗ୍ରେସକୁ ବଞ୍ଚାଇବା ସହିତ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ପଞ୍ଚାୟତସ୍ତରର ନେତା ଏବଂ କର୍ମୀଙ୍କୁ ଏକାଠି କରି ଦଳର ବାର୍ତ୍ତା ଘରେ ଘରେ ପହଞ୍ଚାଇଛନ୍ତି।

# ଦଳ ଡିଆଁଙ୍କୁ ଡରୁଛନ୍ତି କଂଗ୍ରେସ, ବିଜେପି

**ଡୁବୁମୁଙ୍ଗା,୧୦।୪(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀ ଜିଲ୍ଲା ରାଜନୀତିରେ ସଦାସର୍ବଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହି ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ବିଜେପି ଓ କଂଗ୍ରେସ ଦଳ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ଘୋଷଣା କରିନାହାଁନ୍ତି। ବିଜେଡି ପ୍ରଥମ ପର୍ଯ୍ୟାୟ ତାଲିକା ଘୋଷଣାରେ ଜଗନ୍ନାଥ ନାଏକଙ୍କୁ ପ୍ରାର୍ଥୀଘୋଷଣା କରିଛି। କଂଗ୍ରେସର ବହୁ ଦାବିଦାରଙ୍କ ମଧ୍ୟରେ ଇଂ.ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ହୃଷୀକେଶ ନାଏକ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ହେଉଥିବା ସଂକୀର୍ତ୍ତନ ମଣ୍ଡଳୀକୁ ଯାଇ ସଂକୀର୍ତ୍ତନ ଦେଖିବା ବାହାନାରେ କର୍ମୀମାନଙ୍କ ସହିତ ମିଳାମିଶା ଚଳାଇଛନ୍ତି। କିନ୍ତୁ ଦୁଇ ପ୍ରମୁଖ ବିରୋଧୀଙ୍କ ପ୍ରାର୍ଥୀ ଘୋଷଣା ହୋଇନଥିବାରୁ ରାଜନୈତିକ ଉଷ୍ମତା ଏକପାଖିଆ ହୋଇଯାଇଛି। ରାଜନୀତିରେ ରୁଚି ରଖିଥିବା ବିଶାରଦ ମାନେ ଦଳଡିଆଁକୁ ଭୟ କରି ପ୍ରାର୍ଥୀ ଘୋଷଣା କରୁନଥିବା କହୁଛନ୍ତି। ତେବେ କଂଗ୍ରେସ ଦଳରେ ଆଶାୟୀଙ୍କ ମଧ୍ୟରେ ଇଂ. ବିନୋଦ ବିହାରୀ ନାଏକ, ପୂର୍ବତନ ବିଧାୟକ ହୃଷୀକେଶ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ଗୌରହରି ନାଏକଙ୍କ ନାଁ ଶୁଣାଯାଉଥିବା ବେଳେ ବିଜେପିରେ ୪ ଜଣ ଆଶାୟୀଙ୍କ ନାଁ ଚର୍ଚ୍ଚା ହେଉଛି। ତେଣୁ ପ୍ରାର୍ଥୀ ଘୋଷଣା ପରେ ଦଳର ବିଦ୍ରୋହୀ ହେବା କିମ୍ବା ଦଳ ଛାଡିବା ଡର ରହିଛି ଉଭୟ ଦଳକୁ ଘାରିଛି। ଫଳରେ ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉଥିବା ଚର୍ଚ୍ଚା ହେଉଛି। ୨୦୧୯ରେ ବିଜେଡିର ଜଗନ୍ନାଥ ନାଏକ ଓ ବିଜେପିର ଭବାନୀ ଶଙ୍କର ନାଏକ ମଧ୍ୟରେ କଡ଼ା ଟକ୍କର ହୋଇଥିଲା। ମାତ୍ର ୭ ହଜାର ଭୋଟରେ ଭବାନୀ ନାଏକ ହାରିଥିଲେ। ଭବାନୀ ଏବେ ଜଗନ୍ନାଥଙ୍କ କ୍ୟାମ୍ପରେ ସାମିଲ ହୋଇସାରିଛନ୍ତି। ଯାହାଫଳରେ ଜଗନ୍ନାଥଙ୍କ ପଲା ଭାରି ରହିଛି। ତେଣୁ ଦଳଡିଆଁକୁ ନେଇ ପ୍ରମୁଖ ଦଳ ଅଙ୍କ କଷିବାରେ ଲାଗିଛି।

# ସୋନପୁର: ଜନସମ୍ପର୍କ ରକ୍ଷାରେ ବିଜେଡି ଆଗୁଆ







**ସୋନପୁର,୧୦।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ସୋନପୁର ଏବଂ ବୀରମହାରାଜପୁର(ସଂ) ବିଧାନସଭା ଆସନ ରହିଛି। ସୋନପୁର ବିଧାନସଭା ଆସନ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରୀ ତଥା ବିଚକ୍ଷଣ ରାଜନେତା ନିରଞ୍ଜନ ପୂଜାରୀଓ ବୀରମହାରାଜପୁର (ସଂ) ବିଧାନସଭା ଆସନ ପାଇଁପୂର୍ବତନମନ୍ତ୍ରୀତଥାବରିଷ୍ଠବିଜେଡିନେତାପଦ୍ମନାଭବେହେରାଙ୍କୁ ଟିକଟ ଦିଆଯାଇଛି। ଟିକଟ ଘୋଷଣା ପରେ ନିରଞ୍ଜନ ନିର୍ବାଚନୀ ପ୍ରସ୍ତୁତି ସହ ଜନସମ୍ପର୍କ ଅଭିଯାନ ଆରମ୍ଭ କରିଛନ୍ତି। ସେ ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁ ବୁଲି ସାରିଲେଣି। ସେହିପରି ବୀରମହାରାଜପୁର ପାଇଁ ଟିକଟ ଘୋଷଣା ଟିକେ ବିଳମ୍ବ ହୋଇଥିଲେ ମଧ୍ୟ ଜନସମ୍ପର୍କ ସ୍ଥାପନରେ ପଦ୍ମନାଭ ପଛରେ ନାହାନ୍ତି। ବହୁ ଦିନ ପୂର୍ବରୁ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଗାଁରେ ଅନୁଷ୍ଠିତ ସଂକୀର୍ତ୍ତନ କାର୍ଯ୍ୟକ୍ରମରେ ଯୋଗ ଦେଇ ଲୋକଙ୍କ ସହିତ ଜଡ଼ିତ ରହିଛନ୍ତି। ଏଭଳିକି ବହୁ ସ୍ଥାନରେ ନିଜେ ଭଜନ ଗାଇ ଶ୍ରୋତାଙ୍କ ମନ ଜିଣିଛନ୍ତି। ସେହିପରି ଜାନିଯାତ୍ରା ଏବଂ ଫୁଟବଲ୍ ଖେଳରେ ମଧ୍ୟ ସେ ଅତିଥି ଭାବେ ଯୋଗ ଦେଇଛନ୍ତି।

କେବଳ ବିଧାୟକ ପ୍ରାର୍ଥୀ ନୁହନ୍ତି, ଜନସମ୍ପର୍କ ସ୍ଥାପନରେ ବଲାଙ୍ଗିର ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ ମଧ୍ୟ ଅନ୍ୟ ଦଳର ପ୍ରାର୍ଥୀଙ୍କ ତୁଳନାରେ ଖୁବ୍ ଆଗରେ ଅଛନ୍ତି। ଗତ ଶନିବାର ସୁରେନ୍ଦ୍ର ସୁରେଶ୍ୱରୀ ମନ୍ଦିରରେ ଦର୍ଶନ ପରେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଗାଁ ବୁଲିଛନ୍ତି। ଉଭୟ ବିଧାୟକ ପ୍ରାର୍ଥୀଙ୍କ ଗହଣରେ ସେ ବିଜେଡି ନେତା ଏବଂ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ସୋନପୁରରେ ସାଂସଦ ପ୍ରାର୍ଥୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ସୋନପୁର ବିଧାନସଭା କ୍ଷେତ୍ରର ସମସ୍ତ ବିଜେଡି ନେତା ଉପସ୍ଥିତ ଥିଲେ। ସେହିପରି ବୀରମହାରାଜପୁର ବିଧାନସଭା କ୍ଷେତ୍ରର ପୁଜଟିକ୍ରାଠାରେ ଏକ ସଭାର ଆୟୋଜନ ହୋଇଥିଲା। ତିନି ବିଜେଡି ପ୍ରାର୍ଥୀ ପ୍ରଚାର ପ୍ରସାରରେ ଅନ୍ୟ ଦଳର ପ୍ରାର୍ଥୀଙ୍କଠାରୁ ଆଗରେ ରହିଛନ୍ତି।

## ୨୦୨୪ରେ ପୁଣି ୨୦୧୯ର ପୁନରାବୃତ୍ତି

# ମଞ୍ଜୁଲତା-ଅଭିମନ୍ୟୁ ମୁହାଁମୁହିଁ; କଂଗ୍ରେସ ପ୍ରାର୍ଥୀଙ୍କୁ ଅପେକ୍ଷା

**ଭଦ୍ରକ, ୧୦।୪(ସମିସ):** ଭଦ୍ରକ ସଂରକ୍ଷିତ ଲୋକସଭା ଆସନରେ ଏଥର ପୁଣି ଗତ ଥରର ଲଢେଇର ପୁନରାବୃତ୍ତି ହେବାକୁ ଯାଉଛି। ବିଜେଡିରୁ ମଞ୍ଜୁଲତା ମଣ୍ଡଳ ଓ ବିଜେପିରୁ ଅଭିମନ୍ୟୁ ସେଠୀ ପ୍ରାର୍ଥୀ ହୋଇଥିବା କଂଗ୍ରେସ ତାର ପ୍ରାର୍ଥୀ ଏ ପର୍ଯ୍ୟନ୍ତ ଘୋଷଣା କରିନାହିଁ।

ଗତ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇ ଭଦ୍ରକ ଲୋକସଭା ଆସନରେ ପ୍ରଥମ





ମହିଳା ସାଂସଦ ଭାବେ ଶ୍ରୀମତୀ ମଣ୍ଡଳ ତାଙ୍କ ନିକଟତମପ୍ରତିଦ୍ୱନ୍ଦ୍ୱୀବିଜେପିପ୍ରାର୍ଥୀଅଭିମନ୍ୟୁସେଠୀଙ୍କୁ ୨୮ ହଜାର ୮୦୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ। ମଞ୍ଜୁଲତା ୫ଲକ୍ଷ ୧୨ହଜାର ୩୦୫ ଖଣ୍ଡ ଭୋଟ ପାଇଥିବା ବେଳେ ଅଭିମନ୍ୟୁଙ୍କୁ ମିଳିଥିଲା ୪ଲକ୍ଷ ୮୩ହଜାର ୫୦୨ ଭୋଟ। ସେହିଭଳି କଂଗ୍ରେସ ପ୍ରାର୍ଥୀ ମଧୁମିତା ସେଠୀ ୨ ଲକ୍ଷ ୭ହଜାର ୮୧୧ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଭଦ୍ରକ ଜିଲ୍ଲାର ୫ଟି ବିଧାନସଭା ଆସନ ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲି ସହିତ ବାଲେଶ୍ୱର ଜିଲ୍ଲାର ସିମୁଳିଆ ଓ ସୋରୋ ନିର୍ବାଚନ ମଣ୍ଡଳୀକୁ ନେଇ ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳି ଗଠିତ। ଗତ ନିର୍ବାଚନରେ ଏହି ସଂସଦୀୟ କ୍ଷେତ୍ରର ବିଧାନସଭା ଆସନରୁ ୬ଟିରେ ବିଜେଡି ବିଧାୟକ ବିଜୟୀ ହୋଇଥିଲେ। କେବଳ ଧାମନଗର ଆସନକୁ ବିଜେପି ହାତେଇବାରେ ସଫଳ ହୋଇଥିଲା। ଏଥର ବିଜେଡି

**ଭଦ୍ରକ ଲୋକସଭା ଆସନ**

ସବୁ ଆସନ ହାତେଇବା ଲକ୍ଷ୍ୟର ତାର ରଣନୀତି ପ୍ରସ୍ତୁତ କରିସାରିଛି।

ଗତ ୨୦୧୪, ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ଭଦ୍ରକ ଲୋକସଭା ଆସନ ବିଜେଡି ଅକ୍ତିଆରରେ ରହିଥିଲା। ୨୦୧୪ରେ ବିଜେଡି ପ୍ରାର୍ଥୀ ଅର୍ଜୁନ ଚରଣ ସେଠୀ ୫ଲକ୍ଷ ୨ହଜାର ୩୩୮ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ସଂଗ୍ରାମକେଶରୀ ଜେନା ୩ଲକ୍ଷ ୨୨ହଜାର ୯୭୯ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ପରାଜୟବ୍ୟବଧାନ ୧ଲକ୍ଷ ୭୯ହଜାର ୩୫୯ଭୋଟ ଥିଲା। ସହି ନିର୍ବାଚନରେ ବିଜେପି ପ୍ରାର୍ଥୀ ଶରତ ଦାସଙ୍କୁ ୨ଲକ୍ଷ ୧୬ହଜାର ୬୧୭ଖଣ୍ଡ ଭୋଟ ମିଳିଥିଲା।

ସେହିପରି ଗତ ୨୦୦୯ନିର୍ବାଚନରେ ଏହି ଆସନରୁ ବିଜେଡିରୁ ଅର୍ଜୁନ ଚରଣ ସେଠୀ ୫୪ହଜାର ୯୩୮ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ବିଜେଡି ପ୍ରାର୍ଥୀଙ୍କୁ ୪ଲକ୍ଷ ୧୬ହଜାର ୮୦୮ଖଣ୍ଡ ଭୋଟ ମିଳିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀଙ୍କୁ ୩ଲକ୍ଷ ୬୧ହଜାର ୮୭୬ଖଣ୍ଡ ଭୋଟ ମିଳିଥିଲା। ବିଜେପି ପ୍ରାର୍ଥୀ ରଥ ଦାସ ୧ଲକ୍ଷ ୨୨ହଜାର ୪୩୧ଖଣ୍ଡ ଭୋଟ ପାଇଁ ୩ନମ୍ବର ସ୍ଥାନରେ ଥିଲେ।

ମୋଟାମୋଟି କହିବାକୁ ଗଲେ ଗତ ୬ଟି ନିର୍ବାଚନରେ ଲଗାତର ଭାବେ ବିଜେଡି ଭଦ୍ରକ ଲୋକସଭା ଆସନରୁ ବିଜୟୀ ହୋଇ ନିଜର ଗଡ଼ ଭାବେ ପରିଚୟ ସୃଷ୍ଟି କରିଛି। ଏଥର ବିଜେଡିରୁ ପୁଣି ଥରେ ପ୍ରାର୍ଥୀ ହୋଇଥିବା ଶ୍ରୀମତୀ ମଣ୍ଡଳ ଲୋକସଭା ଅଧିବେଶନରେ ଭଦ୍ରକ ସଂସଦୀୟ କ୍ଷେତ୍ରର ବିଭିନ୍ନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବା ସହ ଅନେକ କେନ୍ଦ୍ରୀୟ ଯୋଜନାର କାର୍ଯ୍ୟକାରିତା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଓ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟର ତାଲିକା ନେଇ ପ୍ରଚାର ଆରମ୍ଭ କରିଛନ୍ତି। ସେହିଭଳି ଗତ ନିର୍ବାଚନରେ ପରାଜିତ ହୋଇଥିବା ବିଜେପି ନେତା ଅଭିମନ୍ୟୁ ସେଠୀ ମୋଦିଜୀଙ୍କ ହାୱାକୁ ଆୟୁଧ କରି ନିର୍ବାଚନ ବୈତରଣୀ ପାରି କରିବାକୁ ବସିଛନ୍ତ। ପ୍ରାର୍ଥୀ ଘୋଷଣା କରିନଥିବା କଂଗ୍ରେସ ଦଳ ପୂର୍ବ ନିର୍ବାଚନ ଭଳି ୩ନମ୍ବର ସ୍ଥାନରେ ରହିବା ଏକପ୍ରକାର ନିଶ୍ଚିତ ବୋଲି ରାଜନୈତିକ ବିଶାରଦମାନେ ମତବ୍ୟକ୍ତ କରିଛନ୍ତି।

# ଧର୍ମଶାଳା: ବିଜେଡି ଗଡ଼ରେ ପ୍ରଣବଙ୍କ ହ୍ୟାଟ୍ରିକ୍ ଲକ୍ଷ୍ୟ

**ଧର୍ମଶାଳା,୧୦।୪(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ରାଜ୍ୟ ରାଜନୀତି କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ୧୯୯୫ରୁ ଛଅ ଛଅ ଥର ବିଜେଡି ଏହି ଆସନରେ ବିଜୟ ଲାଭ କରିଆସୁଛି। ୧୯୯୫ରେ ପ୍ରଥମଥର ଏହି ଆସନରୁ ବିଧାନସଭାକୁ ଜନତା ଦଳ ଟିକଟରୁ ବିଜୟ ଲାଭ କରି ସ୍ୱର୍ଗତ କଳ୍ପତରୁ ଦାସ ନିର୍ବାଚିତ ହୋଇ ଆସିବା ପରଠାରୁ ଏହି ଆସନ ବିଜେଡି ଗଡ଼ ଭାବେ ପରିଚିତ ହୋଇଛି। ସେବେଠାରୁ ସ୍ୱର୍ଗତ କଳ୍ପତରୁଙ୍କ ପରିବାର ହାତରେ ଏହି ଆସନଟି ରହିଆସିଛି। ୧୯୯୫, ୨୦୦୦, ୨୦୦୪, ୨୦୦୯ରେ ସ୍ୱର୍ଗତ ଦାସ ଚାରିଥର ବିଜୟ ଲାଭ କରିଥିଲେ। ସେହିପରି ତାଙ୍କ ପୁତ୍ର ପ୍ରଣବ କୁମାର ବଳବନ୍ତରାୟ ୨୦୧୪ ଓ ୨୦୧୯ରେ ନିର୍ବାଚିତ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇ ଦୁଇଥର ନିର୍ବାଚିତ ହୋଇ ବିଧାନସଭାରେ ଧର୍ମଶାଳାକୁ ପ୍ରତିନିଧିତ୍ୱ କରୁଛନ୍ତି। ଚଳିତଥର ପୁନର୍ବାର ତାଙ୍କୁ ଦଳୀୟ ଟିକଟ ପ୍ରଦାନ କରାଯାଇଛି। ଧର୍ମଶାଳାରେ ବିଜେଡି ସ୍ଥିତି ସୁଦୃଢ଼ ଥିବା ଓ ପରୋକ୍ଷରେ ଟିକଟ ଚୟନକୁ ବିଜେପି ଦଳର ଗୋଷ୍ଠୀ କନ୍ଦଳ ଲାଗି ରହିଥିବାରୁ ଏହାର ଫାଇଦା ନେବାକୁ ବସିଛି ବିଜେଡି। ତୃତୀୟଥର ବିଜୟୀ ହୋଇ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିଛନ୍ତି ପ୍ରଣବ।

ପୂର୍ବ ନିର୍ବାଚନ ପରିସଂଖ୍ୟାନକୁ ଆକଳନ କଲେ ପ୍ରତିଥର ନିର୍ବାଚନରେ ବିଜୟର ଭୋଟ ବ୍ୟବଧାନ ବଢ଼ି ବଢ଼ି ଚାଲିଛି। ୨୦୧୪ରେ ସର୍ବାଧିକ ଭୋଟ ୧ ଲକ୍ଷ ୯ ହଜାର ୨୪୧ ଖଣ୍ଡ ଅର୍ଥାତ ମୋଟ ମତଦାନର ୬୮.୬ ପ୍ରତିଶତ ବିଜେଡି ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଶ୍ରୀନାଥ ମିଶ୍ର ୨୩, ୪୫୫ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ୨୦୧୯ରେ



ପ୍ରଥମ କରି ୨୦୧୪ରୁ ପାଖାପାଖି ୧୦ ପ୍ରତିଶତ ଭୋଟ କମିଯାଇଥିଲା। ବିଜେଡି ୧, ୦୧, ୩୬୪ ଖଣ୍ଡ ଅର୍ଥାତ୍ ୫୮.୬୧ ପ୍ରତିଶତ ଭୋଟ ପାଇଥିବା ବେଳେ ବିଜେପିର ତତ୍କାଳୀନ ପ୍ରାର୍ଥୀ ରମେଶ ଚନ୍ଦ୍ର ପରିଡ଼ା ଦ୍ୱିତୀୟ ସ୍ଥାନକୁ ଉଠି ୪୮, ୬୨୫ ଖଣ୍ଡ ଭୋଟ ପାଇଥିଲେ। ଭୋଟ ହାର ରହିଥିଲା ୨୮.୧୨ ପ୍ରତିଶତ। ସେ ସମୟରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ପହି ୧୮, ୫୮୮ ଖଣ୍ଡ ଅର୍ଥାତ୍ ୧୦.୭୫ ପ୍ରତିଶତ ଭୋଟ ପାଇ ତୃତୀୟ ସ୍ଥାନ ହାସଲ କରିଥିଲେ। ବର୍ତ୍ତମାନ କିନ୍ତୁ ବିଜେଡି ସ୍ଥିତି ସ୍ଥିର ଥିବାବେଳେ ଅନ୍ୟ ସବୁ ଦଳର ସ୍ଥିତି ଏପଟ ସେପଟ ଦେଖାଦେଇଛି।

ବିଧାୟକ ପ୍ରଣବ ବଳବନ୍ତରାୟ ସବୁ ସମୟରେ କିଛି ନୂଆ ଓ ଅଭିନବ ଉପାୟରେ ନିଜର ଭୋଟ ବ୍ୟାଙ୍କକୁ ବଢ଼ାଇବା ସହ ସୁରକ୍ଷିତ ରଖିବା ଦେଖିବାକୁ ମିଳୁଛି। ଘରେ ଘରେ ଶଙ୍ଖ ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚି ଜନତାଙ୍କ ଖବର ରଖୁଛନ୍ତି ନେତା। ବିଭିନ୍ନ ଛାମୁଆ ସଂଗଠକ ପ୍ରତିଦିନ ନିର୍ବାଚନ ମଣ୍ଡଳୀ ବୁଲି ଦଳୀୟ ପ୍ରଚାର କରୁଛନ୍ତି। ଯେଉଁ ଦଳରୁ ଯିଏବି ପ୍ରାର୍ଥୀ ହେଉ ନା କାହିଁକି ବିଜେଡି ଗଡ଼ ପୂର୍ବଭଳି ସୁରକ୍ଷିତ ରହିଛି, ଏଥିରେ ଦ୍ୱିମତ ନାହିଁ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ସେହିପରି ଗତଥର କଂଗ୍ରେସର ପ୍ରାର୍ଥୀ ହୋଇଥିବା ସ୍ମୃତିରେଖା ପହି ବର୍ତ୍ତମାନ ବିଜେପି ଟିକଟ ପାଇ ସାରିଥିବା ବେଳେ ଅନ୍ୟତମ ଆଶାୟୀ ହିମାଂଶୁଙ୍କ ଗୋଷ୍ଠୀ ତାଙ୍କୁ ବିରୋଧ କରିଆସୁଛି। ହିମାଂଶୁଙ୍କ ସହ ବିଜେପିର ଏକ ବଡ଼ ଗୋଷ୍ଠୀ ରହିଛି। ହିମାଂଶୁ ଯଦି ସ୍ୱାଧୀନ ପ୍ରାର୍ଥୀ ହୁଅନ୍ତି, ତେବେ ବିଜେପି ତୃତୀୟ କିମ୍ବା ଚତୁର୍ଥ ସ୍ଥାନକୁ ଚାଲିଯିବ ବୋଲି ଚର୍ଚ୍ଚା ହେଉଛି। ରାଜ୍ୟ ସ୍ତରରୁ ନିର୍ବାଚନ ମଣ୍ଡଳୀ ପର୍ଯ୍ୟନ୍ତ ଦୁର୍ବଳ ସଂଗଠନ ରହିଆସୁଥିବାରୁ କଂଗ୍ରେସ ଯାହାକୁ ବି ଟିକେଟ ଦେଉ କୌଣସି ପ୍ରଭାବ ପଡ଼ିବ ନାହିଁ।

# ସ୍ୱାଧୀନ ଲଢ଼ିବେ କଂଗ୍ରେସ ନେତା ଚନ୍ଦ୍ରଶେଖର

**ବ୍ରହ୍ମପୁର ଲୋକସଭା ଆସନ**

**ବ୍ରହ୍ମପୁର,୧୦।୪(ସମିସ):** ବ୍ରହ୍ମପୁର ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ମୈଦାନକୁ ଓହ୍ଲାଇବେ ବରିଷ୍ଠ କଂଗ୍ରେସ ନେତା ଭି. ଚନ୍ଦ୍ରଶେଖର ନାଇଡୁ। ସେ ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରି ୧ଲକ୍ଷ ୪୨ହଜାର ଭୋଟ ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ନିର୍ବାଚନରେ ଜିତିବା କିମ୍ବା ହାରିବା ବଡକଥା ନୁହେଁ; ସେ



ଚଳିତ ନିର୍ବାଚନରେ ଏହି ଆସନରୁ ଜଣେ ବିକଳ୍ପ ପ୍ରାର୍ଥୀ ଭାବେ ଅବତୀର୍ଣ୍ଣ ହେବେ। ଲୋକଙ୍କ ସମସ୍ୟାକୁ ନେଇ ସେ ଦିଲ୍ଲୀ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା କରିବେ। ଏହି ଲୋକସଭା କ୍ଷେତ୍ରର ଲୋକଙ୍କ ଭଲପାଇବା ତାଙ୍କୁ ପୁଣି ଥରେ ଟାଣି ଆଣିଛି ବୋଲି କହିଛନ୍ତି ଶ୍ରୀ ନାଇଡୁ।

ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଏହି ନିର୍ବାଚନ ମଣ୍ଡଳୀରେ ହୋଇଥିବା ଏକ ସର୍ଭେରେ ୭୩ହଜାର ୨୦୬ଜଣ ବ୍ୟକ୍ତି ତାଙ୍କୁ ପୁଣିଥରେ ନିର୍ବାଚନ ମଇଦାନରେ ଦେଖିବାକୁ ଚାହୁଁଥିବା ନେଇ ମତ ଦେଇଥିଲେ। ନିର୍ବାଚନ ଓ ଲୋକଙ୍କ ସେବାକୁ ନେଇ ତାଙ୍କର ବିଚାରଧାରା ସମ୍ପୂର୍ଣ୍ଣ ଭିନ୍ନ। ଦଳରୁ ଊର୍ଦ୍ଧ୍ୱରେ ରହି ଏହି କାର୍ଯ୍ୟ କରିବାକୁ ହେବ। ପୂର୍ବରୁ ବ୍ରହ୍ମପୁର ସହରର ଡାକ୍ତର ଶ୍ୟାମବାବୁ ସୁବୁଦ୍ଧି ନାମକ ଜଣେ ବ୍ୟକ୍ତି ଏହି ଚିନ୍ତାଧାରାରେ ନିର୍ବାଚନ ମଇଦାନକୁ ଓହ୍ଲାଉ ଥିଲେ। ସେ ନିଜର ସଂଘର୍ଷ ଜାରି

■ ୨୦୧୯ ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ
■ ବିକଳ୍ପ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇବି: ନାଇଡୁ

ରଖିଥିଲେ। ଚଳିତ ନିର୍ବାଚନରେ ତାଙ୍କର ଅନୁପସ୍ଥିତିରେ ସେ ଏହି ଧାରାକୁ ଜୀବିତ ରଖିବେ ବୋଲି କହିଛନ୍ତି। ସବୁଠାରୁ ବଡକଥା ହେଲା ଏହି ଲୋକସଭା ଆସନରୁ କଂଗ୍ରେସ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କୁ ନିଜର ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଭି.ଚନ୍ଦ୍ରଶେଖର ନାଇଡୁଙ୍କ ଏଭଳି ନିଷ୍ପତ୍ତି ନିଶ୍ଚିତ ଭାବେ କଂଗ୍ରେସ ପାଇଁ କ୍ଷତି କରିବ। ଯାହାକୁ ନେଇ କଂଗ୍ରେସ ଶିବିରରେ ଚିନ୍ତା ବଢ଼ିଯାଇଛି। ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ଶିବରାମ ପାତ୍ର ମଧ୍ୟ ଉପସ୍ଥିତ ଥିଲେ।

# ଅସନ୍ତୁଷ୍ଟଙ୍କ ମେଳି: ବେଗୁନିଆରେ 'ଅପରାଜିତା ହଟାଅ' ନିଆଁ

## ନୋଟାରେ ଭୋଟ ଦେବାକୁ ଗାଁ ଗାଁରେ ବିରୋଧୀଙ୍କ ଅଭିଯାନ

**ଖୋର୍ଦ୍ଧା/ବେଗୁନିଆ,୧୦।୪(ସମିସ):** ବେଗୁନିଆ ନିର୍ବାଚନମଣ୍ଡଳୀରେ ପୁଣି ଅପରାଜିତା ଷଡ଼ଙ୍ଗୀଙ୍କୁ ବିରୋଧ। ଦିନକୁ ଦିନ ଏହି ବିରୋଧ ତୀବ୍ର ହେବାରେ ଲାଗିଛି। 'ଅପରାଜିତା ହଟାଅ-ବିଜେପି ବଞ୍ଚାଅ' ଅଭିଯାନ ନିଆଁ ପରି ଗାଁ ଗାଁରେ ବ୍ୟାପିବାରେ ଲାଗିଛି। ଏପରିକି ଅପରାଜିତାଙ୍କ ପରିବର୍ତ୍ତେ 'ନୋଟା'ରେ ଭୋଟ ଦେବାକୁ ଗାଁ ଗାଁରେ ଅଭିଯାନ ଆରମ୍ଭ ହୋଇଛି।

ସିମୋର ଗ୍ରାମସ୍ଥିତ ପଞ୍ଚୁଦୋଳ ପଡ଼ିଆରେ ବିଜେପି ପକ୍ଷରୁ ଆଜି ଉତ୍ତର ବେଗୁନିଆ ମଣ୍ଡଳର ୨୨ ନମ୍ବର ଜୋନ୍‌ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଜେପି ମଣ୍ଡଳ ସଭାପତି ଅଜୟ ମାର୍ଥା ଅଧ୍ୟକ୍ଷତା କରିଥିଲେ। ବିଜେପି ସଂଗଠନ ଏବଂ କର୍ମୀଙ୍କ ବିରୋଧରେ ଯାଉଥିବା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କୁ ଭୋଟ ନ ଦେଇ ନୋଟାରେ ଭୋଟ ଦେବା ପାଇଁ ସ୍ଥାନୀୟ ନେତାମାନେ ବୈଠକରେ ଆହ୍ୱାନ ଦେଇଥିଲେ। ଏନେଇ ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ବେଗୁନିଆ-ବୋଲଗଡ଼ ନିର୍ବାଚନ ମଣ୍ଡଳୀରେ ଗଠନ ହୋଇଥିବା 'ଅପରାଜିତା ହଟାଅ, ବିଜେପି ବଞ୍ଚାଅ' ଅଭିଯାନ ଆରମ୍ଭ ହୋଇଥିବା ସେ କହିଥିଲେ।

ଦୀର୍ଘ ୫ବର୍ଷ ଧରି ସାଂସଦ ଅପରାଜିତା ଷଡ଼ଙ୍ଗୀ ପୁରୁଣା କର୍ମୀମାନଙ୍କୁ ଉପେକ୍ଷା କରି ନିଜସ୍ୱ ସଙ୍ଗଠନ କରି ଆସୁଥିବା ଫଳରେ ଦଳୀୟ କନ୍ଦଳ ଏବେ ତୀବ୍ର ହେବାରେ ଲାଗିଛି। ବିଗତ ନିର୍ବାଚନରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେପି ସଙ୍ଗଠନ କରି ଭଲ ପ୍ରଦର୍ଶନ କରି ଆସିଥିଲା। ମାତ୍ର ସାଂସଦ ଅପରାଜିତାଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ପରବର୍ତ୍ତୀ ସମୟରେ ଦଳର ପ୍ରଭାବ ହ୍ରାସ ପାଇଛି ବୋଲି ଅସନ୍ତୁଷ୍ଟ କର୍ମୀମାନେ କ୍ଷୋଭର ସହ କହିଛନ୍ତି। ତେଣୁ ସାଂସଦ ଅପରାଜିତାଙ୍କୁ ଚଳିତ ନିର୍ବାଚନରେ ଲଢ଼ିବା ପାଇଁ ସୁଯୋଗ ନ ଦିଆଯାଉ ବୋଲି ସେମାନେ କହିଛନ୍ତି। ନଚେତ ଅସନ୍ତୁଷ୍ଟ କର୍ମୀମାନେ ପ୍ରତ୍ୟେକ ଗ୍ରାମର ଜନସାଧାରଣଙ୍କ ପାଖରେ ପହଞ୍ଚି ନୋଟାରେ ଭୋଟ ଦେବା ପାଇଁ ସଚେତନ କରିବେ ବୋଲି କହିଛନ୍ତି। ଏହି ସଭାରେ ୨୨ନଂ ଜୋନ୍‌ର ସମସ୍ତ ପଞ୍ଚାୟତର ସକ୍ରିୟ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି 'ଅପରାଜିତା ହଟାଅ ବିଜେପି ବଞ୍ଚାଅ' ଅଭିଯାନକୁ ସଫଳ କରିବାକୁ ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ବେଗୁନିଆ ମଣ୍ଡଳ ସଭାପତି ଯଜ୍ଞେଶ୍ୱର ସୁନ୍ଦରାୟ, ମଧ୍ୟ ବେଗୁନିଆ ମଣ୍ଡଳ ସଭାପତି ଭଗବାନ ପଣ୍ଡା, ପିଚୁକୋଳି ମଣ୍ଡଳ ସଭାପତି ଦୌଲତ ଅଲ୍ଲି ଖାଁ, ବୋଲଗଡ଼ ମଣ୍ଡଳ ପୂର୍ବତନ ସଭାପତି ଚନ୍ଦ୍ରଭାନୁ ମହାରଥା, ଉତ୍ତର ବେଗୁନିଆର ସମସ୍ତ ପଞ୍ଚାୟତର ସଭାପତିଙ୍କ ସମେତ ୩ ଶହରୁ ଊର୍ଦ୍ଧ୍ୱ ଛାମୁଆ କର୍ମୀ ଉପସ୍ଥିତ ଥିଲେ।



# ତିନି ଦିନ ମଧ୍ୟରେ ବିଜେପିର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

**ଭୁବନେଶ୍ୱର, ୧୦।୪(ସମିସ):** ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜେପିର ବଳକା ୩୫ ଜଣିଆ ପ୍ରାର୍ଥୀ ତାଲିକାକୁ ନେଇ ବିଭିନ୍ନ କଳ୍ପନାଜଳ୍ପନା ଲାଗି ରହିଛି। ଏହି ଅବସରରେ ବିଜେପି ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ବଡ଼ ବୟାନ ଦେଇଛନ୍ତି। ଆସନ୍ତା ଦୁଇ ତିନି ଦିନ ମଧ୍ୟରେ ଦଳର ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ ବୋଲି ସେ ସୂଚନା ଦେଇଛନ୍ତି। ଆଜି ଓଡ଼ିଶା ଗସ୍ତରେ ଆସିଥିବା ଶ୍ରୀ ତୋମାର କହିଛନ୍ତି ଯେ ଆସନ୍ତା ୨୦ ତାରିଖ ପୂର୍ବରୁ ଦଳର ବାକି ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା ହେବ। ସେହିପରି ଦଳରେ ଟିକଟକୁ ନେଇ ବଢୁଥିବା ଅସନ୍ତୋଷ ସମ୍ପର୍କରେ ସେ ମତ ରଖିଛନ୍ତି। ଆଶାୟୀ ପ୍ରାର୍ଥୀ ଦଳୀୟ କାର୍ଯ୍ୟାଳୟରେ ଟିକଟ ପାଇଁ ଦାବି କରିବା ନୂଆ କଥା ନୁହଁ। ସମସ୍ତେ ଦଳର ବିଚାର ଧାରା ସହ ଜଡ଼ିତ ଅଛନ୍ତି। ସମସ୍ତେ ଆମ ସାଙ୍ଗରେ ଅଛନ୍ତି। ସେହିପରି ରାଜ୍ୟରେ ନିର୍ବାଚନ ପ୍ରଚାର ପାଇଁ ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ ହେଉଛି। କେନ୍ଦ୍ରୀୟ ନେତୃତ୍ୱ ପ୍ରଚାରରେ ଆସିବା ନେଇ ଦିନେ ଦୁଇ ଦିନ ଭିତରେ ଯୋଜନା ପ୍ରସ୍ତୁତି ହେଉଛି ବୋଲି ସେ ସୂଚନା ଦେଇଛନ୍ତି। ସେହିପରି କୌଣସି ଆସନରେ ପ୍ରାର୍ଥୀ ବଦଳିବା ସମ୍ଭାବନାର ପ୍ରଶ୍ନରେ ସେ କହିଛନ୍ତି ଯେ ଯଦି କୌଣସି ଆସନରେ ଟେକ୍ନିକାଲ ସମସ୍ୟା ଥାଏ ତାହେଲେ ସେଠାରେ ପ୍ରାର୍ଥୀ ବଦଳାଯିବ। ରାଜ୍ୟର ଗୋଟିଏ ଆସନରେ ଏସସି(ଅନୁସୂଚିତ ଜାତି) ଆସନରେ ଏସଟି(ଅନୁସୂଚିତ ଜନଜାତି) ପ୍ରାର୍ଥୀ ଦିଆଯାଇଥିବା ସୂଚନା ଦେଇ ସେ ଏଠାରେ ପ୍ରାର୍ଥୀଙ୍କୁ ପରିବର୍ତ୍ତନ କରାଯିବ ବୋଲି କହିଛନ୍ତି। ସେହିପରି ଅନ୍ୟ ଆସନରେ ଘୋଷଣା ହୋଇଥିବା ପ୍ରାର୍ଥୀ ବଦଳିବେ ନା ନାହିଁ ସଂସଦୀୟ କମିଟି ନିଷ୍ପତ୍ତି ନେବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**୨୦ ପୂର୍ବରୁ ସବୁ ଆସନ ପାଇଁ ପ୍ରାର୍ଥୀ ଘୋଷଣା**

# ଲୁଚାଇଲେ ବି ଲୁଚୁନାହିଁ ବିଜେପି କନ୍ଦଳ

**ଖଣ୍ଡପଡ଼ା,୧୦।୪(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପ୍ରତ୍ୟେକ ସାଧାରଣ ନିର୍ବାଚନରେ ଚର୍ଚ୍ଚାରେ ରହି ଆସୁଛି। ସମ୍ପ୍ରତି ବିଜେପି ଖଣ୍ଡପଡ଼ାରୁ ଗତ ନିର୍ବାଚନର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ କୁମାର ସ୍ୱାଇଁକୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିବା ପରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ସୃଷ୍ଟି ହୋଇଛି ଫାଟ। ଏପରିକି ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଦଳୀୟ କର୍ମୀମାନେ ବିରୋଧ କରିବା ଆରମ୍ଭ କରିଛନ୍ତି।

କଟକ ଲୋକସଭା ଆସନର ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଏଠାରେ ସ୍ୱାଗତ କରିବା ପାଇଁ ଦୁଷ୍ମନ୍ତ ସ୍ୱାଇଁ ଏକ ବାଇକ୍ ଶୋଭାଯାତ୍ରା କରିଥିଲେ। ଭାପୁର ବ୍ଲକ ଅଧୀନ ଫତେଗଡ଼ ଛକଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ବାଇକ୍ ଶୋଭାଯାତ୍ରାରେ ଖଣ୍ଡପଡ଼ା ଭାପୁର ଅଞ୍ଚଳରୁ କମ ସଂଖ୍ୟକ କର୍ମୀ ଯୋଗ ଦେଇଥିବାରୁ କଟକ ଜିଲ୍ଲାର ବଡ଼ମ୍ବା ନିର୍ବାଚନ ମଣ୍ଡଳୀରୁ ଶତାଧିକ କର୍ମୀଙ୍କୁ ସାମିଲ କରି ବିଜେପି ନିଜର ସମ୍ମାନ ରଖିବାକୁ ଚେଷ୍ଟା କରିଛି। ଏପରିକି ଉକ୍ତ ରାଲିରେ ଗତ ନିର୍ବାଚନର ବିଜେପି ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂହଙ୍କ ବ୍ୟତୀତ ଅନ୍ୟ କୌଣସି ବିଜେପି ନେତାଙ୍କୁ ଦେଖିବାକୁ ମିଳିନଥିଲା। ଏପରିକି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ତଥା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଯୁବ ସଂଗଠକ ଅଭିଳାଷ ପଣ୍ଡାଙ୍କ ସମେତ ଜିଲ୍ଲା ବିଜେପି ମହିଳା ସଭାନେତ୍ରୀ ଅର୍ଚ୍ଚନା ଦାଶଙ୍କୁ ମଧ୍ୟ ଏହି ସମାବେଶରେ ଦେଖିବାକୁ ମିଳି ନ ଥିଲା। ଦୁଷ୍ମନ୍ତ ବିଜେପିରେ ଯୋଗଦେବା ପରେ ଖଣ୍ଡପଡ଼ା ବିଜେପିରେ ଉଭୟେ ଅର୍ଚ୍ଚନା ଏବଂ ଅଭିଳାଷ ଅଲୋଡ଼ା ହେବା ପରି ମନେ ହେଉଛି। ନିର୍ବାଚନ ପୂର୍ବରୁ ଖଣ୍ଡପଡ଼ା ବିଜେପି ଭାଗ ଭାଗ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହୋଇଥିବା ବେଳେ ଆଜିର ଏ ଘଟଣା ସମଗ୍ର ଖଣ୍ଡପଡ଼ା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ନିଜର ନେତାଙ୍କୁ ଦଳ ପୁନର୍ବାର ଅଣଦେଖା କରିଥିବାରୁ ବିଜେପି ଖଣ୍ଡପଡ଼ାରେ ସତ୍ତା ହରେଇବ ବୋଲି ଦଳର କର୍ମୀମାନେ ଆଲୋଚନା କରୁଛନ୍ତି।

■ ଭର୍ତ୍ତୃହରିଙ୍କ ଶୋଭାଯାତ୍ରାରେ ଅଭିଳାଷ ଓ ଅର୍ଚ୍ଚନା ଅଲୋଡ଼ା
■ ଖଣ୍ଡପଡ଼ା ବିଜେପି ସମ୍ମାନ ରଖିଲେ ବଡ଼ମ୍ବାରୁ ଆମଦାନୀ କର୍ମୀ



# କଂଗ୍ରେସର ୫୯ ଜଣିଆ ପ୍ରଚାର କମିଟି ଗଠନ

**ଭୁବନେଶ୍ୱର, ୧୦।୪(ସମିସ):** ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ କଂଗ୍ରେସ ନିଜର ୫୯ ଜଣିଆ ପ୍ରଚାର କମିଟି ଗଠନ କରିଛି। ନିକଟରେ ପ୍ରଚାର କମିଟି ଅଧ୍ୟକ୍ଷ ଭାବେ ବରିଷ୍ଠ କଂଗ୍ରେସ ନେତା ଭକ୍ତ ଦାସଙ୍କୁ ଏଆଇସିସି ନିଯୁକ୍ତ କରିଥିଲା। ଏହାପରେ ସେ ତାଙ୍କ ନୂଆ ଟିମ୍ ଗଠନ କରିଛନ୍ତି। ଯାହାକୁ ଏଆଇସିସି ଅନୁମୋଦନ ଦେଇଛି। ଏହି କମିଟିରେ ଅଧ୍ୟକ୍ଷ ଦାୟିତ୍ୱରେ ଭକ୍ତଚରଣ ଦାସ ରହିଥିବା ବେଳେ ଉପାଧ୍ୟକ୍ଷ ଭାବେ ନବଜ୍ୟୋତି ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି। ସେହିପରି କଂଗ୍ରେସକୁ ଫେରିଥିବା ନେତା ଶ୍ରୀକାନ୍ତ ଜେନା ଓ ଗିରିଧର ଗମାଙ୍ଗଙ୍କୁ ଏଥିରେ ସଦସ୍ୟ ଭାବେ ସ୍ଥାନ ମିଳିଛି। ଏହି କମିଟିରେ ଆବାହକ ଭାବେ ସୁଧାଂଶୁ ଶେଖର ଦେଓଙ୍କୁ ନିଯୁକ୍ତି ମିଳିଛି। କମିଟିର ଅନ୍ୟ ସଦସ୍ୟ ଭାବେ ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ନରସିଂହ ମିଶ୍ର, ନିରଞ୍ଜନ ପଟ୍ଟନାୟକ, କାହ୍ନୁଚରଣ ଲେଙ୍କା, କେପି ସିଂହଦେଓ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ସାମିଲ ହୋଇଛନ୍ତି। ୫୯ ଜଣ ସଦସ୍ୟଙ୍କ ସମେତ କମିଟିରେ ଏକ୍ସ-ଅଫିସିଓ ସଦସ୍ୟ ଭାବେ ଦଳର ସମସ୍ତ ବିଧାୟକ, ଓଡ଼ିଶା ପିସିସିର ସବୁ ଛାମୁଆ ସଂଗଠନର ମୁଖ୍ୟ ଏବଂ ସମସ୍ତ ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ମଧ୍ୟ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

# ଟିକଟ ପାଇଁ ସ୍କ୍ରିପ୍ଟ ପଢୁଛନ୍ତି ଦେବାଶିଷ ନାୟକ: ବିଜେଡି

**ଭୁବନେଶ୍ୱର,୧୦।୪(ସମିସ):** ରାଜ୍ୟ ବିଜେପିରେ ସଦ୍ୟ ମିଶିଥିବା ଦେବାଶିଷ ନାୟକ ଟିକଟଟିଏ ପାଇଁ ବଡ଼ ବିକଳ ଅବସ୍ଥାରେ ଅଛନ୍ତି। ତେଣୁ ତାଙ୍କୁ ସ୍କ୍ରିପ୍ଟ ଲେଖି ଯାହା ପଢ଼ିବାକୁ ଦିଆଯାଉଛି, ସେ ତାହାକୁ ପଢ଼ି ଚାଲିଛନ୍ତି ବୋଲି କଟାକ୍ଷ କରିଛି ବିଜେଡି।



ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଦେବାଶିଷ ନାୟକ ଓ ତାଙ୍କ ଚରିତ୍ର ବିଷୟରେ ରାଜ୍ୟବାସୀ ଭଲ ଭାବରେ ଜାଣନ୍ତି। ସେ ତାଙ୍କ ରାଜନୈତିକ ଜୀବନରେ କାହାପାଇଁ କିଛି ଭଲ କାମ କରିନାହାନ୍ତି। ଯିଏ ନିଜ ସ୍ୱାର୍ଥକୁ ସାରା ଜୀବନ ଗୁରୁତ୍ୱ ଦେଇ ଆସିଛନ୍ତି, ସିଏ ଅନ୍ୟକୁ ସାର୍ଟିଫିକେଟ ପ୍ରଦାନ କରିବା ଦୁର୍ଭାଗ୍ୟଜନକ। ବିଜେପି ଟିକଟ ବ୍ୟାକୁଳ ଦେବାଶିଷ ନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ସ୍କ୍ରିପ୍ଟ ଦେଇଛନ୍ତି, ତାକୁ ସେ ପଢ଼ି ଶୁଣାଇଛନ୍ତି। ଆସନ୍ତାକାଲି ଯଦି ବିଜେପିରେ ତାଙ୍କୁ ଟିକଟ ନମିଳେ, ତାହେଲେ ଯିଏ ତାଙ୍କୁ ବିଜେପିକୁ ଆଣିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବି ଦେବାଶିଷ ଗାଳିଦେବାକୁ ପଛାଇବେ ନାହିଁ। ଗଣମାଧ୍ୟମରେ ସେ ଯେଉଁ ସାର୍ଟିଫିକେଟ ବିଜେଡିକୁ ଦେଇଛନ୍ତି, ତାହା ଆମର ଲୋଡ଼ାନାହିଁ। ବରଂ ଦେବାଶିଷ ଆମକୁ ସାର୍ଟିଫିକେଟ ଦେବା ପରିବର୍ତ୍ତେ ନିଜ ରାଜନୈତିକ କ୍ୟାରିୟର ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ତୁମ୍ବନାଥ ପରାମର୍ଶ ଦେଇଛନ୍ତି।

**ଟିକଟ ନ ପାଇଲେ ଧର୍ମେନ୍ଦ୍ରଙ୍କୁ ବି ସମାଲୋଚନା କରିବେ**

# ଦିଲ୍ଲୀପଙ୍କ ପ୍ରତ୍ୟାବର୍ତ୍ତନ: ରାଉରକେଲା ବିଜେପିରେ ନୂଆ ସମୀକରଣ

**ରାଉରକେଲା, ୧୦।୪(ସମିସ):** କୋଇଲା ଦୁର୍ନୀତି ମାମଲାରେ ଅଦାଲତି ଆଶ୍ୱସ୍ତି ଓ ନିର୍ବାଚନ ଲଢ଼ିବାକୁ ଅନୁମତି ପରେ ରାଉରକେଲାରେ ପହଞ୍ଚିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ। ରାଉରକେଲା ରାଜନୀତିକୁ ତାଙ୍କର ପ୍ରତ୍ୟାବର୍ତ୍ତନ ସୃଷ୍ଟି କରିଛି ଏକ ନୂଆ ସମୀକରଣ। ଦିଲ୍ଲୀପ ସମର୍ଥକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଥିବାବେଳେ ଜିଲ୍ଲା ବିଜେପି ସଙ୍ଗଠନରେ ସୃଷ୍ଟି ହୋଇଛି ଫାଟ। ଦିଲ୍ଲୀପ ରାଉରକେଲାରୁ ବିଧାୟକ ପ୍ରାର୍ଥୀ ହେବେ ବୋଲି ସାଂସଦ ଜୁଏଲ ଓରାମଙ୍କ ଘୋଷଣା ପରେ ବିଜେପିରେ ଉତ୍ସାହ ଅପେକ୍ଷା ଦଳୀୟ ଆଶାୟୀଙ୍କ ମନରେ ଦାନା ବାନ୍ଧିଛି ଅସନ୍ତୋଷ ଓ କ୍ଷୋଭ। ନିଜ ସ୍ୱାର୍ଥ ପାଇଁ ଜୁଏଲ୍ ଗତ ୧୦ ବର୍ଷ ଧରି ସଙ୍ଗଠନ ସମ୍ଭାଳିଥିବା ଦଳୀୟ ନେତାଙ୍କୁ ଉପେକ୍ଷା କରିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀପଙ୍କ ସମର୍ଥକ ରାଉରକେଲାରେ ଅଦିନିଆ ଉତ୍ସବ ପାଳନ କରିଛନ୍ତି। ୨୦୧୪ ବିଧାନସଭା ନିର୍ବାଚନରେ ଦିଲ୍ଲୀପଙ୍କ ରାଜନୈତିକ ପ୍ରତ୍ୟାବର୍ତ୍ତନ ଓ ସଫଳତା ପରି ୨୦୨୪ ନିର୍ବାଚନରେ ଦିଲ୍ଲୀପ ପୁଣି ରାଉରକେଲାରୁ ବିଜୟୀ ହେବେ ବୋଲି ତାଙ୍କ ସମର୍ଥକମାନେ ମନେ କରୁଛନ୍ତି। ଦିଲ୍ଲୀପଙ୍କ ସମର୍ଥକମାନେ ବାଜା ବଜାଇ, ବାଣ ଫୁଟାଇ ବିମାନବନ୍ଦରରେ ସ୍ୱାଗତ କରିଛନ୍ତି। ସେଠାରୁ ପଦଯାତ୍ରା କରି ହୋଟେଲ୍ ମେଫେୟାରକୁ ପାଛୋଟି ନେଇଛନ୍ତି। ସାଂସଦ ଜୁଏଲ୍ ଓରାମଙ୍କ ସହ ଦିଲ୍ଲୀପଙ୍କ ସର୍ବକାଳୀନ ଅନୁଗତ ଶିଳ୍ପପତି ସୁବ୍ରତ ପଟ୍ଟନାୟକ, ହରିହର ରାଉତରାୟ, ରଘୁ ବଳ, ଭବାନୀ କବି, ଜଗବନ୍ଧୁ ବେହେରା, ସୁବାଷ ଦାସ, ମିନତୀ ଦେବତା, ମିଟୁ ବେହୁରିଆ, ବିମଳ କୁମାର ବିଶି, ବିଜୟ ପ୍ରଧାନ, ଚୁନୁ ଦୁବେଙ୍କ ସମେତ ବହୁ ବ୍ୟବସାୟୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ଦିଲ୍ଲୀପ ବିଜେପି ତାଙ୍କ ଇସ୍ତଫା ଏଯାଏ ଗ୍ରହଣ କରିନାହିଁବୋଲି ଉଲ୍ଲେଖ କରି ଏବେ ବି ବିଜେପିରେ ଅଛନ୍ତି ବୋଲି କହିଛନ୍ତି। ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁସାରେ ମୁଁ କାର୍ଯ୍ୟ କରିବି। ଏ ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ସବୁ କିଛି ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।



ତେବେ ଦିଲ୍ଲୀପଙ୍କ ସମ୍ଭାବ୍ୟ ପ୍ରାର୍ଥିତ୍ୱ ସମ୍ପର୍କରେ ଜୁଏଲ୍ ଓରାମଙ୍କ ଘୋଷଣା ପରେ ଦଳରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଓ ଆସନ୍ନ ବିଦ୍ରୋହର ଛାପ ଆଜି ବିମାନବନ୍ଦରରେ ଦେଖା ଯାଇଥିଲା। ପ୍ରାୟ ୬ ବର୍ଷ ପରେ ପୁନର୍ବାର ବିଜେପି ନେତା ଭାବେ ଦିଲ୍ଲୀପ ନିଜର ପୁରୁଣା ଦଳକୁ ଫେରୁଥିବାବେଳେ ରାଉରକେଲା ବିମାନ ବନ୍ଦର ଠାରେ କେବଳ ତାଙ୍କର ପୁରୁଣା ଅନୁଗତମାନେ ଉପସ୍ଥିତ ଥିଲେ। ମାତ୍ର ରାଉରକେଲା ବିଜେପି ସାଂଗଠନିକ ଜିଲ୍ଲାର କୌଣସି ନେତା କର୍ମୀଙ୍କୁ ବିମାନବନ୍ଦରରେ ଦେଖିବାକୁ ମିଳି ନ ଥିଲା। ଦଳର ସାଂସଦ ଜୁଏଲଙ୍କ ବ୍ୟତୀତ ଜିଲ୍ଲା ବିଜେପି ସଭାପତି ନେତ୍ରୀ ଲତିକା ପଟ୍ଟନାୟକ, ବିଧାୟକ ପ୍ରାର୍ଥୀ ନିମନ୍ତେ ଆଶାୟୀ ନିହାର ରାୟ, ଧୀରେନ ସେନାପତି, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମଙ୍କ ସମେତ ବିଜେପିର ବହୁ ତୁଙ୍ଗ ନେତାଙ୍କ ଅନୁପସ୍ଥିତି ଏକ ଭିନ୍ନ ବାର୍ତ୍ତା ଦେଇଛି। ଦିଲ୍ଲୀପଙ୍କ ପ୍ରତ୍ୟାବର୍ତ୍ତନ ଏହି ନେତାମାନଙ୍କ ଆଶାକୁ ଚୁରମାର କରିଦେବା ଆଶଙ୍କା ଥିବାରୁ ସ୍ଥାନୀୟ ବିଜେପି ନେତାମାନେ ଏହାକୁ ଗ୍ରହଣ କରିପାରି ନାହାନ୍ତି। ଏହି ପରିପ୍ରେକ୍ଷୀରେ ୨୦୧୪ରେ ଦିଲ୍ଲୀପ ବିଜୟ ପଛରେ ଗୁଣ୍ଡୁଚି ମୂଷା ପରି କାର୍ଯ୍ୟ କରିଥିବା ଅନେକ ନେତା ୨୦୨୪ରେ ଦିଲ୍ଲୀପଙ୍କ ପରାଜୟ ପାଇଁ ଚୁଟିଆ ମୂଷା ପରି କାର୍ଯ୍ୟ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ।

ଦିଲ୍ଲୀପଙ୍କ ସ୍ୱାଗତ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ସଂକ୍ରାନ୍ତରେ ରାଉରକେଲା ସାଂଗଠନିକ ବିଜେପି ଜିଲ୍ଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ପ୍ରତିକ୍ରିୟା ଲୋଡ଼ା ଯାଇଥିଲା। ସେ କହିଛନ୍ତି ଯେ ଯେହେତୁ ଦିଲ୍ଲୀପ ରାୟ ବିଜେପିକୁ ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତରେ କୌଣସି ଦାପ୍ତରିକ ଘୋଷଣା ହୋଇନାହିଁ, କିମ୍ବା ରାଜ୍ୟ ନେତୃତ୍ୱ ଏ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି, ତେଣୁ ଦଳ ପକ୍ଷରୁ ଆମେ କେହି ଏହି ସ୍ୱାଗତ କାର୍ଯ୍ୟକ୍ରମରେ ସାମିଲ ହୋଇନାହୁଁ। ତେବେ ବିଜେପି ଯାହାକୁ ରାଉରକେଲାରେ ପ୍ରାର୍ଥୀ କରିବ ଆମେ ତାଙ୍କୁ ସମର୍ଥନ କରିବୁ ବୋଲି ସେ କହିଛନ୍ତି।

■ ଏପଟେ ଅନୁଗତଙ୍କ ବିପୁଳ ସମ୍ବର୍ଦ୍ଧନା, ସେପଟେ ସଙ୍ଗଠନରେ ଫାଟ
■ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜୁଏଲଙ୍କ ବ୍ୟତୀତ ଜିଲ୍ଲାର ନେତା ଅନୁପସ୍ଥିତ

### ଅନିଶ୍ଚିତତାରେ ସମ୍ବଲପୁର-ବୁର୍ଲା ରିଂ-ରୋଡ଼

# ପ୍ରସ୍ତାବିତ ଜମି ଚିହ୍ନଟକୁ ପୂରିଲା ୮ ବର୍ଷ

**ସମ୍ବଲପୁର, ୧୦।୪(ସମିସ)**

ସମ୍ବଲପୁର ମହାନଗର ଟ୍ରାଫିକ୍ ସମସ୍ୟା ଦୂର ହେବାସହ କଟକ-ସମ୍ବଲପୁର ଓ ସମ୍ବଲପୁର-କଲିକତା ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ୨୦୧୬ମସିହାରେ ପ୍ରସ୍ତାବ ହୋଇଥିଲା। ପ୍ରସ୍ତାବ ପରେ ଜମି ଚିହ୍ନଟ, କେତେ ପରିମାଣ ଜମି ଅଧିଗ୍ରହଣ ହେବ ଏକ ଟିମ୍ ଚୂଡ଼ାନ୍ତ ରିପୋର୍ଟ ତିଆରି କରିଥିଲେ।। ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ମଧ ହେଲା। ହେଲେ ଅଧାରେ ରହିଯାଇଛି। ବର୍ଷବର୍ଷ ଧରି ୮ବର୍ଷ ବିତିଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ସମ୍ବଲପୁର-ବୁର୍ଲା ରିଂରୋଡ କାମ ଆରମ୍ଭ ହୋଇପାରି ନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ୨୦୧୬ମସିହାରୁ ପ୍ରସ୍ତାବିତ ମହାନଦୀ ରିଂ-ରୋଡ଼ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜମି ସମସ୍ୟା ଯୋଗୁଁ ଆଗେଇ ପାରି ନଥିଲା। ବ୍ୟୟ ଅଟକଳ, ଡିଜାଇନ ପ୍ରସ୍ତୁତ ଓ ଟେଣ୍ଡର ସତ୍ତ୍ୱେ ଏହାର ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶୀତଳଭଣ୍ଡାରରେ ପଡ଼ିରହିଛି। ସରକାର ସମ୍ବଲପୁର ସହରର ମହାନଦୀର ଅପରପାର୍ଶ୍ୱରେ ଏହି ଦୁଇଥାକିଆ ରାସ୍ତା ନିର୍ମାଣ ପାଇଁ ଗତ ଆଠବର୍ଷ ପୂର୍ବେ ପରିକଳ୍ପନା କରିଥିଲେ। ଏହାଦ୍ୱାରା ପ୍ରାଥମିକ ଭାବରେ ବୁର୍ଲାରୁ ଜିଲ୍ଲା ସଦର ମହକୁମାକୁ ବିକଳ୍ପ ସଡ଼କର ସୁବିଧା ସହିତ ଟ୍ରାଫିକ୍ ସମସ୍ୟା ଦୂର ଓ ଉଭୟ ସହର ମଧ୍ୟରେ ଯାତ୍ରା ସମୟ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଯୋଜନା ମୁତାବକ ଏହି ରାସ୍ତାଟି ମହାନଦୀର ଚାଉଁରପୁର ଦ୍ୱିତୀୟ ମହାନଦୀ ପୋଲରୁ ଆରମ୍ଭ ହୋଇ ପାୱାରଚେନାଲ ପାଖ ଜାତୀୟ ରାଜପଥ, ବୁର୍ଲା ସହର ଦେଇ ହୀରାକୁଦ ଡ୍ୟାମ୍‌ର ଅଶୋକ ନିବାସକୁ ସଂଯୋଗ କରିବା ପାଇଁ ବ୍ୟବସ୍ଥା ରହିଥିଲା। ପ୍ରଥମ ପର୍ଯ୍ୟାୟରେ ଏହା ଚାଉଁରପୁର-ମୁଣ୍ଡୋଘାଟ ପର୍ଯ୍ୟନ୍ତ ନିର୍ମାଣ କରାଯିବାର ଥିଲା। ଏହା ୧୪ କିଲୋମିଟର ଦୀର୍ଘ ରାସ୍ତା ପ୍ରକଳ୍ପର ସାଢ଼େତିନି କିଲୋମିଟର ଅଟେ। ଏହି ଅଂଶର ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟ ସମ୍ପୂର୍ଣ୍ଣ ହୋଇଥିଲା। ହେଲେ ଆବଶ୍ୟକ ଜମି ଉପଲବ୍ଧ ହୋଇ ନଥିବାରୁ ପ୍ରଥମ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିଲା। ଏହି ସଡ଼କ ପ୍ରକଳ୍ପ ପାଇଁ ୪୧ଏକର ୮୩ ଡ଼େସିମିଲ ଘରୋଇ ଜମି



ଅଧିଗ୍ରହଣ କିମ୍ବା କ୍ରୟ କରିବା ପାଇଁ ଚିହ୍ନଟ କରାଯାଇଥିଲା। ହେଲେ ସରକାର ଧାର୍ଯ୍ୟ କରିଥିବା ଦରରେ ଜମି ଦେବାକୁ ଜମି ମାଲିକମାନେ ଅରାଜି ହୋଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଜମି ମାଲିକମାନଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରାଯାଇଥିଲେ ମଧ କୌଣସି ସୁଫଳ ବାହାରି ପାରି ନଥିଲା। ଶେଷକୁ ଉକ୍ତ ପରିମାଣର ଜମିକୁ ଅଧିଗ୍ରହଣ କରିବା ସକାଶେ ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ପତ୍ର ମଧ ଲେଖାଯାଇଥିଲା। ଏହାର ଅଗ୍ରଗତି ଅନିଶ୍ଚିତତା ମଧରେ ହିଁ ରହିଯାଇଥିଲା। ପ୍ରସ୍ତାବ ସୂଚନା ମଞ୍ଜୁର ହୋଇଥିଲେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହୋଇପାରିବ ବୋଲି ସୂଚନା ଦିଆଯାଇଥିଲା। ବୁର୍ଲା ସହରରେ ହୀରାକୁଦ ବନ୍ଧ, ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭିସୁଟ୍, ଏମ୍‌ସିଏଲ ମୁଖ୍ୟାଳୟ ଭିମ୍‌ସାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ରହିଛି। ସେହିଭଳି ଏହି ରାସ୍ତା ସମ୍ବଲପୁର ସହର ଏବଂ ଚିପିଲିମା ଓ ବସନ୍ତପୁର ଅଞ୍ଚଳରେ ପ୍ରତିଷ୍ଠିତ ଓ ଗଢିଉଠୁଥିବା ସିଆର୍‌ପିଏଫ୍ ଗ୍ରୁପ ସେଣ୍ଟର, ସୈନିକ ସ୍କୁଲ, ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ପୁଲିସ୍ ବେସିକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଓୟୁଏଟି କଲେଜ, ଆଇଆଇଏମ୍ ସମ୍ବଲପୁର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ବହୁମୁଖୀ କ୍ରୀଡ଼ା କମ୍ପ୍ଲେକ୍ସ, ଇଡ଼କୋର ପ୍ରସ୍ତାବିତ ବହୁତଳ ଟାୱାରକୁ ମଧ ସଂଯୋଗ କରିବ। ପ୍ରଥମ ପର୍ଯ୍ୟାୟରେ ୨୫ ଏକର ଓ ୯୯ ଏକର ଜମି ନିଆଯିବ ବୋଲି ପ୍ରକଳ୍ପରେ ଜାତୀୟ ରାଜପଥ ପ୍ରଥମ ପର୍ଯ୍ୟାୟରେ ସୂଚନା ରହିଥିଲା। କେନାଲରେ ଦୁଇଟି ସେତୁ ୨ ଓ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ଫ୍ଲାଏଓଭର ନିର୍ମାଣର ଯୋଜନା ରହିଥିଲା। ଏହାଦ୍ୱାରା ସମ୍ବଲପୁର ସହରର ନେଲସନ ମଣ୍ଡେଲା ଛକଠାରୁ ଦ୍ୱିତୀୟ ମହାନଦୀ ସେତୁ ଦେଇ ରିଂ-ରୋଡ଼ରେ ବୁର୍ଲା, ୫୩ ନମ୍ବର ଜାତୀୟ ରାଜପଥକୁ ସଂଯୋଗ ହୋଇପାରିବ। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟାରେ ମନ୍ଥରତା ଯୋଗୁଁ ଏହି ପ୍ରକଳ୍ପ ଆଗକୁ ବଢ଼ିପାରୁ ନଥିବା କୁହାଯାଉଛି। ପ୍ରକଳ୍ପ ପାଇଁ ସର୍ଭେ କରାଯାଇଥିବା, ଏପରିକି ୩କିମି କାମ ମଧ ଦେଇଥିଲେ। ତେବେ ବୁର୍ଲାଠାରୁ ମୁଣ୍ଡୋଘାଟ ଦେଇ ରିଂ-ରୋଡ଼ ପ୍ରକଳ୍ପ କାର୍ଯ୍ୟ ଅନିଶ୍ଚିତତା ମଧରେ ରହିଛି। ଗତ ୨୦୧୯ ନିର୍ବାଚନ ଶେଷ ହେବାପରେ ପ୍ରାୟ ସମସ୍ତ ପ୍ରକଳ୍ପରେ ବିରାମ ଲାଗିଯାଇଥିବା ସୂଚନା ରହିଛି। ଏହି ସେଥିମଧରୁ ଏହା ଅନ୍ୟତମ। ତୁରନ୍ତ ମହାନଦୀର ଏହି ରିଂ-ରୋଡ଼ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବାକୁ ଦାବି ହୋଇଛି। ଏହି ପ୍ରକଳ୍ପ ଚାଉଁରପୁରଠାରୁ ବାହାରି ଝାଙ୍କରପାଲି, ପାୱାର ଚେନାଲର ସାଇଫୋନ, କିର୍ବା, ଗୌଡ଼ପାଲି, ସଦେଇପାଲି ଦେଇ ଅଶୋକ ନିବାସକୁ ସଂଯୋଗ କରିବ। ସିଏଡ଼ିଡ଼ି ନାମକ ଏକ ସଂସ୍ଥା ଏହାର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଧ ପ୍ରସ୍ତୁତ କରିଥିବା ପ୍ରକାଶ ପାଇଥିଲା।

### ଜଳୁଛି ମେଘପାଳ ଜଙ୍ଗଲ

## ନିଆଁ ଲିଭାଇବାରେ ବନ ବିଭାଗ ବିଫଳ



**ପଡ଼ିଆବାହାଲ, ୧୦।୪(ସମିସ):** ସମ୍ବଲପୁର ବନଖଣ୍ଡ ମେଘପାଳ ବନପାଳ କାର୍ଯ୍ୟାଳୟରୁ ମାତ୍ର ୧୦୦ମିଟର ଦୂର ଜଙ୍ଗଲରେ ନିଆଁ ଜଳୁଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ପବନ ଯୋଗୁ ନିଆଁ ମାଡ଼ିଚାଲିଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ନିଆଁକୁ ଆୟତ୍ତ କରିପାରି ନଥିବା ଜଣାପଡ଼ିଛି। ପାଖରେ ସ୍କୁଲ, ବଜାର ଓ ପଞ୍ଚାୟତ କାର୍ଯ୍ୟାଳୟ ରହିଛି। ବନବିଭାଗ କାର୍ଯ୍ୟାଳୟ ନିକଟ ଜଙ୍ଗଲ ଜଳିବା ଏବଂ ନିଆଁକୁ ବନବିଭାଗ ଆୟତ୍ତ କରି ନପାରିବା ବିଭାଗର ପାରିବାପଣିଆରେ ପ୍ରଶ୍ନ ଉଠୁଛି। ସଚେତନତା ତଥା ସତର୍କତା ଅଭାବ ଯୋଗୁଁ ଜଙ୍ଗଲରେ ନିଆଁ ଲାଗୁଥିବା ଅଭିଯୋଗ ହେଉଛି। ସଚେତନତା ନାମରେ କୋଟି ଟଙ୍କା ବ୍ୟୟ ହେଉଥିଲେ ଏହାର ଉପକାରିତା ବାସ୍ତବରେ ଶୂନ୍ ହେଉଛି। ବନ ବିଭାଗର ବିଫଳତା ଯୋଗଁ ଜଙ୍ଗଲରେ ନିଆଁ ଲାଗୁଥିବା ଅଭିଯୋଗ ହେଉଛି। ଜଙ୍ଗଲ ନିଆଁ ରୋକିବାକୁ ବନ ବିଭାଗ ଗତ କିଛିମାସ ହେଲା ତୁହାକୁ ତୁହା ବୈଠକ କରିଥିଲା। ଜଙ୍ଗଲ ନିକଟବର୍ତ୍ତୀ ଗାଁରେ ପୋଷ୍ଟର ମାରିବା ସହ ଲୋକଙ୍କୁ ସଚେତନ କରାଇଥିଲା। ଏପରିକି ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ଲୋଭ ବି ଦେଇଥିଲା। ହେଲେ କିଛି ଲାଭ ଦେଲାନାହିଁ। ଏବେ ମହୁଲ ସଂଗ୍ରହ ପାଇଁ ଲୋକେ ଜାଣିଶୁଣି ନିଆଁ ଲଗାଇ ଦେଉଥିବା ଚର୍ଚ୍ଚା ହେଉଛି। ଦୁଇଦିନ ତଳେ ହୋଇଥିବା ବର୍ଷା ବନବିଭାଗକୁ ସାମାନ୍ୟ ଆଶ୍ୱସ୍ତ କରିଥିଲା। ତେବେ ଯାହାବି ହେଉ ଏପରି ନିଆଁ ଲାଗିବା ଯୋଗୁ କେତେ ଯେ କ୍ଷତି ହେଉଛି ତାହା ଅକଳନୀୟ।

## ସଡ଼କ ନିର୍ମାଣ ପାଇଁ ଆଦିବାସୀଙ୍କ ଜମି ଦଖଲକୁ ବିରୋଧ



**ବାମରା, ୧୦।୪(ସମିସ):** ବାମରା ବ୍ଲକ ରବଗା ଗ୍ରାମପଞ୍ଚାୟତ ଡହମୁଣ୍ଡାଠାରେ ସ୍ଥାନୀୟ ୱାର୍ଡ ସଭ୍ୟ ଏଫ୍ରେମ୍ କୁଲୁଙ୍କ ସଭାପତିତ୍ୱରେ ରାସ୍ତା ପ୍ରଶସ୍ତୀକରଣ ଓ ନିର୍ମାଣ ଯୋଗୁଁ ଆଦିବାସୀଙ୍କ ଚାଷଜମି ଏବଂ ଘର ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ଲୋକମୁକ୍ତି ସଂଗଠନ ପକ୍ଷରୁ ଏକ ଗ୍ରାମପଞ୍ଚାୟତସ୍ତରୀୟ ସଭା ହୋଇଯାଇଛି। ସଭାରେ ଡହମୁଣ୍ଡା, ସୁନାମୁଣ୍ଡା, ଜୁରାପାଲି, କିଚିଣ୍ଡା ଏବଂ ରବଗା ଗ୍ରାମମାନଙ୍କରୁ ଶତାଧିକ ଲୋକ ଯୋଗଦାନ କରିଥିଲେ। ପ୍ରକାଶଯୋଗ୍ୟ, ଗରଡ଼େଗା ଠାରୁ ଜୁରାପାଲି ପର୍ଯ୍ୟନ୍ତ ପ୍ରାୟ ୧୫କିମି ନିର୍ମାଣ କାମ ଚାଲିଥିବା ଏହି ସଡ଼କ ପ୍ରକଳ୍ପ ଯୋଗୁଁ ଡହମୁଣ୍ଡା, ଜୁରାପାଲି, ସୁନାମୁଣ୍ଡା, ପ୍ରଭୃତି ଗ୍ରାମର ପ୍ରାୟ ୫୦ଜଣ ଆଦିବାସୀଙ୍କ ଚାଷ ଜମି ନଷ୍ଟ ହେବା ସହ କିଛି ଘର ମଧ ପୋତି ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି। ନିର୍ମାଣାଧିନ ଉକ୍ତ ସଡ଼କର କୌଣସି ଫଳକ ନଥିବାରୁ ଏହା କେଉଁ ବିଭାଗ ଦ୍ୱାରା ନିର୍ମାଣାଧିନ ସ୍ଥାନୀୟ ଲୋକେ ଜାଣି ପାରୁନାହାଁନ୍ତି। ବାମରା ବ୍ଲକ ହେଉଛି ପଞ୍ଚମ ଅନୁସୂଚୀ ଅଞ୍ଚଳ। ଏଠି ପେସା ଆଇନ କାର୍ଯ୍ୟକାରୀ ହେଉଥିବାରୁ କୌଣସି ବିକାଶମୂଳକ କାର୍ଯ୍ୟକ୍ରମ ପାଇଁ ଗ୍ରାମସଭାର ବିନା ଅନୁମୋଦନରେ ଜମି ହସ୍ତାନ୍ତରଣ ବେଆଇନ୍ ଅଟେ। କିନ୍ତୁ ଉକ୍ତ ସଡ଼କ ପ୍ରକଳ୍ପ ବେଆଇନ ଭାବରେ ଜମି ସବୁ ଦଖଲ କରିଥିବାବେଳେ ଆଦିବାସୀଙ୍କ ଚାଷଜମି ଏବଂ ଘର ସବୁ ମଧ ନଷ୍ଟ ହେବାକୁ ଯାଉଛି। ଅନ୍ୟ ପକ୍ଷରେ ଏହି ସଡ଼କ ପ୍ରକଳ୍ପ ଜଙ୍ଗଲ ଜମି ମଧ ଅତିକ୍ରମଣ କରି ଜଙ୍ଗଲ ଅଧିକାର ଆଇନ-୨୦୦୬ ଓ ସଂଶୋଧିତ ନିୟମାବଳୀ-୨୦୧୨ କୁ ମଧ ଖୋଲାଖୋଲି ଉଲ୍ଲଙ୍ଘନ କରୁଛି ବୋଲି ଅଭିଯୋଗ କରିଥିଲେ। ପ୍ରଥମେ ସ୍ଥାନୀୟ ଗୋଷୀ ଉନ୍ନୟନ ଅଧିକାରୀ ବାମରାଙ୍କୁ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅଭିଯୋଗ କରାଯାଇ ଦୃଷ୍ଟି ଆକର୍ଷଣ କରାଯିବାକୁ ମତ ପ୍ରକାଶ ପାଇଥିଲା। ଏହି ବେଆଇନ କାର୍ଯ୍ୟ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇ ଏହି କାମକୁ ରୋକାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକମୁକ୍ତି ସଂଗଠନ କେନ୍ଦ୍ରୀୟ କମିଟି ସଭାପତି ଗ୍ରେଗୋରୀ ସାମାଦ, ବ୍ଲକ ସଭାପତି ପାତ୍ର ବାଘ, କେନ୍ଦ୍ରୀୟ ସଂଯୋଜକ ଉମାକାନ୍ତ ନାଏକ, ଜଗବନ୍ଧୁ କାଲୋ, ବୃନ୍ଦାବନ ନାଏକ, ମିନକୁ ଲାକ୍ରା, ଉର୍ମିଳା ବେହେରା, ଛାୟାବତି କାଲୋ, ଅଙ୍ଗନୀ ତାର୍କି, ସାବାନି ତାର୍କି ପ୍ରଭୃତି ନେତୃବୃନ୍ଦ ଯୋଗଦାନ କରିଥିଲେ।

## ଗାଡ଼ି ଧକ୍କାରେ ଶଳା-ଭିଣୋଇ ଗୁରୁତର

**କୁଚିଣ୍ଡା, ୧୦।୪(ସମିସ):** ବୁଧବାର ଅପରାହ୍ନରେ କୁସୁମୀ ଫାଣ୍ଡି ଚିତ୍ରାପୋଷୀ ଛକ ପାଖରେ ଏକ ଅଜଣା ଗାଡ଼ି ଧକ୍କାରେ ଶଳା-ଭିଣୋଇ ଗୁରୁତର ଆହତ ହୋଇଛନ୍ତି। ଜଡ଼ା ନିକଟସ୍ଥ କଂସର ଗ୍ରାମର ଭିଣୋଇ ଚେରୁ ମହାକୁଳ ଓ ଶଳା ଖିରୋଦ ମହାକୁଳ(୫୦)। ସେମାନେ ଏକ ଟିଭିଏସ୍ ଲୁନାରେ ଯାଉଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ମାରି ଫେରାର ହୋଇଥିଲା। ରାସ୍ତାରେ ଛିଟିକି ପଡ଼ି ଛଟପଟ ହେଉଥିବାବେଳେ ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ଚେରୁଙ୍କ ଅବସ୍ଥା ଗୁରୁତର ଥିବାରୁ କୁଚିଣ୍ଡାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲାକୁ ପଠାଯାଇଥିଲା।

## କାର୍ ଦୁର୍ଘଟଣା, ବର୍ତ୍ତିଗଲେ ପରିବାର

**ଜମନକିରା, ୧୦।୪(ସମିସ):** ୫୩ନମ୍ବର ଜାତୀୟ ରାଜପଥରେ ସମ୍ବଲପୁର ପଟରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ଏକ ନୂତନ ସ୍ୱିଫ୍ଟ ଡିଜାୟାର କାର୍ ଓଡ଼ି ୦୫ବିଏସ୍ ୫୫୮୩ ଜମନକିରା ବନ୍ଧାଭୂଇଁ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତେବେ



ଭାଗ୍ୟବଶତଃ କାର୍‌ରେ ଥିବା ଏକ ପରିବାର ବିଶେଷ ହତାହତ ହୋଇ ନଥିଲେ। କାର୍‌ରେ ଥିବା ଦମ୍ପତି ଓ ତାଙ୍କର ତିନିମାସର ଶିଶୁ, ଦୁଇ ଶାଳୀ ଓ ଜଣେ ଶଳା ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଗଲେ ବୋଲି ଲୋକେ କହୁଛନ୍ତି। ୧୦୮କୁ ଫୋନ କଲାପରେ ତୁରନ୍ତ ପହଞ୍ଚି ଆହତଙ୍କୁ ଜମନକିରା ଡାକ୍ତରଖାନାକୁ ନେଇଥିଲା। ଡାକ୍ତର ସିଦ୍ଧାର୍ଥ ବେହେରା ସମସ୍ତଙ୍କୁ ପରୀକ୍ଷା କଲାପରେ ସମସ୍ତଙ୍କୁ ବିପଦମୁକ୍ତ ବୋଲି ପ୍ରକାଶ କରିଥିଲେ। ଦୁର୍ଘଟଣାଗ୍ରସ୍ତ କାର୍‌ର ବେଲୁନ୍ ବାହାରକୁ ବାହାରି ପଡ଼ିବା ଯୋଗୁ ସମସ୍ତଙ୍କର ଜୀବନ ବଞ୍ଚିଗଲା ବୋଲି ଆଲୋଚନା ହେଉଛି। ଡ୍ରାଇଭରର ଆଖି ଲାଗିଯିବରୁ ଦୁର୍ଘଟଣା ଘଟିଲା ବୋଲି ଦମ୍ପତି ପ୍ରକାଶ କରିଛନ୍ତି।

# ରେଙ୍ଗାଲି ଓ କୁଚିଣ୍ଡାରେ ବିଜେଡିର ବୈଠକ

## ଦଳପାଇଁ କାମ କରି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନମଣ୍ଡଳୀର ବିଜେଡି କର୍ମକର୍ତ୍ତାଙ୍କୁ ନେଇ ଆଜି ସତ୍ୟନ(ଜଟିଆ), ଦେବେନ୍ଦ୍ର କିଶୋର ପତି, ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ ପ୍ରମୁଖଙ୍କ ସହିତ ରେଙ୍ଗାଲି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌଭାଗ୍ୟ କୁମାର ନାୟକ ଉପସ୍ଥିତ ଥିଲେ। ୩୦୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଉପସ୍ଥିତ ରହି ଦଳ କିଭଳି ବିଜୟୀ ହେବ ମତ ରଖିଥିଲେ। ରେଙ୍ଗାଲି ପ୍ରାର୍ଥୀ ଶ୍ରୀ




କାଇଁଶିର ବିଜେଡି କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରେଙ୍ଗାଲି ବିଧାନସଭାସ୍ତରୀୟ କର୍ମୀ ଓ ବିଭିନ୍ନ ପଦରେ ଥିବା ନେତାମାନେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ରମେଶ ପଟୁଆ ଅଧ୍ୟକ୍ଷତା କରିଥିଲେ। ରେଙ୍ଗାଲି ପ୍ରାର୍ଥୀ ସୁଦର୍ଶନ ହରିପାଲଙ୍କ ସହିତ ଏଥିରେ ଯୁବନେତା ବିଶାଲ ଦାସ, ସମସ୍ତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ତିନି ବ୍ଲକର ସଭାପତି, ସଂଯୋଜକ/ସହସଂଯୋଜକ, ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇଥିଲେ। ଏମବି ହରିପାଲ ଆଜି ବିଭିନ୍ନ ଗ୍ରାମରେ ପ୍ରଚାର କରିଥିଲେ। ଧନକଉଡ଼ା ବ୍ଲକ ଓ ସମ୍ବଲପୁର ମହାନଗର ନିଗମ ଅଧିନରେ ଜନସାଧାରଣଙ୍କୁ ଭେଟି ଭୋଟ ଭିକ୍ଷା କରିବା ସହ ସୁଖଦୁଃଖ ବୁଝିଥିଲେ। ସେଠାରୁ ତବଲା ପଞ୍ଚାୟତ ଅନ୍ତର୍ଗତ ଗମାରିକଟା ଗ୍ରାମର ହରିଜନପଡ଼ାରେ ଆୟୋଜିତ ନାମଯଜ୍ଞ ଓ ଭାଲୁବାହାଲ ନାମଯଜ୍ଞରେ ଯୋଗଦେଇ ଦର୍ଶନ କରିଥିଲେ। ଧନକଉଡ଼ା ବ୍ଲକ ଚେୟାରମେନ ଶାସନ ସରପଞ୍ଚ, ସମିତି ସଭ୍ୟା ଓ କନଖିଣ୍ଡ ସରପଞ୍ଚ ଓ ସମିତି ସଭ୍ୟା ଉପସ୍ଥିତ ଥିଲେ।

## ସର୍ବାଙ୍ଗୀନ ବିକାଶ କରୁଥିବା ମୁଖ୍ୟମନ୍ତ୍ରୀଙ୍କୁ ପୁଣି ବିଜୟୀ କରିବା

**କୁଚିଣ୍ଡା, ୧୦।୪(ସମିସ):** କୁଚିଣ୍ଡା ବିଜେଡି କାର୍ଯ୍ୟାଳୟରେ ବିଜୁ ଜନତା ଦଳ ପକ୍ଷରୁ ଓ କୁଚିଣ୍ଡା ଆଦିବାସୀ ଭବନଠାରେ କୁଚିଣ୍ଡା ବିଜୁ ଜନତା ଦଳ ପକ୍ଷରୁ ଏବଂ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ନୂତନ ଭାବରେ ବିଜେଡିରେ ଯୋଗଦାନ ଦେଇଥିବା ପୂର୍ବତନ ବିଧାୟକ କୁଚିଣ୍ଡା ଓ ଲାଇକେରା ବୃନ୍ଦାବନ ମାଝିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏଥିରେ ବିଜୁ ଜନତା ଦଳର ସ୍ଥାନୀୟ ବିଧାୟକ



କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ସମ୍ପାଦକ ରଶ୍ମୀକାନ୍ତ ସାମଲ, ଆଦିବାସୀ ସଙ୍ଗଠନ ପକ୍ଷରୁ ରମେଶ ପଧାନ, କିସାନ ସମାଜରୁ ରାମଚନ୍ଦ୍ର ମିଞ୍ଜ, ଅନାଦି ମିର୍ଦ୍ଧା, ପ୍ରମୋଦ ମିର୍ଦ୍ଧା, ଗୋଉଡ ସମାଜରୁ ଭରତ ମହାକୂଳ, ଗଣ୍ଡ ସମାଜରୁ ମଦନମୋହନ ଧାରୁଆ, ମୁଣ୍ଡା ସମାଜରୁ ସୁକଲ ମୁଣ୍ଡା, ଶୁଣ୍ଢୀ ସମାଜରୁ ଦିବ୍ୟରାଜ ସାହୁ, ମାଳି ସମାଜରୁ ଗୌତମ ପଟେଲ, ଧୋବା ସମାଜରୁ ଚିନ୍ତାମଣି ସେଠ ପ୍ରମୁଖ ସାମାଜିକ ସଙ୍ଗଠକମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ବୃନ୍ଦାବନ ମାଝି ବିଜେଡ଼ିରେ ମିଶ୍ରଣର ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରାଜ୍ୟରେ ସର୍ବତ୍ର ବିକାଶମୂଳକ କାର୍ଯ୍ୟ ଯୋଗୁ ସମସ୍ତେ ଏବେ ବିଜେଡିମୁହାଁ ବୋଲି କହିଥିଲେ। ଚାଷୀ, ଶ୍ରମିକ, ବୁଢ଼ାବୁଢି, କଳାକାରମାନଙ୍କ ପେନସନ ବୃଦ୍ଧି, ବିଜୁ ସ୍ୱାସ୍ଥ୍ୟ ଯୋଜନା, ମହିଳା ସଶକ୍ତିକରଣ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଧାର୍ମିକ ଅନୁଷ୍ଠାନର ଭିତ୍ତିଭୂମିର ରୂପାନ୍ତରୀକରଣ ଓ ବିକାଶକୁ ଆଧାରକରି ଆଗାମୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ସମସ୍ତେ ମିଳିମିଶି ବିଜେଡ଼ି ପ୍ରାର୍ଥୀଙ୍କୁ ବିଜୟୀ କରିବା ଓ କୁଚିଣ୍ଡା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ପାଇଁ ଅନବରତ କାମ କରିବା ବୋଲି ଆହ୍ୱାନ ଦେଇଥିଲେ। ସ୍ଥାନୀୟ ବିଧାୟକ ଶ୍ରୀ ନାଏକ ମଧ ସମାନ ରୂପେ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ବୋଲି ସଂକଳ୍ପ ନେଇଥିଲେ।

## ବାଇକ୍ ଦୁର୍ଘଟଣା ଯୁବକ ଗୁରୁତର

**କୁଚିଣ୍ଡା, ୧୦।୪(ସମିସ):** ବୁଧବାର ଅପରାହ୍ନରେ କୁଚିଣ୍ଡା ଥାନା ଚାରଭାଟି ଗ୍ରାମର କ୍ଷୀରୋଦ ଦେହୁରୀ(୩୯) ଏକ ବାଇକ୍‌ରେ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି। ସେ କୁଚିଣ୍ଡା ଫରେଷ୍ଟ ପାର୍କରେ ଥିବା ନୂତନ ତହସିଲ କାର୍ଯ୍ୟାଳୟ ପାଖରେ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁହଁ ଓ ନାକରୁ ପ୍ରବଳ ରକ୍ତ ବାହାରିଥିଲା। ଦମକଳବାହିନୀ ତାଙ୍କୁ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ।

## ମଦ ଜବତ ମହିଳା ଗିରଫ

**କୁଚିଣ୍ଡା, ୧୦।୪(ସମିସ):** ବୁଧବାର ମହୁଲପାଲି ପୁଲିସ ଦିନବେଳା ପାଟ୍ରୋଲିଂ କରୁଥିବାବେଳେ ଜଣେ ମହିଳାଙ୍କ ଠାରୁ ଦେଶୀ ମଦ ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛି। ମହୁଲପାଲି ଥାନା ଲାଙ୍ଗାପୋଷ ଗ୍ରାମର ସତ୍ୟ କିସାନ୍ (୩୫)ଙ୍କ ଠାରୁ ଦୁଇଟି ପ୍ଲାଷ୍ଟିକ୍ ଜାରକିନରେ ୨୦ଲିଟର ଦେଶୀ ମଦ ଜବତ କରିଛି।

### ଯୁଯୁମୁରାରେ ଅଷ୍ଟଶମ୍ଭୁଙ୍କ ମହାମିଳନ

# ଦର୍ଶନ କରି ମାନସିକ ରଖିଲେ ଶ୍ରଦ୍ଧାଳୁ

**ସମ୍ବଲପୁର, ୧୦।୪(ସମିସ)**

ସମ୍ବଲପୁର ଜିଲ୍ଲା ଯୁଯୁମୁରା ଗ୍ରାମରେ ଅଷ୍ଟଶମ୍ଭୁଙ୍କ ମହାମିଳନ ହୋଇଯାଇଛି। ୮ଗୋଟି ମନ୍ଦିରର



ମହାଦେବ ଏକାଠି ହୋଇ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରି ମାନସିକ ରଖିଥିଲେ। କପିଳେଶ୍ୱର ବାବା ଯୁଯୁମୁରା, ଧବଳେଶ୍ୱର ବାବା ବଡ଼ମାଲ, ସିଦ୍ଧେଶ୍ୱର ବାବା ଲେଫ୍ରିପଡ଼ା, ଲିଙ୍ଗେଶ୍ୱର ବାବା ଲିପିଣ୍ଡା, କେଦାରେଶ୍ୱର ବାବା କୁଆଖୋଳ, ଯୋଗେଶ୍ୱର ବାବା ସାରଯୋରୀ, ବିମଳେଶ୍ୱର ବାବା ଅଇଁଲାଝରନ, କାଶୀବିଶ୍ୱନାଥ ରେଢ଼ାଖୋଲ ଦଣ୍ଡପାଟି ଏକାଠି ହୋଇଥିଲେ। ଯୁଯୁମୁରା ଗ୍ରାମ ଆମ୍ବୁରେଇ ପଡ଼ିଆରେ ଅଷ୍ଟଶମ୍ଭୁଙ୍କ ପାଇଁ ଅସ୍ଥାୟୀ ଭାବେ ବ୍ୟବସ୍ଥା କରାଯାଇଥିଲା। ଯୁଯୁମୁରା ଗ୍ରାମ ସହିତ ଆଖାପାଖ ଗ୍ରାମାବାସୀ ଯୋଗଦେଇ ସହଯୋଗ କରିଥିଲେ। ସକାଳେ ଅଷ୍ଟଶମ୍ଭୁଙ୍କୁ ଭବ୍ୟ ସ୍ୱାଗତ କରି ପୂଜାର୍ଚ୍ଚନା କରିଥିଲେ। ଦିନତମାମ ଭକ୍ତଙ୍କ ସମାଗମ ଲାଗିରହିଥିଲା। ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା।

ଏହି ଅଷ୍ଟଶମ୍ଭୁ ମହାମିଳନ ଅବସରରେ ବିଜୁ ମହିଳା ଜନତା ଦଳର ନେତ୍ରୀ ତଥା ବିଧାୟକ ଙ୍ଗ ରୋହିତ ପୂଜାରୀଙ୍କ ଧର୍ମପତ୍ନୀ ବୈଶାଳୀ ପୂଜାରୀ ଅଷ୍ଟଶମ୍ଭୁ ଦର୍ଶନ କରିଥିଲେ। ଅଷ୍ଟଶମ୍ଭୁ ମହମିଳନରେ ଯୋଗଦାନ କରି ଆଶୀର୍ବାଦ ଗ୍ରହଣ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଥିଲେ। ସେ କହିଥିଲେ, ଅଷ୍ଟଶମ୍ଭୁ ମହମିଳନ ଓ ଦଣ୍ଡ ପରମ୍ପରାର ଏକ ଅନନ୍ୟ ପର୍ବ। ରେଢ଼ାଖୋଲ ନିର୍ବାଚନମଣ୍ଡଳୀର ପ୍ରାୟ ସମସ୍ତ ଅଞ୍ଚଳରେ ଦଣ୍ଡ ସଂସ୍କୃତି ଏବଂ ପରମ୍ପରା ବହୁଳ ଭାବରେ ପ୍ରଚଳିତ ବୋଲି କହିଥିଲେ। ବିଧାୟକ ଶ୍ରୀ ପୂଜାରୀ ପୂଜାର୍ଚ୍ଚନା କରିବା ସହ ଶ୍ରଦ୍ଧାଳୁମାନଙ୍କୁ ସ୍ୱେଚ୍ଛାସେବୀମାନଙ୍କ ସହ ମିଶି ଭୋଗ ବିତରଣ କରିଥିଲେ। ୧୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ମହିଳା ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଉଷା ପ୍ରଧାନ, ବ୍ଲକ ବିଜେଡି ସଭାପତି ବିନୋଦ ବଡ଼ପଣ୍ଡା, ବ୍ଲକ ମହିଳା ଜନତା ଦଳର ସଭାପତି ଲଳିତା ପ୍ରଧାନ, ସମ୍ବଲପୁର ଜୋନ ଯୁବ ଜନତା ଦଳର ସଭାପତି ଦେବାଶିଷ ପରିଡ଼ା, ବ୍ଲକ ଯୁବ ବିଜେଡି ସଭାପତି ବିଜୟ ବିଶ୍ୱାଳ, ବିଜେଡି ନେତା ସୁଶିଲ ବେହେରା, ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ ମିର୍ଦ୍ଧା, ଲିପିଣ୍ଡା ସମିତି ସଭ୍ୟ ନୃପ ଶେଖର କୁମୁରା, ମେଘପାଲ ସରପଞ୍ଚ ମମତା ପ୍ରଧାନ, ଅଶ୍ୱିନୀ ଦେହୁରୀ, ନୃଷିଂହ ଦେହୁରୀ, ଅବନୀ କୁମୁରା, ସଞ୍ଜୟ ବିଶ୍ୱାଳ, ଲିଙ୍ଗରାଜ ଦାସ, ପ୍ରଭାକର ଭୋଇ, ଲଳିତ ବିଶ୍ୱାଳ, ଦୀପକ ପ୍ରଧାନ, ନିତୁ ଦେହୁରୀ, ରାମ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଜୁ ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଗ୍ରାମବାସୀଙ୍କ କହିବା ଅନୁସାରେ, ଦଣ୍ଡନୃତ୍ୟ କରିବା ଅର୍ଥ ହେଲା ଦେବତାଙ୍କୁ ସନ୍ତୁଷ୍ଟ କରିବା। ଏଥିରେ ମୁଖ୍ୟ ଦେବତା ହେଉଛନ୍ତି ଦେବ ଦେବ ମହାଦେବ। ଦଣ୍ଡନୃତ୍ୟରେ ଉଭୟ ଶିବ ଓ ଶକ୍ତିଙ୍କ ଉପାସନା କରାଯାଇଥାଏ। ଚୈତ୍ର ମାସରେ ଏହି ବ୍ରତ ପାଳନ ହୋଇଥାଏ। ମାନସିକ କରିଥିବା ବ୍ୟକ୍ତିର ଘର ସମ୍ମୁଖରେ ଚୈତ୍ରର ଉଦ୍‌ଉଦିଆ ଦ୍ୱିପହରେ ଦଣ୍ଡନୃତ୍ୟ ଦଳ ବିଜେ ହୋଇ ପାଣିଦଣ୍ଡ ଆରମ୍ଭ କରିଥାନ୍ତି। ପାଣିଦଣ୍ଡ ବିଶେଷ ଭାବରେ କୃଷିଭିତ୍ତିକ କାର୍ଯ୍ୟକ୍ରମ ଉପରେ ପର୍ଯ୍ୟବଷିତ। ପାଣିଦଣ୍ଡ ଶେଷରେ ନିକଟରେ ଥିବା ପୋଖରୀ, ନଈ, ନାଳରେ ଠାକୁରଙ୍କୁ ନେଇ ବାଲୁକା ପୂଜା କରାଯାଏ।



# ନିଶ୍ଚିତ ଭୋଟ ଦେବା ପାଇଁ ଭୋଟରଙ୍କୁ ସଚେତନ କଲେ ଡାକ କର୍ମଚାରୀ



**ଭଟଲି, ୧୦।୪(ସମିସ):** ଭୋଟ ଦେବା ସମସ୍ତ ନାଗରିକଙ୍କ ମୌଳିକ ଅଧିକାର ଅଟେ। ଜଣେ ଭାରତୀୟ ନାଗରିକ ଭାବେ ଭାରତର ଏହି ମହାନ ପର୍ବରେ ସାମିଲ ହେବା ଆମ ପାଇଁ ସୌଭାଗ୍ୟର ବିଷୟ। ସେଥିପାଇଁ ନିଜର ମତ ସାବ୍ୟସ୍ତ କରି ଜଣେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଆମର ପ୍ରଧାନ କର୍ତ୍ତବ୍ୟ ବୋଲି ବରଗଡ଼ ଜିଲ୍ଲା ଭଟଲି ଉପଡ଼ାକଘର କର୍ମଚାରୀଙ୍କ ପକ୍ଷରୁ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉପଡ଼ାକଘର ପକ୍ଷରୁ କର୍ମଚାରୀମାନେ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ମାଉଁସୀ ମାଁ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏହି ସମୟରେ ଭୋଟରଙ୍କୁ ନିଶ୍ଚିତ ଭାବେ ନର୍ବାଚନ ପର୍ବରେ ସାମିଲ ହେବା ସହିତ ମତଦାନ କରିବା ପାଇଁ ସଚେତନ କରାଇଥିଲେ। ଏହି ଅବସରରେ ସେମାନେ ବିଭିନ୍ନ ପ୍ରକାର ସଚେତନତା ବାର୍ତ୍ତାଥିବା ପୋଷ୍ଟର, ବ୍ୟାନର ଏବଂ ପ୍ଲାକାର୍ଡ଼ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡାକମଣ୍ଡଳ ସହକାରୀ ଅଧିକ୍ଷକ ସତ୍ୟବ୍ରତ ଗହନ, ଉପଡ଼ାକଘର ପୋଷ୍ଟମାଷ୍ଟର ସୌମ୍ୟରଞ୍ଜନ ସାହୁ, ସୁଜିତ ସାହୁ, ରୁଦ୍ରଦେବ ସାହୁ, ରାଜା ସେଠ୍, ସୁବାଷ ପାଣିଗ୍ରାହୀ, ନୌସାଗର ପଧାନ, ସୁଶ୍ରୀ ମହାପାତ୍ର, ରିତିକା କହଁର, ମହାଦେବ ସାହ. କୁମୁଦ ସାହୁ, ଲଳିତ ବୁଧିଆଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ଗନ୍ଧମାର୍ଦ୍ଦନରେ ପୁଲିସ-ମାଓବାଦୀ ଗୁଳି ବିନିମୟ

# ପୁଣି ଖସିଗଲା ଟପ୍ କ୍ୟାଡର ସୁଦର୍ଶନ

**ବରଗଡ଼, ୧୦।୪(ସମିସ)**

ଗତ ସୋମବାର ବରଗଡ଼ ଜିଲ୍ଲା ଗନ୍ଧମାର୍ଦ୍ଦନ ପାହାଡ଼ରେ ସୁରକ୍ଷା କର୍ମୀ ଏବଂ ମାଓବାଦୀ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନା ବିଶଦ ଭାବରେ ସୂଚନା ଦେଇଛନ୍ତି। ଗନ୍ଧମାର୍ଦ୍ଦନରେ ଏବେ ମଧ୍ୟ କୁମ୍ବିଂ ଚାଲିଥିବା ନେଇ ସେ ସୂଚନା ଦେଇଛନ୍ତି। ଗତ ସୋମବାର ହୋଇଥିବା ଗୁଳି ବିନିମୟ ପରେ ମାଓବାଦୀ ମାନେ ଛତ୍ରଭଙ୍ଗ ଦେଇଥିବା ସହ ସୁରକ୍ଷାକର୍ମୀମାନେ ସେଠାରେ ମାଓକ୍ୟାମ୍ପ ଠାବ କରିଥିବା ଏବଂ ମାଓବାଦୀଙ୍କ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ବଲାଙ୍ଗୀର-ବରଗଡ଼-ମହାସମୁଦ (ବିବିଏମ) ଡିଭିଜନର ଏହି ମାଓ ସଂଗଠନରେ ଟପ୍‌କ୍ୟାଡ଼ର ସୁଦର୍ଶନ ରହିଥିବା ବେଳେ ଗୁଳି ବିନିମୟ ସମୟରେ ସେଠାରୁ ପୁଣି ଥରେ ଖସି ଯାଇଥିବା ଏସପି କହିଛନ୍ତି। ଗତ ଫେବୃୟାରୀ ୨୩ ତାରିଖରେ ପାଇକମାଲର ଖଣ୍ଡିଝରନରେ ସୁରକ୍ଷା କର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା।



ସେ ସମୟରେ ମଧ୍ୟ ପୁଲିସ ହାତରୁ ସୁଦର୍ଶନ ଖସି ଯାଇଥିଲା। ଗତ ୬ ତାରିଖଠାରୁ ପାଇକମାଲ ଥାନା ଗନ୍ଧମାର୍ଦ୍ଦନ ପାହାଡରେ ପୁଲିସ ଯବାନଙ୍କ କୁମ୍ବିଂ ଜାରି ରହିଥିବା ବେଳେ ସୋମବାର ସଂଧାରେ ଗନ୍ଧମାର୍ଦ୍ଦନର କପିଳଧାର ନିକଟରେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇଥିଲା। ଉଭୟ ପକ୍ଷରୁ ସେଠାରେ ଗୁଳିବିନିମୟ ହୋଇଥିବା ବେଳେ ପରେ ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଚାଲିଯାଇଥିଲେ। ମାଓବାଦୀମାନେ ଛତ୍ରଭଙ୍ଗ ଦେବା ପରେ ସୁରକ୍ଷାକର୍ମୀ ସେଠାରେ ତଲାସୀ କରିବା ସହ ଏକ ଅସ୍ଥାୟୀ କ୍ୟାମ୍ପ ଠାବ କରି ମାଓବାଦୀମାନେ ବ୍ୟବହାର କରୁଥିବା ବିଭିନ୍ନ ସାମଗ୍ରୀ ଜବତ କରିଥିଲେ। ଜବତ ସାମଗ୍ରୀ ମଧ୍ୟରେ ମାଓ ପ୍ରଚାରପତ୍ର, ମାଓଟୋପି, ବ୍ଲାଙ୍କେଟ୍, ଡ୍ରେସ, ବ୍ୟାଟେରୀ, ଚାର୍ଜର, ରେଡିଓ ସେଟ, ଜୋତା, ସ୍ଲିପର, ଡେଟୋନେଟର, କୋଡେକ୍ସ, ରନ୍ଧନ ସାମଗ୍ରୀ, ଛତା, ଖାଦ୍ୟ ସାମଗ୍ରୀ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଦି ରହିଛି। ଏହି କ୍ୟାମ୍ପରେ ବଲାଙ୍ଗୀର-ବରଗଡ଼-ମହାସମୁଦ ଡିଭିଜନର ଟପ୍ କ୍ୟାଡ଼ର ସୁଦର୍ଶନ ସହ କିଛି ମହିଳା କ୍ୟାଡର ରହିଥିବା ବେଳେ ପାଖାପାଖି ୧୨ ରୁ ୧୫ ଜଣ ମାଓବାଦୀ ରହିଥିବା ନେଇ ବରଗଡ଼ ଏସପି ସୂଚନା ଦେଇଛନ୍ତି। ମାଓ ଅଧ୍ୟୁଷିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯିବା ସହ ଆଗାମୀ ସାଧାରଣ ନିର୍ବାଚନ ସୁରୁଖୁରରେ କରାଯିବାକୁ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବରଗଡ଼ ଏସପି ସୂଚନା ଦେଇଛନ୍ତି। ସେହିପରି ମାଓବାଦୀମାନେ ରକ୍ତପାତ, ହିଂସା ରାସ୍ତା ପରିତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ବରଗଡ଼ ଏସପି ଆହ୍ୱାନ ଦେଇଛନ୍ତି।

# ମହୁଲ ଓ ମଦ ବୋଝେଇ ପିକ୍‌ଅପ୍ ଜବତ, ଜଣେ ଗିରଫ

**ଝାରବନ୍ଧ ୧୦।୪(ସମିସ):** ଝାରବନ୍ଧ ଅଞ୍ଚଳରୁ ବ୍ୟାପକ ମାତ୍ରାରେ ମହୁଲ ଫୁଲ ଛତିଶଗଡ଼କୁ ଚୋରା ଚଲାଣ ହେବା ଦ୍ୱାରା ଚାଷୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ତେଣୁ ପୁଲିସ ପକ୍ଷରୁ ତନାଘନା ଯାଞ୍ଚ ଆରମ୍ଭ ହୋଇଛି। କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଯାନବାହନ ତନଖି ସମୟରେ ଏକ ପିକ୍‌ଅପ୍ ସିଜି ୦୬ଜି ଏନ ୫୭୨୯ ରେ ଛଅ କ୍ୱିଣ୍ଟାଲ ମହୁଳ ଫୁଲ ଓ ୩୦ଲିଟର ଦେଶୀ ମଦ ଚାଲାଣ ହେଉଥିବା ଜଣାପଡ଼ିଥିଲା। ପୁଲିସ ଗାଡ଼ିକୁ ଜବତ କରି ଡ୍ରାଇଭର ବସନା ଥାନା ଗଡ଼ପଟଣୀ ଗ୍ରାମର ବସୁଦେବ ଡନସନାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ପ୍ରକାଶ।



# ଛାତ୍ରୀ ବର୍ଷା ମେହେରଙ୍କ ସ୍ୱର୍ଣ୍ଣପଦକ ହାସଲ



**ବରପାଲି, ୧୦।୪ (ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଛାତ୍ରୀ ବର୍ଷା ମେହେରଙ୍କ ସଫଳତା ଅଞ୍ଚଳକୁ ଗୌରବ ଆଣିବାରେ ସହାୟକ ସାଜିଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ତରରେ ହିନ୍ଦୀ ବିଭାଗରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ବର୍ଷା ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ସ୍ନାତକୋତ୍ତର ହିନ୍ଦୀ ବିଭାଗରେ ଅଧ୍ୟୟନ କରୁଛନ୍ତି। ବିଶ୍ୱ ବିଦ୍ୟାଳୟ ସ୍ତରୀୟ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗ ମାନଙ୍କର ସମସ୍ତ ପରୀକ୍ଷାର୍ଥୀ ମାନଙ୍କୁ ପଛରେ ପକାଇ ବର୍ଷା ସର୍ବଶ୍ରେଷ୍ଠ ହୋଇଥିବାରୁ ରାଜ୍ୟପାଳଙ୍କ ନିକଟରୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ସେହିପରି ଓସାନି ପୁରସ୍କାର ୨୦୨୩, ବେଷ୍ଟ ଓମେନ ଗ୍ରାଜୁଏଟ ପୁରସ୍କାର ମଧ୍ୟ ପ୍ରାପ୍ତି କରିଥିଲେ। ଜେଡି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଯତୀନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବରେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ୱଳ ଭବିଷ୍ୟତର କାମନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଅଧ୍ୟାପକ ନେପାଳ ବିଶ୍ୱାଳ, ଅଧ୍ୟାପିକା ନିଳୀମା ନାୟକ, ଜ୍ୟୋତି ସାହୁ, ପୁନମ ସାହୁ, ଶୋଭାବତୀ ଥପା, ମନୀଷା ଭୋଇ, ସସ୍ମିତା ମେହେର, ପିଙ୍କି ବାରିକ ସମେତ ସହକର୍ମୀ ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ବରଗଡ଼ ବିଜେଡିର ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି

# ଦଳୀୟ କର୍ମୀଙ୍କୁ ବିଜୟମନ୍ତ୍ର ଫୁଙ୍କିଲେ ଦେବେଶ

**ବରଗଡ଼, ୧୦।୪(ସମିସ):** ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ବିଜେଡି ଆଗାମୀ ନିର୍ବାଚନରେ ବରଗଡ଼ ବିଧାନସଭା ପାଇଁ ପୁର୍ନବାର ପ୍ରାର୍ଥୀ ଭାବେ ଘୋଷଣା କରିଥିବା ବେଳେ ବିଜେଡି କର୍ମୀ ମହଲରେ ଆନନ୍ଦ ଲହରୀ ଖେଳିଯାଇଛି। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପ୍ରାକ୍ ନିର୍ବାଚନୀ ପ୍ରସ୍ତୁତି ବୈଠକ ଖଲିଆପାଲିଠାରେ ଅନୁଷ୍ଠିତ ହୋଇଯାଇଛି। କଟାପାଲି, ଦେଓଗାଁ, ବରଗାଁ, ଖଲିଆପାଲି ଓ ବରଡୋଲ ପଞ୍ଚାୟତର ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ। ବରଗଡ଼ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ଏହି ବୈଠକକୁ ସଂଯୋଜନା କରିଥିବା ବେଳେ ବରିଷ୍ଠ ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ମୋହନ ଲୁହା, ଜିଲ୍ଲା ପରିଷଦ ସଦସ୍ୟା ପୁଷ୍ପା ଭୋଇ, ବରଗଡ଼ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, କଟାପାଲି ସରପଞ୍ଚ ରମେଶ ସାହୁ, ଦେଓଗାଁ ସମିତି ସଭ୍ୟ କୈଳାଶ ପ୍ରଧାନ ପ୍ରମୁଖ ଯୋଗଦେଇ ବରଗଡ଼ ବ୍ଲକରେ ବିଜୁ ଜନତା ଦଳର ସ୍ଥିତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ପ୍ରସଙ୍ଗ ସହିତ ବରଗଡ଼ ନିର୍ବାଚନମଣ୍ଡଳୀର ସାମଗ୍ରୀକ ତଥା ବ୍ୟାପକ ପ୍ରଗତିର ବିବରଣୀ ମତଦାତାଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଧାୟକ ଶ୍ରୀ ଆଚାର୍ଯ୍ୟ ଆହ୍ୱାନ ଦେବା ସହ କର୍ମୀଙ୍କୁ ବିଜୟ ମନ୍ତ୍ର ଫୁଙ୍କିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ଦଳୀୟ କର୍ମୀ ଉପସ୍ଥିତ ରହି ସାଂଗଠନିକ ସ୍ଥିତି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ହଳଧର ସାହୁ, ରାଜୁ ସୁନା, ପୌଲସ୍ତ ପ୍ରଧାନ, ଚନ୍ଦ୍ରକାନ୍ତ ପଟ୍ଟନାୟକ, ଲଳିତ ବେହେରା, ସିପୁ ସାହୁ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ଏସ୍ ଡୁମ୍ବେରପାଲିରେ ବିଧାୟକଙ୍କ ଜନ ସମ୍ପର୍କ ଅଭିଯାନ



**ବରଗଡ଼, ୧୦।୪(ସମିସ):** ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଏସ୍ ଡୁମ୍ବେରପାଲିରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଦ୍ୱାରା ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇ ଯାଇଛି। ବିଧାୟକ ଶ୍ରୀ ଆଚାର୍ଯ୍ୟ ଉକ୍ତ ଗ୍ରାମରେ ପହଞ୍ଚି ବିଭିନ୍ନ ପଡ଼ାର ଜନସାଧାରଣଙ୍କୁ ଭେଟିବା ସହ ବିଭିନ୍ନ ଅସୁବିଧା ସୁବିଧା ପଚାରି ବୁଝିବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନର ହିତାଧିକାରୀମାନେ ତୃଣମୂଳ ସ୍ତରରେ କିପରି ଲାଭବାନ ହେଉଛନ୍ତି ତାହା ପଚାରି ବୁଝିଥିଲେ। ଏଥି ସହିତ ଗ୍ରାମର ମନ୍ଦିରରେ ପୂଜାର୍ଚ୍ଚନା କରିଥିବା ବେଳେ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ନାମଯଜ୍ଞରେ ମଧ୍ୟ ସାମିଲ ହୋଇଥିଲେ। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସହିତ ଗ୍ରାମର ଯୁବ ଗୋଷ୍ଠୀ ସାକ୍ଷାତ କରି ଗ୍ରାମର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ସ୍ୱଭାବକବିଙ୍କ ଶ୍ରାଦ୍ଧ ଶତବାର୍ଷିକୀର ଷଷ୍ଠ ଦିବସ

**ବରପାଲି, ୧୦।୪ (ସମିସ):** ବରପାଲି ଗଙ୍ଗାଧର ସ୍ମୃତି ଭବନ କମିଟି ଦ୍ୱାରା ଆୟୋଜିତ ସାରସ୍ୱତ ସମାରୋହ ଷଷ୍ଠ ଦିବସରେ ପହଞ୍ଚିଯାଇଛି। ଗଙ୍ଗାଧର ମେହେର ପ୍ରତିଷ୍ଠାନ ଦ୍ୱାରା କବିଙ୍କ ସାରସ୍ୱତ ସମାରୋହ ଆୟୋଜିତ ହୋଇଥିଲା ମୁଖ୍ୟଅତିଥି ଭାବରେ ଦିଲିପ ଦାଶଶର୍ମା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସରୋଜ ମେହେର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରତିଷ୍ଠାନ ସଭାପତି ମିହିର କୁମାର ମେହେରଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିଲା। ଏହି ଅବସରରେ ଆର୍ନ୍ତଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା ବିଶିଷ୍ଟ ଚିତ୍ରଶିଳ୍ପୀ ସରୋଜ କୁମାର ରାଉତଙ୍କୁ ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ମନୋରଞ୍ଜନ ମେହେର ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନ ସଦସ୍ୟା ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ମେହେର ବିବରଣୀ ଉପସ୍ଥାପନ କଲା ପରେ ମୁଖ୍ୟବକ୍ତା ଡ. ଶେଷନ ବିଶି ଗଙ୍ଗାଧର ସାହିତ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପୁରୁଷୋତ୍ତମ ମିଶ୍ର ନିଜ ବକ୍ତବ୍ୟରେ କବିଙ୍କ ସାହିତ୍ୟର ବିଶେଷତା ଉପରେ ଆଲୋଚନା କରିଥିଲେ। ସଭାପତି ମିହିର କୁମାର ମେହେର ଅନୁଷ୍ଠାନର କାର୍ଯ୍ୟକଳାପ ସମ୍ପର୍କରେ ବୁଝାଇଥିଲେ। ସରୋଜ କୁମାର ମେହେର ସଭା ସଂଯୋଜନା କରିଥିଲେ। ଅବନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶହେ ଜଣ କଳାକାରଙ୍କୁ ନେଇ ଏକ ମଶାଲ ଶୋଭାଯାତ୍ରା କବିଭବନରୁ ବାହାରି ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା।



# ବିଶ୍ୱ ହୋମିଓପାଥି ଦିବସ ପାଳିତ

**ବରଗଡ଼, ୧୦।୪(ସମିସ):** ହୋମିଓପାଥି ଚିକିତ୍ସା ବିଜ୍ଞାନର ଜନକ ଡା.ସାମୁଏଲ ହ୍ୟାନିମାନଙ୍କ ଜୟନ୍ତୀ ଅବସରରେ ବରଗଡ଼ରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରଗଡ଼ ଜିଲ୍ଲା ହୋମିଓପାଥିକ ମଣ୍ଡଳ ପକ୍ଷରୁ ପାଳିତ ଏହି କାର୍ଯ୍ୟକ୍ରମରେ ସିଡିଏମଓ ଡା. ସୁବାଷ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିଏମଓ ଡା. ସୁଶୀଲ କୁମାର ଦାଶ, ଜିଲ୍ଲା ମୁଖ୍ୟ ହୋମିଓପାଥିକ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ମହାନ୍ତି, ଜିଲ୍ଲା ଆୟୁର୍ବେଦିକ ଚିକିତ୍ସା ଅଧିକାରୀ ଡା. ଲକ୍ଷ୍ମୀଶ୍ରୀୟା ବେହେରା, ଡା. କପିଳାଶ ଭୋଇ, ଡିପିଏମ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ହ୍ୟାନିମାନଙ୍କ ଜୀବନୀ ଓ ହୋମିଓପାଥିକ ଚିକିତ୍ସା ବିଜ୍ଞାନ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ବରଗଡ଼ ଜିଲ୍ଲାର ବିଭିନ୍ନ ହୋମିଓପାଥିକ ଚିକିତ୍ସକ ମଧ୍ୟ ଯୋଗଦେଇଥିଲେ। ଡା. ଶିଲ୍ପା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡା. ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମିଗ୍‌ଜୋମ୍ କ୍ଷୟକ୍ଷତି ସଂକ୍ରାନ୍ତୀୟ ସଠିକ ତଥ୍ୟ ପ୍ରଦାନ ନକଲେ

# ତହସିଲ ଅଫିସରେ ୧୪ରୁ ତାଲା ଝୁଲିବ

**ପଦ୍ମପୁର, ୧୦।୪(ସମିସ)**

ମିଗ୍‌ଜୋମ କ୍ଷୟକ୍ଷତି ସଂକ୍ରାନ୍ତୀୟ ସଠିକ ତଥ୍ୟ ପଦ୍ମପୁର ତହସିଲଦାର ନଦେଲେ ଆଗାମୀ ୧୪ରେ ଅଫିସରେ ତାଲା ମାରିବେ ବୋଲି କୃଷକ ସଂଗଠନର ଏକ ପ୍ରତନିଧି ମଣ୍ଡଳୀ ଚେତାବନୀ ଦେଇଛନ୍ତି। ଖରିଫ ଫସଲ ଅମଳ ପୂର୍ବରୁ ଡିସେମ୍ବର ୪ରୁ ୭ ପର୍ଯ୍ୟନ୍ତ ସାମୁଦ୍ରିକ ଝଡ଼ ମିଗ୍‌ଜୋମ୍ ହଠାତ୍ ଆବିର୍ଭାବ ହୋଇ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଲା। କ୍ଷୟକ୍ଷତି ଜନିତ ସହାୟତା ପାଇଁ ଚାଷୀମାନେ କ୍ଷତି ଫସଲର ଫଟୋ ଓ ଆବଶ୍ୟକ କାଗଜାତ ତହସିଲ ଅଫିସରେ ଦାଖଲ କଲେ। ବରଗଡ଼ ଜିଲ୍ଲାର ୪୦ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିବା ରିପୋର୍ଟ ସରକାରଙ୍କୁ ପ୍ରଦାନ କଲେ। କିନ୍ତୁ ବୀମା କମ୍ପାନୀ ୪ ଶହ ହେକ୍ଟର କ୍ଷତି ହୋଇଥିବା ଦର୍ଶାଇ ଥିଲେ। ଫଳରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇ ଜିଲ୍ଲା କୃଷି କାର୍ଯ୍ୟଳୟ ଅଚଳ କରି ଦେଇଥିଲେ। ତ୍ରିପାକ୍ଷିକ ଆଲୋଚନା ପରେ ପ୍ରଥମ ପର୍ଯ୍ୟାୟ ବୀମା ରାଶି ବଣ୍ଟନ ଆରମ୍ଭ କରିଥିଲେ। ମାତ୍ର କ୍ଷୋଭର ବିଷୟ ଯେ, ପଦ୍ମପୁର ତହସିଲ ଅଫିସ ଅଧୀନରେ କେତେ ଚାଷଜମି କ୍ଷତି ହୋଇଛି ତାର ସଠିକ୍ ତଥ୍ୟ ନାହିଁ। ଚାଷୀମାନେ ବାରମ୍ବାର ପଚାରି ଥିଲେ ସୁଦ୍ଧା କୌଣସି ସନ୍ତୋଷଜନକ ଉତ୍ତର ପାଇ ନଥିଲେ। ତେଣୁ ବାଧ ହୋଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଆଗାମୀ ୧୪ ତାରିଖ ସୁଦ୍ଧା ଯଦି ଚାଷୀଙ୍କୁ ସଠିକ ତଥ୍ୟ ନ ମିଳେ, ତେବେ ତହସିଲ ଅଫିସରେ ତାଲା ପକାଇ ବନ୍ଦ କରିବେ ବୋଲି ଚାଷୀ ମାନେ ଲିଖିତ ଅଭିଯୋଗ କରିଛନ୍ତି। ଚାଷୀପ୍ରତିନିଧି ମଣ୍ଡଳୀରେ କୃଷକ ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥି, ରୋହିତ ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ, ଦେବରାଜ ସାହୁ, ସୁବାଷ ସାମନ୍ତରାୟ, ନିରାକାର ସାହୁ, ଅକ୍ଷୟ ସାହୁ ପ୍ରମୁଖ ଅନେକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ସହ ଆଲୋଚନା କରିଥିଲେ।



କ୍ରିକେଟ ପ୍ରତିଯୋଗିତା

# ମେଲଛାମୁଣ୍ଡାକୁ ହରାଇ ସୋହେଲା ବିଜୟୀ

**ବରଗଡ଼, ୧୦/୪ (ସମିସ) :** କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଜିଲ୍ଲା କ୍ରିକେଟ ଏସୋସିଏସନ ପକ୍ଷରୁ ଚାଲିଥିବା ଜିଲ୍ଲା ୧୯ ବର୍ଷରୁ କମ ବୟସ କ୍ରିକେଟ ପ୍ରତିଯୋଗିତାରେ ମେଲଛାମୁଣ୍ଡା ଜୟ ହନୁମାନ କ୍ଲବ୍‌କୁ ହରାଇ ସୋହେଲା ଏଥଲେଟିକ ଏସୋସିଏସନ ବିଜୟୀ ହୋଇଛି। ବୁଧବାର ସୋହେଲା ଦଳ ପ୍ରଥମେ ବ୍ୟାଟିଂ କରି ଆୟୁଷ୍ମାନ ମିଶ୍ରଙ୍କ ୨୭ ରନ, ଆର୍ଯ୍ୟାନ୍ କଲେତଙ୍କ ୨୫ ରନ, ନୀତେଶ ରାୟ ଙ୍କ ୨୨ ରନ ସହାୟତା ରେ ନିର୍ଦ୍ଧାରିତ ୨୦ ଓଭର ରେ ୧୩୫/୫ ରନ କରିଥିଲେ। ମେଲଛାମୁଣ୍ଡା ପକ୍ଷରୁ ଆକାଶ ସାହୁ ୧୦/୨ ୱିକେଟ, ଗୋବିନ୍ଦ ମହାନ୍ତି ୩୧/୨ ୱିକେଟ, ହୃଷୀକେଶ ସାହୁ ୧୬/୧ ୱିକେଟ ନେଇଥିଲେ। ଏହାର ଜବାବ ରେ ମେଲଛାମୁଣ୍ଡା ଦଳ ର ଆକାଶ ସାହୁଙ୍କ ୩୮ ରନ, ସୌରଭ ବଞ୍ଛୋରଙ୍କ ୧୩ ରନ ସହ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ଙ୍କ ସହାୟତା ନମିଳିବାରୁ ଦଳ ୧୬.୫ ଓଭର ରେ ମାତ୍ର ୮୨ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ସୋହେଲା ଦଳ ପକ୍ଷରୁ ଅମିତ୍ ସୁନା ୧୮/୪ ୱିକେଟ, ନିଖିଲ ୧୨/୨ ୱିକେଟ, ନୀତେଶ ରଏ ୧୪/୩ ୱିକେଟ, ଏମ୍ ଡି ଶହିଦ ୧/୧ ୱିକେଟ ନେଇଥିଲେ। ସୋହେଲା ଦଳ ୫୩ ରନ ରେ ବିଜୟୀ ହୋଇଥିଲା। ଆଜିକାର ଖେଳର ଆମ୍ପାୟର ଥିଲେ ପ୍ରଦୀପ ଦାଶ ଓ ରୂପକ ପ୍ରଧାନ। ସ୍କୋରର ଥିଲେ ଅଶୋକ ସାହୁ।

ସକାଳ
THE SAKALA

## ଭୋଟରଙ୍କ ସୂଚନା ଅଧିକାର ବନାମ ପ୍ରାର୍ଥୀଙ୍କ ବ୍ୟକ୍ତିଗତ ସ୍ୱାଧୀନତା

# ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକାର ନ୍ୟାୟିକ ତର୍ଜମା

ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଜର ସମ୍ପତ୍ତି ତାଲିକା ପ୍ରଦାନର ଯେଉଁ ବ୍ୟବସ୍ଥା ରହିଛି, ତାହା ଭାରତୀୟ ଲୋକପ୍ରତିନିଧି ଆଇନର ଅଂଶବିଶେଷ। ଏହାର ପ୍ରମୁଖ ଲକ୍ଷ୍ୟ ହେଲା ୧୯୫୧ର ଦୁର୍ନୀତି ନିରୋଧୀ ଆଇନର ଧାରା ୧୨୩(୨) ଅନୁସାରେ ନିର୍ବାଚନକୁ ଧନବଳରୁ ମୁକ୍ତ ରଖିବା ଏବଂ ବିତ୍ତଶାଳୀ ପ୍ରାର୍ଥୀଙ୍କ ସମ୍ପତ୍ତି ସମ୍ପର୍କରେ ମତାଦାତାଙ୍କୁ ସୂଚନା ପ୍ରଦାନ କରି ସତର୍କ କରାଇବା। ଲୋକେ ସଚେତନ ହେଲେ ଧନଶାଳୀ ପ୍ରାର୍ଥୀ ଭୋଟରଙ୍କୁ ଅର୍ଥବଳ ବା ବାହୁବଳରେ ପ୍ରଭାବିତ କରିପାରିବେ ନାହିଁ। ଏହା ଆଇନକାନୁନ କଥା। ବା'କୁ ବତା ଭଳି ଆମ ଶାସନ ବ୍ୟବସ୍ଥାରେ ସବୁ କଥା ପାଇଁ ନାମକୁ ମାତ୍ର ହେଉ ପଛେ କିଛି ପ୍ରତିକାର ବ୍ୟବସ୍ଥା ଥାଏ। ବାସ୍ତବତା କିନ୍ତୁ ଭିନ୍ନ। ଭାରତୀୟ ଗଣତନ୍ତ୍ର, ଯାହା ବିଶ୍ୱର ସର୍ବବୃହତ୍, ସେଥିରେ ନିର୍ବାଚନ ଲଢ଼ିବାକୁ ପ୍ରାର୍ଥୀମାନଙ୍କୁ ନିଜେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼େ। ଭାରତରେ ନିର୍ବାଚନ ପାଇଁ ପ୍ରାର୍ଥୀଙ୍କୁ ରାଷ୍ଟ୍ର ଅର୍ଥ ଯୋଗାଇବା (ଷ୍ଟେଟ ଫଣ୍ଡିଙ୍ଗ) ବ୍ୟବସ୍ଥା ନାହିଁ। ଏହାଛଡ଼ା ଭାରତରେ ନିର୍ବାଚନ ଲଢ଼ିବା ଅତ୍ୟନ୍ତ ବ୍ୟୟବହୁଳ। ରାଜନୈତିକ ଦଳମାନେ ବିଭିନ୍ନ କମ୍ପାନୀ ଓ ଶିଳ୍ପପତିଙ୍କଠାରୁ ଆଗରୁ ଚାନ୍ଦା ସଂଗ୍ରହ କରୁଥିଲେ। ଏହାକୁ ନେଇ ବିବାଦ ଉଠିବାରୁ ସରକାର ପଲିଟିକାଲ ବଣ୍ଡ ମାଧ୍ୟମରେ ରାଜନୈତିକ ଚାନ୍ଦା ସଂଗ୍ରହର ବ୍ୟବସ୍ଥା କରିଥିଲେ। ଏହି ନୂଆ ବ୍ୟବସ୍ଥା କେତେ ସ୍ୱଚ୍ଛ ଓ ସଫଳ, ତାହା ଉଲ୍ଲେଖ କରିବା ଅନାବଶ୍ୟକ। କାରଣ କ୍ଷମତାସୀନ ଦଳ ପାଖକୁ ସବୁଠୁ ଅଧିକ ଚାନ୍ଦା ବଣ୍ଡ ଆକାରରେ ଆସୁଛି ଏବଂ ଏହାପଛରେ ଭିତିରିଆ ନେଣଦେଣ ବୁଝାମଣା ରହୁଛି। ସୁପ୍ରିମକୋର୍ଟ ଏହି 'ବଣ୍ଡ'ର ପେଡ଼ି ଖୋଲିବା ପରେ ଭୋଟର ଓ ଜନସାଧାରଣ ଅନେକ କଥା ଜାଣିପାରିଛନ୍ତି।

ଏବେ ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା ନେଇ ସୁପ୍ରିମକୋର୍ଟ କହିଛନ୍ତି ଯେ ଜଣେ ପ୍ରତିଦ୍ୱନ୍ଦ୍ୱୀ ତାହାର ସମସ୍ତ ସମ୍ପତ୍ତି ଓ ଉପାର୍ଜନର ତଥ୍ୟ ଟିକିନିଖି ପ୍ରାର୍ଥିପତ୍ର ଦାଖଲ ସମୟରେ ସତ୍ୟପାଠ ଜରିଆରେ ଜଣାଇବାର ଆବଶ୍ୟକତା ନାହିଁ। ଭୋଟର ମଧ୍ୟ ପ୍ରାର୍ଥୀଙ୍କ ସମ୍ପତ୍ତିର ସବୁ ତଥ୍ୟ ଟିକିନିଖି ଜାଣିବା ଅନାବଶ୍ୟକ। କାରଣ ସମ୍ପୃକ୍ତ ପ୍ରାର୍ଥୀଙ୍କର ଏକାନ୍ତତାର ଅଧିକାର (ରାଇଟ୍ ଟୁ ପ୍ରାଇଭେସି) ରହିଛି। ସେ ଦେଇଥିବା ସମ୍ପତ୍ତି ତାଲିକା ବାହାରେ ଯଦି କିଛି ସମ୍ପତ୍ତିର ହିସାବ ରହିଯାଇଥାଏ, ତାହାକୁ ଖୋଜି ତାଡ଼ି ବାହାର କରି ତାଙ୍କ ନିର୍ବାଚନର ବୈଧତା ରଦ୍ଦ କରାଯାଇପାରିବ ନାହିଁ। ତେବେ ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରି ଦେଇଛନ୍ତି ଯେ ପ୍ରାର୍ଥୀ ଯଦି ତାଙ୍କର ପ୍ରମୁଖ ସମ୍ପତ୍ତିର ତାଲିକା ଦେଇଥା'ନ୍ତି ଓ କିଛି ଛୋଟମୋଟ ସମ୍ପତ୍ତିକୁ ଦର୍ଶାଇ ନଥା'ନ୍ତି, ତାହା ଦୋଷାବହ ନୁହେଁ। ତେବେ ଦର୍ଶାଯାଇଥିବା ସମ୍ପତ୍ତି ମଧ୍ୟରେ ଅତି ମୂଲ୍ୟବାନ ସାମଗ୍ରୀ ବା ଧନ ରହିବା ଅନୁଚିତ। ଗୋଟିଏ ଦୃଷ୍ଟିରୁ ଏହା ସ୍ୱାଗତଯୋଗ୍ୟ ଏବଂ ପ୍ରାର୍ଥୀମାନଙ୍କୁ ନିଜର, ପତ୍ନୀ ଓ ପିଲାମାନଙ୍କର ଏବଂ ଯୌଥ ପରିବାରର ସମ୍ପତ୍ତି ବିଷୟରେ ସବିଶେଷ ତାଲିକା ଦେବାର ଜଞ୍ଜାଳରୁ ମୁକ୍ତି ମିଳିବ। ଏଥିସହିତ କୌଣସି କାରଣ ନଥାଇ ପତ୍ନୀ / ପତି ଓ ପିଲାମାନଙ୍କ ସମ୍ପତ୍ତି ବିଷୟରେ ସର୍ବସାଧାରଣଙ୍କୁ ଜଣାଇବାର ବ୍ୟବସ୍ଥା ବନ୍ଦ ହେବ ଏବଂ ସେମାନଙ୍କ ଏକାନ୍ତତା (ପ୍ରାଇଭେସି) ସୁରକ୍ଷିତ ହୋଇପାରିବ।

ଏହି ରାୟର ପୃଷ୍ଠଭୂମି ବେଶ୍ ମଜାଦାର। ଅରୁଣାଚଳ ପ୍ରଦେଶର ଜଣେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହେବା ପରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏକ ନିର୍ବାଚନ ମାମଲା ଦାଏର କରି ଅଦାଲତଙ୍କୁ ଜଣାଇଥିଲେ ଯେ ବିଜୟୀ ପ୍ରାର୍ଥୀ ତାଙ୍କ ଦୁଇପୁଅଙ୍କ ଦ୍ୱାରା ବ୍ୟବହୃତ ତିନିଟି ଗାଡ଼ିର ତଥ୍ୟ ସତ୍ୟପାଠରେ ଦେଇନାହାନ୍ତି। ଫଳରେ ତାଙ୍କ ସଭ୍ୟପଦ ରଦ୍ଦ ହୋଇଥିଲା। ଏବେ ସୁପ୍ରିମକୋର୍ଟ ସେହି ମାମଲାର ବିଚାର କରି ଉପରୋକ୍ତ ରାୟ ଦେବା ସହିତ ଚାରିବର୍ଷ ପରେ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିଧାୟକପଦ ପୁନଃ ବାହାଲ କରିଛନ୍ତି। ଅଦାଲତ ଆହୁରି କହିଛନ୍ତି ଯେ ସମ୍ପୃକ୍ତ ବିଧାୟକ ୧୧ କୋଟିରୁ ଅଧିକ ସମ୍ପତ୍ତିର ତାଲିକା ଦେଇଥିବା ବେଳେ ସେଥିରେ ତାଙ୍କର ପତ୍ନୀଙ୍କ ସମ୍ପତ୍ତିର ପରିମାଣ ଅନ୍ତର୍ଭୁକ୍ତ ଥିଲା। ପିଲାଙ୍କର ଯେଉଁ ଦୁଇଟି ଗାଡ଼ିର ତଥ୍ୟ ସେ ଦେଇନଥିଲେ, ତାହାର ମୂଲ୍ୟ ମାତ୍ର କେଇ ଲକ୍ଷ ଟଙ୍କା ହେବ। ବଡ଼ ହିସାବ ଦେଇଥିବା ବେଳେ ଏଭଳି ଛୋଟମୋଟ ହିସାବ ଛାଡ଼ିଯିବାକୁ ଦୋଷାବହ ଧରାଯାଇ ନପାରେ।

ଆମ ବିଚାରରେ ଅଦାଲତ ଠିକ୍ କହିଛନ୍ତି। ଆଇନର ଉଦ୍ଦେଶ୍ୟ ବା ଭାବନାକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ସବୁକ୍ଷେତ୍ରରେ ସବୁବେଳେ ଟିକିନିଖି ପ୍ରସଙ୍ଗରେ ଆଇନକୁ ପ୍ରୟୋଗ କଲେ ବିଭ୍ରାଟ ଘଟିବ ଏବଂ ଏହାର ଉଦ୍ଦେଶ୍ୟ ବିଫଳ ହେବ। ଦୁର୍ନୀତି ରୋକିବା ଏବଂ ନିର୍ବାଚନକୁ ଅର୍ଥବଳରୁ ମୁକ୍ତ କରିବା ପ୍ରୟାସରେ ଆଇନ କାହିଁକି ନାଗରିକର ଏକାନ୍ତତା ଓ ତାହାର ସମସ୍ତ ଉପାର୍ଜନ ଏବଂ ସମ୍ପତ୍ତିର ତଥ୍ୟ ସର୍ବସାଧାରଣରେ ପ୍ରକାଶ କରିବାକୁ ସୁଯୋଗ ଦେବ? ଗୋଟିଏ ଦୃଷ୍ଟିରୁ ଏହା ନାଗରିକଙ୍କ ମୌଳିକ ଅଧିକାରର ହନନ ନୁହେଁ କି? ଏହା ଅବଶ୍ୟ ସତ୍ୟ ଯେ ଆଜିକାଲି ସମ୍ପତ୍ତିର ପରିଭାଷା ବଦଳିଛି। ଗୋଟିଏ ରେସ୍‌ଘୋଡ଼ା, ଏକ ହାଇଏଣ୍ଡ କାର, ଗୋଟିଏ ଡେରୀ ଫାର୍ମ, ଗୋଟିଏ ମୋବାଇଲ ବା ହାତ ଘଣ୍ଟାର ଦାମ ସାଧାରଣ ଲୋକଙ୍କ ପାଇଁ ଅକଳନୀୟ। ତେଣୁ ଏଭଳି ସମ୍ପତ୍ତିର ତାଲିକା ପ୍ରକାଶ ଯୁକ୍ତିଯୁକ୍ତ। ଅଦାଲତ ମଧ୍ୟ କହିଛନ୍ତି ଯେ ତଥ୍ୟ ପ୍ରକାଶ ବେଳେ ସମ୍ପତ୍ତିର ମୂଲ୍ୟକୁ ଭିନ୍ନ ଭିନ୍ନ ପରିସ୍ଥିତିରେ ସ୍ୱତନ୍ତ୍ର ଭାବେ ବିଚାରକୁ ନେବାକୁ ପଡ଼ିବ। ଯିଏ ୧୦୦ କୋଟି ଟଙ୍କାର ସମ୍ପତ୍ତି ହିସାବ ଦେଉଛି, ସେ ଯଦି ଦୁଇଲକ୍ଷ ଟଙ୍କାର ଆଇଫୋନ କିମ୍ବା କେଇ ଲକ୍ଷ ଟଙ୍କାର ଗାଡ଼ିର ବିବରଣୀ ଦେଇନାହିଁ ବା ନିଜ ପତ୍ନୀ / ପିଲାଙ୍କ ସମ୍ପତ୍ତି ଦର୍ଶାଇ ନାହିଁ, ତାହାକୁ ଗୁରୁତ୍ୱ ଦେଇ ସେହି ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରିବା ଠିକ୍ ହେବ ନାହିଁ।

ଆଇନକାନୁନର ଜଟିଳତା ମଧ୍ୟରେ ବାସ୍ତବତା କିନ୍ତୁ ଭିନ୍ନ। ପ୍ରାର୍ଥୀମାନେ ନିଜ ସମ୍ପତ୍ତିର କେତେ ହିସାବ ଦିଅନ୍ତି ଓ ଧାର୍ଯ୍ୟ ଖର୍ଚ୍ଚଠାରୁ କେତେ ଅଧିକ ନିର୍ବାଚନରେ ବ୍ୟୟ କରନ୍ତି, ତାହା ସମସ୍ତଙ୍କୁ ଜଣା। ବାସ୍ତବରେ ପ୍ରାର୍ଥୀଙ୍କ ସମ୍ପତ୍ତି ତାଲିକା ଦାଖଲ ବ୍ୟବସ୍ଥା ଗଣତନ୍ତ୍ରରେ ଜନତାଙ୍କ ସୂଚନା ଅଧିକାରକୁ ସୁହାଉଥିଲା। ସେମାନେ ସବୁ ତଥ୍ୟ ଜାଣିବା ପରେ ବୁଝିବିଚାରି ନିଜର ଭୋଟ ଦେଉଥିଲେ। ଭୋଟରଙ୍କ ପ୍ରାର୍ଥୀଙ୍କ ଧନ ସମ୍ପତ୍ତି ବିଷୟରେ ଜାଣିବାର ଅଧିକାର ରହିଛି। ତେବେ ତାଲିକାରେ ମାମୁଲି ସମ୍ପତ୍ତିର ତଥ୍ୟ ଅଭାବ ଏକ ବିରାଟ ଦୋଷ ନୁହେଁ, ଯାହା ପ୍ରାର୍ଥୀଙ୍କୁ ନିଜର ଗଣତାନ୍ତ୍ରିକ ଓ ମୌଳିକ ଅଧିକାରରୁ ବଞ୍ଚିତ କରିବ। ଆଇନର ଉଦ୍ଦେଶ୍ୟ ସାଧନ ପାଇଁ ଏହାର ଭାବନା (ସ୍ପିରିଟ୍)କୁ କାର୍ଯ୍ୟକାରୀ କରାଯାଉ। ସେ ଦୃଷ୍ଟିରୁ ସୁପ୍ରିମକୋର୍ଟଙ୍କ ଆଦେଶ ସ୍ୱାଗତଯୋଗ୍ୟ।

# ଅନିୟନ୍ତ୍ରିତ ଖାଉଟି ବଜାର



**ଦୋଳଗୋବିନ୍ଦ ମହାପାତ୍ର**
ମୋ: ୯୪୩୮୧୯୨୨୨୪

ଭାରତୀୟ ଅର୍ଥବ୍ୟବସ୍ଥାରେ କ୍ରମାଗତ ମୁଦ୍ରାସ୍ଫୀତି ଚାପ ଯୋଗୁଁ ଖାଉଟି ବଜାର ପ୍ରଭାବିତ ହୋଇଛି। ଖାଉଟି ମୁଦ୍ରାସ୍ଫୀତି ଓ ଖାଦ୍ୟ ଦର ମୁଦ୍ରାସ୍ଫୀତି ଉପର ମୁହାଁ ହେଉଥିବାରୁ ଖାଉଟି ବଜାର ମହଙ୍ଗା ହୋଇଛି। ଭାରତର ଖାଉଟି ମୁଦ୍ରାସ୍ଫୀତି ବା ଉପଭୋକ୍ତା ମୂଲ୍ୟସୂଚୀ ୨୦୨୪ ମସିହା ଫେବୃଆରୀ ମାସରେ ସାମାନ୍ୟ ହ୍ରାସ ପାଇଥିଲେ ମଧ୍ୟ ଖାଉଟି ବଜାରରେ ଦରଦାମର ଉତ୍କଟ ବୃଦ୍ଧି ଘଟିଛି। ଜନସାଧାରଣ ମୂଲ୍ୟ ବୃଦ୍ଧିଜନିତ ମହଙ୍ଗା ମାଡ଼ରେ ଅସ୍ତବ୍ୟସ୍ତ।

ଭାରତ ଭଳି ଏକ ପ୍ରଗତିଶୀଳ ରାଷ୍ଟ୍ରରେ ତିନି ଗୋଟି ଆର୍ଥିକ ବର୍ଗର ଲୋକେ ବାସ କରନ୍ତି। ସେମାନେ ହେଲେ ଧନିକ ବର୍ଗ, ଯେଉଁମାନେ ଅଧିକ ସ୍ୱଚ୍ଛଳ ଓ ଭୌତିକ ସମ୍ପଦର ଅଧିକାରୀ; ମଧ୍ୟବିତ୍ତ ବର୍ଗ, ଯେଉଁମାନେ ବିଳାସ ଜୀବନଯାପନ କରିବାକୁ ଅକ୍ଷମ, କିନ୍ତୁ ଦରିଦ୍ର ବର୍ଗଙ୍କ ଅପେକ୍ଷା ଆର୍ଥିକ ସ୍ତରରେ ସୁରକ୍ଷିତ। ଅନ୍ୟପକ୍ଷରେ ଦରିଦ୍ର ବର୍ଗ ଆର୍ଥିକ ସାମର୍ଥ୍ୟ ନଥିବା ଏକ ଦୁର୍ବଳ ଗୋଷ୍ଠୀ, ଯେଉଁମାନେ ସର୍ବନିମ୍ନ ଜୀବନଧାରଣ ନିମନ୍ତେ ଅକ୍ଷମ। ମୁଦ୍ରାସ୍ଫୀତି ଧନିକ ଶ୍ରେଣୀର ଉପଭୋଗ ଉପରେ କୌଣସି ବାଧା ସୃଷ୍ଟି କରିପାରେ ନାହିଁ। ଦର ବୃଦ୍ଧି ଓ ମହଙ୍ଗା ବଜାର ପରିସ୍ଥିତି ସହ ଏମାନଙ୍କର କୌଣସି ଚିନ୍ତା ନଥାଏ। ଏମାନେ ସମସ୍ତଙ୍କ ଅପେକ୍ଷା ଅଧିକ ସଚେତନ ଓ ପ୍ରଭାବଶାଳୀ। ରାଷ୍ଟ୍ର ତଥା ନିର୍ବାଚନ ରାଜନୀତି ଏମାନଙ୍କ ଦ୍ୱାରା ପ୍ରଭାବିତ ହୋଇଥାଏ। କିନ୍ତୁ ମଧ୍ୟବିତ୍ତ ଶ୍ରେଣୀ ମୂଲ୍ୟ ବୃଦ୍ଧି ଜନିତ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ସେମାନଙ୍କର ଆୟ, ବେତନ କିମ୍ବା ମଜୁରୀ



ସ୍ଥିର ହେତୁ ଦର ବୃଦ୍ଧି ସହ ସେମାନଙ୍କର କ୍ରୟଶକ୍ତି ହ୍ରାସ ପାଇବା ସହ ଉପଭୋଗର ମାତ୍ରା ହ୍ରାସ ପାଏ। ଏହି ଗୋଷ୍ଠୀ ମହଙ୍ଗା ମାଡ଼ର ସବୁଠାରୁ ଅଧିକ ପ୍ରଭାବିତ ହୋଇଥା'ନ୍ତି। ଦେଶର ଅଭିବୃଦ୍ଧି ଓ ସ୍ଥିରତା ନିମନ୍ତେ ମଧ୍ୟବିତ୍ତ ବର୍ଗ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସୁତରାଂ କୌଣସି ଯୋଜନାର ଅନ୍ତର୍ଭୁକ୍ତ ହେଉ ନଥିବା ଉକ୍ତ ଗୋଷ୍ଠୀର ଉପଭୋଗ ସୁନିଶ୍ଚିତ କରିବାକୁ ସରକାର ଯତ୍ନବାନ ହେବା ଉଚିତ।

ସରକାର ମହଙ୍ଗା ବଜାରରେ ଦର ଅସ୍ଥିରତାକୁ ପ୍ରତିହତ କରିବା ପାଇଁ ସାଧାରଣତଃ ଦୁଇ ଗୋଟି ଯୋଜନା କାର୍ଯ୍ୟକାରୀ କରିଥା'ନ୍ତି। ପ୍ରଥମଟି ବଫର ଷ୍ଟକ୍ ଓ ଅନ୍ୟଟି ସାଧାରଣ ବଣ୍ଟନ ପଦ୍ଧତି। ବଫର ଷ୍ଟକ୍ ଯୋଜନା ଅନୁଯାୟୀ ସରକାର ନିଜର ଶସ୍ୟାଗାରରେ ଗଚ୍ଛିତ ଅତ୍ୟାବଶ୍ୟକ ସାମଗ୍ରୀକୁ ଖାଉଟି ବଜାରରେ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ବ୍ୟବହାର କରିଥା'ନ୍ତି। ସରକାରଙ୍କର ଏହି ଯୋଜନା ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରୁ କାର୍ଯ୍ୟକାରୀ ହୋଇଆସୁଛି। ଏହା ଖାଦ୍ୟ ଯୋଗାଣକୁ ନିୟନ୍ତ୍ରଣ କରିବାରେ ସହାୟକ ହେବା ସହ ଖାଦ୍ୟ ଅନଟନକୁ ଦୂର କରିଥାଏ। ଭାରତର ଖାଦ୍ୟ ନିଗମ ସହାୟତାରେ ଭାରତ ସରକାର ବିଭିନ୍ନ ଶସ୍ୟ ଯଥା ଗହମ ଓ ଚାଉଳକୁ କ୍ରୟ କରି ଶସ୍ୟାଗାରରେ ଗଚ୍ଛିତ ରଖିଥା'ନ୍ତି। ଏଥିପାଇଁ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ଦର ପ୍ରଦାନ କରାଯାଇଥାଏ। ସେହିପରି ସାଧାରଣ ବଣ୍ଟନ ବା ପିଡିଏସ ଯୋଜନା ଅନୁଯାୟୀ ଗରିବ ଲୋକେ ସରକାରୀ ନିୟନ୍ତ୍ରିତ ରାସନ ଦୋକାନରୁ ଖାଦ୍ୟ ସାମଗ୍ରୀ କ୍ରୟ କରିଥା'ନ୍ତି। ଏହି ରାସନ ଦୋକାନରେ ବଜାର ଦର ଅପେକ୍ଷା ସ୍ୱଳ୍ପ ଦରରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ କରାଯାଇଥାଏ।

ଏହି ସବୁ ନିୟମିତ ଯୋଜନା ବ୍ୟତୀତ ଖାଉଟି ବଜାରରେ ସୃଷ୍ଟି ହେଉଥିବା ମହଙ୍ଗା ପରିସ୍ଥିତିକୁ ପ୍ରତିରୋଧ କରି ଦର ନିୟନ୍ତ୍ରଣ କରିବା ନିମନ୍ତେ ସରକାର ଆବଶ୍ୟକ ସ୍ଥଳେ ସୁଲଭ ବା ସ୍ୱଳ୍ପ ଦରରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ଓହ୍ଲାଇ ଆସିଥା'ନ୍ତି। ରିଆତି ମୂଲ୍ୟରେ ଭାରତ ବ୍ରାଣ୍ଡ ସାମଗ୍ରୀ ଖାଉଟି ବଜାର ଉପରେ କେତେ ପ୍ରଭାବଶାଳୀ ତାହା ଅନେକ ଉପାଦାନ ଉପରେ ନିର୍ଭର କରେ। ପ୍ରଥମତଃ, ଏହି ପଦ୍ଧତିରେ ଉପଲବ୍ଧ ଅଟା, ଚାଉଳ ଓ ଡାଲି ଗୁଣାତ୍ମକ ଦୃଷ୍ଟିରୁ ବଜାରରେ ଉପଲବ୍ଧ ଅଟା ଓ ଚାଉଳ ଓ ଡାଲିଠାରୁ ନିକୃଷ୍ଟ ବୋଲି ଅଭିଯୋଗ ହୁଏ। ଦ୍ୱିତୀୟତଃ, ଅଟା ଓ ଚାଉଳ ବ୍ୟତୀତ ଆହୁରି ଅନେକ ଅତ୍ୟାବଶ୍ୟକ ଦ୍ରବ୍ୟ ରହିଛି, ଯାହାର ଦର ନିୟନ୍ତ୍ରଣ ଓ ଶୁଳ୍କ ହ୍ରାସ ସତ୍ତ୍ୱେ ସେଗୁଡ଼ିକ ଖାଉଟିଙ୍କ କ୍ରୟ କ୍ଷମତା ପରିସର ବାହାରେ ରହୁଛି। ତୃତୀୟତଃ, ଏହି ଯୋଜନାର ସଫଳତା ବହୁମାତ୍ରାରେ ମୂଲ୍ୟ ନିର୍ଦ୍ଧାରଣ କୌଶଳ ଉପରେ ନିର୍ଭର କରୁଛି। ଚତୁର୍ଥତଃ, ଏହି ଯୋଜନାର କାର୍ଯ୍ୟକାରିତା ଫଳପ୍ରଦ ବଣ୍ଟନ ଭିତ୍ତିଭୂମି ଉପରେ ନିର୍ଭର କରୁଛି।

କେନ୍ଦ୍ର ସରକାର ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧିକୁ ରୋକିବା ନିମନ୍ତେ ବିଭିନ୍ନ ପଦକ୍ଷେପମାନ ଗ୍ରହଣକରିଛନ୍ତି ସତ, କିନ୍ତୁ ବଜାର ସ୍ଥିତିରେ ଆଶାନୁରୂପ ଉନ୍ନତି ଆସିବାର ସମ୍ଭାବନା ଦେଖାଯାଉନାହିଁ। ଖାଦ୍ୟ ନିରାପତ୍ତା ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ମଧ୍ୟମ ବର୍ଗର ଖାଉଟିମାନେ ମହଙ୍ଗା ମାଡ଼ରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କଲେ ବଜାର ମୂଲ୍ୟ ନିୟନ୍ତ୍ରଣ ହେବା ସହ ଖାଉଟି କଲ୍ୟାଣ ବୃଦ୍ଧି ପାଇବ।

# ଅଲିଭା ସ୍ମୃତିରେ ଶାନ୍ତିଲତା



**ବ୍ରଜକିଶୋର ଦାଶ**
ଭୁବନେଶ୍ୱର, ମୋ: ୯୪୩୭୬୩୩୯୨୨

ତେରବର୍ଷ ତଳର କଥା। ଫୋନ୍ ଆସିଲା - 'ମୋର ଦେହ ଖରାପ ଅଛି।' ମୁଁ ପଚାରିଲି - 'କ'ଣ ହେଲା?' ଉତ୍ତର ଆସିଲା - 'ମୋତେ କ୍ୟାନସର ହୋଇଛି।' କହିଲି - 'ଠିକ୍ ଅଛି, ବଡ଼ ବଡ଼ ଲୋକଙ୍କୁ ଆଉ କ'ଣ ଛୋଟ ବେମାର ହୁଅନ୍ତା'। ଫୋନ୍ କାଟିଦେଲେ। ଦି' ଦିନ ପରେ ତାଙ୍କ ଘରକୁ ପହଞ୍ଚିବା ବେଳକୁ ସେ ଚିକିତ୍ସା ପାଇଁ ମୁମ୍ବାଇ ଚାଲିଯାଇଥିଲେ। ହତବାକ୍ ହେଇଗଲି। କିନ୍ତୁ ମହାପ୍ରଭୁ ତାଙ୍କୁ ଦି'ମାସ ପରେ ସୁସ୍ଥ କରି ଭୁବନେଶ୍ୱର ଫେରେଇ ଦେଲେ।

ବର୍ଷେ ପରେ ପୂର୍ବ ପରି ତାଙ୍କର ସବୁ କାର୍ଯ୍ୟକ୍ରମ ଚାଲିଲା। ଆମର ନିଜର ସଙ୍ଗୀତ ଅନୁଷ୍ଠାନ 'ସ୍ୱରତୀର୍ଥ' ତରଫରୁ ପ୍ରାୟୋଜିତ କାର୍ଯ୍ୟକ୍ରମ 'ଚନ୍ଦନପ୍ରତିଭା' ବ୍ୟାପକ କରାଗଲା। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରୁ କଳାକାର ଆଣି ତିନିଦିନ ଧରି କାର୍ଯ୍ୟକ୍ରମ ପ୍ରସ୍ତୁତ କରାଗଲା। ସଙ୍ଗୀତ ରେକର୍ଡ଼ିଂ ପୂର୍ବଠାରୁ ଅଧିକ ଜୋରଦାର୍ ଚାଲିଲା। ମଞ୍ଚ କାର୍ଯ୍ୟକ୍ରମ ବି ସେମିତି। ଦୁଇ ହଜାର ବାଇଶ ମସିହାରେ ସେ ପୁଣି ଅସୁସ୍ଥ ହେଲେ। ବାରମ୍ବାର ମୁମ୍ବାଇ ଯାଇ ଚିକିତ୍ସିତ ହୋଇ ଫେରୁଥା'ନ୍ତି। ଏଥର କିନ୍ତୁ ପୂର୍ବପରି କାର୍ଯ୍ୟ କରିବାକୁ ଶରୀର ଅନୁମତି ଦେଲା ନାହିଁ। ଆମ ପରିବାର ସହ ମିଶି ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଶେଷ ଦର୍ଶନକରିଥିଲେ। ବହୁବର୍ଷ ଧରି ସଙ୍ଗୀତ ପରିବେଷଣ କରି ଆସୁଥିବା ବେହେରଣ ଦ୍ୱାର ସ୍ଥିତ ଭଜନ ମଣ୍ଡପକୁ ଛୁଇଁ ମୁଣ୍ଡିଆ ମାରିଥିଲେ। ଧୀରେ ଧୀରେ ଷ୍ଟୁଡିଓ ରେକର୍ଡ଼ିଂ ବାକି ଥିବା କାମ ସାରିଲେ। 'ଆଉ ଆଶା ନାହିଁ; ଚାଲ 'ହେ ଚକାନୟନ' କହିଦେବା' ବୋଲି ମତେ କହିଲେ। 'ହେ ଚକାନୟନ' ହେଉଛି 'ଶାନ୍ତିଲତା ବାରିକ୍ ଛୋଟରାୟ କଲଚରାଲ୍ ଟ୍ରଷ୍ଟ'ର ନିଜସ୍ୱ ସଙ୍ଗୀତ-ଭିତ୍ତିକ ଏକ ବହୁପ୍ରଶଂସିତ କାର୍ଯ୍ୟକ୍ରମ। ଶାନ୍ତିଲତାଙ୍କର ଭକ୍ତିସଙ୍ଗୀତର ପ୍ରଚାର, ପ୍ରସାର ତଥା ସଂରକ୍ଷଣରେ ଏହି ଟ୍ରଷ୍ଟ କାର୍ଯ୍ୟରତ। ଧୁମ୍‌ଧାମରେ ଅଗଷ୍ଟ ଅଠର ତାରିଖରେ ଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ତା' ଚାରିଦିନ ପରେ ସେ ପୁଣି ଚିକିତ୍ସା ପାଇଁ ମୁମ୍ବାଇ ଚାଲିଗଲେ। ଶରୀରର ପ୍ରମୁଖ ଅଙ୍ଗଗୁଡ଼ିକରେ ରୋଗ ବ୍ୟାପୀ ସାରିଥିଲା। ଚିକିତ୍ସା ପରେ ପୁଣି ଭୁବନେଶ୍ୱର ଫେରି ଆସିଲେ। ଏତେ ବର୍ଷଧରି ନିୟମିତ ସମୟ ବ୍ୟବଧାନରେ ମୁମ୍ବାଇ ଯାଇ ମାସ ମାସ ରହି ଚିକିତ୍ସା କରି ଛୋଟରାୟବାବୁ ଶାନ୍ତିଲତାଙ୍କୁ ସୁସ୍ଥ କରି ପୁଣି ଭୁବନେଶ୍ୱର ଫେରାଇ ଆଣୁଥିଲେ। ତାଙ୍କର ଧୈର୍ଯ୍ୟର ତୁଳନା ନାହିଁ।



ଗତ ଅକ୍ଟୋବର ମାସରେ 'ଶାନ୍ତିଲତା ଚାଲିଗଲେ' ବୋଲି ଗୁଜବ ପ୍ରଚାର ହେଲା। ସବୁ ଟିଭି ଚାନେଲ୍‌କୁ ଯାଇ ବ୍ୟକ୍ତିଗତ ଭାବରେ ମୁଁ ଏହାକୁ ଖଣ୍ଡନ କରି ତାଙ୍କର ଦୀର୍ଘଜୀବନ କାମନା କରିବାକୁ ଅନୁରୋଧ କଲି। ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ସବୁ ମନ୍ଦିରମାନଙ୍କରେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଦୀପଦାନ ଓ ଭଜନ କୀର୍ତ୍ତନ ଚାଲିଲା। ତାଙ୍କୁ ଭଲ ପାଉଥିବା ଅଗଣିତ ଜଗନ୍ନାଥପ୍ରେମୀ ଭକ୍ତମଣ୍ଡଳୀଙ୍କର ଆକୁଳ ନିବେଦନ ଓ ମହାପ୍ରଭୁଙ୍କର କୃପାରୁ ସେ ପୁଣି ଥରେ ସୁସ୍ଥ ହୋଇ ଘରକୁ ଫେରିଲେ। ଦି' ବୋହୂଙ୍କର ସେବା ଯତ୍ନରେ ଶେଷଦିନ ପର୍ଯ୍ୟନ୍ତ ପ୍ରାୟ ଭଲରେ ଥିଲେ। ଶେଷଦିନ ଡାକ୍ତରଖାନା ଯିବା ପୂର୍ବରୁ ସାନବୋହୂକୁ ପଚାରିଥିଲେ, 'କ୍ୟାବିନ୍ ମିଳିଲା? ସବୁ ଲୁଗାପଟା ଧରିଛୁ?' ଏମିତି କହି ଆସି ଆମ୍ବୁଲାନ୍ସରେ ଶୋଇଲେ ଯେ, ଆଉ ଉଠିନାହାନ୍ତି। ଡାକ୍ତରଖାନାରେ ବି ପହଞ୍ଚି ପାରିଲେନି।

ପୁଣିଥରେ ଶାନ୍ତିଲତା ବାରିକ୍ ହୋଇ ଜନ୍ମ ହେବାକୁ ତାଙ୍କର ଇଚ୍ଛା ବୋଲି ସଦାବେଳେ ସେ କହନ୍ତି। ସେ ଚାହୁଁଥିଲେ ତାଙ୍କ ସଂସ୍ପର୍ଶରେ ଆସୁଥିବା ସବୁ କଳାକାର ଜଣେ ଜଣେ ଜଣେ ଶାନ୍ତିଲତା ବାରିକ୍ ହୁଅନ୍ତୁ। ସେଥିପାଇଁ ଆମେ ଏକ ନୂଆ କାର୍ଯ୍ୟକ୍ରମ 'ଅନୁରାଗ' ହାତକୁ ନେଇଥିଲୁ। ପାରିବାରିକ, ଆର୍ଥକ ବା କୌଣସି ପ୍ରତିବନ୍ଧକ ବା ଅନ୍ୟ କାରଣବଶତଃ ଯେଉଁମାନେ ଆନୁଷ୍ଠାନିକ ସଙ୍ଗୀତ ଶିକ୍ଷାରୁ ବଞ୍ଚିତ, କିନ୍ତୁ ସଙ୍ଗୀତ ପ୍ରତି ଦୁର୍ବଳତା ଅଛି, ସେମିତି କିଛି ମହିଳାଙ୍କୁ ନେଇ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଜୟଦେବ ଭବନରେ ସଙ୍ଗୀତ ପରିବେଷଣର ସୁଯୋଗ ସେ ଦେଉଥିଲେ। 'ଅନୁରାଗ କ୍ଲବ୍'ର ସଦସ୍ୟ ସଂଖ୍ୟା ଏବେ ବହୁତ ଅଧିକ।

କେତେ ଯେ ଭଜନଶିଳ୍ପୀ ତାଙ୍କର ପ୍ରଶିକ୍ଷଣ ଆଉ ସାହାଯ୍ୟ ସହଯୋଗରେ ମଞ୍ଚ ସ୍ୱୀକୃତି ପାଇ ରାଜ୍ୟରେ ନାଁ କରିପାରିଛନ୍ତି ସେ କଥା କାହାକୁ ଅଛପା ନୁହେଁ। ତାଙ୍କ ଗୀତ ଶୁଣି ଶୁଣି 'ସବୁ ବନ୍ଧନ ମୋ ଖୋଲିନେଇ ପ୍ରଭୁ' ମହାପ୍ରଭୁ ଶାନ୍ତିଲତାଙ୍କୁ ତାଙ୍କ ବନ୍ଧନକୁ ନେଇଗଲେ ସତ, କିନ୍ତୁ ଆମକୁ ଏକାକୀ ଓ ଭାରାକ୍ରାନ୍ତ କରିଦେଲେ।

**(ଅଧ୍ୟକ୍ଷ, ଶାନ୍ତିଲତା ବାରିକ୍ ଛୋଟରାୟ କଲଚରାଲ୍ ଟ୍ରଷ୍ଟ)**

# ରାଷ୍ଟ୍ର ଗଠନରେ ଯୁବପିଢ଼ି



**ପ୍ରଶାନ୍ତ କୁମାର ସାହୁ**
ବାଲେଶ୍ୱର

ବିଶ୍ୱର ବୃହତ୍ତମ ଗଣତନ୍ତ୍ର ଓ ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତରେ ମୋଟ ଜନସଂଖ୍ୟାର ୨୮ ପ୍ରତିଶତ କେବଳ ଯୁବ ପିଢ଼ି। କିନ୍ତୁ ପ୍ରଶ୍ନ ଉଠେ କ'ଣ ଆମ ସମାଜ କିମ୍ବା ରାଷ୍ଟ୍ର କିମ୍ବା ଆମ ଯୁବ ପିଢ଼ି ଏଥିପ୍ରତି ଯତ୍ନଶୀଳ ଅଛନ୍ତି? "ଭାରତ ଏବେ ମଧ୍ୟ ଅର୍ଥନୈତିକ ସଫଳତା ହାସଲ କରିବାରେ ସେତିକି ସକ୍ଷମ ହୋଇ ପାରିନି ଯାହାକି ବିଶ୍ୱ ଦରବାରରେ ଏକ ରାଜନୈତିକ-ଅର୍ଥନୈତିକ-ସାଂସ୍କୃତିକ ଛାପ ପକାଇ ପାରିବ। ସ୍ୱାଧୀନତାର ଦୀର୍ଘ ସାତ ଦଶନ୍ଧି ପରେ ବି ଆମେ 'ଗରିବୀ ହଟାଓ' ସ୍ଲୋଗାନ ଦେଇ ଚାଲିଛୁ। ଆମ ସମାଜ ଭ୍ରଷ୍ଟାଚାର, ଦରିଦ୍ରତା, ବେକାରୀ ସମସ୍ୟା, କୁପୋଷଣ, ଅପରାଧ ଇତ୍ୟାଦି ସାମାଜିକ ମହାମାରୀ ଦ୍ୱାରା କଳୁଷିତ ହୋଇପଡ଼ିଛି। ଏହା କ'ଣ ଭାରତୀୟ ସମାଜ ପାଇଁ ଦୁଃଖ ଓ ଚିନ୍ତାର ବିଷୟ ନୁହେଁ କି? ଆନ୍ତର୍ଜାତିକ ସଂସ୍ଥାମାନଙ୍କ ଦ୍ୱାରା ପ୍ରକାଶିତ ବିଭିନ୍ନ ସୂଚକ ପତ୍ରରେ ଭାରତର ସ୍ଥାନ ଏତେ ପ୍ରଶଂସନୀୟ ନୁହଁ, ଯଦିଓ ବିଗତ ଏକ ଦଶନ୍ଧି ଭିତରେ ଆମେ ଭଲ ପ୍ରଦର୍ଶନ କରିଆସୁଛେ। କିଏ ଏଥିପାଇଁ ଦାୟୀ ତାହା ବର୍ତ୍ତମାନ ସମୟର ତର୍କ ନୁହେଁ। ବରଂ କେମିତି ତା'ର ସମାଧାନ କରାଯାଇପାରିବ, ସେଥିପ୍ରତି ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ। ଯୁବ ପିଢ଼ିକୁ ଛାଡ଼ି ଏହି ସ୍ଥିତିରେ ପରିବର୍ତ୍ତନ ପରିକଳ୍ପନା କରାଯାଇପାରେନା।

ସାଧାରଣତଃ ୧୫ ରୁ ୨୯ ବର୍ଷ ବୟସ ସୀମା ଭିତରେ ଥିବା ବର୍ଗଙ୍କୁ ଆମେ ଯୁବ ପିଢ଼ି ବୋଲି ଗଣନା କରିଥାଉ। ସେମାନେ ସମାଜର ମେରୁଦଣ୍ଡ ସଦୃଶ। ଅତଏବ ଏକ ସମାଜର ଭବିଷ୍ୟ ନିର୍ଦ୍ଧାରଣରେ ଯୁବ ପିଢ଼ିର ଭୂମିକା ଏକାନ୍ତ ଆବଶ୍ୟକ ଓ ଗୁରୁତ୍ୱପୂର୍ଣ୍ଣ। କାରଣ ସମାଜରେ ଥିବା ଅନ୍ୟ ବର୍ଗ ଯଥା ଶିଶୁ, ବୃଦ୍ଧ, ମହିଳା ଇତ୍ୟାଦି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୁବ ପିଢ଼ି ଉପରେ ନିର୍ଭର କରନ୍ତି। ଏହି ଦାୟିତ୍ୱବୋଧ ହିଁ ଯୁବପିଢ଼ିକୁ ଶୃଙ୍ଖଳିତ ଓ ଅନୁଶାସିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଇଥାଏ। ଯୁବ ପିଢ଼ି ଖୁବ୍ ଶୀଘ୍ର ନିଜେ ସହଜରେ ପରିବର୍ତ୍ତନ ହୋଇପାରିବେ ଏବଂ ଅନ୍ୟକୁ ପରିବର୍ତ୍ତନ କରାଇପାରିବେ। ସେମାନଙ୍କ ପାଖରେ ସମଗ୍ର ବିଶ୍ୱକୁ ବଦଳାଇ ପାରିବାର ଶକ୍ତି ମଧ୍ୟ ଅଛି। ଯେତେବେଳେ ଯୁବବର୍ଗ ଏକାଠି ହୋଇ କୌଣସି କାର୍ଯ୍ୟ କରନ୍ତି, ତାହା ଦେଶକୁ ଉଜ୍ଜ୍ୱଳ ଭବିଷ୍ୟତ ଦିଗକୁ ନେଇଯାଏ।

ସର୍ବପ୍ରଥମେ, ଏକ ସୁସ୍ଥ ପରିବେଶ ଗଠନ କରିବା ପାଇଁ ଯୁବ ପିଢ଼ି ସମସ୍ତ ଆହ୍ୱାନକୁ ଗ୍ରହଣ କରିବା ଉଚିତ। ପ୍ରାକୃତିକ ପରିବେଶକୁ ସୁନ୍ଦର, ସ୍ୱଚ୍ଛ ଓ ସନ୍ତୁଳିତ କରିବା ପାଇଁ ଉପଯୁକ୍ତ ପରିଚାଳନା ଦିଗରେ ଯତ୍ନବାନ ହେବା ଯୁବ ପିଢ଼ି ପାଇଁ ଅପରିହାର୍ଯ୍ୟ। ଦ୍ୱିତୀୟତଃ, ଭାରତର ପୁରାତନ ଇତିହାସ, ସଂସ୍କୃତି, କଳା ଓ ଭାସ୍କର୍ଯ୍ୟ ଇତ୍ୟାଦି ଜାଣିବା ଏବଂ ତାହାର ପ୍ରସାର କରିବା ଯୁବ ପିଢ଼ି ପାଇଁ ଗୁରୁତ୍ୱପୂର୍ଣ୍ଣ। ସିନ୍ଧୁ ସଭ୍ୟତାଠାରୁ ଆରମ୍ଭ କରି ସମ୍ପ୍ରତି ଆଧୁନିକ ସମୟର ଉପଲବ୍ଧି କିପରି ଭାରତୀୟ ଭାବେ ଆମକୁ ଗୌରବାନ୍ୱିତ କରିପାରିବ ସେ ଦିଗରେ ଯୁବ ପିଢ଼ିକୁ ଯତ୍ନଶୀଳ ହେବା ନିତାନ୍ତ ଜରୁରୀ। ତୃତୀୟତଃ, ଅର୍ଥନୈତିକ କ୍ଷେତ୍ରରେ କିପରି ନିଜେ ସ୍ୱାବଲମ୍ବୀ ହେବା ଓ ଅନ୍ୟକୁ ରୋଜଗାରକ୍ଷମ କରାଯାଇପାରିବ ସେ ଦିଗରେ ଯୁବ ପିଢ଼ି ସବୁଠୁ ଅଧିକ ପରିଶ୍ରମ କରିବାକୁ ହେବ। ଦିନ ଥିଲା ବିଦେଶୀ ମାନେ ଭାରତକୁ 'ସୁନାର ଚଢ଼େଇ' ବୋଲି ସମ୍ବୋଧନ କରୁଥିଲେ। ଆମକୁ ସେଇ ପୁରାତନ ଭାରତର ବାଣିଜ୍ୟ ବ୍ୟବସାୟର ଧାରାକୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ହେବ। ଗାଁରେ ଥିବା କୁଟୀର ଶିଳ୍ପ, ମହିଳା ଏସଏଚଜି ଏବଂ ଅନ୍ୟ ଲଘୁ ଉଦ୍ୟୋଗ ଉପରେ ଗୁରୁତ୍ୱ ଦେଇ ଗାଁର ଯୁବବର୍ଗଙ୍କୁ ରୋଜଗାରକ୍ଷମ କରାଇ ହେବ। ଖାଲି ସେତିକି ନୁହେଁ, ସମୟ ସହ ପାଦ ଦେଇ ଆଜିର ଯୁବ ପିଢ଼ିକୁ ତୃତୀୟ ଓ ଚତୁର୍ଥ ସ୍ତରୀୟ ଅର୍ଥନୀତିକୁ ସୁଦୃଢ଼ କରି ଘରୋଇ ଅର୍ଥ ବ୍ୟବସ୍ଥାକୁ ବଳବାନ କରିବା ଦିଗରେ ପ୍ରୟାସ କରିବା ଦରକାର।

ଏ ଦିଗରେ ସରକାରଙ୍କ ମଧ୍ୟ ଭୂମିକା ରହିଛି। ଏକ ଉନ୍ନତ ଯୁବ ଶ୍ରମ ଶକ୍ତି ସୃଷ୍ଟି କରିବା ପାଇଁ ସରକାର ଆବଶ୍ୟକ ନୀତି ପ୍ରଣୟନ କରିବା ଆବଶ୍ୟକ, ଯାହାକି ଭାରତର ଅର୍ଥନୀତିକୁ ନିରବଚ୍ଛିନ୍ନ ଭାବେ ଯୋଗଦାନ କରିପାରିବ ଏବଂ ଭବିଷ୍ୟତର ସବୁ ସମସ୍ୟାକୁ ସହଜରେ ସମାଧାନ କରିପାରୁଥିବ। ଏହାଛଡ଼ା ସାମାଜିକ ଓ ନୈତିକ ତତ୍ତ୍ୱ ସହ ସମାଜର ସବୁ ବର୍ଗ ପାଇଁ ସେବା ଯୋଗାଇ ପାରୁଥିବା, ଶାସନ ନୀତି ସହ ଖାପ ଖୁଆଇ ପାରୁଥିବା ଯୁବବର୍ଗ ସୃଷ୍ଟି ପାଇଁ ସରକାର ଚେଷ୍ଟା କରିବା ଆବଶ୍ୟକ। ବିଶେଷତଃ ଗରିବ, ଦଳିତ, ଆଦିବାସୀ ଓ ସ୍ୱାଭାବିକ ସାମାଜିକ ସୁଯୋଗରୁ ବଞ୍ଚିତ ଯୁବକମାନଙ୍କ ପାଇଁ ଏକ ନ୍ୟାୟସଙ୍ଗତ ସୁବିଧା ବ୍ୟବସ୍ଥା କରିବା ସରକାରଙ୍କ ଦାୟିତ୍ୱ।

ଭାରତ ଭଳି ଏକ ବିକାଶଶୀଳ ରାଷ୍ଟ୍ରରେ ଶିକ୍ଷା ହେଉ କି ସ୍ୱାସ୍ଥ୍ୟ କିମ୍ବା ଅର୍ଥନୈତିକ ଅଭିବୃଦ୍ଧି କିମ୍ବା ସାଂସ୍କୃତିକ ବିକେନ୍ଦ୍ରୀକରଣ, ଯୁବ ପିଢ଼ିର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ଆମ ସମାଜ ଓ ସରକାର ସଠିକ ଉପାୟରେ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସବୁ ଅଧିକାରର ସୁରକ୍ଷାକୁ ଦୃଷ୍ଟିରେ ରଖି ସେମାନଙ୍କ ସାମାଜିକ ବିକାଶ ପାଇଁ ପୁଞ୍ଜି ବିନିଯୋଗ କରିବା ଅତ୍ୟାବଶ୍ୟକ। ଆଜିର ଯୁବ ପିଢ଼ି ଆସନ୍ତା କାଲିର ସ୍ରଷ୍ଟା, ପଥ ପ୍ରଦର୍ଶକ, ଦେଶର ନିର୍ମାତା ଓ ଭାଗ୍ୟ ବିଧାତା। ଇତିହାସ ସାକ୍ଷୀ ଅଛି, ଯେଉଁଠି ଯୁବ ପିଢ଼ି ଯୁଗାନ୍ତକାରୀ ପଦକ୍ଷେପ ନେଇଛି ସେଠି ସ୍ୱାଧୀନତାର ସ୍ୱାଦ, ରାଷ୍ଟ୍ର ଗଠନ ଓ ସ୍ୱାବଲମ୍ବନ ଇତ୍ୟାଦି ବିଚାରଧାରା ଉନ୍ନତ ହୋଇଛି। ଉଦାହରଣ ସ୍ୱରୂପ, ଯେଉଁ ମିସନ ପ୍ରଥମ ବ୍ୟକ୍ତିକୁ ଚନ୍ଦ୍ର ପୃଷ୍ଠରେ ପହଞ୍ଚାଇ ତାଙ୍କୁ ସର୍ବଦା ଅମର କରିଦେଲା, ସେଇ ମିସନରେ ୮୦ ପ୍ରତିଶତ ଯୁବକ ଅଂଶଗ୍ରହଣ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରାଣ ହରାଇଥିବା ସଂଗ୍ରାମୀମାନଙ୍କ ମଧ୍ୟରେ ଯୁବ ପିଢ଼ିର ଯୋଗଦାନ ସବୁଠାରୁ ଅଧିକ। କୋଣାର୍କ ମନ୍ଦିର ମୁଣ୍ଡି ମାରିଥିବା ଧର୍ମପଦ ହେଉ କି ଇଂରେଜ ଗୁଳିରେ ସହିଦ ହୋଇଥିବା ବାଜି ରାଉତ ହେଉ କି ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିବା ସହିଦ ଭଗତ ସିଂ-ଶୁକଦେବ-ରାଜଗୁରୁ ହୁଅନ୍ତୁ, ଏମାନେ ସମସ୍ତେ ଯୁବ ଅବସ୍ଥାରେ ସମାଜ ଓ ଜାତି ପାଇଁ ନିଜକୁ ଉତ୍ସର୍ଗ କରିଦେଇ ଯାଇଛନ୍ତି। ଆମ ସମାଜ ପାଇଁ ସେମାନେ ଚିରସ୍ମରଣୀୟ ଏବଂ ଆଦର୍ଶ ରୂପେ ଚିରବନ୍ଦିତ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com









## ହମାସ୍ ମୁଖ୍ୟର ୩ ପୁଅ ନିପାତ

ତେଲ ଆଭିଭ, ୧୦।୪ (ଏଜେନ୍ସି): ଇସ୍ରାଏଲ ସେନା ବୁଧବାର ଗାଜାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଏୟାର ଷ୍ଟ୍ରାଇକ କରି ଆତଙ୍କବାଦୀ ସଂଗଠନ ହମାସ ମୁଖ୍ୟ ଇସ୍‌ମାଇଲ ହାନିଆର ତିନି ପୁଅ ହାଜିମ, ଅମିର ଏବଂ ମହମ୍ମଦକୁ ନିପାତ କରିଛି । ଏଥିରେ ହାନିଆର ୨ ନାତି ମଧ ପ୍ରାଣ ହରାଇଥିବା ସୂଚନା ମିଳିଛି । ଆଉ ଜଣେ ଆହତ ହୋଇଛନ୍ତି । ଏମାନେ ସମସ୍ତେ ଅଲ-ସତି ଶରଣାର୍ଥୀ ଶିବିର ନିକଟ ଦେଇ ଯାଉଥିବାବେଳେ ଇସ୍ରାଏଲ ଆକ୍ରମଣ କରିଥିଲା ।

● ୫୦୦ କୋଟିର ସାଇବର ଠକେଇ

## ପୁନିତ ମାହେଶ୍ୱରୀ ଗିରଫ

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ପାଞ୍ଚ ଶହ କୋଟି ଟଙ୍କାର ସାଇବର ଠକେଇ ଅଭିଯୁକ୍ତ ପୁନୀତ ମାହେଶ୍ୱରୀକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ବିମାନବନ୍ଦରରୁ ଗିରଫ କରିଛି । ଇଡି ପକ୍ଷରୁ ବୁଧବାର ଏହି ସୂଚନା ଦିଆଯାଇଛି । ପୁନୀତକୁ ଗତ ୩ ତାରିଖରେ ଆଇଜିଆଇ ବିମାନବନ୍ଦରର ଟର୍ମିନାଲ-୩ରୁ ଗିରଫ କରାଯାଇଥିଲା ବୋଲି କୁହାଯାଇଛି । ପରେ ତାକୁ ମନିଲଣ୍ଡରିଂ ନିରୋଧ୍ (ପିଏମଏଲଏ) କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ୯ ଦିନ ପାଇଁ ପୁନୀତକୁ ହେପାଜତକୁ ନେବାକୁ ଅନୁମତି ଦେଇଥିଲେ ।

● ନିର୍ବାଚନ ପ୍ରଚାରକୁ ନେଇ ଟିଏମସି- କଂଗ୍ରେସ କର୍ମୀ ମୁହାଁମୁହିଁ

## ବୋମା ମାଡ଼ରେ ୫ ଗୁରୁତର

କୋଲକାତା,୧୦।୪(ଏଜେନ୍ସି): ପଶ୍ଚିମବଙ୍ଗର ମୁର୍ଶିଦାବାଦ୍‌ରେ ନିର୍ବାଚନ ପ୍ରଚାର ଅଭିଯାନକୁ ନେଇ କଂଗ୍ରେସ ଏବଂ ଟିଏମସି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଛି । ମୁର୍ଶିଦାବାଦ ଜିଲ୍ଲାର ବେଜି ନଗର ଅଞ୍ଚଳରେ ଉଭୟ ଦଳର କର୍ମୀ ମୁହାଁମୁହିଁ ହେବା ସହିତ ବୋମାମାଡ଼ ହୋଇଛି । ଏହି ଘଟଣାରେ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ଖବର ଅନୁସାରେ ନିର୍ବାଚନ ପ୍ରଚାର ପାଇଁ କଂଗ୍ରେସ କର୍ମୀ ନିଜ ଦଳୀୟ ପ୍ରାର୍ଥୀଙ୍କ ନାମ କାନ୍ଥରେ ଲେଖିଥିଲେ । ଏହାପରେ କେହି ଏହି ନାମ ଉପରେ ଧଳା ରଙ୍ଗ ବୋଳି ଦେଇଥିଲେ । ଏଭଳି ହୀନ କାର୍ଯ୍ୟ ଟିଏମସି କର୍ମୀ କରିଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯିବା ପରେ ସଂପୃକ୍ତ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ପରେ ପରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିବା ସହିତ ବୋମାମାଡ଼ ହୋଇଥିଲା । ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି । ଆହତମାନଙ୍କୁ ମୁର୍ଶିଦାବାଦ ଜିଲ୍ଲା ମେଡ଼ିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ପୁଲିସ ଘଟଣା ସମ୍ପର୍କରେ ଖବର ପାଇ ଯାଞ୍ଚ ଆରମ୍ଭ କରିଛି ।

## ଭବିଷ୍ୟବାଣୀ କରି ଜ୍ୟୋତିଷ ଗିରଫ

ଚେନ୍ନଇ, ୧୦।୪ (ଏଜେନ୍ସି): ନିର୍ବାଚନରେ କିଏ ଜିତିବ ତାହାର ଭବିଷ୍ୟବାଣୀ କରୁଥିବା ଶୁଆର ଭିଡିଓ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ତାମିଲନାଡୁ କୁଡ୍ଡାଲୁର ପୁଲିସ ସେଲଭରାଜ ଏବଂ ତାଙ୍କ ଭାଇଙ୍କୁ ଗିରଫ କରିଛି । ପରେ ଚେତାବନୀ ଦେଇ ଛାଡ଼ି ଦେଇଛି । ଆଉ ଏପରି ନ କରିବାକୁ କହିଛି । ଏହା ସହିତ ପିଞ୍ଜରାରେ ରଖାଯାଇଥିବା ୪ ଶୁଆଙ୍କୁ ମୁକ୍ତ କରିଦେଇଛି । ଏହି ଶୁଆ ପ୍ରାର୍ଥୀଙ୍କ ଭାଗ୍ୟ ବତାଉ ଥିଲେ । ପିଞ୍ଜରାରୁ ବାହାରି କାର୍ଡ ଚୟନ କରୁଥିଲେ । ସୂଚନା ଅନୁଯାୟୀ ଗତ ରବିବାର ପଟ୍ଟାଲି ମକଲ କାଚି (ପିଏମକେ) ର କୁଡ୍ଡାଲୋର ପ୍ରାର୍ଥୀ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଥଙ୍କର ବଚନ ପ୍ରଚାର କରୁଥିଲେ । ସେ ମନ୍ଦିର ନିକଟରେ ଏହି ଶୁଆଙ୍କୁ ଦେଖି ନିଜ ଭାଗ୍ୟ ଜାଣିବାକୁ ଚାହିଁଥିଲେ । ସେ ନିର୍ବାଚନ ଜିତିବେ ବୋଲି ଏହି ଶୁଆ ଆକଳନ କରିଥିଲେ ।

## ସାର୍ଟ ବଟନ୍ ଖୋଲା ଥିବାରୁ ଯୁବକଙ୍କୁ ମେଟ୍ରୋ ଯାତ୍ରା ମନା

ବେଙ୍ଗାଲୁରୁ,୧୦।୪(ଏଜେନ୍ସି): ସାର୍ଟ ବଟନ୍ ଖୋଲା ଥିବାରୁ ଜଣେ ଯୁବକଙ୍କୁ ବେଙ୍ଗାଲୁ ମେଟ୍ରୋ ରେଳରେ ଯାତ୍ରା କରିବାକୁ ମନା କରିଦିଆଯିବା ଘଟଣା ସୋସିଆଲ ମିଡିଆରେ ବିତର୍କ ସୃଷ୍ଟି କରିଛି । ଏଠାକାର ମେଟ୍ରୋ ରେଳ ନିଗମର ଅଧିକାରୀମାନେ ସଂପୃକ୍ତ ଯୁବକଙ୍କୁ ମେଟ୍ରୋ ଟ୍ରେନରେ ଚଢ଼ିବାକୁ ଦେଇନଥିବା ଅଭିଯୋଗ ହୋଇଛି । ମିଳିଥିବା ଖବର ଅନୁସାରେ ଡୋଡାକଲାସାନ୍ଦ୍ର ମେଟ୍ରୋ ଷ୍ଟେସନରେ ଜଣେ ଯୁବକ ମେଟ୍ରୋ ଟ୍ରେନରେ ଯିବାକୁ ଚାହିଁଥିଲା ବେଳେ ତାଙ୍କୁ ରେଳ କର୍ମଚାରୀମାନେ ବିରୋଧ କରିଥିଲେ । ଯୁବକ ଜଣକ ସାର୍ଟରେ ବଟନ୍ ଦେବା ସହିତ ସଫା ପୋଷାକରେ ମେଟ୍ରୋ ଯାତ୍ରା କରିପାରିବେ ବୋଲି କହିଥିଲେ । ନଚେତ୍ ତାଙ୍କୁ ମେଟ୍ରୋ ଷ୍ଟେସନରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ । କିନ୍ତୁ ଏଭଳି ଘଟଣାକୁ ନେଇ କିଛି ସହ-ଯାତ୍ରୀମାନେ ହସ୍ତକ୍ଷେପ କରିଥିଲେ ଏବଂ ଜଣେ ଯାତ୍ରୀ ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ସେୟାର କରିଥିଲେ । ଧନୀ ,ଗରିବ କିମ୍ବା ମହିଳା ଯିଏ ବି ହେଉ, ମେଟ୍ରୋ ରେଳରେ ଯାତ୍ରା କରିବା ପାଇଁ କିଛି ପ୍ରତିବନ୍ଧକ କାହିଁକି ରହିବ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଥିଲା ।

ସନ୍ଦେଶଖାଲି ଘଟଣା

# ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ହେବ ସିବିଆଇ ତଦନ୍ତ

କୋଲକାତା,୧୦।୪(ଏଜେନ୍ସି): ପଶ୍ଚିମବଙ୍ଗର ବହୁ ଚର୍ଚ୍ଚିତ ସନ୍ଦେଶଖାଲି ଘଟଣାକୁ ନେଇ ବୁଧବାର କୋଲକାତା ହାଇକୋର୍ଟ ବଡ଼ ନିଷ୍ପତ୍ତି ନେଇଛନ୍ତି । ସନ୍ଦେଶଖାଲିର ମହିଳାଙ୍କ ଯୌନ ଶୋଷଣ, ଦୁଷ୍କର୍ମ ଏବଂ ଜବରଦସ୍ତ ଜମି ହଡ଼ପ୍ ମାମଲା ସିବିଆଇ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ଏହିସବୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବ । ଯେଉଁମାନଙ୍କ ଚାଷ ଜମିକୁ ଜୋରଜବରଦସ୍ତ ଏବଂ ବେଆଇନ ଭାବେ ମତ୍ସ୍ୟ ଚାଷ ପାଇଁ ପରିବର୍ତ୍ତନ କରାଯାଇଛି ତାହାର ଯାଞ୍ଚ କରି ସିବିଆଇ ତୁରନ୍ତ ରିପୋର୍ଟ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସନ୍ଦେଶଖାଲି ପୀଡ଼ିତମାନେ ସେମାନଙ୍କ ଅଭିଯୋଗ ଦାଖଲ କରିବାକୁ ସିବିଆଇ ପକ୍ଷରୁ ତୁରନ୍ତ ଏକ ପୋର୍ଟାଲ ଆରମ୍ଭ କରିବାକୁ କୁହାଯାଇଛି । ଯେଉଁମାନେ ଏହି ପୋର୍ଟାଲରେ ଅଭିଯୋଗ ଦାଖଲ କରିବେ ସେମାନଙ୍କୁ ଏବଂ ସାକ୍ଷୀମାନଙ୍କୁ ସବୁ ଦିଗରୁ ସୁରକ୍ଷା ଯୋଗାଇ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।



ଏହି ପ୍ରସଙ୍ଗରେ ହାଇକୋର୍ଟ କହିଛନ୍ତି ଯେ, ସନ୍ଦେଶଖାଲି ଭଳି ଏକ ସ୍ପର୍ଶକାତର ଘଟଣାର ନିରପେକ୍ଷ ଯାଞ୍ଚ ହେବା ଜରୁରୀ । ଏହି ମାମଲାରେ ଯେଉଁ ଏଜେନ୍ସି ଯାଞ୍ଚ କରୁ ନା କାହିଁକି, ସଂପୃକ୍ତ ଏଜେନ୍ସିକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସମର୍ଥନ ମିଳିବା ଦରକାର । ସିବିଆଇ ଯାଞ୍ଚ ପ୍ରକ୍ରିୟାରେ ଜିଲ୍ଲାପାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ସହଯୋଗ କରିବା ସହିତ ଯାଞ୍ଚ ପ୍ରକ୍ରିୟା ସହ ଜଡ଼ିତ ସବୁ ଦିଗରେ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

## ଦଳ ଛାଡ଼ିଲେ ଆପ୍ ମନ୍ତ୍ରୀ ରାଜ କୁମାର

ନୂଆଦିଲ୍ଲୀ,୧୦।୪(ଏଜେନ୍ସି)

୨୪ ଘଣ୍ଟା ନପୂରୁଣୁ ଆମ୍ ଆଦମୀ ପାର୍ଟି(ଆପ୍) କୁ ପୁଣି ଲାଗିଛି ଧକ୍କା । କେଜ୍ରିୱାଲଙ୍କ ମନ୍ତ୍ରିମଣ୍ଡଳରୁ ଅନ୍ୟତମ ବରିଷ୍ଠ ମନ୍ତ୍ରୀ ରାଜ କୁମାର ଆନନ୍ଦ ବୁଧବାର ଇସ୍ତଫା ଦେଇଛନ୍ତି । ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ଗିରଫଦାରୀକୁ ବିରୋଧ କରି ହୋଇଥିବା ଆବେଦନ ଉପରେ ହାଇକୋର୍ଟ ଯେଉଁ ଟିପ୍ପଣୀ ଦେଇଥିଲେ ତାହା କେବଳ ଆପ୍ ନୁହେଁ; ବରଂ ସବୁ ବିରୋଧୀ ଦଳଙ୍କ ପ୍ରତି ନୈତିକତାର ପ୍ରଶ୍ନ ହୋଇଥିଲା । ତେବେ ଏହି ମାମଲାକୁ ନେଇ ଆପର ସାଂପ୍ରତିକ ସ୍ଥିତି ଉପରେ ବିଚାର କରି ମନ୍ତ୍ରୀ ରାଜକୁମାର ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ସହିତ ଦଳରୁ ମଧ ଇସ୍ତଫା ଦେବା ବିଷୟ ଆପ୍ ପାଇଁ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିଛି । ଦିଲ୍ଲୀ ସରକାରଙ୍କ ସାମାଜିକ କଲ୍ୟାଣ ବିଭାଗ ଦାୟିତ୍ୱରେ ରହିଥିବା ରାଜ କୁମାର ଇସ୍ତଫା ଦେବା ପରେ ଆପ୍ ଦୁର୍ନୀତିଗ୍ରସ୍ତ ହୋଇପଡ଼ିଛି ବୋଲି କହିଛନ୍ତି ।

## କେଜ୍ରିୱାଲଙ୍କ ମାମଲାର ତ୍ୱରିତ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ପ୍ରସଙ୍ଗରେ ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର ଦେଇଥିବା ରାୟକୁ ଚ୍ୟାଲେଞ୍ଜ କରି ଆପ୍ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଛି । ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ତ୍ୱରିତ ଶୁଣାଣି କରିବାକୁ କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁ ସିଂଘଭି ଆବେଦନ କରିଥିଲେ ହେଁ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । ତେବେ ଏହି ଆବେଦନ ଉପରେ ଆଗକୁ ବିଚାର କରାଯିବ ବୋଲି ପ୍ରଧାନବିଚାରପତି ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼ କହିଛନ୍ତି । ଏହି ମାମଲାର ଶୁଣାଣି ପାଇଁ ଆବେଦନ ପତ୍ର ତାଲିକାଭୁକ୍ତ କରିବାକୁ ଇ-ମେଲ ଯୋଗେ ଜଣାଇବାକୁ ଜଷ୍ଟିସ୍ ଚନ୍ଦ୍ରଚୂଡ଼ ଓକିଲ ମନୁ ସିଂଘଭିଙ୍କୁ ପରାମର୍ଶ ଦେଇଛନ୍ତି ।

ନେପାଳକୁ ପୁଣି ହିନ୍ଦୁରାଷ୍ଟ୍ର ଘୋଷଣା ଦାବି

## ରାସ୍ତାକୁ ଓହ୍ଲାଇଲେ ଲକ୍ଷ ଲକ୍ଷ ଲୋକ

କାଠମାଣ୍ଡୁ, ୧୦।୪ (ଏଜେନ୍ସି)

■ ଦୁର୍ନୀତି କରୁଛନ୍ତି ରାଜନୈତିକ ଦଳ
■ ପୁଣି ପ୍ରତିଷ୍ଠା ହେଉ ରାଜତନ୍ତ୍ର



ନେପାଳକୁ ପୁଣି ହିନ୍ଦୁରାଷ୍ଟ୍ର ଘୋଷଣା ଦାବି ଜୋର୍ ଧରିଛି । ଏଥିପାଇଁ ଲକ୍ଷ ଲକ୍ଷ ଲୋକ ରାଜଧାନୀ କାଠମାଣ୍ଡୁ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏମାନେ ଦେଶରେ ପୁଣିଥରେ ରାଜତନ୍ତ୍ର ପ୍ରତିଷ୍ଠା କରିବାକୁ ଦାବି କରୁଛନ୍ତି । ରାଜନୈତିକ ଦଳଗୁଡିକ ଦୁର୍ନୀତିରେ ଲିପ୍ତ ରହୁଥିବା ଅଭିଯୋଗ କରିଛନ୍ତି । ପ୍ରଦର୍ଶନକାରୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅନ୍ୟ ସରକାରୀ ଅଫିସରେ ପହଞ୍ଚିବାକୁ ପ୍ରୟାସ କରୁଛନ୍ତି । ଏହି ସମୟରେ ସେମାନେ ପୁଲିସ ସହ ମୁହାଁମୁହିଁ ହୋଇଥିଲେ । ପୁଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇବା ପାଇଁ ବାଉଁଶ ଗୋଳା, ଲୁହବୁହା ଗ୍ୟାସ ଏବଂ ପାଣି ମାଡ଼ କରିଛି । ନେପାଳର ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଅଧିନରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଆମେ ନିଜ ଦେଶ ଏବଂ ରାଜାଙ୍କୁ ଜୀବନଠାରୁ ଅଧିକ ଭଲ ପାଉଛୁ ବୋଲି ପ୍ରଦର୍ଶନକାରୀ ସ୍ଲୋଗାନ ଦେଉଛନ୍ତି । ସୂଚନାଯୋଗ୍ୟ ଯେ ୨୪୦ ବର୍ଷ ଧରି ଚାଲି ଆସୁଥିବା ନେପାଳର ରାଜତନ୍ତ୍ର ଶାସନ ୨୦୦୮ରେ ଶେଷ ହୋଇଥିଲା । ୨୦୦୭ରେ ଦେଶର ହିନ୍ଦୁ ରାଷ୍ଟ୍ରରୁ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିଲା । ଏ ପର୍ଯ୍ୟନ୍ତ ଦେଶରେ ୧୩ ସରକାର ଗଠନ ହୋଇଛି । ତେବେ ରାଜନୈତିକ ସ୍ତରରେ ଅନେକ ଅସ୍ଥିରତା ରହିଛି ।

## ସିଏଏ ନେଇ ଲୋକଙ୍କୁ ଭ୍ରମିତ କରୁଛନ୍ତି ମମତା: ଅମିତ ଶାହ

କୋଲକାତା, ୧୦।୪(ଏଜେନ୍ସି)



କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଏକ ନିର୍ବାଚନ ପ୍ରଚାର ସଭାରେ ଯୋଗଦେବାକୁ ଆଜି ଏଠାକାର ବେଲୁରଘାଟକୁ ଆସି କହିଛନ୍ତି ଯେ ନାଗରିକତା (ସଂଶୋଧନ)ଆଇନ ବା ସିଏଏ ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଲୋକଙ୍କୁ ଲୋକଙ୍କୁ ଭ୍ରମରେ ପକାଉଛନ୍ତି । ମମତା ଭୁଲରେ କହୁଛନ୍ତି ଯେ ସିଏଏ ପାଇଁ ଦରଖାସ୍ତ ଦେବା ବ୍ୟକ୍ତି ତାଙ୍କର ନାଗରିକତା ହରାଇବେ । ତୃଣମୂଳ କଂଗ୍ରେସ ନେତ୍ରୀ ମମତା ସିଏଏକୁ ଯେତେ ବିରୋଧ କଲେ ବି ସିଏଏ ଆଇନ ପ୍ରଣୟନ ହୋଇଛି ଓ ଲାଗୁ ହେଉଛି ବୋଲି ଶାହ କହିଛନ୍ତି । ସେ ପୁଣି କହିଛନ୍ତି, ସଶକ୍ତ ଭାରତ ଗଠନ ନିମନ୍ତେ ବେଙ୍ଗାଲକୁ ସଶକ୍ତ କରିବାକୁ ହେବ । ପଶ୍ଚିମବଙ୍ଗକୁ ବାଂଲାଦେଶ ପଟୁ ଅନୁପ୍ରବେଶ ଘଟୁଛି । ଏଭଳି ଅନୁପ୍ରବେଶ ଚାଲୁରହି ପଶ୍ଚିମବଙ୍ଗର ବିକାଶ ବାଧାପ୍ରାପ୍ତ ହେଉଛି ଓ ବେଙ୍ଗାଲ ସଶକ୍ତ ହେବାରେ ବାଧା ଉପୁଜୁଛି । ମମତା ବାନାର୍ଜୀ ଅନୁପ୍ରବେଶ ରୋକିବାକୁ କେବେ ଚାହିଁବେ ନାହିଁ । କାରଣ ଅନୁପ୍ରବେଶକାରୀମାନେ ହିଁ ମମତାଙ୍କ ତୃଣମୂଳ କଂଗ୍ରେସର ଭୋଟବ୍ୟାଙ୍କ । ଆସାମର ବିଜେପି ସରକାର ଅନୁପ୍ରବେଶ ରୋକିପାରିଥିବା ଦର୍ଶାଇ କେନ୍ଦ୍ର ମନ୍ତ୍ରୀ ଶାହ କହିଛନ୍ତି ଯେ ଯଦି ପଶ୍ଚିମବଙ୍ଗରେ ବିଜେପି ସରକାର ଆସେ ଓ ବିଜେପି ରାଜ୍ୟରେ ୩୦ରୁ ଅଧିକ ଲୋକସଭା ଆସନ ଜିତେ ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅନୁପ୍ରବେଶକୁ ନିଶ୍ଚୟ ସମ୍ପୂର୍ଣ୍ଣ ରୋକିପାରିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗ୍ୟାରେଣ୍ଟିର ବାର୍ତ୍ତା ପଶ୍ଚିମବଙ୍ଗ ଲୋକଙ୍କୁ ଜଣାଇବା ପାଇଁ ସେ ଆସିଛନ୍ତି ବୋଲି ଶାହ କହିଛନ୍ତି । ପଶ୍ଚିମବଙ୍ଗରେ ସମସ୍ତ ୭ଟି ପର୍ଯ୍ୟାୟରେ ମତଦାନ ହେବ । ପଶ୍ଚିମବଙ୍ଗର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୨ । ୨୦୧୯ ଲୋକସଭା ନିର୍ବାଚନରେ ମମତାଙ୍କ ତୃଣମୂଳ କଂଗ୍ରେସ ପାର୍ଟି(ଟିଏମସି)୨୨, ବିଜେପି ୧୮ ଓ କଂଗ୍ରେସ ୨ଟି ଆସନ ଜିତିଥିଲା ।

୨୩ଟି 'ବିପଜ୍ଜନକ' କୁକୁର ପ୍ରଜାତି ଉପରେ କଟକଣା

## କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକୁ ରଦ୍ଦକଲେ ହାଇକୋର୍ଟ

ବେଙ୍ଗାଲୁରୁ,୧୦।୪(ଏଜେନ୍ସି)



୨୩ଟି ବିପଜ୍ଜନକ ପ୍ରଜାତିର କୁକୁର ରଖିବା ଉପରେ ନିକଟରେ କେନ୍ଦ୍ର ସରକାର କଟକଣା ଲଗାଇଥିଲେ । ପଶୁପାଳନ ମନ୍ତ୍ରାଳୟ ଦ୍ୱାରା ଗଠିତ ଏକ ବିଶେଷଜ୍ଞ କମିଟି ଏହି ପ୍ରଜାତିର କୁକୁର ଆମଦାନୀ, ପ୍ରଜନନ ଏବଂ ବିକ୍ରୟ ଉପରେ ପ୍ରତିବନ୍ଧକ ଲଗାଇଥିଲେ । ତେବେ କେନ୍ଦ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ କର୍ଣ୍ଣାଟକ ହାଇକୋର୍ଟ ବୁଧବାର ରଦ୍ଦ କରି ଦେଇଛନ୍ତି । ବିପଜ୍ଜନକ କୁକୁର ପ୍ରଜାତି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ସର୍କୁଲାର ଜାରି ହେବା ପୂର୍ବରୁ ଗୃହପାଳିତ ପଶୁ ଏବଂ ଏଥିସହ ସଂପୃକ୍ତ ସଂଗଠନମାନଙ୍କ ସହ ପରାମର୍ଶ କରାଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି । ଯଦି ଗୃହପାଳିତ ପଶୁ କାହାକୁ ଆହତ କରନ୍ତି ତେବେ ସଂପୃକ୍ତ ମାଲିକ ଏଥିପାଇଁ ଦାୟୀ ରହିବା ସହିତ ପୀଡ଼ିତଙ୍କ ସମସ୍ତ ଖର୍ଚ୍ଚ ବହନ କରିବାକୁ ପଡିବ ବୋଲି କୋର୍ଟ କହିଛନ୍ତି ।

## 'ଈଶ୍ୱର କଣିକା' ଥିଓରି ଦେଇଥିବା ବୈଜ୍ଞାନିକଙ୍କ ପରଲୋକ



ଲଣ୍ଡନ, ୧୦।୪ (ଏଜେନ୍ସି): ବ୍ରିଟେନର ପ୍ରଖ୍ୟାତ ବୈଜ୍ଞାନିକ ପିଟର ହିଗ୍ସଙ୍କ ପରଲୋକ ହୋଇଛି । ସେ ୯୪ ବର୍ଷ ବୟସରେ ସୋମବାର ଶେଷ ନିଶ୍ୱାସ କରିଥିଲେ । ଇଡନବିରା ୟୁନିଭର୍ସିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି । ପିଟର ହିଗ୍ସ 'ଗଡ୍ ପାର୍ଟିକିଲ ତଥା ଈଶ୍ୱର କଣିକା' ଥିଓରି ଦେଇଥିଲେ । ବୋସନ କଣିକା କିଭଳି ବିଶ୍ୱକୁ ଯୋଡ଼ି କରି ରଖିଛି ତାହା ଦର୍ଶାଇ ଥିଲେ । ଏଥିପାଇଁ ୨୦୧୩ରେ ତାଙ୍କୁ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ମିଳିଥିଲା ।

# ଚନ୍ଦ୍ରଯାନ-୩ ଟିମ୍‌କୁ ୟୁଏସ୍ ଆୱାର୍ଡ

ହଷ୍ଟନ(ୟୁଏସ୍), ୧୦।୪(ଏଜେନ୍ସି)

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ(ଇସ୍ରୋ)ର ଚନ୍ଦ୍ରଯାନ-୩ ମିଶନର ସଫଳତା ପାଇଁ ମହତ୍ତ୍ୱପୂର୍ଣ୍ଣ ଅବଦାନ



ରଖିଥିବା ଟିମକୁ ଅନ୍ତରୀକ୍ଷ ଅଭିଯାତ୍ରା ଓ ଅନ୍ୱେଷଣ ପାଇଁ ଆମେରିକା(ୟୁଏସ୍)ର ସ୍ପେସ୍ ଫାଉଣ୍ଡେସନ ପକ୍ଷରୁ ୨୦୨୪ ଜନ୍ ଏଲ. ଜାକ୍ ସ୍ୱିଗେର୍ଟ ଜୁନିଅର୍ ଆୱାର୍ଡ ମିଳିଛି । ଗତବର୍ଷ ଅଗଷ୍ଟ ୨୩ ତାରିଖ ସନ୍ଧ୍ୟା ୬ଟା ୪ମିନିଟରେ ଚନ୍ଦ୍ରର ଦକ୍ଷିଣ ମେରୁ ପୃଷ୍ଠରେ ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର 'ବିକ୍ରମ' ରୋଭର 'ପ୍ରଜ୍ଞାନ'କୁ ନେଇ ସଫଳତାର ସହ ଅବତରଣ କରିବାକୁ ସକ୍ଷମ ହୋଇଥିଲା । କୌଣସି ଦେଶର ଅନ୍ତରୀକ୍ଷ ଯାନ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବା ତାହା ପ୍ରଥମ ଥିଲା । ପୁଣି ଚନ୍ଦ୍ର ପୃଷ୍ଠରେ ସଫଳତାର ସହ ସଫ୍ଟ ଲ୍ୟାଣ୍ଡିଂ କରିପାରିବାରେ ଭାରତ ହୋଇଥିଲା ଆମେରିକା, (ପୂର୍ବର) ସୋଭିଏତ ସଂଘ ଓ ଚୀନ ପଛକୁ ବିଶ୍ୱର ଚତୁର୍ଥ ଦେଶ । ଯେଉଁ ସ୍ଥାନରେ ଚନ୍ଦ୍ରଯାନ-୩ର ଲ୍ୟାଣ୍ଡର 'ବିକ୍ରମ' ସଫଳତାର ସହ ଅବତରଣ କରିଥିଲା, ସେହିସ୍ଥାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଶିବଶକ୍ତି' ନାମକରଣ କରିଥିଲେ । ସେହି 'ଶିବଶକ୍ତି' ନାମକରଣକୁ ଇତିମଧ୍ୟରେ ଅନ୍ତରୀକ୍ଷ ବସ୍ତୁ/ ଗ୍ରହ/ ଗ୍ରହପୁଞ୍ଜ/ ଉପଗ୍ରହ/ ଧୂମକେତୁ/ ଉଲକାପିଣ୍ଡ ଆଦିର ନାମକରଣ କରୁଥିବା ଅନ୍ତର୍ଜାତୀୟ ସଂସ୍ଥା ସ୍ୱୀକୃତି ଦେଇସାରିଛି । ପୁଣି ମୁନ୍ ଲ୍ୟାଣ୍ଡର 'ବିକ୍ରମ'ର ସଫଳ ଅବତରଣ ଦିବସ ଅଗଷ୍ଟ ୨୩କୁ ଜାତୀୟ ଅନ୍ତରୀକ୍ଷ ଦିବସ ଭାବେ ପାଳନ କରାଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି । ହଷ୍ଟନସ୍ଥିତ ଭାରତୀୟ ବାଣିଜ୍ୟଦୂତାବାସର କନସଲ ଜେନେରାଲ ଡିସି ମଞ୍ଜୁନାଥ ଗତ ସୋମବାର ଦିନ କଲରାଡୋରେ ବାର୍ଷିକ ସ୍ପେସ୍ ସିମ୍ପୋଜିୟମର ଉଦଘାଟନୀ ଉତ୍ସବରେ ସ୍ପେସ୍ ଫାଉଣ୍ଡେସନ୍ ସିଇଓ ହିଥର ପ୍ରିଙ୍ଗଲେଙ୍କଠାରୁ ଇସ୍ରୋ ଚନ୍ଦ୍ରଯାନ-୩ ଟିମ୍ ପାଇଁ ଆୱାର୍ଡ ଗ୍ରହଣ କରିଥିଲେ । ଇସ୍ରୋ ଟିମ୍ ଏହି ଆୱାର୍ଡ ପାଇବା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ବିଷୟରେ ସ୍ପେସ୍ ଫାଉଣ୍ଡେସନ୍ ଗତ ଜାନୁଆରୀରେ ଘୋଷଣା କରିଥିଲା । ଅନ୍ତରୀକ୍ଷ ଗବେଷଣାରେ ଭାରତର ନେତୃତ୍ୱ ବିଶ୍ୱ ପାଇଁ ପ୍ରେରଣାଦାୟୀ ବୋଲି ସେତେବେଳେ ସ୍ପେସ୍ ଫାଉଣ୍ଡେସନ୍ ସିଇଓ ହିଥର ପ୍ରିଙ୍ଗଲେ କହିଥିଲେ ।

● ରାମ ମନ୍ଦିରରେ ପ୍ରତିଷ୍ଠାହେଲା ସୁନାର ରାମଚରିତମାନସ

## ଓଜନ ୧.୫ କ୍ୱିଣ୍ଟାଲ; ମୂଲ୍ୟ ୫ କୋଟି

ଅଯୋଧ୍ୟା, ୧୦।୪ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ଏବେ ଭକ୍ତ ରାମଲାଲାଙ୍କ ସହିତ ସୁନାର ରାମଚରିତମାନସ ଦର୍ଶନ କରିପାରିବେ । ନବରାତ୍ରର ପ୍ରଥମ ଦିନରେ ଗର୍ଭଗୃହରେ ୧.୫ କ୍ୱିଣ୍ଟାରଲ ଏହି ରାମଚରିତମାନସକୁ ପ୍ରତିଷ୍ଠା କରାଯାଇଛି । ରାମଲାଲାଙ୍କ ମୂର୍ତ୍ତିରୁ ୧୫ ଫୁଟ ଦୂରରେ ଥିବା ଏକ ପଥରରେ ରାମଚରିତମାନସ ରଖାଯାଇଛି । ମଧ୍ୟପ୍ରଦେଶର କ୍ୟାଡରର ପୂର୍ବତନ ଆଇଏଏସ୍ ଲକ୍ଷ୍ମୀ ନାରାୟଣ ଏବଂ ତାଙ୍କ ପତ୍ନୀ ରାମ ମନ୍ଦିର ଟ୍ରଷ୍ଟକୁ ଏହା ଦାନ କରିଛନ୍ତି । ଏହି ରାମଚରିତମାନସ ହଜାର ପୃଷ୍ଠା ବିଶିଷ୍ଟ । ଏଥିରେ ୪ କେଜି ସୁନା ଏବଂ ୧୫୧ କେଜି ତମ୍ବା ଲାଗିଛି । ପ୍ରତି ପୃଷ୍ଠାରେ ୨୪ କ୍ୟାରେଟ ସୁନାର ପରସ୍ତ ଚଢ଼ା ଯାଇଛି ।



ଏହା ସହିତ ପ୍ରତ୍ୟେକ ପୃଷ୍ଠାରେ ୩ କେଜି ତମ୍ବା ଲାଗିଛି । ୩ ମାସ ମଧ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଛି । ଏହାକୁ ବନାଇବାକୁ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ନୂଆ ସଂସଦ ଭବନରେ ଥିବା ସେଙ୍ଗୋଲ (ରାଜଦଣ୍ଡ) ପ୍ରସ୍ତୁତକାରୀ କମ୍ପାନୀ ଏହି ରାମଚରିତମାନସ ବନାଇଛି ।

● ବିଜେପିର ୧୦ ପ୍ରାର୍ଥୀ ତାଲିକାରେ ୯ ନାମ

## କିରଣ ଖେର, ରୀତା ବହୁଗୁଣାଙ୍କ ଟିକଟ କଟିଲା

ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି): ଲୋକସଭା ନିର୍ବାଚନ ପାଇଁ ବିଜେପି ବୁଧବାର ୧୦ତମ ପ୍ରାର୍ଥୀ ତାଲିକା ଜାରି କରିଛି । ଏଥିରେ ଉତ୍ତରପ୍ରଦେଶର ୭, ପଶ୍ଚିମବଙ୍ଗ ଏବଂ ଚଣ୍ଡିଗଡ଼ର ଗୋଟିଏ ଲେଖାଏଁ ଲୋକସଭା ଆସନର ପ୍ରାର୍ଥୀଙ୍କ ନାମ ରହିଛି । ଚଣ୍ଡିଗଡ଼ର ବର୍ତ୍ତମାନର ସାଂସଦ କିରଣ ଖେରଙ୍କ ଟିକଟ କାଟି ସଞ୍ଜୟ ଟଣ୍ଡନଙ୍କୁ ପ୍ରାର୍ଥୀ କରାଯାଇଛି ।





ସେହିପରି ଆହ୍ଲାବାଦରୁ ରୀତା ବହୁଗୁଣା ଯୋଶୀଙ୍କ ଟିକଟ ମଧ କାଟି ଦିଆଯାଇଛି । ୟୁପିର ବଲିଆ ଆସନରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ପୁଅ ନିରଜ ଶେଖରଙ୍କୁ ସୁଯୋଗ ଦିଆଯାଇଛି । ୨୦୧୯ ରେ ଏଠାରୁ ବୀରେନ୍ଦ୍ର ସିଂହଙ୍କୁ ପ୍ରାର୍ଥୀ କରାଯାଇଥିଲା । ଏହା ବ୍ୟତୀତ ପଶ୍ଚିମବଙ୍ଗର ଆସନସୋଲ ଆସନରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏସଏସ ଅହଲୁୱାଲିଆଙ୍କୁ ଟିକଟ ଦିଆଯାଇଛି । ଏହାକୁ ମିଶାଇ ବିଜେପି ମୋଟ ୪୧୩ ପ୍ରାର୍ଥୀଙ୍କ ନାମ ଘୋଷଣା କଲାଣି ।

## ବିଲେଇକୁ ବଞ୍ଚାଇବାକୁ ଯାଇ ପ୍ରାଣ ହାରିଲେ ୫ ବ୍ୟକ୍ତି

ମୁମ୍ବାଇ,୧୦।୪(ଏଜେନ୍ସି): ଏକ ବିଲେଇକୁ ବଞ୍ଚାଇବାକୁ ଯାଇ ମହାରାଷ୍ଟ୍ରରେ ୫ ଜଣଙ୍କ ଜୀବନ ଯାଇଛି । ଏଭଳି ଏକ ଅବଭାନୀୟ ଘଟଣା ଘଟିଛି ମହାରାଷ୍ଟ୍ରର ଅହମଦ ନଗର ଜିଲ୍ଲାରେ । ମିଳିଥିବା ଖବର ଅନୁସାରେ ଏଠାକାର ନେଭାସା ତହସିଲରେ ଏକ ବାୟୋଗ୍ୟାସ୍ କୂପରେ ଗୋଟିଏ ବିଲେଇ ଖସି ପଡିଥିଲା । ଏହା ଦେଖିବା ପରେ ବିଲେଇଟିକୁ ବଞ୍ଚାଇବାକୁ ପ୍ରଥମେ ଜଣେ ବ୍ୟକ୍ତି ଉକ୍ତ କୂପ ଭିତରକୁ ଓହ୍ଲାଇଥିଲେ । ହେଲେ ସେହି ବ୍ୟକ୍ତି ଜଣକ ନ ଫେରିବାରୁ ପୁଣି ଜଣେ ବ୍ୟକ୍ତିଉକ୍ତ ବାୟୋଗ୍ୟାସ୍ କୂପ ଭିତରକୁ ଯାଇଥିଲେ । କିନ୍ତୁ ସେ ମଧ ଫେରି ନଥିଲେ । ଏହିକ୍ରମରେ ଜଣଙ୍କ ପରେ ଜଣେ ଗୋଟିଏ ପରିବାରର ୬ ଜଣ କୂପ ଭିତରକୁ ଯାଇ ଫସି ଯାଇଥିଲେ । ପରେ ବହୁ କଷ୍ଟରେ ୬ ଜଣଙ୍କ ମଧ୍ୟରୁ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିଲା । ହେଲେ ଅନ୍ୟ ୫ ଜଣଙ୍କ ମୃତ୍ୟୁ ହୋଇଛି । ଗୋବର ଭର୍ତ୍ତି ବାୟୋଗ୍ୟାସ୍ ଗର୍ତ୍ତରେ ଫସିଯିବା ଯୋଗୁ ସମସ୍ତଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି । ଏହି ବାୟୋଗ୍ୟାସ୍ ସ୍ଥାନୀୟ ଜଣେ କୃଷକଙ୍କ ହୋଇଥିଲା ବେଳେ ପୁଲିସ ଏବଂ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ ଆରମ୍ଭ କରିଛନ୍ତି ।

ଛାୟାଗୀତି

# ମୟୂରୀ ଗୋ ତୁମ ଆକାଶେ...


ସୂର୍ଯ୍ୟ ଦେଓ

ଗତ ସପ୍ତାହରେ ପ୍ରହେଳିକା ରଚନା ସୌନ୍ଦର୍ଯ୍ୟ ସମ୍ବନ୍ଧରେ ଚର୍ଚ୍ଚା ହୋଇଥିଲା ଓ ଉଦାହରଣ ଥିଲା 'ଫଗୁଣ ଆସିଛି ଓ ଅଳି ବିନା ଫୁଲ ପାଖୁଡ଼ା ଖୋଲିପାରୁନାହିଁ ଏବଂ ମନରେ କେତେ ତାତି ଭରିଛି'। 'ଜୀବନ ସାଥୀ'ର ଏହି ଗୀତକୁ ରଚନା କରିଥିଲେ ଜୀବନାନନ୍ଦ ପାଣି। ଏଭିଳି କାବ୍ୟବୋଧ ଲୌକିକରୁ ଅଲୌକିକକୁ ଯିବାର ମାର୍ଗ ପ୍ରସ୍ତୁତ କରେ। ଏହି ମାର୍ଗ ଦେଶୀୟ ନୁହେଁ ବରଂ ବିଦେଶୀୟ। ଏଭଳି ଅଦ୍ଭୁତ କାବ୍ୟବୋଧର ସୂତ୍ରପାତ କରିଥିଲେ ଫରାସୀ କବି ଫେଦେରିଆ ଗାର୍ସିଆ ଲୋର୍କା। ଏକ ବିଶେଷ ଉଦ୍ଦୀପନା ବା ଅବଲମ୍ବନକୁ ଆଶ୍ରା କରି ଗୀତିକବିତାର ଉକ୍ତି ବା ଛତ୍ରଟିଏ ରଚିବାର ଲୌକିକ ସହ ରସ, ଧ୍ୱନି ଓ ସୌନ୍ଦର୍ଯ୍ୟ ବିଭାବନା ଏହି କାବ୍ୟବୋଧର ଯେତେ ଗୁରୁତ୍ୱପୂର୍ଣ୍ଣ ଅଂଶ, ତାହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ପାଠକ ବା ଶ୍ରୋତାର ଚେତନାରେ ସଂଚାରି ଭାବକୁ ବିଛାଡ଼ି ଦେବା। ଏହା ସ୍ୱରରେ ନୁହେଁ, ବଚନ ଭଙ୍ଗୀରେ ଥାଏ। 'ସାଥୀରେ ଏକା ଲାଗେ ଅତି/ ମନେ କେତେ ତାତି' ଏହି ଧାଡ଼ିରେ ଏକା ଲାଗିବା ଓ ମନରେ ତାତି ଭରିବା ପରି ଲୌକିକ ମନେ ହେଉଥିବା ଅଥଚ ଅଲୌକିକର ମାର୍ଗ ପ୍ରସ୍ତୁତ କରୁଥିବା ଜୀବନାନନ୍ଦ ପାଣିଙ୍କ ଓଡ଼ିଆ ଚଳଚ୍ଚିତ୍ରରେ ଗୀତ ସଂଖ୍ୟା ମାତ୍ର ଛଅ। ୧୯୬୩ର 'ମାଣିକଯୋଡ଼ି'ରେ 'ମୋ' ମନ ବୀଣାର ତାରେ କି ଅବୁଝା ମୂରୁଛନା' ଓ 'କୁଆଁର ପୁନେଇ ଜହ୍ନଲୋ', ୧୯୬୪ର 'ଜୀବନସାଥୀ'ରେ 'କେତେ ଯେ ଫୁଲ ମୋ ବନେ' ଓ 'ସାଥୀରେ ଏକା ଲାଗେ ଅତି' ଏବଂ ୧୯୬୮ର 'ଅରୁନ୍ଧତୀ'ରେ ମଧ ଦୁଇଟି ଗୀତ 'ମୟୂରୀ ଗୋ ତୁମ ଆକାଶେ' ଓ 'ଆଜି ମୁଁ ଶ୍ରାବଣୀ'। ଏହି ଗୀତସବୁ ଅଦ୍ଭୁତ ବିମ୍ବାତ୍ମକ କଳ୍ପନା ଓ ମାନସସ୍ରୋତ କଳାର ପ୍ରାଣଶକ୍ତି ରହିଛି। ରହିଛି ବୋଲି 'ମୋ' ମନ ବୀଣାର ତାରେ କି ଅବୁଝା ମୂରୁଛନା'ରେ 'ତମେ ନୀଳ ଆକାଶର ଚନ୍ଦ୍ରମା/ ମୁଁ ନୀଳ କଇଁ' ଧାଡ଼ିରେ ସାରା ଜୀବନ ପାଇଁ ନୀଳିମାର ଦିଆନିଆ ଅଛି। ରହିଛି ବୋଲି 'କୁଆଁର ପୁନେଇ ଜହ୍ନଲୋ' ପରି ପାରମ୍ପରିକ ଗୀତ ରଚନାରେ ମଧ ମେଘର ବୋଇତ ବୋହି ଜହ୍ନମାମୁ ପାରିଧିକି ଯିବେ ପରି କଳ୍ପନା ଅଛି, ରହିଛି ବୋଲି 'ମୟୂରୀ ଗୋ ତୁମ ଆକାଶେ'ରେ ଇନ୍ଦ୍ରଧନୁ ଆଙ୍କିବା ପରି ଅଦ୍ଭୁତ ରଚନା ଚିତ୍ର ବିମ୍ବ ବା ପ୍ରତୀକ ସଂଯୋଜନର ଯଥାର୍ଥ ତର୍କ ଯଦି ନାହିଁ, ତେବେ ଶ୍ରୋତା ବା ପାଠକଙ୍କ ଦ୍ୱାରା ଗ୍ରହଣୀୟ ହେବାର ସମ୍ଭାବନା ନାହିଁ। ସଂଗଠନ ଶୈଳୀ ଓ ଗାୟନ ମଧ୍ୟରେ ଯଦି ତାଳମେଳ ନ ରହେ, ତେବେ ତାହା ଗ୍ରହଣୀୟ ହେଲେ ମଧ ତାହା ବିବାଦର ଘେରକୁ ଆସେ। ଏମିତି ବିବାଦର ଘେରକୁ ଆସିଥିଲା ଜୀବନ ପାଣିଙ୍କ ଚଳଚ୍ଚିତ୍ର ଗୀତ 'ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ ମଲ୍ଲାରେ ମେଘ ସାଜିଲି/ ଚନ୍ଦ୍ରିକା ତୋଳି ନାଚିଲ ତୁମେ ଇନ୍ଦ୍ରଧନୁ ମୁଁ ଆଙ୍କିଲି'। 'ଅରୁନ୍ଧତୀ' ଚଳଚ୍ଚିତ୍ରର ଏହି ଗୀତ ସ୍ୱର ସଂଯୋଜନା ପାଇଁ ଓ ମହମ୍ମଦ ରଫିଙ୍କ ଗାୟନ ପାଇଁ ଲୋକପ୍ରିୟ ହେଲା ଜାଣିନିଅନ୍ତୁ ଓ କହନ୍ତୁ ସେହି ଅନୁସାରେ ଯଦି 'ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ' ଗୀତର ଗାୟନ ସଙ୍ଗଠନ ହୋଇଥାନ୍ତା, ତେବେ ଏହି ବିବାଦ ହୋଇଥାନ୍ତା କି?

'ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ' ଗୀତଟି ପ୍ରକୃତରେ ଯୁଗଳ ସ୍ୱର ପାଇଁ ରଚିତ ହୋଇଥିଲା। ଅର୍ଥାତ୍ ନାୟିକା ପାଇଁ ଧାଡ଼ିଟିଏ ଓ ନାୟକ ପାଇଁ ଧାଡ଼ିଟିଏ। ଗୀତ ସଂରଚନାକୁ ଲକ୍ଷ୍ୟ କରନ୍ତୁ: ନାୟକ: ମୟୂରୀ ଗୋ ତୁମ ଆକାଶେ ମୁଁ ଦିନେ ମଲ୍ଲାରେ ମେଘ ସାଜିଲି ଏବଂ ନାୟିକା: ଚନ୍ଦ୍ରିକା ତୋଳି ନାଚିଲ ତୁମେ ଇନ୍ଦ୍ରଧନୁ ମୁଁ ଆଙ୍କିଲି। ଏହି ଧାରାରେ ଯଦି ଉଭୟ ନାୟକ ଓ ନାୟିକାଙ୍କ ପାଇଁ ସଙ୍ଗୀତ ଗ୍ରହଣ ହୋଇଥାନ୍ତା, ତେବେ ରଚନାର ସ୍ୱରୂପକୁ ନେଇ ବିବାଦ ହୋଇ ନଥାନ୍ତା। ଯେଣୁ କେବଳ ନାୟକଙ୍କ ସ୍ୱର ପାଇଁ ପୂରା ଗୀତର ସଙ୍ଗୀତ ଗ୍ରହଣ ହେଲା ରଚନାର ଆବେଦନ ମଧ ବଦଳିଗଲା। ■



ଅଛି। 'ଗୀତର ସଙ୍ଗଠନ ଅପେକ୍ଷା ଶବ୍ଦ ଓ ଅର୍ଥ ମୁଖ୍ୟ' ଓଡ଼ିଆ ଚଳଚ୍ଚିତ୍ର ଗୀତରେ ଏହି ଚଳନ ଜୀବନାନନ୍ଦ ପାଣିଙ୍କଠାରୁ ଆରମ୍ଭ ହେଲା। ପରବର୍ତ୍ତୀ ସମୟରେ ଅନ୍ୟ ଗୀତିକବିମାନେ ଏହି ଚଳନକୁ ନିଜ ଚଳଚ୍ଚିତ୍ର ରଚନା ସହ ସଂଲଗ୍ନ କଲେ, କିନ୍ତୁ ଜୀବନ ପାଣି ନିଜେ ଚଳଚ୍ଚିତ୍ର ଗୀତ ସହ ଆଉ ସଂପୃକ୍ତ ହେଲେ ନାହିଁ।

ଷାଠିଏ ଦଶକ ଥିଲା ଓଡ଼ିଆ ଚଳଚ୍ଚିତ୍ର ଗୀତ ପାଇଁ ପରୀକ୍ଷା ଓ ପ୍ରୟୋଗର ସନ୍ଧିକାଳ। ଓଡ଼ିଆ ଲୋକତତ୍ତ୍ୱ ସହିତ ବିଦେଶୀୟ ଶୈଳୀର ସମ୍ମିଶ୍ରଣ ଏବଂ ଓଡ଼ିଆ ଗୀତ ରଚନାର ପାରମ୍ପରିକ ଶୈଳୀକୁ ପରିବର୍ତ୍ତନ ପ୍ରବାହ ଏହି ସମୟ ସୀମାରେ ହୋଇଛି। ଏହି ସମୟ ସୀମାରେ ଚଳଚ୍ଚିତ୍ର ଗୀତର ସଙ୍ଗଠନ ଶୈଳୀ ଓ ଗାୟନକୁ ନେଇ ଓଲଟପାଲଟ ମଧ ହୋଇଛି ଓ ଗୀତ ବିବାଦର ଘେରକୁ ଆସିଛି। ଆପଣମାନେ ଜାଣନ୍ତି ଯେ ଗୀତ ବିଶେଷ କରି ଚଳଚ୍ଚିତ୍ର ଯୁକ୍ତିସଙ୍ଗତ ହେବା ଉଚିତ ଓ ଗୀତରେ ସତ, କିନ୍ତୁ 'ମୟୂରୀର ଚନ୍ଦ୍ରିକା ଥାଏ କି' ପରି ପ୍ରଶ୍ନରେ ଗୀତିକାର ଓ ସଙ୍ଗୀତକାର ଛନ୍ଦି ହୋଇଗଲେ। ଏହି ବିବାଦ ହୋଇଥିଲା ଏକ ବ୍ୟତିକ୍ରମରୁ। ବ୍ୟତିକ୍ରମର ପ୍ରଭାବ ଏତେ ତୀବ୍ର ଥିଲା ଯେ ସଙ୍ଗୀତକାର ଓ ଗୀତିକାର ଯେତେ ସ୍ପଷ୍ଟୀକରଣ ଦେଲେ ବି ତାହା ମ୍ଳାନ ହୋଇଗଲା। ଅଥଚ ସ୍ପଷ୍ଟୀକରଣ ବି ଥିଲା ପ୍ରଭାବୀ। କିନ୍ତୁ ତାହାର ପ୍ରଚାର ହୋଇପାରିଲା ନାହିଁ। ଆପଣ ମଧ ସେହି ସ୍ପଷ୍ଟୀକରଣ

## ସିନେମାର 'ମିଟ୍ କ୍ୟୁଟ୍' ଦୃଶ୍ୟ



ରୋମାଣ୍ଟିକ୍ ଫିଲ୍ମର ଦର୍ଶକଙ୍କ ସଂଖ୍ୟା ସ୍ୱତନ୍ତ୍ର। ଆମ ହିନ୍ଦୀ ସିନେମାଗୁଡ଼ିକରେ ପ୍ରତ୍ୟେକ ପ୍ରେମ କାହାଣୀକୁ ଭିନ୍ନ ଢଙ୍ଗରେ ଦୃଶ୍ୟାୟିତ କରାଯାଇଥାଏ। ଏପରିକି ଏହାର କାହାଣୀଠୁ ଆରମ୍ଭ କରି ସଂଳାପ, ଦୃଶ୍ୟ ଉପରେ ବିଶେଷ ଦୃଷ୍ଟି ଦିଆଯାଏ। ଏହାବାଦ୍ ଏଥିରେ ଏମିତି ବି ଏକ ଦୃଶ୍ୟକୁ ବିଶେଷ ଭାବେ ଦୃଶ୍ୟାୟିତ କରାଯାଇଥାଏ, ଯାହାକି କାହାଣୀ ଓ ସଂଳାପକୁ ଅଧିକ ଆକର୍ଷଣୀୟ କରିବାରେ ସାହାଯ୍ୟ କରେ। ତାହା ହେଉଛି 'ମିଟ୍ କ୍ୟୁଟ୍।' ପ୍ରତ୍ୟେକ ରୋମାଣ୍ଟିକ୍ ଫିଲ୍ମର ମୁଖ୍ୟ ଆକର୍ଷଣ ଯଦି କିଛି ଥାଏ, ତାହା ହେଉଛି ପ୍ରେମିକ ଓ ପ୍ରେମିକାଙ୍କ ପ୍ରଥମ ଭେଟ ବା ଦେଖାସାକ୍ଷାତ। ଏହି ଦୃଶ୍ୟ ହିଁ ଦର୍ଶକଙ୍କୁ ଫିଲ୍ମ ଦେଖିବା ପାଇଁ ବାନ୍ଧି ରଖେ। ତେବେ ଫିଲ୍ମରେ ନାୟକ ଓ ନାୟିକାଙ୍କ ପ୍ରଥମ ଭେଟକୁ କୁହାଯାଏ 'ମିଟ୍ କ୍ୟୁଟ୍'। ଏହିପ୍ରକାର ଦୃଶ୍ୟକୁ ହାସ୍ୟ ନଚେତ୍ ରୋମାଣ୍ଟିକ୍ ସହ ଯୋଡ଼ା ଯାଇଥାଏ। ସେମାନଙ୍କର ଏହିପ୍ରକାର ଦୃଶ୍ୟକୁ ମୁଖ୍ୟତଃ ଫିଲ୍ମରେ ଭୁଲବୁଝାମଣା, କଥାକଟାକଟି ନଚେତ୍ ପ୍ରଥମ ଦେଖାରେ ପ୍ରେମରେ ପଡ଼ିବାକୁ ଇଙ୍ଗିତ କରିଥାଏ। ତା'ସହ ସିନେମାର ନିର୍ଦ୍ଦେଶକ ଓ ନିର୍ମାତା ଏହାକୁ ଏଭଳି ଭାବେ ଦୃଶ୍ୟାୟିତ କରିବାକୁ ଚେଷ୍ଟା କରିଥାନ୍ତି, ଯେଭଳି ଏହା ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ଛାପ ସୃଷ୍ଟି କରିବ। ତେବେ 'ମିଟ୍ କ୍ୟୁଟ୍'ର ପରିକଳ୍ପନା ୧୯୩୮ ର ଏକ ହଲିଉଡ୍‌ର ରୋମାଣ୍ଟିକ୍ ଫିଲ୍ମରୁ ଆରମ୍ଭ ହୋଇଛି। କେବଳ ସେତିକି ନୁହେଁ, 'ପୁଲ୍ ପୁଲ୍', 'ପୁଶ୍ ପୁଶ୍', 'ପୁଶ୍ ପୁଲ' ଏବଂ 'ନ୍ୟୁଟ୍ରାଲ ନର୍ଭସ' ପରି ୪ ପ୍ରକାରର ମିଟ୍ କ୍ୟୁଟ୍ ଦୃଶ୍ୟ ରହିଛି। ■

## ସାଉଥ୍ ସିନେମାରେ ଅକ୍ଷୟଙ୍କ ଡେବ୍ୟୁ



ବଲିଉଡ୍‌ର ଲୋକପ୍ରିୟ ଅଭିନେତା ଅକ୍ଷୟ କୁମାର ଏବେ ତାଙ୍କ ଆଗାମୀ ସିନେମା 'ବଡେ ମିଆଁ ଛୋଟେ ମିଆଁ'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାରି ଭିତରେ ସେ ଏବେ ଦକ୍ଷିଣ ଭାରତୀୟ ସିନେମାରେ ପାଦ ରଖିବାକୁ ଯାଉଛନ୍ତି। ମୁକେଶ କୁମାର ସିଂହଙ୍କ ନୂଆ ସିନେମା 'କନ୍ନପ୍ପା'ରେ ଅକ୍ଷୟ ସାମିଲ ହେବେ। ପ୍ୟାନ୍ ଇଣ୍ଡିଆର ଏହି ବିଗ୍ ବଜେଟ୍ ସିନେମାରେ ଅକ୍ଷୟ ସାମିଲ ହେବା ଖବର ସାମ୍ନାକୁ ଆସିବା ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ସିନେମାଟି ପୌରାଣିକ କାହାଣୀ ଉପରେ ଆଧାରିତ। ଏଥିରେ ଅକ୍ଷୟଙ୍କ ବ୍ୟତୀତ ପ୍ରଭାସ ଏବଂ ବିଷ୍ଣୁ ମଞ୍ଚୁ ମୁଖ୍ୟ ଭୂମିକାରେ ନଜର ଆସିବେ। ଏହାବାଦ୍ ମୋହନଲାଲ୍, ପ୍ରଭୁଦେବାଙ୍କୁ ମଧ ଏଥିରେ ଦେଖିବାକୁ ମିଳିବ। ଅନ୍ୟପଟେ ଦକ୍ଷିଣ ସିନେମାରେ ଅକ୍ଷୟଙ୍କ ଦମ୍‌ଦାର ଅଭିନୟ ଓ ଆକ୍ସନକୁ ଦେଖିବା ପାଇଁ ଦର୍ଶକେ ଅପେକ୍ଷାରେ ଅଛନ୍ତି। ■

## ଧନୁଷ ଓ ଐଶ୍ୱର୍ଯ୍ୟାଙ୍କ ଅଲଗା ବାଟ

ସାଉଥ୍ ସୁପରହିଟ୍ ଅଭିନେତା ଧନୁଷ ଏବଂ ତାଙ୍କ ନିର୍ଦ୍ଦେଶିକା ପତ୍ନୀ ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଦୁହେଁ ଏବେ ପରସ୍ପରଠାରୁ ଅଲଗା ହେବାର ନିଷ୍ପତ୍ତି ନେଇଛନ୍ତି। ଏପରିକି ଚେନ୍ନାଇର ଏକ ଅଦାଲତରେ ଛାଡ଼ପତ୍ର ପାଇଁ ଆବେଦନ କରିଥିବା ବେଳେ କିଛିଦିନ ମଧ୍ୟରେ ଏହି ମାମଲାର ଶୁଣାଣି ମଧ ହେବ। ୨୦୨୨ ମସିହାରେ ଦୁହେଁ ପରସ୍ପରଠାରୁ ଅଲଗା ହେବା କଥା ଘୋଷଣା କରିଥିଲେ। ଏପରିକି ସେତେବେଳେ ଧନୁଷ ଏହି ଖବରକୁ ନିଜ ପ୍ରଶଂସକଙ୍କ ସହ ସେୟାର୍ କରିଥିଲେ। ଅବଶ୍ୟ ସମ୍ପର୍କ ଛିନ୍ନ କରିବା କଥା ଘୋଷଣା କରିବା ପରେ ମଧ ଧନୁଷ ଓ ଐଶ୍ୱର୍ଯ୍ୟା ପରସ୍ପରଠାରୁ ଅଲଗା ହୋଇ ନ ଥିଲେ। ସେଥିପାଇଁ ଏହି ଖବରରେ କିଛି ସତ୍ୟାସତ୍ୟ ନ ଥିବା କୁହାଯାଉଥିଲା। ତେବେ ଏବର ଏଇ ଖବର ପୁଣି ଥରେ ସାମ୍ନାକୁ ଆସିବା ପରେ ଧନୁଷଙ୍କ ପ୍ରଶଂସକ ନିରାଶ ହୋଇଛନ୍ତି। ୨୦୦୪ ମସିହାରେ ଧନୁଷ ଓ ଐଶ୍ୱର୍ଯ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ ଏବଂ ଦୁହିଁଙ୍କ ମଧୁର ସମ୍ପର୍କ ୧୮ ବର୍ଷ ଚାଲିଥିଲା। ■



## ପି. କେଙ୍କ ପ୍ରେମ କାହାଣୀକୁ ନେଇ ହଲିଉଡ୍ ଫିଲ୍ମ



ବିଶିଷ୍ଟ ଚିତ୍ରଶିଳ୍ପୀ ପି. କେ. ମହାନନ୍ଦିଆଙ୍କ ପ୍ରେମ କାହାଣୀକୁ ନେଇ ତିଆରି ହେଉଛି ହଲିଉଡ୍ ସିନେମା। ମହାନନ୍ଦିଆଙ୍କ ରୋମାଞ୍ଚକର ପ୍ରେମ ଓ ସଂଘର୍ଷମୟ ଜୀବନ ପ୍ରତି ଆକର୍ଷିତ ହୋଇଛନ୍ତି ହଲିଉଡ୍ ପ୍ରଯୋଜକ ଓ ନିର୍ଦ୍ଦେଶକ। ତେଣୁ ସେମାନେ ପି.କେ.ଙ୍କ ବାସ୍ତବ ଜୀବନକୁ ନେଇ ଫିଲ୍ମ ନିର୍ମାଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଚଳିତ ମାସରୁ ପିକେ ମହାନନ୍ଦିଆଙ୍କ ଜୀବନୀ ଆଧାରିତ ଏହି ଫିଲ୍ମର ସୁଟିଂ ଅନୁଗୋଳ ଜିଲ୍ଲା ଜରପଡ଼ାର ପୁଟଗାଡ଼ିଆଠାରେ ଆରମ୍ଭ ହୋଇଛି। ପ୍ରଥମ ଥର ପାଇଁ ଜଣେ ଓଡ଼ିଆ ଚିତ୍ରଶିଳ୍ପୀଙ୍କୁ ନେଇ ହଲିଉଡ୍ ଫିଲ୍ମ ତିଆରି ହେବାକୁ ଯାଉଛି। ଫିଲ୍ମ ସୁଟିଂ ଅବସରରେ ଶ୍ରୀ ମହାନନ୍ଦିଆ କହିଛନ୍ତି "କଳା ଏକ ଆନ୍ତର୍ଜାତିକ ଭାଷା। ମୁଁ ସେ ଭାଷାର ପୂଜାରୀ। ମୋର ଜୀବନ ଯାତ୍ରା ଆରମ୍ଭ ହେଇଥିଲା ଏଇ ଆଠମଲ୍ଲିକ ମା' ମାଟିରୁ। ସେଇ ମାଟିକୁ ଆଜି ଆସିଛି ମୋତେ ବହୁତ ଖୁସି ଲାଗୁଛି। ମୋ ମା' କଳାବତୀଙ୍କଠାରୁ ଚିତ୍ର ଆଙ୍କିବାର ପ୍ରେରଣା ମୁଁ ପାଇଥିଲି। ମୋର ବଡ଼ ଭାଇ ପ୍ରତାପ ରୁଦ୍ର ମଧ ମୋତେ ଚିତ୍ରକର ହେବା ପାଇଁ ବହୁ ପ୍ରେରଣା ଦେଇଥିଲେ। ସେମାନଙ୍କ ଯୋଗୁଁ ଆଜି ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିପାରିଛି।" ପି.କେ.ମହାନନ୍ଦିଆଙ୍କ ପ୍ରେମ କାହାଣୀ ବେଶ୍ ରୋମାଞ୍ଚଭରା। ଓଡ଼ିଶାର ଗୋଟିଏ ଦଳିତ ପରିବାରର ସନ୍ତାନ, ଅନ୍ୟ ଜଣେ ସୁଦୂର ସ୍ୱିଡେନର ରାଜ ପରିବାରର କନ୍ୟା। ତେବେ ଏ ବିଭେଦ ସେମାନଙ୍କ ପ୍ରେମକୁ ଅଟକାଇ ପାରି ନଥିଲା। ୭୦ ଦଶକର ପ୍ରଥମାର୍ଦ୍ଧରେ ସେମାନେ ପରସ୍ପର ପ୍ରେମରେ ପଡ଼ିଲେ ଓ ବିବାହ ବି କଲେ। ପ୍ରେମିକାରୁ ପତ୍ନୀ ପାଲଟିଥିବା ସ୍ୱିଡେନ ରାଜକୁମାରୀଙ୍କୁ ଭେଟିବାକୁ ପ୍ରେମିକ-ସ୍ୱାମୀଙ୍କ ପାଖରେ ଅର୍ଥ ନଥିଲା। ଏଣୁ ଦୀର୍ଘ ୫ ମାସ କାଳ ସାଇକେଲରେ ଦିଲ୍ଲୀରୁ ଯାତ୍ରା କରି ସେ ୮ ଟି ଦେଶ ଡେଇଁ ସ୍ୱିଡେନରେ ପହଞ୍ଚିଥିଲେ ନିଜ ପ୍ରେମିକାଙ୍କ ପାଖରେ। ଏ ହେଉଛି ଓଡ଼ିଆ ଚିତ୍ରଶିଳ୍ପୀ ପ୍ରଦ୍ୟୁମ୍ନ କୁମାର ମହାନନ୍ଦିଆଙ୍କ ପ୍ରେମ କାହାଣୀ। ■

ସଂଗ୍ରାମ ଦାସ, ଅନୁଗୋଳ



ପରଦା ପଛର କାହାଣୀ

## ଭାରତୀୟ ଟେଲିଭିଜନର ପ୍ରଥମ ଟକ୍ ଶୋ' ୨୧ ବର୍ଷ ଧରି କରିଥିଲା ମନୋରଞ୍ଜନ



ଫିଲ୍ମ ଇଣ୍ଡଷ୍ଟ୍ରୀର ଅଭିନେତା/ଅଭିନେତ୍ରୀମାନଙ୍କ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନ ପୂରାପୂରି ଅଲଗା ହୋଇଥାଏ। ଏହି ପରିପ୍ରେକ୍ଷୀରେ ସେମାନଙ୍କର ପ୍ରଶଂସକମାନେ ବି ସେମାନଙ୍କ ଜୀବନ ସମ୍ପର୍କରେ ଜାଣିବା ପାଇଁ ବେଶ୍ ଉତ୍ସୁକଥାନ୍ତି। ଆଜିକାଲି ଟେଲିଭିଜନ ଓ ସୋସିଆଲ ମିଡିଆରେ ଅନେକ ଟକ୍ ଶୋ' ଆସୁଛି, ଯେଉଁଥିରେ କଳାକାରମାନେ ସେମାନଙ୍କର ଜୀବନ କାହାଣୀ ଓ ତାଙ୍କ ସହ ଜଡ଼ିତ ଅନେକ ଅନାଲୋଚିତ ଘଟଣାଗୁଡ଼ିକ ସମ୍ପର୍କରେ ଖୁଲମ୍‌ଖୁଲ୍ଲା ଆଲୋଚନା କରୁଥିବାର ଦେଖାଯାଉଛି। ଖାସ୍ ସେଥିପାଇଁ ଏବେ ଏହି ଶୋ'ଗୁଡ଼ିକୁ ଟେଲିଭିଜନ ସହ ୟୁଟ୍ୟୁବ୍‌ରେ ମଧ ଅଧିକ ଦେଖାଯାଇଥାଏ। ତେବେ ଭାରତୀୟ ଟେଲିଭିଜନ ଦୁନିଆର ପ୍ରଥମ ଟକ୍ ଶୋ' ଥିଲା 'ଫୁଲ ଖିଲେ ହେଁ ଗୁଲଶନ୍ ଗୁଲଶନ୍'। ଏହା ଦୂରଦର୍ଶନରେ ପ୍ରସାରିତ ହେଉଥିଲା। ଏହାର ପ୍ରଥମ ଏପିସୋଡ୍ ୮ ଅକ୍ଟୋବର, ୧୯୭୨ରେ ପ୍ରସାରଣ କରାଯାଇଥିଲା। ଏହି ଶୋ'ର ହୋଷ୍ଟ ଥିଲେ ଅଭିନେତ୍ରୀ ତବସ୍ସୁମ୍ ଗୋଭିଲ। ପ୍ରାୟ ୨୧ବର୍ଷ (୧୯୭୨-୧୯୯୩) ଧରି ଏହି ଶୋ'ର ପ୍ରସାରଣ ହୋଇଥିଲା। ତବସ୍ସୁମ୍ ଏହି ଶୋ'ରେ ହିନ୍ଦୀ ସିନେମା ଜଗତର ଅନେକ ସେଲିବ୍ରିଟିଙ୍କ ସାକ୍ଷାତକାର ନେଇଥିଲେ, ଯେଉଁଥିପାଇଁ ଏହା ବହୁତ ଲୋକପ୍ରିୟ ହୋଇଥିଲା। ତେବେ ସେହି ସମୟରେ ସେ କେବଳ ଶୋ' ମ୍ୟାନ୍ ରାଜ୍ କପୁର ଓ ହାସ୍ୟ ଅଭିନେତା ଦେବେନ ବର୍ମାଙ୍କର ସାକ୍ଷତକାର ନେଇ ନ ଥିଲେ। ଏହି ଶୋ' ସମ୍ପର୍କରେ ସବୁଠୁ ବିଶେଷ କଥାଟି ହେଲା, ଦର୍ଶକଙ୍କ ନିକଟରେ ପହଞ୍ଚିବାରେ ଟେଲିଭିଜନ ବିଜ୍ଞାପନଦାତାଙ୍କ ପାଇଁ ଏହି ଶୋ' ସେତେବେଳେ ଉତ୍ତମ ମାଧ୍ୟମ ସାଜିଥିଲା। ■



ସାକ୍ଷାତକାର





# କଳାକାର ହେବାକୁ ସୁଯୋଗ ଦେଉଛି ରିଅଲିଟି ଶୋ'

**ପିଲାଟି ଦିନରୁ ରଙ୍ଗିନ ଦୁନିଆକୁ ଆସିବାକୁ ତାଙ୍କର ସ୍ୱପ୍ନ ଥିଲା। ଦ୍ୱାଦଶ ଶ୍ରେଣୀରେ ପଢ଼ା ସମୟରେ ସେ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲେ। ଏହି ପ୍ଲାଟ୍‌ଫର୍ମରେ ସୁନ୍ଦର ଅଭିନୟ କରି ସେ ବିଚାରକଙ୍କ ମନ ଜିଣିଥିଲେ। ଆଉ ଭଲ ଅଭିନୟ କରିବାକୁ ପ୍ରେରଣା ମଧ୍ୟ ପାଇଥିଲେ। ମାତ୍ର ୧୬ ବର୍ଷ ବୟସରେ ତାଙ୍କୁ ଧାରାବାହିକ 'ଦିବ୍ୟଦୃଷ୍ଟି'ରେ ମୁଖ୍ୟ ଅଭିନେତ୍ରୀ ହେବାର ସୁଯୋଗ ମିଳିଥିଲା। ଟେଲିଫିଲ୍ମ 'ଏଇ ରାକ୍ଷୀ ତୋ ରକ୍ଷା କବଚ' ପରେ ଏବେ ସେ 'ସାଥିରେ' ଓ 'ତୁ ମୋ ସାଥିରେ' ଧାରାବାହିକରେ 'ଧାରା' ଚରିତ୍ରରେ ଘରେ ଘରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନୟ ସହିତ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ କରୁଥିବା ଏହି ଚୁଲ୍‌ବୁଲି ନାୟିକା ଜଣକ ହେଉଛନ୍ତି ଭୁବନେଶ୍ୱରର ଅନନ୍ୟା ଦାଶ। ଏବେ ଜାଣିବା ତାଙ୍କ ଅଭିନୟ ଯାତ୍ରା ସମ୍ପର୍କରେ।**

**ଦ୍ୱାଦଶ ପାଠ ପଢ଼ା ସରିନଥିଲା, ରିଅଲିଟି ଶୋ'କୁ କାହିଁକି ଆସିଥିଲେ ?**

● ଅଭିନେତ୍ରୀ ହେବାକୁ ମୁଁ ପିଲାଟି ଦିନରୁ ସ୍ୱପ୍ନ ଦେଖୁଥିଲି। ଦଶମ ପଢ଼ା ସମୟରେ ବି ରିଆଟିଲି ଶୋ'କୁ ଆସିବାକୁ ବହୁତ ଜିଦି କରିଥିଲି, ହେଲେ ଘରେ ପଢ଼ା ପାଇଁ ଛାଡ଼ି ନ ଥିଲେ। ତେଣୁ ଦ୍ୱାଦଶ ପଢ଼ା ଭିତରେ 'ଓଡ଼ିଶାର ବେଷ୍ଟ ସିନେ ଷ୍ଟାର୍ସ କି ଖୋଜ୍' ପ୍ଲାଟ୍‌ଫର୍ମ ଆସିବା ପରେ ଅଭିନୟ କ'ଣ, କିପରି ଚରିତ୍ରରେ ବୁଡ଼ିବାକୁ ହୁଏ, ସେ ବିଷୟରେ ଜ୍ଞାନ ପାଇଥିଲି। ଏଇଠୁ ହିଁ ଅଭିନେତ୍ରୀର ଯାତ୍ରା ଆରମ୍ଭ ହେଲା। ଏଥିପାଇଁ ପଢ଼ାରେ କେବେ ଅବହେଳା କରିନି। ମୋ ପରିବାର ଲୋକଙ୍କ ସହଯୋଗ ପାଇଁ ହିଁ ମୁଁ ଆଜି ଏତେ ବାଟ ଆସିଛି। ବର୍ତ୍ତମାନ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ କରୁଛି।

**ରିଆଲିଟି ଶୋ'ରୁ 'ଦିବ୍ୟଦୃଷ୍ଟି'ରେ ଅଭିନୟର ସୁଯୋଗ କେମିତି ଥିଲା ?**

● ଏହି ଯାତ୍ରା ଆଦୌ ସହଜ ନ ଥିଲା। ରାତିରାତି ଚେଇଁ ରହି ଅଭିନୟ ଓ ନାଚ ଶିଖି ପରଦିନ ମଞ୍ଚରେ ପରିବେଷଣ କରିବାକୁ ପଡୁଥିଲା। ଠିକ୍‌ରେ ଶୋଇବାକୁ ସମୟ ମିଳୁନଥିଲା। ରିଆଲିଟି ଶୋରେ ଉପସ୍ଥିତ ଥିବା ବିଚାରପତି ଓ କ୍ରୁ ମେମ୍ବରଙ୍କ ପ୍ରେରଣାରେ ରିଆଲିଟି ଶୋ'ର ପ୍ରତ୍ୟେକଟି ସୋପାନକୁ ସଫଳତା ସହ ଅତିକ୍ରମ କରୁଥିଲି। ଏହି ପ୍ଲାଟ୍‌ଫର୍ମରୁ ମୋତେ 'ଦିବ୍ୟଦୃଷ୍ଟି' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଥିଲା। ଏତେ କମ୍ ବୟସରୁ ମୁଖ୍ୟ ଚରିତ୍ର 'ଦୃଷ୍ଟି'କୁ ନିଭାଇବାକୁ ଯଥାସାଧ ଚେଷ୍ଟା କରିଥିଲି। ଏଥିରେ ମୁଁ ଜଣେ ଗାଉଁଲି ଝିଅ ଭାବେ ନିଜ ଭବିଷ୍ୟତ କଥାକୁ ଚିନ୍ତା କରୁଥିଲି।

**ପ୍ରଥମ ସୁଟିଂ, କ୍ୟାମେରା ସାମ୍ନାରେ ଭୟ ଲାଗୁନଥିଲା ?**

● କ୍ୟାମେରା ସାମ୍ନାରେ ଯେତେବେଳେ ଛିଡ଼ା ହୋଇଥିଲି, ସେତେବେଳେ କ'ଣ କହିବି, କିପରି ଅଭିନୟ କରିବି ଜାଣିପାରିଲିନି। କିଛି କହିପାରିଲିନି ମଧ୍ୟ। ତେଣୁ ପ୍ରଥମ ଦିନରେ ସୁଟିଂ ହୋଇପାରିନଥିଲା। ହେଲେ ସହ କଳାକାରମାନେ ମୋତେ ସାହସ ଦେଲେ। ଏହା ପରେ ମୁଁ ମୋ ଚରିତ୍ର, ସଂଳାପକୁ ବୁଝି ଭଲ ଅଭିନୟ କରିଥିଲି। ଏହି ଧାରାବାହିକ ତିନି ବର୍ଷ ଚାଲିଥିଲା। ସମସ୍ତଙ୍କର ସ୍ନେହ ଆଦର ପାଇଛି ମଧ୍ୟ।

**ଚରିତ୍ର ଭିତରେ ବୁଡ଼ି ସଂଳାପ କହିବାରେ ସମସ୍ୟା ହୁଏନି?**

● ସମସ୍ତେ ସଂଳାପ କହିପାରିବେ। କଳାକାର ବି ହୋଇପାରିବେ। ହେଲେ ଚରିତ୍ରରେ ପଶି ଅଭିନୟ କରିବା ଅଲଗା କଥା। ଅଭିନୟକୁ ଜୀବନ୍ତ କରିବାକୁ ହେଲେ ଭାବପ୍ରବଣ ରହିବା ଜରୁରି।

**ଅନନ୍ୟାଙ୍କ ଜୀବନରେ କେହି ସାଥୀ ଅଛନ୍ତି ?**

● ରିଲ୍‌ରେ ଧାରାଙ୍କ ଜୀବନରେ ଅମ୍ବର। ମୋ ଜୀବନରେ କେବଳ ଧାରା ହିଁ ରହିଛନ୍ତି।

**ଧାରାଙ୍କ ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ଏହି ଧାରାବାହିକ ନାଁ ପ୍ରଥମେ 'ସାଥିରେ' ଥିଲା। ଏହା ଅଫିସରେ ଦୁଇଜଣଙ୍କ ପ୍ରେମ କାହାଣୀକୁ ନେଇ ଗଢ଼ି ଉଠିଥିଲା। ଉଭୟଙ୍କ ବିବାହ ପରେ 'ତୁ ମୋ ସାଥିରେ' ଜରିଆରେ ଧାରା ତା'ର ବୈବାହିକ ଜୀବନ ଓ ଗୃହିଣୀ ଭାବେ ଘର ଓ ନିଜ କର୍ମକ୍ଷେତ୍ରରେ କିପରି ବାଲାନ୍ସ କରୁଛି ତାହା ପ୍ରଦର୍ଶିତ ହୋଇଛି। ଶାଶୂଘରେ ଓ ବାପଘର ଲୋକଙ୍କୁ ଚଳାଇବାର ଦାୟିତ୍ୱ ମଧ୍ୟ ଧାରା ଉପରେ। ଏହାବାଦ୍ ଧାରାର ଫ୍ୟାଶନ୍ ଡିଜାଇନ୍ ପ୍ରତ୍ୟେକ କଷ୍ଟ୍ୟୁମ୍‌ରେ ସମ୍ବଲପୁରୀର ଛାପ ରହୁଥିବା ବ୍ୟବସାୟ ଚାଲିଛି। ତାକୁ ମଧ୍ୟ ଧାରା ବେଶ୍ ସୁରୁଖୁରୁରେ ସମ୍ଭାଳୁଛି।

**ଦୀର୍ଘଦିନ ଧରି ଗୋଟେ ଚରିତ୍ରରେ ରହୁନ୍ତି, ଏହା ରିଅଲ୍ ଲାଇଫ୍ ଉପରେ ପ୍ରଭାବ ପକାଏ କି?**

● ହଁ, ଗୋଟେ ଚରିତ୍ରରେ ଯେତେବେଳେ ୩ରୁ ୪ ବର୍ଷ କାମ କରୁ, ଏହା ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏ। ମୁଁ ରିଅଲ୍‌ରେ ଚୁଲ୍‌ବୁଲି ଥିଲି ଆଉ ରିଲ୍‌ରେ ଦୃଷ୍ଟି ଚରିତ୍ର ମୋର ବହୁତ ଶାନ୍ତ ଓ ପରିଶ୍ରମୀ ଝିଅ ଥିଲା। ତେଣୁ ଧୀରେ ଧୀରେ ଜାଣିଲି ଏହା ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଉଛି। ସମାନ ଢଙ୍ଗରେ ମୁଁ ଧାରାବାହିକରେ ହାତ ହଲେଇ ହଲେଇ କଥା କୁହେ, ସେମିତି ଘରେ ବି ହୋଇଯାଉଛି। ଏସବୁ ସକାରାତ୍ମକ ଭାବେ ମୁଁ ନେଇଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**

● ସୁଟିଂ ନ ଥିଲେ 'ଡିଓଡି' ପାଇଁ ରିହଲସେଲ୍ କରେ। ପରିବାର ଓ ବନ୍ଧୁଙ୍କ ସହ ବୁଲାବୁଲି କରେ। ସମୟ ମିଳିଲେ ନାଚିବାକୁ ଭଲପାଏ। ସୁଟିଂ ସମୟରେ ଫ୍ରି ହେଲେ ବି ମୁଁ ମେକ୍‌ଅପ୍ ରୁମ୍‌ରେ ନାଚୁଥାଏ।

**ଅଭିନୟ ପାଇଁ ଇଚ୍ଛା ରଖିଥିବା ପିଲାଙ୍କୁ କ'ଣ କହିବେ?**

● ମୋ ଜୀବନ ବଦଳିଛି ରିଆଲିଟି ଶୋ' ପାଇଁ। ମୋର ଇଣ୍ଡଷ୍ଟ୍ରିରେ କେହି ଚିହ୍ନା ନଥିଲେ। ତଥାପି ମୁଁ ମୋ ନିଜ ଦକ୍ଷତା ବଳରେ ଏତେ ବାଟକୁ ଆସିଛି। ଏଠାରେ ତିନି ମାସ କାମ କରିବା ପରେ ଅଭିନୟ କେମିତି କରିବାକୁ ହୁଏ ଜାଣିଲି। ତେଣୁ ବର୍ତ୍ତମାନ ବିଭିନ୍ନ ରିଆଲିଟି ଶୋ' ଆସୁଛି। ତେଣୁ କଳାକାର ହେବାକୁ ଇଚ୍ଛା ରଖୁଥିବା ପିଲାଙ୍କୁ ରିଆଲିଟି ଶୋ' ସୁଯୋଗ ଦେଉଛି। ତେବେ ଇଣ୍ଡଷ୍ଟ୍ରିରେ ତିଷ୍ଠିବାକୁ ହେଲେ, ନିଜ କାମକୁ ୧୦୦ ପ୍ରତିଶତ ଦେବାକୁ ହୁଏ। ଏମିତି କଲେ କେବେ ବି ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିବନି।

**ଅନନ୍ୟା ଦାଶ**, ଅଭିନେତ୍ରୀ

## ସନ୍ଧ୍ୟା-ପ୍ରତ୍ୟୁଷଙ୍କ ପ୍ରେମ




ଜି ସାର୍ଥକର ଲୋକପ୍ରିୟ ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ'କୁ ଦର୍ଶକେ ବେଶ୍ ପସନ୍ଦ କରୁଛନ୍ତି। ଏହାର କାହାଣୀ ଏବେ ନୂଆ ତଥା ଆକର୍ଷଣୀୟ ମୋଡ଼ରେ ପହଞ୍ଚିଛି। ଏଥର ଆରମ୍ଭ ହେବାକୁ ଯାଉଛି ସନ୍ଧ୍ୟା ଓ ପ୍ରତ୍ୟୁଷ ମଧ୍ୟରେ ପ୍ରେମର ସମ୍ପର୍କ। ସନ୍ଧ୍ୟା ଓ ତା'ସାଙ୍ଗ କଲେଜ ଯାଉଛନ୍ତି। ଏତିକି ବେଳେ ତା' ସିନିୟର୍ ଦୁହିଁଙ୍କୁ ର୍ୟାଗିଂ କରିବାକୁ ଆଗେଇ ଆସିଛନ୍ତି। କାରଣ ସନ୍ଧ୍ୟା ଓ ତା' ସାଙ୍ଗ କଲେଜର ଫ୍ରେସର। ସନ୍ଧ୍ୟାକୁ ହଇରାଣ କରିବାକୁ ଯାଇ କିଛି ପିଲା ଗୋଲାପ ଫୁଲ ତା' ହାତକୁ ବଢ଼ାଇ ଦେଇଛନ୍ତି। ଏହାସହ ସନ୍ଧ୍ୟାକୁ କଲେଜର କାହାକୁ ବି ପ୍ରପୋଜ କରିବାକୁ କହିଛନ୍ତି। ଏପରିକି କଲେଜକୁ ପ୍ରବେଶ କରିବା ପାଇଁ ଏହା ବାଧ୍ୟତାମୂଳକ ବୋଲି ସେମାନଙ୍କୁ ସିନିୟର୍‌ମାନେ କହିଛନ୍ତି। ଅବଶ୍ୟ ପ୍ରଥମେ ସନ୍ଧ୍ୟା କ'ଣ କରିବ, ନ କରିବ କିଛି ଜାଣିପାରି ନ ଥିଲା। କିନ୍ତୁ ଏହି ସମୟରେ ହକି କୋଚ୍ ପ୍ରତ୍ୟୁଷ ଆସୁଥିବା ସନ୍ଧ୍ୟା ଦେଖିଦିଏ। ତା'ପରେ ସନ୍ଧ୍ୟା ଗୋଲାପ ଫୁଲଟିକୁ ଧରି ପ୍ରତ୍ୟୁଷ ପାଖରେ ପହଞ୍ଚି,ଗୋଲାପ ବଢ଼ାଇ 'ଆଇ ଲଭ୍ ୟୁ' କହିଛି। ସନ୍ଧ୍ୟାର ଏହି କାମ ପ୍ରତ୍ୟୁଷ ମନରେ କ'ଣ ପ୍ରଭାବ ପକାଇବ। ତା'ସହ ସନ୍ଧ୍ୟା ଓ ପ୍ରତ୍ୟୁଷର ପ୍ରେମ ସମ୍ପର୍କ କି ମୋଡ଼ ନେବ, ତାହା ଆଗକୁ ଜଣାପଡ଼ିବ। ■

## କେମିତି କହିବି ମୁଁ




ଏଇ ଏପ୍ରିଲ ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜି ସାର୍ଥକରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'କେମିତି କହିବି ମୁଁ'ର ଟେଲିଭିଜନ ପ୍ରିମିୟର୍ ହେବ। ସିନେମାଟି ଭିନ୍ନ ତଥା ନିଛକ ଏକ ପ୍ରେମ କାହାଣୀ ଉପରେ ଆଧାରିତ। ଏହାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଟେଲିଭିଜନର ଲୋକପ୍ରିୟ ଯୋଡ଼ି ସାପଲିନ୍ ଓ ସୁମନ। ସାପଲିନ୍ ଓ ସୁମନଙ୍କ ଯୋଡ଼ିକୁ ପୂର୍ବରୁ ଧାରାବାହିକ ଓ ମ୍ୟୁଜିକ୍ ଭିଡିଓରେ ଦର୍ଶକଙ୍କ ଭଲପାଇବା ମିଳିଛି। ଏବେ ଏହି ସିନେମାରେ ପୁଣି ଥରେ ଦୁହିଁଙ୍କୁ ଏକାଠି ଦେଖିବା ନେଇ ସେମାନଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏହି ସିନେମାର ଗୀତ ଓ କାହାଣୀକୁ ଦର୍ଶକେ ପସନ୍ଦ କରିବେ ବୋଲି ଆଶା କରାଯାଉଛି। ■

## ତାରିଣୀ ପାଇଁ ବବ୍‌ଲି ମମତା



ତରଙ୍ଗର ଲୋକପ୍ରିୟ ଧାରାବାହିକ 'ତୁ ମୋ ଆଖିର ତାରା'ର କାହାଣୀ ଏବେ ଭିନ୍ନ ମୋଡ଼ରେ ପହଞ୍ଚିଛି। ଏପଟେ କୁନି ତାରିଣୀ ଅସୁସ୍ଥ ହୋଇ ହସ୍‌ପିଟାଲରେ ଚିକିତ୍ସିତ ହେଉଛି। ସେ ମୃତ୍ୟୁ ସହ ସଂଘର୍ଷ କରୁଥିବା ବେଳେ ଅନ୍ୟପଟେ ତା'ଜୀବନ ବଞ୍ଚାଇବା ପାଇଁ ପୂରା ପରିବାର ପ୍ରୟାସ ଜାରି ରଖିଛନ୍ତି। ତେବେ କୁନି ତାରିଣୀ ବବ୍‌ଲିକୁ ହିଁ ତା' ତାରା ଭାବୁଛି ଏବଂ ତା' ସହିତ ରହିବାକୁ ଚାହୁଁଛି। ସେହିପରି ତୁଷାର ଆଉ ତା' ପରିବାର ସଦସ୍ୟ ମଧ୍ୟ ବବ୍‌ଲିକୁ କୁନି ତାରିଣୀ ପାଖରେ ରହିବାକୁ ଅନୁରୋଧ କରିଥିବା ବେଳେ ସେ କିନ୍ତୁ ରାଜି ହୋଇ ନାହିଁ। ଏପଟେ ତାରିଣୀର ଜୀବନ ବଞ୍ଚାଇବା ସମ୍ଭବ ନୁହେଁ ବୋଲି ଡାକ୍ତର ମଧ୍ୟ କହିଛନ୍ତି। ଡାକ୍ତରର ଏହି କଥା ଶୁଣି ତୁଷାର ଓ ତା' ପରିବାର ଲୋକ ଭାଙ୍ଗି ପଡ଼ିଥିବା ବେଳେ ବବ୍‌ଲି ଆସି ପହଞ୍ଚିଛି ତାରିଣୀ ପାଖରେ। ଅବଶ୍ୟ ହସ୍‌ପିଟାଲରେ କୁନି ତାରିଣୀ ପାଖରେ ବବ୍‌ଲିକୁ ଦେଖି ତୁଷାର ଆଶ୍ଚର୍ଯ୍ୟ ହୋଇଛି। ତେବେ ସତରେ କ'ଣ ବବ୍‌ଲି ତାରା ହୋଇ କୁନି ତାରିଣୀକୁ ତା'ର ତାରା ମମତା ଦେଇ ତା' ଜୀବନ ବଞ୍ଚାଇବାରେ ସଫଳ ହେବ, ତାହା ଆଗକୁ ଜଣାପଡ଼ିବ। ■

## ଫ୍ରାଇଡେ ରିଲିଜ୍ (୧୨ ଏପ୍ରିଲ)

### ଅମର ସିଂହ ଚମ୍‌କିଲା (ହିନ୍ଦୀ)




ନିର୍ଦ୍ଦେଶକ: ଇମତିଆଜ୍ ଅଲୀ

ପ୍ରଯୋଜକ: ଇମ୍‌ତିଆଜ୍ ଅଲୀ, ମୋହିତ୍ ଚୌଧୁରୀ

କଳାକାର: ପରଣୀତି ଚୋପ୍ରା, ଦିଲଜିତ୍ ଦୋସାଞ୍ଜ

## 'ପାବାର'ର ଫାଷ୍ଟ ଲୁକ୍ ରିଲିଜ୍




ଓଲିଉଡ୍ ସୁପରଷ୍ଟାର୍ ବାବୁସାନ ମହାନ୍ତି ନୂଆ ଓଡ଼ିଆ ସିନେମା 'ପାବାର'ରେ ନଜର ଆସିବେ। ଇତିମଧ୍ୟରେ ଏହାର ଫାଷ୍ଟଲୁକ୍‌କୁ ଜାରି କରାଯାଇଛି। ଫାଷ୍ଟଲୁକ୍‌ରେ ବାବୁସାନ ସରପଞ୍ଚ-ବେଶୁଧରି କାନ୍ଧିରେ ନଜର ଆସିଛନ୍ତି। ସେହିପରି ଏହାର ଫଟୋକୁ ସାମାଜିକ ଗଣାଧ୍ୟମରେ ସେୟାର୍ କରାଯାଇଛି। ଏହାସହ ଲୋକେ ଏହାକୁ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ତେବେ ଏଥିରେ ବାବୁସାନ ସାଦାସିଧା ବେଶପୋଷାକରେ ନଜର ଆସିଛନ୍ତି। ତା'ସହ ବେକରେ ଫୁଲମାଳ ପକାଇ ଦୁଇ ହାତ ଯୋଡ଼ିଛନ୍ତି। ଅବଶ୍ୟ ସରପଞ୍ଚ ହୋଇ ସେ କେଉଁ ସବୁ ଯୋଜନା ଜରିଆରେ ଲୋକଙ୍କୁ ସୁବିଧା ପ୍ରଦାନ କରିବେ, ତାହା ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି କହିଲେ ଭୁଲ ହେବ ନାହିଁ। ବାବୁଶାନ୍ ଫିଲ୍ମସ୍ ନିବେଦିତ ଉକ୍ତ ସିନେମାର ଅନ୍ୟତମ ମୁଖ୍ୟ ଚରିତ୍ରରେ ନଜର ଆସିବେ ଏଲିନା। ଏହି ସିନେମା ମାଧ୍ୟମରେ ପୁଣିଥରେ ଏଲିନା ଓ ବାବୁଶାନଙ୍କ ଯୋଡ଼ିକୁ ଦର୍ଶକେ ଦେଖିବାକୁ ପାଇବେ। ତୃପ୍ତି ଶତପଥୀ ପ୍ରଯୋଜିତ ଏବଂ ନିର୍ଦ୍ଦେଶନା ଦାୟିତ୍ୱରେ ଅଶୋକ ପତି ଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ଗୌରବ ଆନନ୍ଦ। କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପରେ ଅଛନ୍ତି ଅମିତ କୁମାର ଦାସ ଏବଂ ପ୍ରଣବ ପ୍ରସନ୍ନ ରଥ। ପାରିବାରିକ କାହାଣୀ ଉପରେ ଆଧାରିତ ଏହି ସିନେମାଟି ଆସନ୍ତା ରଜରେ ମୁକ୍ତିଲାଭ କରିବ। ■

# ବାଇନିବସାରେ ବିହାରୀ ଯୌନ ପିଶାଚ

## ଶିଶୁକନ୍ୟାକୁ ଜଙ୍ଗଲ ଭିତରେ ଦୁଷ୍କର୍ମ ପରେ କରିଥିଲା ହତ୍ୟା

ସେ ଦିନ ଥିଲା ୨୦୨୪ ମସିହା ମାର୍ଚ୍ଚ ୬ ତାରିଖ। ବାଇନିବସା ଗ୍ରାମରେ ରହୁଥିବା ଏକ ଗରିବ ପରିବାରର ୯ବର୍ଷର ଶିଶୁକନ୍ୟା ନିକଟସ୍ଥ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା। କିନ୍ତୁ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲା। ବହୁ ଖୋଜାଖୋଜି ପରେ ମଧ ତା'ର ସନ୍ଧାନ ନ ପାଇବାରୁ ପରିବାର ଲୋକେ ମୁନିଗୁଡ଼ା ଥାନାରେ ମାର୍ଚ୍ଚ ୮ ତାରିଖରେ ଏକ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ୧୨ଦିନ ପରେ ମାର୍ଚ୍ଚ ୧୭ ତାରିଖରେ ନିଖୋଜ ଝିଅର ମୃତଦେହ ଗାଁ ନିକଟରେ ଥିବା ଏକ ଜଙ୍ଗଲ ଭିତରେ ପଡ଼ିଥିବା ଗାଁର ଛେଳି ଚରାଇବାକୁ ଯାଇଥିବା ପିଲାମାନେ ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ମୃତଦେହକୁ ଦେଖି ନିଜ ଝିଅ ବୋଲି ଚିହ୍ନଟ କରିଥିଲେ। ନିଖୋଜ ଝିଅର ମୃତ ଦହ ଠାବ ହୋଇଥିବା ଖବର ପାଇଁ ସାଇଂଟିଫିକ୍ ଟିମ୍ ସହ ମୁନିଗୁଡା ଏସଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସୌଦାମିନୀ ବେହେରା ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ।

*ଆଜିର ସମାଜରେ ଉଦ୍ରମୁଖା ପିନ୍ଧା ଯୌନ ପିଶାଚଙ୍କ ସଂଖ୍ୟା କିଛି କମ୍ ନୁହେଁ। ନିଜ କାମନାକୁ ନିୟନ୍ତ୍ରଣ କରି ନ ପାରି କଅଁଳ ବୟସର ଝିଅମାନଙ୍କ ଉପରେ ପାଶବିକ ଅତ୍ୟାଚାର କରିଚାଲିଛନ୍ତି। ଏଭଳି ଏକ ନାରକୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଥାନା ଅଧୀନସ୍ଥ ବାଇନିବସା ଗ୍ରାମରେ। ଯେଉଁଠି ଜଣେ ବିହାରୀ ଶ୍ରମିକଙ୍କ ନିଜ ଯୌନ କାମନା ଚରିତାର୍ଥ କରିବା ପାଇଁ ଜଣେ ୯ବର୍ଷର ଶିଶୁକନ୍ୟାକୁ ଦୁଷ୍କର୍ମ କରିବା ସହ ହତ୍ୟା କରିଛି।*

ରାୟଗଡ଼ାରୁ ଶିବ ନାରାୟଣ ଗୌଡ଼ ଏବଂ ମୁନିଗୁଡ଼ାରୁ ରଂଜନ ସ୍ୱାଇଁଙ୍କ ରିପୋର୍ଟ

ଏହି ଘଟଣା ପଛରେ ବାଇନିବସା ଗ୍ରାମ ନିକଟରେ ମେଗା ପାନୀୟଜଳ ପ୍ରକଳ୍ପ ନିମନ୍ତେ ପାଣିଟାଙ୍କି ନିର୍ମାଣ କାମରେ ନିୟୋଜିତ ୨୪ବର୍ଷିୟ ବିହାରୀ ଯୁବକ ହରୀଶରାମ ଘଟଣା ପରଠାରୁ ନିଖୋଜ ଥିବାରୁ ପୁଲିସ ସନ୍ଦେହ ତା ଉପରେ କେନ୍ଦ୍ରୀଭୂତ ହୋଇଥିଲା। ପୁଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଥିଲା। ବିଭିନ୍ନ ଦିଗକୁ ତଦନ୍ତ କରିବା ପରେ ଫୋନ୍ ଟ୍ରାକିଂ କରି ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀରୁ





ହରୀଶରାମକୁ ଧରିବାରେ ସଫଳ ହୋଇଥିଲା। ଜେରା ସମୟରେ ହରୀଶରାମ ହିଁ ନିଖୋଜ ନାବାଳିକାର ହତ୍ୟାକାରୀ ବୋଲି ସେ ପୁଲିସ ଆଗରେ ସ୍ୱୀକାର କରିଥିଲା। ପରେ ପ୍ରମାଣ ସହ ଅଭିଯୁକ୍ତ ହରୀଶରାମକୁ କୋର୍ଟ ଚାଲାଣ କରିଥିଲା ପୁଲିସ। ନାବାଳିକାକୁ ଦୁଷ୍କର୍ମ କରିବା ପରେ କିଭଳି ହତ୍ୟା କରିଥିଲା ସେ ହୃଦୟବିଦାରକ ଘଟଣା ପୁଲିସ ସମ୍ମୁଖରେ ପ୍ରକାଶ କରିଥିଲା।

ବାଇନିବସା ଗ୍ରାମର ନର୍ସରୀ ନିକଟରେ ପାଣିଟାଙ୍କି କାମ ନିମନ୍ତେ ବିହାର ରାଜ୍ୟରୁ କିଛି ପ୍ରବାସୀ ଶ୍ରମିକ ଆସିଥିବା ବେଳେ ହରୀଶରାମ ସେମାନଙ୍କ ମଧ୍ୟରେ ଥିଲା। ପ୍ରତିଦିନ କାମ ସରିବା ପରେ ହରୀଶରାମ ଓ ତାଙ୍କ ସାଥୀ ମିଶି ବାଇନିବସା ଗ୍ରାମରେ ବିକ୍ରି ହେଉଥିବା ଦେଶୀ ମଦ, ତାଡ଼ି ପିଇବା ପାଇଁ ଆସିଥାନ୍ତି। ଦୀର୍ଘ ସମୟ ସେଠାରେ ରହି ନିଜ ବସାକୁ ଫେରିଥାନ୍ତି। ଗାଁ ଠାରୁ ଅଳ୍ପ ଦୂରରେ ଏକ ନିଛାଟିଆ ଜାଗାରେ ଦିନ ମଜୁରିଆ ଭାବେ କାମ କରୁଥିବା ଏକ ଦମ୍ପତି ନିଜ ୯ ବର୍ଷର ଝିଅ ଓ ପୁଅଙ୍କୁ ନେଇ ରହୁଥିଲେ। ମାର୍ଚ୍ଚ ୬ତାରିଖ ରାତିରେ ଝିଅର ବାପା ଘରକୁ ଫେରି ନ ଥିବା ବେଳେ ମା' ଘରର ଅନ୍ୟ ଏକ କୋଠରିରେ ଶୋଇଥିଲେ। ଆଉ ଏକ କୋଠରିରେ ୯ବର୍ଷର ଝିଅ ଏକାକୀ ଶୋଇଥିଲା। ଉକ୍ତ ସମୟରେ ଅଭିଯୁକ୍ତ ହରୀଶରାମ ନିଶାସକ୍ତ ଅବସ୍ଥାରେ ନାବାଳିକାକୁ ଦେଖି ତା'ର ମନରେ ପାପ ଛୁଇଁବା ସହ ସୈତାନ ଜାଗି ଉଠିଥିଲା। ସେ କାମ ପିଶାଚ ପାଲଟି ଯାଇଥିଲା। ନିଜ କାମ ବାସନା ମେଣ୍ଟାଇବାକୁ ଯାଇ ନାବାଳିକାକୁ କୌଶଳକ୍ରମେ ଉଠାଇ ଗାଁ ନିକଟ ଜଙ୍ଗଲକୁ ନେଇ ଯାଇଥିଲା। ସେଠାରେ ସେ ନାବାଳିକାକୁ ଜୋର ଜବର୍ଦ୍ଦସ୍ତି ଦୁର୍ଷ୍କମ କରିଥିଲା। ଅନ୍ଧାର ରାତି ସାଙ୍ଗକୁ ଜଙ୍ଗଲ ଭିତରେ ନାବାଳିକାର ଚିତ୍କାର ଆଖପାଖ ଅଞ୍ଚଳରେ କେହି ବି ଶୁଣି ପାରି ନ ଥିଲେ। ହରୀଶରାମ ନାବାଳିକାର ଚିତ୍କାରକୁ ବନ୍ଦ କରିବାକୁ ଯାଇ ତାକୁ ଜୀବନରେ ମାରିଦେଇ ଥିଲା। ପରେ ଶିଶୁକନ୍ୟାର ଶବକୁ ଏକ ଗାତରେ ପକାଇ ପତ୍ର ଘୋଡ଼ାଇ ଦେଇଥିବା ସହ ନିଜ ପୋଷାକରେ ଲାଗିଥିବା ରକ୍ତଛିଟା ପ୍ରମାଣକୁ ନଷ୍ଟ କରିବାକୁ ଯାଇ ଜଙ୍ଗଲ ଭିତରେ ହିଁ ପୋଡ଼ି ଦେଇ ରାତାରାତି ଘଟଣାସ୍ଥଳରୁ ଚମ୍ପଟ ଯାଇଯାଇଥିଲା।

### ପୂରା ଘଟଣା ଏମିତି






ଜଣେ ବନ୍ଧୁ ପାଇଁ ଅନ୍ୟଜଣେ ବନ୍ଧୁ ଜୀବନ ଦେବାର ବହୁ ନଜିର୍ ରହିଛି। ଅନେକ କ୍ଷେତ୍ରରେ ବନ୍ଧୁ, ବନ୍ଧୁ ପାଇଁ ବଇରୀ ସାଜିବାର ଉଦାହରଣ ମଧ ଆମ ସମାଜରେ କିଛି କମ୍ ନାହିଁ। ତେବେ ବନ୍ଧୁର ଖୋଳପା ଭିତରେ କେବେକେବେ ଏତେ କ୍ରୁରତା ଥାଏ ଯେ, ବନ୍ଧୁ ମଧ ବନ୍ଧୁର ଜୀବନ ନେବାକୁ ପଛାଇ ନ ଥାଏ। ଏମିତି ଏକ ବୀଭତ୍ସ ହତ୍ୟାକାଣ୍ଡର ମୂକସାକ୍ଷୀ ପାଲଟିଛି ପୁରୀ ଚକ୍ରତୀର୍ଥ ରୋଡର ଏକ କାଳରାତ୍ରୀ। ଏଠାରେ ଦୁଇଜଣ ବନ୍ଧୁ ମିଶି ଜଣେ ବନ୍ଧୁଙ୍କ ଗଳାକାଟି ବୀଭତ୍ସ ଭାବେ ହତ୍ୟା କରିଛନ୍ତି। ଯଦିବା ସାମାନ୍ୟ ମୋବାଇଲ୍ ଚୋରିକୁ ନେଇ ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟିଥିବା ପୁଲିସ କହୁଛି, ତେବେ ହତ୍ୟାର ପ୍ରକୃତ କାରଣ ଏବେ ବି ରହସ୍ୟ ଘେରରେ ରହିଛି।

ପୁରୀରୁ ହେମନ୍ତ ନାୟକଙ୍କ ରିପୋର୍ଟ

# ଚକ୍ରତୀର୍ଥ ରୋଡ୍‌ର ରକ୍ତରଞ୍ଜିତ କାହାଣୀ

ଗତ ଏପ୍ରିଲ ୩ ତାରିଖ ଭୋରରୁ ଚକ୍ରତୀର୍ଥ ରୋଡର ନରେନ୍ ପ୍ୟାଲେସ ଛକସ୍ଥିତ ଏକ ନଳାରେ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଦେଖିବାକୁ ମିଳିଥିଲା। ଖବର ପାଇ ସମୁଦ୍ରକୂଳ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆରମ୍ଭ କରିଥିଲେ ଛାନ୍‌ଭିନ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ମିଳିତ ଭାବେ ଆରମ୍ଭ କରିଥିଲେ ତଦନ୍ତ। ତେବେ ପୁଲିସ ମୃତ ଯୁବକଙ୍କ ପରିଚୟ ଖୋଜିବା ଆରମ୍ଭ କରିଥିଲା। ମୃତକ ଜଣକ ପୁରୀ ପେଣ୍ଠକଟା ମେରାଇନ୍ ଥାନା ଅନ୍ତର୍ଗତ ବାଲିଗୁଆଳିର ବିକ୍ରମ କେଶରୀ ପ୍ରଧାନ ଓରଫ୍ ରାଜା (୩୦) ବୋଲି ଜଣାପଡ଼ିଥିଲା। ରାଜା ନିକଟସ୍ଥ ଏକ ହୋଟେଲରେ କାମ କରୁଥିବରୁ ତା'ର ପରିଚୟ ମିଳିବା ସହଜ ହୋଇଥିଲା। ମୃତକଙ୍କ କର୍ମସ୍ଥଳୀକୁ ଯାଇ ପଚରାଉଚରା କରିବା ସହ ଆଖପାଖ ଲୋକଙ୍କୁ ଏବଂ ସିସିଟିଭି ଫୁଟେଜ୍ ଖୋଜିଥିଲା ପୁଲିସ।

ପ୍ରାଥମିକ ତଦନ୍ତରୁ ପୁଲିସ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହୋଇଯାଇଥିଲା। ନିକଟରେ ପଡ଼ିଥିବା ରକ୍ତଭିଜା ପଥର, ମୃତ ଯୁବକଙ୍କ ଚପଲକୁ ଜବତ କରି ପୁଲିସ ତଦନ୍ତ ଆଗକୁ ବଢ଼ାଇଥିଲା।

### ହତ୍ୟାକାଣ୍ଡ ଅନ୍ତରାଳେ...

ଘଟଣାର ୮ ଘଣ୍ଟା ମଧ୍ୟରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଯେଉଁ ଦୁଇଜଣଙ୍କୁ ଅଟକ ରଖିଥିଲା ସେମାନେ ଥିଲେ ରାଜାର ଘନିଷ୍ଠ ବନ୍ଧୁ ତାଳବଣିଆ ଥାନା ଧୀନ ବାଲିଘାଟ ସୁଭଦ୍ରା ନଗରରେ ରହୁଥିବା ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଖଉଡ଼ସାହିର ସନ୍ତୋଷ କୁମାର ନାୟକ ଓରଫ୍ ଗୁଲୁ (୨୫) ଓ ସିଟି



ରୋଡ୍ର ବିଶ୍ୱଜିତ ରଥ ଓରଫ୍ ବିଶୁ (୨୫)। ୪ ତାରିଖରେ ଏସ୍‌ପି ପିନାକ ମିଶ୍ର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ବୀଭତ୍ସ ହତ୍ୟାକାଣ୍ଡ ଉପରୁ ପର୍ଦ୍ଦା ହଟାଇଥିଲେ। ଏସ୍‌ପି ବିସ୍ତୃତ ଭାବେ ହତ୍ୟାକାଣ୍ଡ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଜନଗହଳିପୂର୍ଣ୍ଣ ସ୍ଥାନରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡକୁ ଗମ୍ଭୀରତାର ସହ ନେଇ ଏସ୍‌ପି ଅଭିଯୁକ୍ତଙ୍କୁ ଧରିବା ପାଇଁ ତୁରନ୍ତ ୩ଟି ଟିମ୍ ଗଠନ କରିଥିଲେ। ୮ ଘଣ୍ଟା ମଧ୍ୟରେ ୨ ଅଭିଯୁକ୍ତଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା ପୁଲିସ। ପୁଲିସ ସୂଚନା ଅନୁଯାୟୀ ରାଜା, ଗୁଲୁ ଓ ବିଶୁ ଭଲ ବନ୍ଧୁ ଥିଲେ। କିନ୍ତୁ ରାଜାଙ୍କ ମୋବାଇଲ୍ ଫୋନକୁ ଗୁଲୁ ଚୋରିକରି ବିକ୍ରି କରିଥିଲା। ଏହାକୁ କେନ୍ଦ୍ରକରି ୩ ସାଙ୍ଗ ମଧ୍ୟରେ ଆରମ୍ଭ ହୋଇଥିଲା ବିବାଦ। ସମୟ କ୍ରମେ ଗୁଲୁ ଏବଂ ବିଶୁ ମିଶି ରାଜାର ଜୀବନ ନେବା ପାଇଁ ଯୋଜନା କରିଥିଲେ। ମାମଲାର ଆପୋସ ସମାଧାନ କରିବା ଆଳରେ ଗତ ଏପ୍ରିଲ ୨ ତାରିଖ ରାତିରେ ରାଜାଙ୍କୁ ସେମାନେ ଡାକିଥିଲେ। ଦୁଇ ବନ୍ଧୁଙ୍କ କଥାକୁ ବିଶ୍ୱାସ କରି



ରାଜା ମଧ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇଥିବା ଗୁଲୁ ଏବଂ ବିଶୁ ରାଜା ସହିତ ପ୍ରଥମେ ଝଗଡ଼ା କରିଥିଲେ। କ୍ରମେ ଏହା ତୀବ୍ରରୂପ ନେଇଥିଲା। ଉତ୍‌କ୍ଷିପ୍ତ ହୋଇ ଗୁଲୁ ଏବଂ ବିଶୁ ଏକ ଦୋକାନ ପଛପଟେ କଟୁରିରେ ରାଜାକୁ ହତ୍ୟା କରିଥିଲେ। ଏପରି କି ଭଙ୍ଗା ବିୟର ବୋତଲ ଏବଂ ପଥରରେ ମଧ ଆଘାତ ଦେଇଥିଲେ।

ଘଟଣାସ୍ଥଳରେ ହିଁ ରାଜାର ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡ ଭିଆଇବା ପରେ ଅଭିଯୁକ୍ତ ଦ୍ୱୟ ରାଜା ମୋବାଇଲ ଫୋନ୍ ନେଇ ଫେରାର୍ ହୋଇଯାଇଥିଲେ। ସେମାନେ କେରଳ ପଳାଇଯିବାକୁ ଯୋଜନା କରୁଥିବା ବେଳେ ପୁଲିସ ଉଭୟଙ୍କୁ ଗିରଫ କରିଥିଲା।

## ରାତିସାରା ରକ୍ତଖେଳ

ହତ୍ୟାକାଣ୍ଡ କେତେ ଭୟଙ୍କର ଥିଲା ତାହା କ୍ରାଇମ୍ ସ୍ପଟ୍‌ର ପାରିପାର୍ଶ୍ୱିକ ଦୃଶ୍ୟ ହିଁ ସ୍ପଷ୍ଟ ଭାବେ ବୟାନ କରୁଥିଲା। ମୃତ ଯୁବକଙ୍କ ଗଳା ୫୦ ଭାଗରୁ ଅଧିକ କଟି ମୁଣ୍ଡଟି ସାମାନ୍ୟ ଝୁଲି ରହିଥିଲା। ଡାହାଣ ପାର୍ଶ୍ୱ ଗାଲରୁ କାନ ପର୍ଯ୍ୟନ୍ତ ୪ଟି, ବାମ ପାର୍ଶ୍ୱ ଆଖି, କାନ, କପାଳ, ଥୋଡ଼, ପିଠି ଓ ମୁଣ୍ଡର ପଛ ପାର୍ଶ୍ୱରେ ଗଭୀର କ୍ଷତ ରହିଥିଲା। ସେହିପରି ହାତର ୨ ପାପୁଲି କଟି ଆଙ୍ଗୁଠି ଝୁଲିଥିଲା। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣିଥିବା ବେଳେ ମୁଣ୍ଡକୁ କାନ୍ଥରେ ପିଟି ଦେଇଥିବା ପୁଲିସ ଜାଣିବାକୁ ପାଇଥିଲା। ଖପୁରିରୁ ଚମଡ଼ା ଅଲଗା ହୋଇ ଝୁଲି ପଡ଼ିଥିଲା। ହାଡ଼ିଗୋହିରୀ ନାଳରେ ପଡ଼ିଯିବା ପରେ ଧାରୁଆ ଅସ୍ତ୍ରରେ ବେକକୁ ଚୋଟ ମାରିଥିଲେ। ଫଳରେ କାନ୍ଥସାରା ରକ୍ତର ଛିଟା ପଡ଼ିଥିଲା। ଏତେ ମାତ୍ରାରେ ରକ୍ତସ୍ରାବ ହୋଇଥିଲା ଯେ ସେ ପିନ୍ଧିଥିବା ଧଳା ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ସମ୍ପୂର୍ଣ୍ଣ ଭିଜି ଯାଇଥିଲା। ସେଠାରେ ପଡ଼ିଥିବା ଏକ ପଥରରେ ମଧ ରକ୍ତ ଲାଗିଥିଲା। ପଥରରେ ତାଙ୍କୁ ଆକ୍ରମଣ କରାଯାଇଥିବା ବେଳେ ରାଜାଙ୍କ ଚପଲ ଅଲଗା ସ୍ଥାନରେ ପଡ଼ିଥିଲା।



### ସନ୍ଦେହ କାହିଁକି

ଆବଶ୍ୟକ ପଡ଼ିଲେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛି ପୁଲିସ। ତେବେ ହତ୍ୟାକାଣ୍ଡ ରାତିରେ ରାଜାଙ୍କ ସହିତ ଅଭିଯୁକ୍ତମାନେ କୌଣସି ଏକ ଘଟଣାକୁ ନେଇ ଦୀର୍ଘ ସମୟ ଆଲୋଚନା କରିଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। କିନ୍ତୁ କେଉଁ ଘଟଣାକୁ ନେଇ ଆଲୋଚନା ହୋଇଥିଲା ତାହା ସ୍ପଷ୍ଟ ଜଣାପଡ଼ି ନାହିଁ। ତେବେ ସାମାନ୍ୟ ମୋବାଇଲ୍ ଚୋରିକୁ କେନ୍ଦ୍ରକରି ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡକୁ ଲୋକେ ବିଶ୍ୱାସ କରିପାରୁ ନାହାନ୍ତି। ଯଦି ମୋବାଇଲ୍ ଚୋରିକୁ ନେଇ ଏଭଳି କାଣ୍ଡ ଘଟିଥାଏ ତେବେ ସିସିଟିଭି ଫୁଟେଜ୍ ମୁତାବକ ଏତେ ସମୟ ଧରି ସେମାନେ କ'ଣ ସବୁ କଥା ହେଉଥିଲେ ତାହା ସ୍ପଷ୍ଟ ହେଉନାହିଁ।

# ସପ୍ତାହର ୭ ଅପରାଧ

### ■ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ମାମଲାରେ ଆଜୀବନ ଜେଲ୍

କଟକ ଉପକଣ୍ଠ କନ୍ଦରପୁର କଲେଜର ପୂର୍ବତନ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ସୁଦର୍ଶନ ଶତପଥୀଙ୍କ ହତ୍ୟା ମାମଲାରେ ହତ୍ୟାକାରୀ ଅର୍ଜୁନ ଜେନାଙ୍କୁ ସୋମବାର କଟକ ଦ୍ୱିତୀୟ ଅତିରିକ୍ତ ଦୌରାଜଜ୍ ସ୍ରୋତସ୍ୱିନୀ କରି ଦୋଷୀ ସାବ୍ୟସ୍ତ କରିଛନ୍ତି। ଆଇପିସି ଦଫା ୩୦୨ ରେ ଦୋଷୀକୁ ଆଜୀବନ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ପାନ ଦୋକାନୀ ଅର୍ଜୁନ ଧାର ଟଙ୍କାକୁ ନେଇ ଶ୍ରୀ ଶତପଥୀଙ୍କୁ କଟୁରିରେ ଆକ୍ରମଣ କରି ହତ୍ୟା କରିଥିବା ପୁଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

### ■ ଚିକିତ୍ସାଳୟରୁ ଶିଶୁ ଚୋରି

ଗୁରୁବାର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ବାଲିଆପାଳ ଆଠବାଟିଆ ଅଞ୍ଚଳର ସୁକାନ୍ତ ବାରିକଙ୍କ ୮ ଦିନର ଶିଶୁପୁତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଶିଶୁପୁତ୍ରର ଦେହ ଅସୁସ୍ଥ ଥିବାରୁ ଚିକିତ୍ସା ନିମନ୍ତେ ସୁକାନ୍ତ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁ ବିଭାଗରେ ଭର୍ତ୍ତି କରିଥିଲେ। ହେଲେ ନବଜାତ ଶିଶୁପୁତ୍ରକୁ ସେଠାରୁ କେହି ନେଇଯାଇଥିବା ସେ ମେଡିକାଲ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

### ■ ସିପୁ ହତ୍ୟାକାଣ୍ଡକୁ ସାତ ବର୍ଷ

୨୦୧୭ ମାର୍ଚ୍ଚ ୧୭ ତାରିଖରେ ତମାଣ୍ଡୋ ଗ୍ରାମରେ ଫଗୁ ଖେଳକୁ ନେଇ ସିପୁ ଓରଫ୍ ଅଭିଜିତ ବେହେରାଙ୍କୁ ଗୁଳି କରାଯାଇ ହତ୍ୟା କରାଯାଇଥିବା ଘଟଣାକୁ ୭ ବର୍ଷ ବିତିଛି। ହତ୍ୟା ମାମଲାରେ ସାମିଲ ଥିବା ଦୁଇଭାଇଙ୍କ ମଧ୍ୟରୁ ସାନଭାଇ ସୋମନାଥ ପଟ୍ଟନାୟକ ଫେରାର ଥିବାବେଳେ ବଡ଼ଭାଇ ଭୀଷ୍ମଜିତ୍ ପଟ୍ଟନାୟକ ପାରୋଲରେ ଆସି ଫେରାର ଅଛି। ଭୀଷ୍ମଜିତ ନାମରେ ୱାରେଣ୍ଟ ଜାରି ହୋଇଛି।

### ■ ଡାକ୍ତର ଦମ୍ପତିଙ୍କୁ ହାଣି ଲୁଟିଲେ

ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପୁରୀ ଜିଲ୍ଲା ବଳଙ୍ଗା ଥାନା ସରସ୍ୱତୀପୁର ପଞ୍ଚାୟତ ଦକ୍ଷିଣସାହି ଗ୍ରାମର ଡାକ୍ତର ଦମ୍ପତିଙ୍କ ଘରେ ପଶି ଉଭୟଙ୍କୁ ହାଣିବା ସହ ପ୍ରାୟ ୧୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟିନେଇଛନ୍ତି। ଡକାୟତି ଏବଂ ଆକ୍ରମଣରେ ଶିକାର ହୋଇଥିବା ଦମ୍ପତି ହେଲେ ହୋମିଓପାଥି ଡାକ୍ତର ରବୀନ୍ଦ୍ର ନାଥ ମହାପାତ୍ର ଓ ତାଙ୍କ ପତ୍ନୀ।



### ■ ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁମୁହିଁ

ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ରେ ସୁରକ୍ଷାକର୍ମୀ ଓ ନକ୍ସଲ ମୁହାଁମୁହିଁ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ସର୍ଚ୍ଚ ଅପରେସନ ଚଳାଇଥିବା ସମୟରେ ଅପର ପାର୍ଶ୍ୱରୁ ଆଖିବୁଜା ଫାୟାରିଂ ଆରମ୍ଭ ହେଲା। ଗନ୍ଧମାର୍ଦ୍ଦନ ପାହାଡ଼ରେ ବହୁ ସଂଖ୍ୟାରେ ନକ୍ସଲ ଥିବା ବେଳେ ସେମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ବି ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ।

### ■ ପ୍ରେମିକ ସାଜିଲା ପିଶାଚ

ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳରେ ପ୍ରେମିକାକୁ ହତ୍ୟାକରି ପ୍ରମାଣ ନଷ୍ଟ ପାଇଁ ନଦୀପଠାରେ ଫିଙ୍ଗିଦେଲା ପ୍ରେମିକ। ମୃତ ଯୁବତୀ ହେଲେ ଗଞ୍ଜାମ ଜିଲ୍ଲାର ଭାଗ୍ୟ ଡାକୁଆ। ଯୁବତୀଙ୍କ ବାପା ହୀନ ଡାକୁଆ ପତ୍ନୀ ଓ ଝିଅକୁ ନେଇ ଶିଶୁପାଳଗଡ଼ ଗଙ୍ଗନଗରରେ ଭଡ଼ାରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ଘର ନିକଟରେ ପଶ୍ଚିମବଙ୍ଗର ରଘୁନାଥଗଞ୍ଜ ମହଲଦାର ପରାର ସେଖ ରାଜୁ, ସେଖ ଅବଦୁଲ ଓ ସେଖ ଦେନାରୁଲ ଭଡ଼ାରେ ରହୁଥିଲେ। ରାଜୁ ଠିକାଦାର ଥିବାରୁ ଯୁବତୀଙ୍କ ବାପା ଓ ମା' ଏବଂ ୨୫ ଜଣ ଶ୍ରମିକ ତାଙ୍କ ଅଧୀନରେ କାମ କରୁଥୁଲେ। ପରେ ରାଜୁ ଓ ଭାଗ୍ୟଙ୍କ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ରାଜୁ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ସେମାନେ ବାରଣ କରିଥିଲେ। ହେଲେ ସେ ୪ ମାସ ତଳେ ଭାଗ୍ୟ ଓ ରାଜୁ ଘର ଛାଡ଼ି ଚାଲିଯାଇ ବିବାହ କରି ଶିଶୁପାଳଗଡ଼ରେ ଭଡ଼ାଘରେ ରହୁଥିଲେ। ଉଭୟଙ୍କ ମଧ୍ୟରେ ତିକ୍ତତା, ବିବାଦ ଓ ମନୋମାଳିନ କାରଣରୁ ଝଗଡ଼ା ଲାଗି ରହୁଥିଲା। ଶନିବାର ଭାଗ୍ୟଙ୍କ ମୃତଦେହକୁ ରାଜା, ଅବଦୁଲ ଓ ଦେନାରୁଲ ବାଇକରେ ନେଇ ଅଧବାଟରେ ଫୋପାଡ଼ି ଦେଇ ଚାଲି ଯାଇଥିଲେ। ଭାଗ୍ୟକୁ ହତ୍ୟା କରାଯାଇଥିବା ନେଇ ମୃତ ଯୁବତୀଙ୍କ ବାପା ଓ ମାଆ ଧଉଳି ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

### ■ ଦାଦାଙ୍କୁ ହାଣିଲେ ପୁତୁରା

ଶନିବାର ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା କଲୋନୀ ସାହି ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦାଦ ରବୀନ୍ଦ୍ର ତିରିଆଙ୍କୁ ଦୁଇ ପୁତୁରା ରାଜେନ୍ଦ୍ର ତିରିଆ ଓ କାହ୍ନୁଚରଣ ତିରିଆ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ମୃତଦେହକୁ ଜବତ କରିବା ସହ ଦୁଇ ପୁତୁରାଙ୍କୁ ଗିରଫ କରି ତଦନ୍ତ କରୁଛି।

**ପଟ୍ଟାମୁଣ୍ଡାଇକୁ ଉପଖଣ୍ଡ ଘୋଷଣା ପ୍ରସଙ୍ଗ**

## ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଖାରଜ

କଟକ, ୧୦।୪(ସମିସ): କାହାକୁ ସବଡିଭିଜନ ଘୋଷଣା କରାଯିବ କିମ୍ବା ନକରାଯିବ ତାହା ରାଜ୍ୟ ସରକାରଙ୍କ ନୀତିର ଅଂଶ। ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅଧୀନ ବୋଲି ହାଇକୋର୍ଟ କହିଛନ୍ତି। ଏଣୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର-୯୯ ବିଧାନସଭା ନିର୍ବାଚମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା କରିବା ପ୍ରାର୍ଥନା କରି ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଆଇନଜୀବୀ ବିଜୟକେତନ ସ୍ୱାଇଁଙ୍କ ପକ୍ଷରୁ ରୁଜୁ ଏହି ଜନସ୍ୱାର୍ଥ ମାମଲାର ଶୁଣାଣିକରି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ଗତ ୨୦୦୮-୦୯ରେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀକୁ ପୁନର୍ଗଠନ କରାଯାଇଥିଲା। ରାଜନଗର ବିଧାନସଭା କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ମ୍ୟୁନସିପାଲିଟି ଓ ୧୮ ପଞ୍ଚାୟତକୁ ସାମିଲ କରାଯାଇଥିବା ବେଳେ ଅନ୍ୟ ଗ୍ରାମପଞ୍ଚାୟତଗୁଡ଼ିକୁ କେନ୍ଦ୍ରାପଡ଼ା ବିଧାନସଭା କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଯାଇଥିଲା। ତେବେ ମୂଳ ପଟ୍ଟାମୁଣ୍ଡାଇ ନାମକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରାଯାଇ ରାଜନଗର ବିଧାନସଭା ଆସନ ଭାବେ ନାମିତ କରାଯାଇଥିଲା। ପଟ୍ଟାମୁଣ୍ଡାଇ ଏକ ସହର ହୋଇଥିବା ବେଳେ ଏଥିରେ ଏକ ମ୍ୟୁନସିପାଲିଟି ମଧ୍ୟ ରହିଛି। ଯାହା କେନ୍ଦ୍ରାପଡ଼ା ଜିଲ୍ଲାର ମଧ୍ୟସ୍ଥଳରେ ଅବସ୍ଥିତ। ଏହାର ରାଜନୈତିକ ଇତିହାସ ଓ ଗୁରୁତ୍ୱକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇକୁ ଏକ ସବ୍‌ଡିଭିଜନ ଘୋଷଣା କରାଯାଉ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଥିଲା।

**■ ଅଦାଲତି ପ୍ରକ୍ରିୟାର ଅପବ୍ୟବହାର**

## ୫ ହଜାର ଟଙ୍କା ଦଣ୍ଡ ଗଣିବେ ଆବେଦନକାରୀ

କଟକ, ୧୦।୪(ସମିସ): ଜନସ୍ୱାର୍ଥ ସମ୍ବଳିତ ଦର୍ଶାଇ ରୁଜୁ ହୋଇଥିବା ଏକ ଆବେଦନକୁ ଅଦାଲତି ପ୍ରକ୍ରିୟାର ଅପବ୍ୟବହାର ବୋଲି ହାଇକୋର୍ଟ କହିବା ସହ ଏହାକୁ ଖାରଜ କରିଛନ୍ତି। ଏଥିସହ ଜନସ୍ୱାର୍ଥ ମାମଲା ଦାୟର କରିଥିବା ଆବେଦନକାରୀମାନେ ୫ହଜାର ଟଙ୍କା ଦଣ୍ଡ ଗଣିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଶିବ ଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନ.କେ. ପାଣିଗ୍ରାହୀ ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗ୍ରାଣ୍ଟ ଇନ୍-ଏଡ୍ ପାଇବା ପାଇଁ ୨୦୦୪ରେ ବାଲେଶ୍ୱର ଜିଲ୍ଲା ଜଗାଇସ୍ଥିତ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ରିପୋର୍ଟରେ ଜାଲିଆତି କରାଯାଇଥିବା ଅଭିଯୋଗର ତଦନ୍ତ ପ୍ରସଙ୍ଗ ନେଇ ଦାୟର ଏହି ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ଆବେଦନକାରୀ ପୂର୍ବରୁ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ଘଟଣାର ୭ ବର୍ଷ ପରେ ଅଭିଯୋଗ ହୋଇଥିବାରୁ ଲୋକାୟୁକ୍ତ ମାମଲାକୁ ଖାରଜ କରିଥିଲେ। ଲୋକାୟୁକ୍ତଙ୍କ ୨୦୨୨, ମେ ୧୭ର ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶରେ ତ୍ରୁଟି ନଥିବା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ବିଳମ୍ବ ଓ ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବାରୁ ତଦନ୍ତ ନିର୍ଦ୍ଦେଶ ପାଇଁ ଆବେଦନ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ହାଇକୋର୍ଟ ଆଇନସେବା କମିଟିରେ ଆବେଦନକାରୀମାନେ ୫ ହଜାର ଟଙ୍କା ଏକ ମାସ ଭିତରେ ଜମା କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**କଟକ-ସମ୍ବଲପୁର ୪ ଲେନ୍ ରାସ୍ତା ନିର୍ମାଣରେ ଅବହେଳା**

## ଏନ୍‌ଏଚ୍‌ଏଆଇ ବିରୋଧରେ ମାମଲା



କଟକ, ୧୦। ୪(ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ୪ଲେନ ନିର୍ମାଣ କାର୍ଯ୍ୟ ଶେଷ ହେବାର ନାଁ ଧରୁନି। ଗୋଟିଏ ପରେ ଗୋଟିଏ ସମୟ ଅବଧି ଅତିକ୍ରାନ୍ତ ସତ୍ତ୍ୱେ ଏହି ରାସ୍ତା ନିର୍ମାଣ ସରୁ ନଥିବା ବେଳେ ଏହା ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତା ନିର୍ମାଣରେ ଏନଏଚଏଆଇ (ଜାତୀୟ ରାଜପଥ ପ୍ରାଧିକରଣ)ର ଅବହେଳା ନେଇ ଓଡ଼ିଶା ରାଜ୍ୟ ମାନବାଧିକାର କମିସନରେ ମାମଲା ରୁଜୁ ହୋଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ଏହି ମାମଲା ଦାୟର କରାଯାଇଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ ଗତ ୨୦୦୫ରେ କେନ୍ଦ୍ର ସରକାର ଏହି ରାସ୍ତା ଉନ୍ନତିକରଣ ତଥା ଚାରିଲେନ କରିବା ପାଇଁ ଘୋଷଣା କରିଥିଲେ। ଘୋଷଣାର ୧୨ବର୍ଷ ପରେ ଅର୍ଥାତ ୨୦୧୭ରେ କାମ ଆରମ୍ଭ ହୋଇଥିଲା। ୨୦୨୦ ସେପ୍ଟେମ୍ବରକୁ ଶେଷ ସମୟ ଧାର୍ଯ୍ୟ ହୋଇଥିଲା। ଏହି ରାସ୍ତାର ସମ୍ବଲପୁର-ଅନୁଗୁଳ ପର୍ଯ୍ୟନ୍ତ ଅଂଶକୁ ୨୦୧୯ ଅଗଷ୍ଟରେ ସମ୍ପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅଦ୍ୟାବଧି ଏହି ରାସ୍ତା କାର୍ଯ୍ୟ ଶେଷ ହୋଇପାରିନାହିଁ। ଅନୁଗୁଳ ଦେଇ ଏହି ଜାତୀୟ ରାଜପଥ ଯାଇଥିବା ବେଳେ ଏହା ପାର୍ଶ୍ୱ ଏନଏଚ-୫୩ କଣିହାଁ ଓ ତାଳଚେର ଦେଇ ଯାଇଛି। ସେହିପରି ଏନଏଚ -୧୪୯ ବଅଁରପାଳରୁ ପାଲଲହଡ଼ା ସଂଯୋଗ କରୁଛି। ଏହିସବୁ ଜାତୀୟ ରାଜପଥ ବି ମରଣଯନ୍ତା ପାଲଟିଲାଣି। ଏପରିକି ଗତ ୨୦୨୩ରେ ୫୫ନମ୍ବର ଜାତୀୟ ରାଜପଥରେ ୪୦୧ଟି ଦୁର୍ଘଟଣା ଘଟିଛି। ଏଣୁ ଏନଏଚଏଆଇକୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଉ ବୋଲି ଆଗ୍ରହ କରାଯାଇଥିବା ବେଳେ ଏହି ରାସ୍ତା କାମ ଶେଷ ପାଇଁ କି ପଦକ୍ଷେପ ନିଆଯିବ ଓ ଠିକାଦାରଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଦୁର୍ଘଟଣାରେ ମୃତାହତଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରାଯାଇଛି। ଏହି ମାମଲାରେ ରାଜ୍ୟ ପୂର୍ତ୍ତ ସଚିବ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ସଚିବ, ଜାତୀୟ ରାଜପଥ ପ୍ରାଧିକରଣ ଓ ଏନଏଚଏଆଇର ଉପରୋକ୍ତ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

**ଓଆର୍‌ଏଚ୍‌ଡିସି ଦୁର୍ନୀତି ମାମଲାରେ ମୋକିମଙ୍କୁ ଝଟ୍‌କା**

## ୩ ବର୍ଷ ଜେଲ୍ ଦଣ୍ଡାଦେଶ ହାଇକୋର୍ଟରେ କାଏମ୍

କଟକ, ୧୦।୪(ସମିସ): ବହୁଚର୍ଚ୍ଚିତ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ (ଓଆରଏଚଡିସି) ଋଣ ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇଥିବା ବାରବାଟୀ-କଟକ ବିଧାୟକ ତଥା ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ଇଂ ମହମ୍ମଦ ମୋକିମଙ୍କୁ ଓଡ଼ିଶା ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଛି। ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ ଚାଲେଞ୍ଜ କରି ମୋକିମଙ୍କ ପକ୍ଷରୁ ରୁଜୁ କ୍ରିମିନାଲ ଅପିଲକୁ ଆଜି ହାଇକୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜଷ୍ଟିସ ବି.ପି ରାଉତରାୟଙ୍କ ଏକ ନିର୍ଦ୍ଦେଶରେ ନିମ୍ନ ଅଦାଲତ ପ୍ରଦତ୍ତ ୩ବର୍ଷ ସଶ୍ରମ ଜେଲଦଣ୍ଡ ଓ ଜରିମାନା ଆଦେଶ କାଏମ ରହିଛି। ଫଳରେ ବାରବାଟୀ-କଟକରୁ ନିର୍ବାଚନ ଲଢ଼ିବାକୁ ଆଶାୟୀ ଥିବା ମୋକିମଙ୍କୁ ହାଇକୋର୍ଟଙ୍କ ଝଟକା ଲାଗିଛି।

ଗତ ମାର୍ଚ୍ଚ ୪ତାରିଖରେ ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷକରି ରାୟକୁ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଓ ଜରିମାନା ଆଦେଶ ଉପରେ ହାଇକୋର୍ଟ ପୂର୍ବରୁ ଜାରି କରିଥିବା ଅନ୍ତରୀଣ ରହିତାଦେଶ ମଧ୍ୟ ହଟିଛି।

ମେଟ୍ରୋ ବିଲଡର୍ସ ନାମରେ ବିଲଡିଂ ପ୍ଲାନ ଆପ୍ରୁଭାଲ ଓ ବେଆଇନ ଋଣ ମଞ୍ଜୁରୀ କ୍ଷେତ୍ରରେ ଆବେଦନକାରୀଙ୍କ ସକ୍ରିୟ ଭୂମିକା ଥିଲା। ସେହିପରି ଏଥିପାଇଁ ଆବେଦନକାରୀ ଓ ଅନ୍ୟ ସହ ଅଭିଯୁକ୍ତମାନଙ୍କ ପକ୍ଷରୁ ଉଦ୍ଦେଶ୍ୟମୂଳକ ଭାବେ ଜାଲ୍ ଦସ୍ତାବିଜ ସବୁ ବ୍ୟବହାର କରାଯାଇଥିବା ନେଇ ପ୍ରଜିକ୍ୟୁସନ ପକ୍ଷରୁ ଦାଖଲ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏଣୁ ନିମ୍ନ ଅଦାଲତଙ୍କ ଆଦେଶରେ ହସ୍ତକ୍ଷେପ କରିବାକୁ ହାଇକୋର୍ଟ ମନା କରିବା ସହ ମୋକିମଙ୍କ ଆବେଦନକୁ ଖାରଜ କରି ଦେଇଥିଲେ। ଏପରିକି ମୋକିମଙ୍କୁ ପୂର୍ବରୁ ଏହି ମାମଲାରେ ହାଇକୋର୍ଟ ଜାମିନ ମଧ୍ୟ ପ୍ରଦାନ କରିଥିବା ବେଳେ ଏହି ଜାମିନ ବଣ୍ଡ ବାତିଲ କରିଛନ୍ତି ଅଦାଲତ। ପ୍ରକାଶଥାଉକି ମୋକିମଙ୍କୁ ଭିଜିଲାନ୍ସ ଅଦାଲତ ପ୍ରଦାନ କରିଥିବା ୩ବର୍ଷ ଜେଲ ଓ ୫୦ହଜାର ଜରିମାନା ଆଦେଶ ଉପରେ ହାଇକୋର୍ଟ ଗତ ୨୦୨୨ ଅକ୍ଟୋବର ୧୯ରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏହି ରହିତାଦେଶକୁ ଅଦାଲତ ବିଭିନ୍ନ ପର୍ଯ୍ୟାୟରେ ବଳବତ୍ତର ରଖିଥିଲେ ହାଇକୋର୍ଟ। ମାମଲା ଶୁଣାଣିରେ ବିଳମ୍ବ ଓ ରହିତାଦେଶକୁ ବିରୋଧ କରି ଭିଜିଲାନ୍ସ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଏସଏଲପି ଦାୟର ହୋଇଥିଲା। ଗତ ୨୦୨୩ସେପ୍ଟେମ୍ବର ୨୨ରେ ଉପରୋକ୍ତ ଏସଏଲପିର ଶୁଣାଣି କରି ହାଇକୋର୍ଟରେ ବିଚାରାଧିନ ଆବେଦନର ଶୁଣାଣି ୬ମାସରେ ଶେଷ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

**ସମସ୍ତ ଅନ୍ତରୀଣ ସୁରକ୍ଷା ହଟିଲା**

ଓଆରଏଚଡିସି ଦୁର୍ନୀତି ମାମଲାରେ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ମେଟ୍ରୋ ବିଲଡର୍ସର ପରିଚାଳନା ନିର୍ଦ୍ଦେଶକ ଇଂ ମହମ୍ମଦ ମୋକିମ, ଆଇଏଏସ ବିନୋଦ କୁମାରଙ୍କ ସମେତ ଅନ୍ୟ ୨ଜଣଙ୍କୁ ୩ବର୍ଷ ଜେଲ ଓ ୫୦ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଥିଲେ। ଭିଜିଲାନ୍ସ ଅଦାଲତଙ୍କ ରାୟକୁ ଚ୍ୟାଲେଞ୍ଜ କରି ମୋକିମ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଷ୍ଟାଣ୍ଡିଂ କାଉନସିଲ ଶ୍ରୀମନ୍ତ ଦାସ ଓ ସଞ୍ଜୟ କୁମାର ଦାସ ମାମଲା ପରିଚାଳନା କରୁଥିବା ବେଳେ ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ପରିଚାଳନା କରୁଥିଲେ। ସେହିପରି ତେବେ ହାଇକୋର୍ଟଙ୍କ ରାୟ ପରେ ମୋକିମ କହିଛନ୍ତି ଏହା ଏକ ଆଇନଗତ ଲଢେଇ। ତାଙ୍କର ଆଇନଜୀବୀଙ୍କ ସହ ପରାମର୍ଶ କରି ପରବର୍ତ୍ତୀ ପଦକ୍ଷେପ ନେବେ। ସୂଚନାଥାଉକି ନିକଟରେ ବାରବାଟୀ-କଟକ ବିଧାନସଭା ନିର୍ବାଚନ ଅନିୟମିତତା ମାମଲାରେ ମୋକିମ ବିଧାୟକ ପଦ ହରାଇଥିଲେ ମଧ୍ୟ ଏହି ଆଦେଶ ଉପରେ ସୁପ୍ରିମକୋର୍ଟରୁ ରହିତାଦେଶ ଆଣିବାକୁ ସକ୍ଷମ ହୋଇଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ; ୩ ମୃତ, ୪ ଗୁରୁତର

ଜୟପୁର,୧୦।୪(ସମିସ): ଜୟପୁର ସଦର ଥାନା ଅଧୀନସ୍ଥ ଗାଗନାପୁର-ଧନପୁର ରାସ୍ତାରେ ଗତ ମଙ୍ଗଳବାର ରାତିରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୩ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ୩ ଜଣ ଯୁବକ ହେଲେ ଧନପୁର ଗ୍ରାମର ପଦ୍ମନ ହରିଜନ (୨୫), ଜୟନ୍ତାଗିରି ଗ୍ରାମର ଗୋପାଳ ହରିଜନ (୨୬) ଏବଂ ସାନମୁଣ୍ଡାପଦର ଗ୍ରାମର ଦୁର୍ଯ୍ୟ କେଉଟ (୨୨)।



ପୁଲିସ ସୂଚନା ଅନୁଯାୟୀ, ଧନପୁର-ଗାଗନାପୁର ରାସ୍ତାରେ ଦୁଇଟି ବାଇକ (ଓଡି ୧୦ଟି ୫୬୭୩ ଏବଂ ଓଡି ୧୦ ଡବ୍ଲୁ ୧୨୫୮)ଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୋଟିଏ ବାଇକରେ ୩ ଜଣ ଏବଂ ଅନ୍ୟ ବାଇକରେ ୪ ଜଣ ବସିଥିଲେ। ଜୟପୁର ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡୀଙ୍କ ନେତୃତ୍ୱରେ ପୁଲିସ ଦଳ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବାବେଳେ ଦୁଇଟି ବାଇକ ରାସ୍ତାରେ ପଡ଼ିଥିବା ଦେଖି ଅଟକିଥିଲେ। ପରେ ଆହତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ୭ ଜଣଙ୍କୁ ପୁଲିସ ଗାଡ଼ିରେ ଜୟପୁର ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୪ ଜଣ ଗୁରୁତରଙ୍କ ମଧ୍ୟରୁ ୨ ଜଣଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଅନ୍ୟ ୨ ଜଣ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଉଭୟ ବାଇକ ଦ୍ରୁତ ଗତିରେ ଯାଉଥିବାବେଳେ ମୁଣ୍ଡରେ ଆଘାତ ଲାଗିବାରୁ ଉକ୍ତ ୩ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଥାନା ଅଧିକାରୀ ଶ୍ରୀ ତାଣ୍ଡୀ ପ୍ରକାଶ କରିଛନ୍ତି।

### ବଦଳିଲେ ସମ୍ବଲପୁର ଡିଏଫ୍‌ଓ

ଭୁବନେଶ୍ୱର, ୧୦।୪ (ସମିସ): ସମ୍ବଲପୁର ଡ଼ିଏଫ୍‌ଓ ତଥା ୨୦୧୧ ବ୍ୟାଚ୍‌ର ଆଇଏଫ୍‌ଏସ୍ ବିଶ୍ୱନାଥ ନୀଳାମ୍ବରଙ୍କୁ ପିସିସିଏଫ୍ କାର୍ଯ୍ୟାଳୟକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ କାଲୁଙ୍ଗେ ଗୋରଖ ୱମନଙ୍କୁ ସମ୍ବଲପୁର ନୂଆ ଡିଏଫ୍‌ଓ ଭାବେ ନିଯୁକ୍ତି ପାଇଛନ୍ତି। ଏ ନେଇ ବୁଧବାର ରାଜ୍ୟ ବନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।


**AFFIDAVIT**

I, Sabita Kumari Mishra, W/O Aditya Prasad Purohit, R/O at-GN 08 Ganesh Nagar, PO/PS Khandagiri, Dist-Khordha, Bhubaneswar, Pin-751030 Odisha declare by this affidavit No-601 dtd.-21.02.2024 that now onwards I shall be known as SABITA PUROHIT for all future purposes."

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact-Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Binay Bhusan Pradhan S/o- late Sirish Chandra Pradhan, resident of C-8 rashmi tower nageswar tangi Bhubaneswar near nageswar tangi temple Lingaraj Old town, khorda, pin-751002 declared by this affidavit no. 40, dtd. 10.04.2024 that now onwards I shall be known as BINAY BHUSAN PRADHAN for all future purposes.


## ଅବଶିଷ୍ଟାଂଶ

### ପଥ ସମ୍ମୋହନ...

ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୪୨୨ ଜଣ ଆହତ ହୋଇଛନ୍ତି। ଏହିସବୁ ଦୁର୍ଘଟଣା ପଛରେ ଥିବା ଅନେକ କାରଣ ମଧ୍ୟରୁ ପଥ ସମ୍ମୋହନ ଅନ୍ୟତମ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସଚେତନାମୂଳକ କାର୍ଯ୍ୟକ୍ରମ ମଧ୍ୟରେ ଶୀତଋତୁରେ ରାସ୍ତାକଡ଼ରେ ଚା' ବଣ୍ଟନ ବେଶ୍ ଫଳପ୍ରଦ ରହିଥିଲା। ତେବେ, ସମସ୍ତ ଚାଳକ ଓ ଯାତ୍ରୀ ଏ ଦିଗରେ ସଚେତନ ରହି ଦୁର୍ଘଟଣା ରୋକିବା ସହ ବହୁମୂଲ୍ୟ ଜୀବନ ବଞ୍ଚାଇବାକୁ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ପରାମର୍ଶ ଦେଇଛନ୍ତି।

### ରାମଦେବଙ୍କ କ୍ଷମାଭିକ୍ଷାକୁ...

ଏପରି ହେବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବାରମ୍ବାର ଲାଇସେନ୍ସିଂ ଇନ୍ସପେକ୍ଟର ନିରବ ରହିଥିଲେ। ଏହା ପରେ ଯିଏ ଆସିଥିଲେ, ସେ ମଧ୍ୟ ସମାନ ନୀତି ଅବଲମ୍ବନ କରିଥିଲେ। ଏହି ତିନି ଅଧିକାରୀଙ୍କୁ ତୁରନ୍ତ ନିଲମ୍ବନ କରାଯିବା ଉଚିତ ବୋଲି କୋର୍ଟ କହିଥିଲେ।

ପୂର୍ବରୁ ପତଞ୍ଜଳି କମ୍ପାନୀର ଜଡ଼ିବୁଟି ଔଷଧ ନାନା ଜଟିଳ ରୋଗରୁ ସମ୍ପୂର୍ଣ୍ଣ ଆରୋଗ୍ୟ କରିଥାଏ ବୋଲି ଭ୍ରମାତ୍ମକ ବିଜ୍ଞାପନ ଓ ଏଲୋପାଥି ଚିକିତ୍ସା ପଦ୍ଧତିର ଅସାରତା ନେଇ ବିବୃତି ନଦେବାକୁ ଲିଖିତ ଅଙ୍ଗୀକାରପତ୍ର ଅଦାଲତଙ୍କୁ ଦେବାପରେ ବି ସେହି ଭୁଲ ପୁଣି ଦୋହରାଇଥିବାରୁ ଅଦାଲତ ଅବମାନନା ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ତାହା କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ଦର୍ଶାଇବାକୁ ସୁପ୍ରିମକୋର୍ଟ ବାବା ରାମଦେବ ଓ ପତଞ୍ଜଳି ପରିଚାଳନା ନିର୍ଦ୍ଦେଶକ ଆଚାର୍ଯ୍ୟ ବାଲକୃଷ୍ଣଙ୍କୁ ନୋଟିସ୍ ଦେଇଥିଲେ। ରାମଦେବ ଓ ବାଲକୃଷ୍ଣ ଗତକାଲି ଅଦାଲତରେ ହାଜର ହୋଇ ସତ୍ୟପାଠ ଜରିଆରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି, ଯାହାକୁ ଆଜି କୋର୍ଟ ଗ୍ରହଣ କରିବାକୁ ରାଜି ହୋଇନାହାନ୍ତି। ଏହା ଉପରେ ସୁପ୍ରିମକୋର୍ଟ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି, କ୍ଷମା ପ୍ରାର୍ଥନା ସମ୍ବଳିତ ସତ୍ୟପାଠ କୋର୍ଟରେ ଦାଖଲ ହେବା ପୂର୍ବରୁ ମିଡିଆକୁ କିପରି ଚାଲିଗଲା? ଅଦାଲତ ଅବମାନନା ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୬ରେ କରାଯିବା ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି।

### ଗଜପତି ଖଜୁରି...

ବୈଜ୍ଞାନିକ ଡ. ପି କାର୍ତ୍ତିଗେୟନ୍ କହିଛନ୍ତି, ଏହା ଖୁବ୍ ସ୍ୱାଦିଷ୍ଟ ହୋଇଥାଏ। ଏହାସହ ଭିଟାମିନ୍ ଓ ଆଇରନ୍ ପ୍ରଦାନ କରିଥାଏ। ଚିନିର ମାତ୍ରା କମ୍ ରହୁଥିବାରୁ ମଧୁମେହ ରୋଗୀ ମଧ୍ୟ ଏହାକୁ ଖାଇପାରିବେ ବୋଲି କହିଛନ୍ତି। ୨୦୨୦ ମସିହା ଜୁନ୍ ୧୨ ତାରିଖରେ ଏହାକୁ ଜିଆଇ ମାନ୍ୟତା ଦେବାପାଇଁ ଆବେଦନ ହୋଇଥିଲା। ଯାହାକୁ ଜିଆଇ ମାନ୍ୟତା ପ୍ରଦାନ କରାଯାଇଛି।

### ଚନ୍ଦ୍ରଶେଖର ଅଧ୍ୟକ୍ଷ...

ଦେବୀ ରଞ୍ଜନ ତ୍ରିପାଠୀ ସଦସ୍ୟ ରହିଛନ୍ତି। ଏମାନଙ୍କ ବ୍ୟତୀତ କମିଟିରେ ରମେଶ ଚନ୍ଦ୍ର ମାଝୀ, ଦିଲୀପ ତିର୍କୀ, ରବି ନାରାୟଣ ନନ୍ଦ, ଅମରେଶ ପତ୍ରୀ, ଏସ.କେ. ନିଜାମୁଦ୍ଦିନ, ତନ୍ମୟ ସ୍ୱାଇଁ, ଜୋତ୍ସ୍ନାରାଣୀ ପରିଡ଼ା, ବିଷ୍ଣୁପ୍ରିୟା ଦାସ, ସଞ୍ଜିତ ମହାନ୍ତି, ପଙ୍କିଜିନୀ ମଙ୍ଗରାଜ, ମାମିନା ନାୟକ. କିଶୋର ଦେବତା ମଧ୍ୟ ସଦସ୍ୟ ରହିଛନ୍ତି। ଇସ୍ତାହାର କମିଟିର ସଦସ୍ୟମାନେ ସମାଜର ବିଭିନ୍ନ କ୍ଷେତ୍ର, ବିଭିନ୍ନ ବର୍ଗର ଲୋକ, ଅଞ୍ଚଳବାସୀ ଓ ସ୍ଥାନୀୟ ସମସ୍ୟା ସମ୍ପର୍କରେ ଆଲୋଚନା କରି ବିଜେଡିର ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିବେ। ଏହି ଇସ୍ତାହାର ନୂଆ ଓଡ଼ିଶା-ସଶକ୍ତ ଓଡ଼ିଶା ଗଠନର ଲକ୍ଷ୍ୟକୁ ଚରିତାର୍ଥ କରିବା ଲକ୍ଷ୍ୟକୁ ସାକାର ପଥରେ ଆଗେଇ ନେବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଏପରିକି ସାଧାରଣ ଲୋକେ ଯେପରି ଇସ୍ତାହାର ସମ୍ପର୍କରେ ନିଜର ମତାମତ ଦେଇପାରିବେ, ସେଥିପାଇଁ ଦଳ ପକ୍ଷରୁ ଏକ ଇମେଲ ଠିକଣା ପ୍ରଦାନ କରାଯାଇଛି।

### ଲାଗିରହିଛି ଇସ୍ତଫା...

ମିଳିବା ପରେ ଏଥିରେ କଡ଼ା ଅସନ୍ତୋଷ ପ୍ରକାଶ କରି ଆଜି ଦଳ ଛାଡ଼ିଛନ୍ତି ଜିଲ୍ଲା ବିଜେପି ସଭାପତି ପ୍ରଭାସ ପାଣିଗ୍ରାହୀ। କେବଳ ପ୍ରଭାସ ନୁହେଁ, ଜିଲ୍ଲାର ଟାଣୁଆ ନେତା ବିନୋଦ ବିହାରୀ ନାଗ ଓ ଅନ୍ୟ ଜଣେ ମଧ୍ୟ ଦଳରୁ ଇସ୍ତଫା ଦେଇଛନ୍ତି। ଏମାନଙ୍କ ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବିଜେପିର ଦଳର ଅନେକ ତୃଣମୂଳସ୍ତରର ନେତା ଓ କର୍ମୀ ଦଳ ତ୍ୟାଗ କରିଛନ୍ତି। ଗତ ୨ ତାରିଖରେ ଦଳର ବିଧାନସଭା ପାଇଁ ଟିକଟ ଘୋଷଣା ହେବା ପରଠାରୁ ଦଳର ଅନେକ ନେତା ଏବଂ କର୍ମୀ ଇସ୍ତଫା ଦେଇ ସାରିଛନ୍ତି। ଦଳୀୟ ଅସନ୍ତୋଷ ଆକ୍ରୋଶର ରୂପ ନେଇଥିବା ବେଳେ ଏବେ ବି ରାଜ୍ୟବ୍ୟାପୀ ବିଜେପିର ବହୁ ନେତା ଏବଂ ତୃଣମୂଳସ୍ତରର କର୍ମୀ ଅନ୍ୟ ଦଳକୁ ଯିବା ପାଇଁ ମସୁଧା ଚଳାଇଛନ୍ତି। ରାଜ୍ୟ ବିଜେପିକୁ ଏଥିପାଇଁ ବହୁ କ୍ଷତି ସହିବାକୁ ପଡ଼ିଥିବା ବେଳେ ଡ୍ୟାମେଜ କଣ୍ଟ୍ରୋଲ ପାଇଁ ନେତୃତ୍ୱ ବିଳମ୍ବିତ ପ୍ରୟାସ ଆରମ୍ଭ କରିଛନ୍ତି। ଯେଉଁମାନେ ଟିକଟ ବଣ୍ଟନରେ ଅସନ୍ତୋଷ ପ୍ରକାଶ କରିଛନ୍ତି ସେମାନଙ୍କ ସହ ନେତୃତ୍ୱ ଖୁବଶୀଘ୍ର ଆଲୋଚନା କରିବ। ଅନ୍ୟପକ୍ଷରେ ଯେଉଁମାନେ ଦଳରୁ ଇସ୍ତଫା ଦେଇଥିବା ସତ୍ତ୍ୱେ ଅନ୍ୟ ଦଳରେ ଏଯାଏଁ ଯୋଗ ଦେଇନାହାନ୍ତି, ସେମାନଙ୍କ ସହ ଅଗ୍ରାଧିକାର ଭିତ୍ତିରେ ଆଲୋଚନା କରାଯିବ। ଏଥିପାଇଁ ରାଜ୍ୟ ନେତୃତ୍ୱ ଏକ ଟିମ୍ ଗଠନ କରିବେ। ରାଜ୍ୟରେ ଦଳର ସଂଗଠନ ସ୍ଥିତି ଆରମ୍ଭରୁ ଏତେଟା ଭଲ ନାହିଁ। ଏପରିସ୍ଥଳେ ବର୍ତ୍ତମାନର ବିଦ୍ରୋହ ଦଳକୁ ରସାତଳଗାମୀ କରିବ ବୋଲି ରାଜ୍ୟ ନେତୃତ୍ୱ ଅନୁମାନ କରୁଥିବା ବେଳେ ଏଥିରୁ ରକ୍ଷା ପାଇବା ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। ତେବେ ରାଜ୍ୟ ବିଜେପିର ଏହି ବିଳମ୍ବିତ ପ୍ରୟାସ ଯେ ସଫଳ ହେବ, ତାହାକୁ ନେଇ ରାଜନୀତିକ ମହଲରେ ସନ୍ଦେହ ପ୍ରକାଶ ପାଇଛି।

**■ ନିର୍ବାଚନ ପୂର୍ବରୁ ଡିଜିପିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ**

## ନକ୍ସଲ ବିରୋଧୀ ଅଭିଯାନ ଲାଗି ସ୍ୱତନ୍ତ୍ର ରଣନୀତି

ଭୁବନେଶ୍ୱର, ୧୦।୪(ସମିସ): ନିର୍ବାଚନ ସମୟରେ ମାଓ କାର୍ଯ୍ୟକଳାପ ରୋକିବାକୁ ଓଡ଼ିଶା ପୁଲିସ ବେଶ୍ ଗୁରୁତ୍ୱ ଦେଉଛି। କିଛି ଦିନ ହେବ ଓଡ଼ିଶାରେ ମାଓବାଦୀଙ୍କ ପ୍ରାଦୁର୍ଭାବ ସାମାନ୍ୟ ବଢ଼ିଛି। ଗତକାଲି ବଡ଼ଗଡ଼ ଜିଲ୍ଲା ପାଇକମାଳ ଥାନା ଗନ୍ଧମାର୍ଦ୍ଦନ ଜଙ୍ଗଲରେ ପୁଲିସର କମ୍ବିଂ ଅପରେସନ୍ ସମୟରେ ଏକ ମାଓ କ୍ୟାମ୍ପ ଠାବ ହୋଇଥିଲା। ଏଥିରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ନିକଟ ଅତୀତରେ ବି ମାଓବାଦୀ ସକ୍ରିୟ ରହିଥିବା ଜିଲ୍ଲାଗୁଡ଼ିକରେ ଲାଲବାହିନୀ ଅଘଟଣ ଘଟାଇବାକୁ ଯୋଜନା କରିଛନ୍ତି। ଏହାକୁ ନେଇ ଓଡ଼ିଶା ପୁଲିସ ସହ ଗୁଇନ୍ଦା ବ୍ୟବସ୍ଥାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ଏହାକୁ ଆହୁରି ସୁନିଶ୍ଚିତ କରିବାକୁ ଡିଜିପିଙ୍କ କ୍ୟାମ୍ପ ଅଫିସରେ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ନକ୍ସଲ ଦମନକୁ ନେଇ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟରେ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଅରୁଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୁଧବାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ କିପରି ପରିଚାଳନା କରାଯିବ ସେନେଇ ଆଲୋଚନା ହୋଇଛି। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଅପରେସନ ଦେବଦତ୍ତ ସିଂ ଓ ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର ଯୋଗ ଦେଇଥିଲେ। ବରିଷ୍ଠ ଆଇପିଏସ ଅଧିକାରୀ ମଧ୍ୟ ବୈଠକରେ ସାମିଲ ହୋଇଥିଲେ। ନକ୍ସଲ ଦମନ ରଣନୀତି ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ସୂଚନା ମିଳିଛି।

**ଛତିଶଗଡ଼ରୁ ମାଓପ୍ରବେଶ ରୋକିବାକୁ ଖସଡ଼ା**

ସାଧାରଣ ନିର୍ବାଚନକୁ ନେଇ ଓଡ଼ିଶା ପୁଲିସ ଏବେଠୁ ସଜାଗ ହୋଇଛି। ପଡୋଶୀ ରାଜ୍ୟ ସହ ବୈଠକ କରି ସୀମା ସୁରକ୍ଷାକୁ ପ୍ରାଧାନ୍ୟ ଦେଇଛି। ରାଜ୍ୟରେ ନକ୍ସଲ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରହିଛି। ନିର୍ବାଚନ ସମୟରେ ହିଂସା ଘଟାଇବା ପାଇଁ ସେମାନେ ଯୋଜନା କରି ପାରନ୍ତି। ଏହାକୁ ନଜର କରି ପୁଲିସ ନକ୍ସଲ ଉପଦ୍ରୁତ ରାଜ୍ୟଗୁଡ଼ିକ ସହ ଆଲୋଚନା ଜାରି ରଖିଛି। ଏହିକ୍ରମରେ ଛତିଶଗଡ଼, ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ରାଜ୍ୟ ସହ ସୁରକ୍ଷାକୁ ନେଇ ଆଲୋଚନା ହୋଇଥିବା ସୂଚନା ରହିଛି। ନକ୍ସଲଙ୍କୁ କିପରି ଦମନ କରାଯିବ ସେଦିଗରେ ମାଓ କାର୍ଯ୍ୟକଳାପ ବୃଦ୍ଧି ହୋଇଥିବା ଜିଲ୍ଲା ଏସ୍‌ପି ଓ ରେଞ୍ଜ ଆଇଜିଙ୍କ ସହ ବିସ୍ତୃତ ଭାବେ ଆଲୋଚନା ହୋଇଛି। ଏଥିସହ ଓଡ଼ିଶାରେ ଏବେ ଛତିଶଗଡ଼ର ମାଓବାଦୀମାନେ ସକ୍ରିୟ ରହି କିଛି ମାତ୍ରାରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ନିର୍ବାଚନ ସମୟରେ ଓଡ଼ିଶାକୁ କିପରି ଛତିଶଗଡ଼ୀ ମାଓବାଦୀ ପ୍ରବେଶ ନକରିପାରିବେ ସେନେଇ ଓଡ଼ିଶା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି।

## ନିର୍ବାଚନ ପ୍ରଚାରପତ୍ର, ହୋର୍ଡିଂରେ ପ୍ରକାଶକଙ୍କ ପରିଚୟ ରହିବା ଜରୁରୀ

ନୂଆଦିଲ୍ଲୀ,୧୦।୪(ଏଜେନ୍ସି): ଚଳିତ ଲୋକସଭା ନିର୍ବାଚନ ସହିତ ଓଡ଼ିଶା, ଆନ୍ଧ୍ର ପ୍ରଦେଶ,ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ରେ ହେବାକୁ ଥିବା ବିଧାନସଭା ନିର୍ବାଚନକୁ ନେଇ ପ୍ରଚାରପତ୍ର ଏବଂ ହୋର୍ଡିଂ ଲଗାଯିବା ସମ୍ବନ୍ଧରେ ମୁଖ୍ୟ ନିର୍ବାଚନ ଆୟୋଗ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଚାର ଅଭିଯାନ ପାଇଁ ଉଦ୍ଦିଷ୍ଟ ସମସ୍ତ ହୋର୍ଡିଂ ଏବଂ ଛାପାପତ୍ରରେ ପ୍ରକାଶକଙ୍କ ପରିଚୟ ରହିବା ଜରୁରୀ ବୋଲି ଆୟୋଗ କହିଛନ୍ତି। ଜନପ୍ରତିନିଧି ଆଇନ,୧୯୫୧ର ଧାରା ୧୨୭(କ) ଅନୁସାରେ ନିର୍ବାଚନ ବେଳେ ଲାଗୁଥିବା ହୋର୍ଡିଂ ଏବଂ ଅନ୍ୟାନ୍ୟ ଛାପାପତ୍ରରେ ପ୍ରକାଶକଙ୍କ ଉତ୍ତର ଦାୟିତ୍ୱ ରହିବା ଜରୁରୀ। ଏହାଦ୍ୱାରା ପ୍ରକାଶକଙ୍କୁ ସହଜରେ ଚିହ୍ନଟ କରାଯାଇପାରିବ ଏବଂ ଆବଶ୍ୟକସ୍ଥଳେ ଯୋଗାଯୋଗ କରାଯାଇପାରିବ।କିନ୍ତୁ ଅନେକ କ୍ଷେତ୍ରରେ ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରକାଶ କରାଯାଉଥିବା ପ୍ରଚାରପତ୍ର ଏବଂ ହୋର୍ଡିଂରେ ପ୍ରକାଶକଙ୍କ ନାମ ରହୁ ନ ଥିବା ଦେଖାଯାଉଛି। ଏ ସମ୍ପର୍କରେ ନିର୍ବାଚନ ଆୟୋଗ ଅବଗତ ହେବା ପରେ ଏହାକୁ ସବୁ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏଥିନେଇ ମୁଖ୍ୟ ନିର୍ବାଚନ କମିସନର ରାଜୀବ କୁମାର ବୁଧବାର ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

## ଦାଦାବଟିକୁ ନେଇ ଗୁଳିକାଣ୍ଡ; ଜଣେ ଗୁରୁତର

ଆଠଗଡ଼, ୧୦।୪(ସମିସ): ଅପରାହ୍ନରେ ଆଠଗଡ଼ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଦାଦାବଟିକୁ ନେଇ ଗୁଳିମାଡ଼ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହାତ ହୋଇଥିବା ଜଣାପଡ଼ିଛି। ଖୁଣ୍ଟକଟା ପଞ୍ଚାୟତ ମହୀଧରପୁର ଗ୍ରାମର ବୀରବର ପଲେଇଙ୍କ ପୁଅ ବିଶ୍ୱଜିତ (୨୬)ଙ୍କୁ ସେହି ଗ୍ରାମର ମେଘନାଦ ପଲେଇଙ୍କ ପୁଅ ଦିଲୁ (୩୦) ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ପ୍ରଦାନ କରାଯାଉଛି କି ଆମର ଶାଖା ନେଟୱାର୍କର ପୁନର୍ଗଠନ ଏବଂ ଆମର ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ 17.07.2024 ଠାରୁ ଆମର ମହଜୁଦ ଶାଖାକୁ ନିମ୍ନଲିଖିତ ସ୍ଥାନରେ ମିଶ୍ରଣ କରିବା ପାଇଁ ପ୍ରସ୍ତାବ ଅଛି।

| ମହଜୁଦ ଶାଖା | ମିଶ୍ରଣ ନିମନ୍ତେ ପ୍ରସ୍ତାବିତ |
| --- | --- |
| କେନ୍ଦ୍ରାପଡ଼ା ଟ୍ରାକ୍ଟର ଶାଖା<br>ତୃତୀୟ ମହଲା, ମଣ୍ଡ ବ୍ଲାକ ବିଲ୍ଡିଂ, ଗୁଆଲସିଂ, ରିଲାଏନ୍ସ ପେଟ୍ରୋଲ ପମ୍ପ ସାମ୍ନାରେ, ଠାକୁରପାଟଣା, କେନ୍ଦ୍ରାପଡ଼ା – 754 250, ଓଡ଼ିଶା | ପାରାଦ୍ୱୀପ ଶାଖା<br>ପ୍ରଥମ ମହଲା, ପ୍ଲଟ ନଂ. 1495, ଉଦୟ ବିହାର, ଅଠର ବ୍ୟାଙ୍କି ପୋଷ୍ଟ, ପିପିଏଲ ସ୍କୋୟାର, ଜଗତସିଂହପୁର, ପାରାଦ୍ୱୀପ ଜିଲ୍ଲା – 754 142, ଓଡ଼ିଶା |

ଫଳସ୍ୱରୂପ, ସମସ୍ତ ଜମାକାରୀ ଜଗତସିଂହପୁର ଟ୍ରାକ୍ଟର ଶାଖା ଦ୍ୱାରା ସେବା ପ୍ରାପ୍ତ କରିବେ

ଏହି ବିଜ୍ଞପ୍ତି ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଗୁଡିକ ଦ୍ୱାରା ସାର୍ବଜନିକ ଜମା ସ୍ୱୀକୃତି (ରିଜର୍ଭ ବ୍ୟାଙ୍କ) ନିର୍ଦ୍ଦେଶନାମା, 2016 ର ଅନୁଚ୍ଛେଦ 31 (1) ଅନୁଯାୟୀ ଜାରି କରାଯାଉଛି।

SUNDARAM FINANCE®
Enduring values. New age thinking.

ପଞ୍ଜୀକୃତ ଏବଂ ମୁଖ୍ୟ କାର୍ଯ୍ୟାଳୟ: 21, ପଟୁଲୋସ୍ ରୋଡ୍, ଚେନ୍ନାଇ – 600 002

044 - 2852 1181 | customercare@sundaramfinance.in

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 01-SBP-TRD-OT-2024-25, ତା.04.04.2024ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ (TIG) ଷ୍ଟେସନ ଠାରେ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ ଓଭର ବ୍ରିଜ୍ (FOB) ର ବ୍ୟବସ୍ଥା ନିମନ୍ତେ ଇଲେକ୍ଟ୍ରିକାଲ TRD କାର୍ଯ୍ୟ ସମୂହ।

ଆନୁମାନିକ ମୂଲ୍ୟ (₹): 30,74,518.98, EMD (₹) : 61,500.00।

(2) ଇ-ଟେଣ୍ଡର ବିଜ୍ଞପ୍ତି ସଂ. 02-SBP-TRD-OT-2024-25, ତା.05.04.2024ରିଖ

କାର୍ଯ୍ୟର ନାମ: ସମ୍ବଲପୁର ମଣ୍ଡଳରେ ବୃନ୍ଦାମାଳ(BXQ)-ଲପଙ୍ଗା(LPG) ସେକ୍ସନ ମଧ୍ୟରେ ପୋଲ ନଂ. 7UP ଠାରେ ଉପରେ MMD ପରିବହନର ଚଳାଚଳ ସମ୍ବନ୍ଧୀୟ ରୂପାନ୍ତରଣ କାର୍ଯ୍ୟ ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ (₹) : 18,79,105.45, EMD (₹) : 37,600.00।

ଶେଷ ହେବା ଅବଧି : 08 ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.26.04.2024 ରିଖ 1530 ଘଟିକା (କ୍ରମ ସଂ. 1 ପାଇଁ) ଏବଂ ତା.29.04.2024ରିଖ 1530 ଘଟିକା (କ୍ରମ ସଂ. 2 ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-14/P/24-25

ବରଗଡ଼ରେ ପହଞ୍ଚିଲା ଇଭିଏମ୍

# କଡ଼ା ସୁରକ୍ଷାବଳୟରେ ବରଗଡ଼ ଓ ପଦ୍ମପୁର ଷ୍ଟ୍ରଙ୍ଗରୁମ୍ ରେ ରହିଲା

ବରଗଡ଼, ୧୦।୪ (ସମିସ)





ଆଗାମୀ ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ୱେରହାଉସରୁ ଇଭିଏମ୍ ଗୁଡ଼ିକ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତରିତ ହୋଇଥିଲା। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପଦ୍ମପୁର ଆର୍‌ଏମ୍ ସି ସ୍ଥିତ ଷ୍ଟ୍ରଙ୍ଗ୍‌ରୁମକୁ ଲୋକସଭା ପାଇଁ ବେଲେଟ ୟୁନିଟ -୭୬୦, କଣ୍ଟ୍ରୋଲ ୟୁନିଟ - ୭୬୦, ଭି ଭି ପେଡ - ୮୪୨, ବିଧାନସଭା ପାଇଁ ବେଲେଟ ୟୁନିଟ - ୭୫୭, କଣ୍ଟ୍ରୋଲ ୟୁନିଟ - ୭୫୭, ଭି ଭି ପେଡ - ୮୪୨ ଗୋଟି ପଠାଯାଇଛି। ସେହିପରି ବରଗଡ଼ ପଞ୍ଚାୟତ କଲେଜ୍ ସ୍ଥିତ ଷ୍ଟ୍ରଙ୍ଗରୁମ୍ କୁ ଲୋକସଭା ପାଇଁ ବେଲେଟ ୟୁନିଟ -୯୭୯, କଣ୍ଟ୍ରୋଲ ୟୁନିଟ -୯୭୯, ଭି ଭି ପେଡ - ୧୦୮୬, ବିଧାନସଭା ପାଇଁ ବେଲଟ ୟୁନିଟ - ୯୮୩, କଣ୍ଟ୍ରୋଲ ୟୁନିଟ - ୯୮୩, ଭି ଭି ପେଡ -୧୦୮୬ ଗୋଟି କଡ଼ା ସୁରକ୍ଷା ମଧ୍ୟରେ ୬ ଟି କଣ୍ଟେନର ଯୋଗେ ସ୍ଥାନାନ୍ତରିତ ହୋଇଛି। ଉଭୟ ପଦ୍ମପୁର ଓ ବରଗଡ଼ ଷ୍ଟ୍ରଙ୍ଗରୁମ ଗୁଡ଼ିକରେ ଚବିଶ ଘଣ୍ଟିଆ ପୁଲିସ ପହରା ସହ ଚାରିଆଡ଼େ ସି ସ ଟିଭି କ୍ୟାମେରା ଲାଗିଥିବା ଜଣାଯାଇଛି। ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ବରଗଡ଼ ଉପ ଜିଲ୍ଲାପାଳ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ଇଲେକ୍ସନ ମୁକ୍ତେଶ୍ୱର ପାଣିଗ୍ରାହୀ, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ କୁନାଲ ଚୌହାନ, ପଦ୍ମପୁର ଉପ ଜିଲ୍ଲାପାଳ ଆଲୋକ ପଟେଲଙ୍କ ସମେତ ଜିଲ୍ଲାରର ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ବେଦପ୍ରଚାର ସମିତିର ହିନ୍ଦୁ ନବବର୍ଷ



**ବରଗଡ଼, ୧୦।୪(ସମିସ):** ବରଗଡ଼ ବେଦ ପ୍ରଚାର ସମିତି ତରଫରୁ ସନାତନ ନବବର୍ଷ ଚୈତ୍ର ଶୁକ୍ଲ ପ୍ରତିପଦା ଦିନ ପାଳିତ ହୋଇଯାଇଛି। କେନାଲ କଲୋନୀ ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ସୋମଦତ୍ତ ଶାସ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ। ଏ ଅବସରରେ ପଞ୍ଚକୁଣ୍ଡୀୟ ବୈଦିକ ମହାଯଜ୍ଞ ଓ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ସୁରେଶ୍ୱରୀ, ରଶ୍ମି, ସୁଜାତା, ସୁରଭି, ଗାୟତ୍ରୀ ପ୍ରମୁଖ ଭଜନ ଗାନ କରିଥିଲେ। ସଭା ପ୍ରାରମ୍ଭରେ ଅଶୋକ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ସମ୍ପାଦକ ରୁକ୍ମଣ ମହାପାତ୍ର ଓ ଡାକ୍ତର ଯଦୁମଣି ନାୟକ ନିଜସ୍ୱ ବିଚାର ରଖିଥିଲେ। ପଣ୍ଡିତ ବିଶ୍ୱନାଥ ଆଚାର୍ଯ୍ୟ ନବବର୍ଷର ମହତ୍ୱ ଉପରେ ଆଲୋକପାତ ସହ ନିଜେ ଭାଷାନ୍ତର କରିଥିବା ମୂଳଲେଖକ ପରମହଂସ ସ୍ୱାମୀ ଜଗଦୀଶ୍ୱରାନନ୍ଦ ସରସ୍ୱତୀଙ୍କ ପ୍ରଭାତ ବନ୍ଦନା ବିଷୟରେ ସୂଚନା ଦେଇଥିଲେ। ନିଲାମ୍ବର ସାହୁ, କ୍ଷୀରୋଦ୍ର ନାଥ, ପବିତ୍ର, ଡାକ୍ତର ଦିଲ୍ଲୀପ କୁମାର ପଣ୍ଡା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ବିନ୍ଦୁମତୀ ଦାଶଙ୍କ ଅକାଳ ବିୟୋଗ

**ଦହିତା, ୧୦।୪ (ସମିସ):** ପଦ୍ମପୁର ଅନ୍ତର୍ଗତ ବୁବୁଡା ଦାଶ ପରିବାରର ବୋହୂ ତଥା ବିରେନ ଦାଶଙ୍କ ଧର୍ମପତ୍ନୀ ବିନ୍ଦୁମତୀ ଦାଶ(୪୫)ଙ୍କ ବୁଧବାର ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଅକାଳ ବିୟୋଗ ଘଟିଛି। ଗତ ୭ ତାରିଖ ସକାଳେ ହଠାତ୍ ହାତରେ କିଛି ଯନ୍ତ୍ରଣା ଅନୁଭବ କରି ଅଚାନକ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଗଲେ। ତାଙ୍କୁ ପ୍ରଥମେ ପ୍ରାଥମିକ ଚିକିତ୍ସା ପାଇଁ ପଦ୍ମପୁର ଡାକ୍ତରଖାନାକୁ ନିଆଯାଇଥିଲା। ପରେ ଡାକ୍ତର ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତରିତ କରିଥିଲେ। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ବରଗଡ଼ ସ୍ଥିତ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପୁତ୍ର ରଜତ, ଶ୍ୱଶୁର ଧନଞ୍ଜୟ ତଥା ପରିବାର ବର୍ଗ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ।



## ଭେଡେନ ବ୍ଲକ ଚାଷୀ ସଂଗଠନର ପ୍ରସ୍ତୁତି ବୈଠକ

**ଭେଡେନ, ୧୦।୪(ସମିସ):** ଭେଡେନ ବ୍ଲକ କୃଷକ ସଂଗଠନର ଆହ୍ୱାନକ୍ରମେ ଭେଡେନ ସ୍ଥିତ ବାବା ସୁଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ନରେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭେଡେନ ବ୍ଲକର ସମସ୍ତ ପଞ୍ଚାୟତର ଚାଷୀ ପ୍ରତିନିଧି ଉପସ୍ଥିତ ଥିଲେ। ଚାଷୀ ମାନଙ୍କ ଇନ୍‌ପୁଟ ସବସିଡି, ଫସଲ ବୀମା ପ୍ରଦାନରେ ବିଳମ୍ବ ଓ ପ୍ରଶାସନିକ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଚାଷୀମାନେ ତାଙ୍କ ହକରୁ ବଞ୍ଚିତ ହେବା ଯୋଗୁଁ ଚାଷୀ ମାନେ ଅନେକ ଦିନ ଧରି ଭେଡେନ ତହସିଲ କାର୍ଯ୍ୟାଳୟକୁ ବନ୍ଦ କରି ଆନ୍ଦୋଳନ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ଚାଷୀଙ୍କ ସହିତ ଆଲୋଚନା କରି ଶୀଘ୍ର ଇନ୍‌ପୁଟ ସବସିଡି, ଫସଲ ବୀମା ପ୍ରଦାନ କରାଯିବ ପ୍ରକାଶ କରିବା ପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଅନେକ ଚାଷୀ ତାଙ୍କ ପ୍ରାପ୍ୟ ପାଇ ନଥିବାରୁ ଅନୁଷ୍ଠିତ ବୈଠକରେ ଭେଡେନ ଚାଷୀ ସଂଗଠନର ପ୍ରତିନିଧ ôମାନେ ବରଗଡ଼ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଆଲୋଚନା ଫଳପ୍ରଦ ନହେଲେ ଆସନ୍ତା ୧୬ତାରିଖ ଦିନ ଭେଡେନ ବ୍ଲକ ଚାଷୀ ସଂଗଠନର ଶତାଧିକ ଚାଷୀ ରେଳରୋକ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରମେଶ ମହାପାତ୍ର, ସୁଦାମ ପାତ୍ର, ବିଜୟ ଲହେରିଆ, ବିଜୟ ସାହୁ, ଚୂଡ଼ାମଣି ଛନ୍ଦ, ବୁଲୁ ପାଢ଼ୀ, ସୁଧାଂଶୁ ଦୀପ, ନରେଶ ସାହୁ, ଅମୂଲ୍ୟ ସାହୁ, ଗଙ୍ଗା ସାହୁ, ଗଣେଷ ଦାଶ, କୁନା ପଧାନଙ୍କ ସମେତ ପଞ୍ଚାୟତର ଚାଷୀ ପ୍ରତିନିଧି ମାନେ ଉପସ୍ଥିତ ଥିଲେ।







ବରପାଲି ବାସନ୍ତୀକ ଦୁର୍ଗାପୂଜା; ବ୍ରହ୍ମଚାରିଣୀ ରୂପରେ ଦର୍ଶନ ଦେଲେ ମା'

## ଆନ୍ଦୋଳନରୁ ଓହରିଲେ ଘୁନଘୁଟିପଡ଼ା ବିସ୍ଥାପିତ

# ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଳନ ହେବା ଆଶା

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନରତ ଘୁନଘୁଟିପଡ଼ାବାସୀଙ୍କ ଆନ୍ଦୋଳନରୁ ଆଜି ଓହରି ଯାଇଛନ୍ତି। ଏହାପରେ ଜିଲ୍ଲା ସାମ୍ବାଦିକ ଭବନରେ ପ୍ରେସମିଟ କରି ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି ଯେ ପର୍ଯ୍ୟାୟକ୍ରମେ ଦୀର୍ଘ ୯୦ ଦିନର ଆନ୍ଦୋଳନରେ ସରକାରୀ ଅଧିକାରୀ କର୍ମଚାରୀ ଆସି ଆଲୋଚନା କରିଥିଲେ। ହେଲେ ତାଙ୍କ ଉପରେ ଭରସା ହୋଇନଥିଲା। ଏକ ପ୍ରତିନିଧି ଦଳ ୫ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର ଗସ୍ତ ସମୟରେ ଭେଟି ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଏକ କମିଟି କରି ଆଲୋଚନା କରିଥିଲେ। ଯେହେତୁ କୌଣସି ସମାଧାନର ବାଟ ବାହାରି ନଥିଲା। ତେଣୁ କରି ଆନ୍ଦୋଳନରତ ଥିଲେ। ହେଲେ ସମ୍ବଲପୁର ଗସ୍ତରେ ବିଜେଡି ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପାର୍ଥୀ ପ୍ରଣବ ପ୍ରକାଶ ଦାସ ଆସିଥିଲେ। ଆନ୍ଦୋଳନ ସ୍ଥଳକୁ ଆସି ସ୍ଥଗିତ କରିବା ପାଇଁ କହିଥିଲେ। ଆନ୍ଦୋଳନକାରୀ ମାନେ ବିଶ୍ୱାସ ଓ ଆସ୍ଥା ପ୍ରକଟ କରି ଆନ୍ଦୋଳନରୁ ଓହରିଯାଇଥିବା କହିଛନ୍ତି। ଏହା ସହ ରାଜ୍ୟ ସରକାର ଗରିବ, ନିରିହ ମାନଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ଆମ ବାସ୍ଥାପିତ ପରିବାରଙ୍କୁ ନ୍ୟାୟ ମିଳି ପାରୁ ନାହିଁ। ନିର୍ବାଚନ ପରେ ଆମର ଦାବି ସରକାର ପୂରଣ କରିବେ ବୋଲି ଆଶା କରିଥିବା ସେମାନେ କହିଛନ୍ତି। ଘୁନଘୁଟିପଡ଼ାବାସୀ ଆନ୍ଦୋଳନରୁ ଓହରି ଯିବା ପରେ ବବି ଏମାନଙ୍କୁ ମନାଇ ପାରିଲେ ବୋଲି ଆଲୋଚନା ହେଉଛି। ସୂଚନାଯୋଗ୍ୟ, ସମଲେଇ ପ୍ରକଳ୍ପରେ ବିସ୍ଥାପିତ ଘୁନଘୁଟିପଡ଼ାବାସୀ ପ୍ରାୟ ୯୦ ଦିନରୁ ଉର୍ଦ୍ଧ୍ୱ ଆନ୍ଦୋଳନ ପରେ ସମସ୍ୟାର ସମାଧାନ ନ ହେବାରୁ ଜିଲ୍ଲାପାଳଙ୍କ ଅଫିସ ପରିସରକୁ ପଶି ଆନ୍ଦୋଳନରେ ବସିଛନ୍ତି। ପିଲାଛୁଆମାନଙ୍କୁ ନେଇ ମହିଳା ଓ ପୁରୁଷମାନେ ଦିନରାତି ଆନ୍ଦୋଳନ କରିଆସୁଛନ୍ତି। ପ୍ରଶାସନିକ ସ୍ତରରେ ଅନେକ ଥର ଆଲୋଚନା କରାଯାଇଛି ହେଲେ ସଫଳ ହୋଇପାରି ନଥିଲା। ଅଭିଯୋଗ କ୍ରମେ ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ସହ ୬୪୦ବର୍ଗଫୁଟ୍ ଜମି ପ୍ରଦାନ କରାଯାଇଛି। କ୍ଷତିପୂରଣ ପ୍ରଦାନରେ ପାତରଅନ୍ତର ଓ କେତେକ ପରିବାରକୁ ବାଦ୍ ଦିଆଯାଇଥିବା ଅଭିଯୋଗ କରି ଜାନୁଆରୀ ୧୦ତାରିଖରୁ ଆନ୍ଦୋଳନ କରିଆସୁଛନ୍ତି। ୧୦ଲକ୍ଷ ଟଙ୍କା କ୍ଷତିପୂରଣ, ମାସିକ ୧୨ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ଲକ୍ଷ ଟଙ୍କା ପ୍ରଦାନ ଓ ଘୁନଘୁଟିପଡ଼ାର ବାଦ ପଡ଼ିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀଙ୍କ ଦାବି ରହିଛି। ଦଳିତ ପରିବାରଙ୍କୁ ଗୃହ ନିର୍ମାଣ ସହାୟତା ରାଶି ୩ଲକ୍ଷ ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୨୦ଲକ୍ଷ ଟଙ୍କା ଦିଆଯାଇଛି। ପୁଣି ଦଳିତ ପରିବାରକୁ ସାମଗ୍ରୀ ନେବାଆଣିବା ନିମନ୍ତେ ପରିବହନ ଖର୍ଚ୍ଚ ୧୦ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇ ପାତରଅନ୍ତର କରାଯାଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି କେତେକ ପରିବାରକୁ ୬ମାସର ଘରଭଡ଼ା ବାବଦକୁ ମାତ୍ର ୧୫ହଜାର ଓ ଅନ୍ୟମାନଙ୍କୁ ୧ଲକ୍ଷ ୪୪ ହଜାର ଟଙ୍କା ଦିଆଯାଇଛି। ଥଇଥାନ ବେଳେ କେତେକଙ୍କୁ ୬୪୦ବର୍ଗଫୁଟ୍ ଓ ଅନ୍ୟ କେତେକଙ୍କୁ ୧୨୦୦ବର୍ଗଫୁଟ୍ ଜମି ଯୋଗାଇ ଦିଆଯାଇଛି। ଏପରି ପାତରଅନ୍ତର ଅଭିଯୋଗରେ ଘୁନଘୁଟିପଡ଼ାବାସୀ ଆନ୍ଦୋଳନ କରି ଆସୁଥିଲେ।




## ରେଡିଏନ୍ସ ଶିକ୍ଷାନୁଷ୍ଠାନର ବାର୍ଷିକୋତ୍ସବ

**ବିଜେପୁର, ୧୦।୪ (ସମିସ):** ବରଗଡ଼ ଜିଲ୍ଲା ବିଜେପୁର ସହର ସ୍ଥିତ ରେଡିଏନ୍ସ ଶିକ୍ଷାନୁଷ୍ଠାନର ନବମ ପ୍ରତିଷ୍ଠା ଦିବସ ତଥା ବାର୍ଷିକୋତ୍ସବ ୟୁଫୋରିଆ-୨୦୨୪ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଚେୟାରମେନ ଅଜିତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ପଦ୍ମଶ୍ରୀ ହଳଧର ନାଗ ଯୋଗଦାନ କରିଥିଲେ। ମା' ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ଏବଂ ସ୍ୱର୍ଗତଃ ଠାକୁର ଚରଣ ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଦହିତା ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା, ଆଇନଜୀବୀ ଶିବ ପ୍ରକାଶ ଭୋଆରା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଅଧ୍ୟକ୍ଷ ଘନଶ୍ୟାମ ମେହେର ଓ ଡାଇରେକ୍ଟର ଗୋବିନ୍ଦ ମେହେର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ମୋହିନୀ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। କଲେଜ ଉପାଧ୍ୟକ୍ଷ ସଞ୍ଜୟ ବାରିକ ମଞ୍ଚ ସଞ୍ଚାଳନ କରିଥିଲେ। ପର୍ବତାରୋହୀ ଲିପିକା ସେଠ୍, କ୍ରାନ୍ତି କବି ହରିଲାଲ ସାହୁ, ପାର୍ବତୀଗିରି ବୃଦ୍ଧାଶ୍ରମ ପ୍ରତିଷ୍ଠାତା ଜଳନ୍ଧର ପଟେଲ, ରାଜମିସ୍ତ୍ରୀ ରାଜେନ୍ଦ୍ର ପ୍ରଧାନଙ୍କୁ ରେଡିଏନ୍ସ ସଂସ୍କୃତି ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ଆକାଂକ୍ଷା ବିଶ୍ୱାଳ, ସପନା କୁମ୍ଭାର, ଅର୍ମାନ ଭୋଇ, ପ୍ରତୀକ୍ଷା ପ୍ରଧାନ, ମାନିନୀ ମେହେର, ଅଧ୍ୟାପକ ସଞ୍ଜୟ ବାରିକ, ଜୟନ୍ତ ସାହୁ ପ୍ରମୁଖଙ୍କୁ ସମ୍ମାନିତ ଏବଂ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ନେତ୍ରାମଣୀ ମେହେର, ପରିଚାଳନା କମିଟି ସଦସ୍ୟ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।




## ଜଗନ୍ନାଥଙ୍କ କୃପାଭିକ୍ଷା କରି ପ୍ରଚାର କଲେ ଧର୍ମେନ୍ଦ୍ର

**କୁଚିଣ୍ଡା, ୧୦।୪(ସମିସ):** ବୁଧବାର ପୂର୍ବାହ୍ନରେ କୁଚିଣ୍ଡା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ କୃପା ଭିକ୍ଷା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ସଦସ୍ୟ ପଦ ପାଇଁ ତାଙ୍କର ପ୍ରଚାର ଆରମ୍ଭ କରିଛନ୍ତି। ସାଥିରେ କୁଚିଣ୍ଡା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ ଉପସ୍ଥିତ ରହି ଭୋଟ ଭିକ୍ଷା କରୁଛନ୍ତି। ଭୋଟ ଭିକ୍ଷା ପରେ ଶ୍ରମିକ ଭବନରେ ୱାର୍ଡ କମିଟିସ୍ତରରେ କର୍ମୀମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଦୁର୍ଗା ମନ୍ଦିରରେ ମା'ଦୁର୍ଗାଙ୍କ ଆଶିଷ ଭିକ୍ଷା କରିଥିଲେ। ଏହି ଅବସରରେ ଜିଲ୍ଲା ସାଧାରଣ ସମ୍ପାଦକ ସୁଶିଲ କୁମାର କର, ନଗର ସଭାପତି କାହ୍ନୁ ଚରଣ ନାୟକ, ଗୋବିନ୍ଦ ଅଗ୍ରୱାଲ, ବୀରେନ୍ଦ୍ର ଚୌଧୁରୀ, ପୂର୍ଣ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ଦୁଷ୍ମନ୍ତ ପଟେଲ, ମହେଶ ରାଏ, ପ୍ରାଣବନ୍ଧୁ ନାଥ, ଚିତ୍ତ ରଞ୍ଜନ ଭୋଇ, ଅମୁଘ ପାଣିଗ୍ରାହୀ, ସୁନୀଲ ଦାସ, ସୁନୀଲ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।



## କୁସୁମୀରେ ରାମଲୀଳା, ଆଧ୍ୟାତ୍ମିକ ପରିବେଶ

**କୁଚିଣ୍ଡା, ୧୦।୪(ସମିସ):** ରାମରାଜ୍ୟ ପ୍ରତିଷ୍ଠାର ମୁଖ୍ୟ ଲକ୍ଷ୍ୟ ରଖି କୁଚିଣ୍ଡାର କୁସୁମୀଠାରେ ରାମଲୀଳା ହେଉଛି। ଆଜି ପ୍ରଦର୍ଶିତ ରାମ ବନବାସ ଦୃଶ୍ୟ ଭାବବିହ୍ୱଳ ସୃଷ୍ଟି କରିଥିଲା। ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ରାମଲୀଳା ଆସନ୍ତା ୧୪ ତାରିଖ ଚାଲିବ। ପୁତ୍ରେଷ୍ଟି ଯଜ୍ଞ, ରାମ ଜନ୍ମ ଓ ନାମକରଣରୁ ଏହି ଯାତ୍ରାର ମଳଦୂଆ ହୋଇ ରାମରାଜ୍ୟ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ। ଆଜିର ଉତ୍ସବରେ ପଡ଼ିଆବାହାଲ ଦୁର୍ଗାପୂଜା କମିଟିର ସଭାପତି ସୁବୋଧ କୁମାର ବେହେରା, ଉପଦେଷ୍ଟା ବିଜୟ କୁମାର ନାୟକ, ସମାଜସେବୀ ଡା.ରାଜାରାମ ଷଡଙ୍ଗୀ, ନିର୍ଦ୍ଦେଶକ ଚନ୍ଦ୍ରଭାନୁ ନାୟକ, ଶିକ୍ଷାବିତ୍ ବିଷ୍ଣୁପ୍ରାସାଦ ପଟେଲ ରାଜ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବିଭୂତି କଲ୍ୟାଣ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପଦେଷ୍ଟା ଆଦିତ୍ୟ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତାକାଲି ହନୁମାନ ଭେଟ, ବାଲିବଧ ଓ ଲଙ୍କାପୋଡ଼ି ହୋଇ ୧୨ରେ ସେତୁବନ୍ଧ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ୧୩ ତାରିଖରେ କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତ୍ ବଧ ପରେ ୧୪ ରେ ତରଣୀସେନ ବଧ ଓ ରାବଣ ବଧ ହେବ। ଏହାପରେ ରାମ ଅଭିଷେକ ହୋଇ ରାମରାଜ୍ୟ ପ୍ରତିଷ୍ଠା କାର୍ଯ୍ୟକ୍ରମ ରହିଛି। ୮ ଦିନ ବ୍ୟାପୀ ହେବାକୁ ଥିବା ଏହି ମହୋତ୍ସବରେ କଳା ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରୁଥିବା ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ବିଭିନ୍ନ ଦିନରେ ଅତିଥି ଭାବେ ଯୋଗଦାନ କରୁଥିବାବେଳେ ଏହାକୁ କୁସୁମୀର କଳା ଓ କଳାକାର ସଂଘ ପରିଚାଳନା କରୁଛନ୍ତି।



## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ଗୋପାଳପୁରକୁ ହରାଇ ଭୋଇମୁଣ୍ଡା ଚାମ୍ପିଅନ

ବ୍ରଜରାଜନଗର, ୧୦।୪ (ସମିସ)

ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଲୋଇସିଂହ ପଞ୍ଚାୟତ ଭୋଇମୁଣ୍ଡା ଖେଳପଡ଼ିଆରେ ଏପ୍ରିଲ ୪ ତାରିଖରୁ ଆରମ୍ଭ ହୋଇଥିବା ତୃତୀୟ ବିଷ୍ଣୁ କଉଡ଼ି ସ୍ମାରକୀ ରାତ୍ରିକାଳିନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫ୍ରେଣ୍ଡସ୍ କ୍ଲବ ଭୋଇମୁଣ୍ଡା ଆନୁକୂଲ୍ୟରେ ମଙ୍ଗଳବାର ରାତ୍ରିରେ ସ୍ୱର୍ଗତ ବିଷ୍ଣୁ କଉଡ଼ିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଫାଇନାଲ ଖେଳ ଗୋପାଳପୁର ଏବଂ ଫ୍ରେଣ୍ଡସ କ୍ଲବ ଭୋଇମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଫ୍ରେଣ୍ଡସ କ୍ଲବ ଭୋଇମୁଣ୍ଡା ୪ ୱିକେଟରେ ବିଜୟୀ ହୋଇଥିଲେ। ଫାଇନାଲରେ ବିଜୟୀ ଦଳକୁ ୩୦ ହଜାର ଟଙ୍କା ଏବଂ ଉପ ବିଜେତା ଦଳକୁ ୨୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବା ସହିତ ମ୍ୟାନ ଅଫ୍ ଦ ମ୍ୟାଚ ଭାବରେ ପୁଲିନ ମେହେର ଓ ମ୍ୟାନ ଅଫ୍ ଦ ସିରିଜ ଭାବରେ ଗୋପୀ ପଟ୍ଟାଙ୍କୁ ସମ୍ମାନିତ କରାଯାଇଥିଲା। ସୁଶାନ୍ତ ମେହେର, କାନ୍ତ ମେହେର, ପୁଲିନ ମେହେର ଏବଂ ଗୋବିନ୍ଦା ଧୃଆ ଟୁର୍ଣ୍ଣାମେଣ୍ଟରେ ଅମ୍ପାୟାର ଭାବରେ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଧେଶ୍ୟାମ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ଦୁଷ୍ମନ୍ତ ପଟେଲ, ଭବାନୀ କିଶାନ, ରାଜେଶ ପ୍ରଧାନ, ବିଶ୍ୱ ମାଝୀ, ସୁନୀଲ ଖରସେଲ, ଜୟରାମ କିଷାନ, କରୁଣାକର ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ଗଦାଧର କଉଡ଼ି ଓ ଭିମସେନ ମେହେର ପରିଚାଳନା ସହିତ ସମସ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ।



## ଅଶ୍ଳୀଳ ଫଟୋ ଭାଇରାଲ ଭୟ ଦେଖାଇ ଟଙ୍କା ଦାବି ଘଟଣା

# ଜେଲ୍ ଗଲା ଅଭିଯୁକ୍ତ

**ଦେବଗଡ଼, ୧୦।୪(ସମିସ):** ରିଆମାଳ ଥାନାଞ୍ଚଳରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାର ଭୟ ଦେଖାଇ ଜଣେ ପଡ଼ୋଶୀଙ୍କୁ ୧୦ ଲକ୍ଷ ଟଙ୍କା ଦାବି କରିବା ଘଟଣାରେ ଆଜି ରିଆମାଳ ଥାନା ପୁଲିସ ଅଭିଯୁକ୍ତ ବିବାହିତ ଯୁବକ ଭରତ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ଭରତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ରିଆମାଳ ଥାନାଞ୍ଚଳରରେ ଜଣେ କଲେଜ ପଢ଼ୁଆ ଯୁବତୀଙ୍କ ପରିବାର ସହ ସୁସମ୍ପର୍କ ଥିବା ଭରତ ବେହେରା ନାମକ ଜଣେ ପଡୋଶୀ ବିବାହିତ ଯୁବକ ଯୁବତୀଙ୍କ ପରିବାରର ସରଳତାର ସୁଯୋଗ ନେଇ ଗତ ଅଗଷ୍ଟ ମାସରେ ଯୁବତୀଙ୍କ ଅଭିଭାବକଙ୍କ ଅନୁପସ୍ଥିତିରେ ନିଜ ଘରକୁ ଡାକିଥିଲେ। ପଡୋଶୀଙ୍କ ଘରକୁ ଯିବା ପରେ ଅଭିଯୁକ୍ତ ଭରତ କୁଆଡେ ନିଶାଯୁକ୍ତ ମୃଦୁ ପାନୀୟ ଦେଇଥିବାରୁ ଯୁବତୀ ଜଣକ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଭରତ ଯୁବତୀର ଅଶ୍ଳୀଳ ଫଟୋ ରଖି ପୀଡିତା ଯୁବତୀଙ୍କୁ ବ୍ଲାକ ମେଲିଙ୍ଗ କରିବା ସହ ଗତ ଡିସେମ୍ବର ମାସରେ ପୀଡିତା ଯୁବତୀଙ୍କ ଭାଇଙ୍କ ମୋବାଇଲକୁ କିଛି ଅଶ୍ଳୀଳ ଫଟୋ ପଠାଇଥିଲା। ପୀଡିତାଙ୍କ ପରିବାର ଏ ନେଇ ଅଭିଯୁକ୍ତ ଭରତଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରିବାବେଳେ ଅଭିଯୁକ୍ତ ଭରତ ଓ ତା ସ୍ତ୍ରୀ ପୀଡ଼ିତା ଯୁବତୀଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରି ତଡି ଦେବାସହ ୧୦ ଲକ୍ଷ ଟଙ୍କା ନଦେଲେ ପୀଡିତାର ଆହୁରି ଅନେକ ଅଶ୍ଳୀଳ ଫଟୋ ଭାଇରଲ କରିବାର ଚେତାବନୀ ଦେବାସହ ଅନ୍ୟତ୍ର ବିବାହ କରାଇ ଦେବ ନାହିଁ ବୋଲି ଧମକ ଦେଇଥିଲେ। ଏନେଇ ପୀଡିତା ଗତକାଲି ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବାରୁ ରିଆମାଳ ଥାନା ପୁଲିସ ବିଭିନ୍ନ ଦଫାରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଅଭିଯୁକ୍ତ ଭରତକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଛି।



## ମହାନଦୀରୁ ପାଣି ଛାଡ଼ିବା ପ୍ରସଙ୍ଗ

# ୧୯୮୩ ଚୁକ୍ତିନାମା ଭୁଲିଗଲା ଛତିଶଗଡ଼

**ଝାରସୁଗୁଡ଼ା, ୧୦।୪(ସମିସ)**

୧୯୫୭ ମସିହାରେ ହୀରାକୁଦ ନଦୀ ବନ୍ଧ ନିର୍ମାଣ ହେବାପରେ ଏହାର ଜଳ ପ୍ରବାହ ଭାଗିଦାରୀକୁ ନେଇ ଅନେକ ଚୁକ୍ତି ହୋଇଛି। ତା ୧୫।୭।୧୯୭୩ ଓ ତା ୨୯।୫।୧୯୭୬ ମସିହାରେ ବିଳାସପୁରର ପଞ୍ଚମାରି ଠାରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ହୋଇଥିବା ବୈଠକର ଦଶ ବର୍ଷ ପରେ ୧୯୮୩ ମସିହାରେ ଭୁବନେଶ୍ୱରଠାରେ ଏକ ଚୁକ୍ତିନାମା ହୋଇଥିଲା। ଏହି ବୈଠକ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ତତ୍କାଳୀନ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଅର୍ଜୁନ ସିଂ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ରାଜ୍ୟ ଜଳସେଚନ ଓ ଶକ୍ତିମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଓଡ଼ିଶାର ମୁଖ୍ୟ ଶାସନ ସଚିବ ଜ୍ଞାନ ଚାନ୍ଦ, ମଧ୍ୟପ୍ରଦେଶର ସଚିବ ଏନ୍.ଆର. କ୍ରିଷ୍ଣନ୍‌ଙ୍କ ସମେତ ଉଭୟ ରାଜ୍ୟର ପଦାଧିକାରୀଙ୍କ ମଧ୍ୟରେ ଦୁଇ ଦିନ ଧରି ତର୍କ ହୋଇଥିଲା। ଏଥିରେ ମଧ୍ୟପ୍ରଦେଶର ପ୍ରମୁଖ ନଦୀ ମଧ୍ୟରେ ମହାନଦୀ ରହିଥିବାରୁ ହୀରାକୁଦ ଜଳ ଭଣ୍ଡାରକୁ ଆସୁଥିବା ପାଣି ମଧ୍ୟରେ ଶତକଡ଼ା ୮୭ ପ୍ରତିଶତ ପାଣି ମଧ୍ୟପ୍ରଦେଶର ରହିଛି। ମହାନଦୀ ଉପର ମୁଣ୍ଡରେ ବ୍ୟାରେଜ କିମ୍ବା ଡ୍ୟାମ ନିର୍ମାଣ କରିବା ପୂର୍ବରୁ ଏହି ପ୍ରକଳ୍ପର ମାଷ୍ଟରପ୍ଲାନ ଓଡ଼ିଶା ସରକାରଙ୍କୁ ଯୋଗାଇବାକୁ ହେବ। ମଧ୍ୟପ୍ରଦେଶ ଇବ୍ ନଦୀରେ ନିର୍ମାଣ କରୁଥିବା ଡ୍ୟାମରୁ ତଳ ମୁଣ୍ଡରେ ଥିବା ବ୍ରଜରାଜନଗରର ଓରିଏଣ୍ଟ କାଗଜକଳ ଓ ସୁନ୍ଦରଗଡ଼ ସହରକୁ ପାଣି ଯୋଗାଇବାକୁ ମଧ୍ୟପ୍ରଦେଶ ସରକାର ସହିତ, ସପନାଇ, କୁରନାଲା, ଉପର ଜଙ୍କ, ଲୋଅର ଜଙ୍କ, ଅଙ୍ଗ ପ୍ରକଳ୍ପ, ଜିରା ପ୍ରକଳ୍ପ, ସାହାଜବାହାଲ ଯୁଗ୍ମ ପ୍ରକଳ୍ପ, ଲୋଅର କୋଲାବ, ବ୍ୟାକ ୱାଟର ଷ୍ଟଡ଼ି ସହିତ ଯୁଗ୍ମ ନିୟନ୍ତ୍ରଣ ବୋର୍ଡ ଗଠନ କରିବାକୁ ବିଶେଷ ଭାବରେ ଚର୍ଚ୍ଚା ହୋଇଥିଲା।



ମଧ୍ୟପ୍ରଦେଶରେ ୧୯୨୩ ମସିହାରେ ନିର୍ମାଣ ହୋଇଥବା ମୁରୁମସିଲ୍ଲୀ ଡ୍ୟାମ, ୧୯୫୨ ମସିହାରେ ନିର୍ମାଣ ହୋଇଥିବା ରୁଦ୍ରୀ ଡ୍ୟାମ, ୧୯୫୩ ମସିହାରେ ନିର୍ମାଣ ହୋଇଥିବା ଦୁଧୱା ଡ୍ୟାମ, ୧୯୭୯ରେ ଲୋକାର୍ପିତ ହୋଇଥିବା ଗାଙ୍ଗରେଲ ଡ୍ୟାମରୁ ଖରାଦିନେ ମଧ୍ୟପ୍ରଦେଶ ସରକାର କେତେ ପାଣି ଛାଡ଼ିବେ ସେନେଇ ମଧ୍ୟ ଚୁକ୍ତି ହୋଇଥିଲା। ଏହା ସହିତ ମହାନଦୀରୁ ହୀରାକୁଦ ଜଳଭଣ୍ଡାରକୁ ଆସୁଥିବା ପାଣି ମଧ୍ୟରେ ଶତକଡ଼ା ୮୭ ପ୍ରତିଶତ ପାଣି ପ୍ରତିବଦଳରେ ହୀରାକୁଦ ଠାରୁ ମଧ୍ୟପ୍ରଦେଶକୁ ୫ ମେଗାୱାଟ ବିଦ୍ୟୁତ ପ୍ରଦାନ କରାଯାଉଥିଲା। ଓଡ଼ିଶା ରାଜ୍ୟ ବିଦ୍ୟୁତ ବୋର୍ଡ ବ୍ରଜରାଜନଗର ଠାର ଏକ ୩୩ କେଭି ସବଷ୍ଟେସନ ନିର୍ମାଣ କରି ବେଲପାହାଡ଼ ପଞ୍ଚଗାଁ କନକତୋରା ଦେଇ ମଧ୍ୟପ୍ରଦେଶକୁ ବିଦ୍ୟୁତ ଯୋଗାଉଥିଲେ। ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ଏହି ଐତିହାସିକ ଚୁକ୍ତିନାମାକୁ ମଧ୍ୟପ୍ରଦେଶରୁ ଅଲଗାହେବାପରେ ଛତିଶଡ଼ ଭୁଲିଯାଇ ଚୁକ୍ତି ଆନୁସାରେ ଓଡ଼ିଶାକୁ ନଜଣାଇ ମହାନଦୀରେ ଅନେକ ବ୍ୟାରେଜ ନିର୍ମାଣ କରିସାରିଥିବାବେଳେ ଏହି ଚୁକ୍ତିକୁ ମଧ୍ୟ ଅବମାନା କରିଥିବା ଅତି ଦୁର୍ଭାଗ୍ୟଜନକ।

# ୨୬ ବର୍ଷ ହେଲାଣି ମାଗଣା ଚିକିତ୍ସା କରୁଛନ୍ତି ଡା. ଦିଲୀପ

**ଝାରସୁଗୁଡ଼ା, ୧୦।୪(ସମିସ):** ମାନବ ସେବା ହିଁ ମାଧବ ସେବା। ଏହି ଉକ୍ତିକୁ ଶତ ପ୍ରତିଶତ ପ୍ରମାଣିତ କରିଛନ୍ତି ହୋମିଓପାଥିକ ଡାକ୍ତର ଦିଲୀପ କୁମାର ନାଏକ। ଡାକ୍ତର ଦିଲୀପ ଦୀର୍ଘ ୨୬ ବର୍ଷ ହେଲାଣି ରୋଗୀଙ୍କୁ ମାଗଣା ଚିକିତ୍ସା କରି ଆସୁଛନ୍ତି। ସବୁ ପେଶାପରି ଡାକ୍ତରୀ ମଧ୍ୟ ଏକ ପେଶା ହୋଇଥିଲେ ହେଁ ଡାକ୍ତର ଦିଲୀପ ସେବା ମନୋବୃତି ରଖି ମାଗଣାରେ ରୋଗୀଙ୍କ ଚିକିତ୍ସା ଜାରି ରଖିଛନ୍ତି। ଶରୀରରେ ବଳଥିବା ପର୍ଯ୍ୟନ୍ତ ମାଗଣାରେ ରୋଗୀଙ୍କ ଚିକିତ୍ସା ଜାରି ରଖିବେ ବୋଲି କହିଛନ୍ତି। ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରାଞ୍ଚଳର ହୋମିଓ ପାଥିକ କ୍ଲିନିକରେ ଡାକ୍ତର ଥିବା ଦିଲ୍ଲୀପ ବେଲପାହାଡ଼ ମନ୍ଦିରପଡ଼ାରେ ଭଡ଼ାରେ ରହୁଥିବା ଘରେ ସକାଳ ୭ରୁ ସକାଳ ୯ଟା ଯାଏ ବିଭିନ୍ନ ରୋଗୀଙ୍କୁ ଚିକିତ୍ସା କରନ୍ତି। ସକାଳ ଶାଢେ ୯ଟାରୁ ଦିନ ୧ଟା ଯାଏ ଗୁମାଡେରା ଜାହାଜପଡ଼ିଆରେ ଥିବା ପୌରପରିଷଦ ଡାକ୍ତରଖାନାରେ ରୋଗୀଙ୍କ ଚିକିତ୍ସା କରନ୍ତି। ଦିନ ୨ ଟାରୁ ପୁଣି ଘରକୁ ରୋଗୀଙ୍କ ଆସିବା ଆରମ୍ଭ ହୁଏ। ଦିନ ୪ଟାରେ ଗାନ୍ଧିଛକ ଠାରେ ଏକ ଦୋକାନରେ ଏକ କ୍ଲିନିକକରି ସେଠାରେ ମଧ୍ୟ ମାଗଣାରେ ରୋଗୀଙ୍କ ଚିକିତ୍ସା କରନ୍ତି। ପୁଣି ସେଠାରୁ ବେଲପାହାଡ଼କୁ ଆସି ସନ୍ଧ୍ୟା ୬ ଟାରୁ ରାତି ଶାଢ଼େ ୯ଟା ଯାଏ ରୋଗୀଙ୍କ ଚିକିତ୍ସା କରନ୍ତି। କୌଣସି ଅର୍ଥ ନେଉନଥିବାରୁ ଡ଼ା. ଦିଲ୍ଲୀପ ନାଏକଙ୍କ କ୍ଲିନିକରେ ଦିନରାତି ରୋଗୀଙ୍କ ଭିଡ଼ ଲାଗିରହିଥାଏ। ୨୬ ବର୍ଷ ହେଲାଣି କିପରି ମାଗଣାରେ ରୋଗୀଙ୍କୁ ଚିକିତ୍ସା ସେବା ପ୍ରଦାନ କରିପାରୁଛନ୍ତି ବୋଲି ପଚାରିବାରୁ ସେ ଛୋଟବୟସରୁ ଡାକ୍ତରୀ ଚିକିତ୍ସା ନପାଇ ଅନେକ ରୋଗୀ ମରିବା ଦେଖିଛନ୍ତି। ଆଜି ମଧ୍ୟ ଗାଁଗୁଡ଼ିକରେ ଏମିତି ଆନେକ ଲୋକ ଅଛନ୍ତି ଯେଉଁମାନେ ଟଙ୍କା ଅଭାବରୁ ଚିକିତ୍ସା ପାଇପାରନ୍ତି ନାହିଁ। ଏଣୁ ଲୋକଙ୍କ ସେବା କରିବାକୁ ମୁଁ କେବେ ପଇସା ନେଇନାହିଁ ବୋଲି ଡା. ନାଏକ କହିଛନ୍ତି। କେବଳ ଝାରସୁଗୁଡ଼ା ନୁହେଁ ସୁନ୍ଦରଗଡ଼, ସମ୍ବଲପୁର, ବରଗଡ଼ ସମେତ ଛତିଶଗଡ଼ରୁ ମଧ୍ୟ ରୋଗୀମାନେ ଡାକ୍ତର ଦିଲୀପ ନାଏକଙ୍କ ପାଖକୁ ଚିକିତ୍ସା ପାଇଁ ଆସନ୍ତି। ସମ୍ବଲପୁର ହୋମିଓପ୍ୟାଥିକ ବିଦ୍ୟାଳୟରୁ ଡିଗ୍ରୀ ହାସଲକରିବା ପରେ ଡାକ୍ତର ଦିଲୀପ ପ୍ରାୟ ୨୬ ବର୍ଷ ହେବ ଲୋକଙ୍କ କଲ୍ୟାଣ ନିମନ୍ତେ ମାଗଣାରେ ଚିକିତ୍ସା ସେବା ଯୋଗାଇ ଆସୁଛନ୍ତି।



ବିଶ୍ୱ ହୋମିଓପାଥି ଦିବସ

# ବିଶ୍ୱ ହୋମିଓପାଥି ଦିବସ ପାଳିତ



**ଝାରସୁଗୁଡ଼ା, ୧୦।୪ (ସମିସ):** ଝାରସୁଗୁଡ଼ା ଜେଡିଏସ୍ ହୋମିଓପାଥିକ୍ ହସ୍‌ପିଟାଲରେ ବିଶ୍ୱ ହୋମିଓପାଥି ଦିବସ ପାଳିତ ହୋଇଛି। ହୋମିଓପାଥି ବିଶେଷଜ୍ଞ ଡ. ଦେବଶ୍ଳୋକ ଶର୍ମା ଏବଂ ଡାକ୍ତର ଜୀତେଶ ଶର୍ମା କହିଛନ୍ତି ଯେ ହୋମିଓପାଥି ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ଏହି ରୋଗରେ ବିଶ୍ୱାସ କରୁଥିବା ରୋଗୀମାନେ ଏପ୍ରିଲ ୧୦ରେ ଡାକ୍ତର ହାହ୍ନେମାନ୍‌ଙ୍କୁ ମନେ ରଖିଛନ୍ତି। ଏଥିରେ ଡାକ୍ତର ପିସି. ସାହୁ ଏକ ବକ୍ତବ୍ୟ ମାଧ୍ୟମରେ ଡାକ୍ତର ହାନେମାନଙ୍କ ବିଷୟରେ ଡାକ୍ତରମାନଙ୍କୁ କହିଥିଲେ। ଜ୍ୟୋତିମୟ କର, ଡା ଅଶ୍ୱାନୀ ନାୟକ, ଡା. ପିସି ସାହୁ, ଡା. ଶ୍ରୀବାୟା, ଡା. ପ୍ରିୟଙ୍କା, ଡା. ଶ୍ୱାତି, ଡା. ଜ୍ୟୋତି, ଡା. ଦିପ୍ତି, ଡା. ପ୍ରବୀଣ, ଡା. ବିଶ୍ୱାସଙ୍କ ସମେତ ପ୍ରାୟ ୨୦ ଜଣ ଡାକ୍ତର ଅଂଶଗ୍ରହଣ କରିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

**ଝାରସୁଗୁଡ଼ା, ୧୦।୪(ସମିସ) :** ଝାରସୁଗୁଡ଼ା ରେଲଷ୍ଟେସନ ଠାରେ ଜଣେ ମହିଳା ଟ୍ରେନରେ କଟି ଆତ୍ମହତ୍ୟା କରିଛନ୍ତି। ମୃତକ ମହିଳା ଜଣକ ଝାରସୁଗୁଡ଼ା ବିଟିଏମ ପୁରୁଣା କଲୋନୀର ସୁକଦେବ ଗୁପ୍ତାଙ୍କ ସ୍ତ୍ରୀ ଜ୍ୟୋତି କୁମାରୀ ସାହୁ (୨୧) ବୋଲି ଜଣାପଡ଼ିଛି। ଜ୍ୟୋତି ସକାଳ ୬ଟାରୁ ଝାରସୁଗୁଡ଼ା ରେଳ ଷ୍ଟେସନରେ ବସିଥିବା ପରେ ହଠାତ୍ ଏକ ଟ୍ରେନ ସମ୍ମୁଖକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଏନେ ଜିଆରପି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚାଳାଇଛି।

## ଓଟିପି ସେୟାର କରି ହରାଇଲେ ୧୨ ଲକ୍ଷ

**ଝାରସୁଗୁଡ଼ା, ୧୦।୪(ସମିସ) :** ଝାରସୁଗୁଡ଼ାରେ ପୁଣି ଜଣେ ବ୍ୟକ୍ତିଙ୍କ ଠାରୁ ସାଇବର ଠକ ମାନେ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ବଡ଼ମାଲ ଥାନାରେ ଅଭିଯୋଗ ହୋଇଛି। ବଡ଼ମାଲ ଥାନା ଅଞ୍ଚଳରେ ଥିବା ଏକ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ଥିବା ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡର କ୍ରେଡିଟ୍ ଲିମିଟ୍ ବୃଦ୍ଧି କରିବା ଆଳରେ ଯୁବକ ଜଣକ ଜଣେ ସାଇବର ଠକଙ୍କ ଜାଲରେ ଛନ୍ଦି ହୋଇଯାଇଥିଲେ। ଏହାକୁ ନେଇ ବଡ଼ମାଲ ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିଛି। ଜାମ୍ମୁର ସକ୍ଷମ କୋହଲିଙ୍କ ପାଖରୁ ଗତ ୬ ତାରିଖ ଦିନ ଏକ ଫୋନ କଲ୍ ଆସିଥିଲା। ଏଥିରେ ତାଙ୍କୁ ଆଇଆଇସିଆଇ କ୍ରେଡିଟ୍ କାର୍ଡ ଯାଞ୍ଚ କରିବାକୁ କୁହାଗଲା। କ୍ରେଡିଟ ଲିମିଟ୍ ୧୨ ଲକ୍ଷ ଟଙ୍କା ଥିବାରୁ ତାହାକୁ ବୃଦ୍ଧି କରିବାକୁ ଫୋନ୍ କରିଥିବା ଠକ କହିଥିଲେ। ଏହା ସାଙ୍ଗକୁ ତାଙ୍କ ଘର ଠିକଣା ପରିବର୍ତ୍ତନ କରିବାକୁ କହିଥିଲେ। କ୍ରେଡିଟ୍ ଲିମିଟ ବୃଦ୍ଧି ଲାଗି ଏକ ଓଟିପି ଆସିଥିଲା, ଯାହାକୁ ସେ ସେୟାର କରିବାକୁ କୁହାଯିବାରୁ ସେହି ଅନୁଯାୟୀ ସେୟାର କରିଥିଲେ। ଫଳରେ ୬ଟି ପର୍ଯ୍ୟାୟରେ ୧୨ ଲକ୍ଷ ୧୫ ହଜାର ୬୭୬ ଟଙ୍କା ଆକାଉଣ୍ଟରୁ କଟି ଯାଇଥିଲା। ଏନେଇ ବ୍ୟାଙ୍କର କଷ୍ଟମର କେୟାରରେ ଅଭିଯୋଗ କରିବା ପରେ ସାଇବର ଠକାମିର ଶିକାର ହୋଇଥିବା ନିଶ୍ଚିତ ହୋଇଥିଲେ। ପରେ ଥନାରେ ଏତଲା ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ରାସ୍ତାରୁ ବାଇକ୍ ଚୋରି

**ଝାରସୁଗୁଡ଼ା, ୧୦।୪(ସମିସ) :** ଝାରସୁଗୁଡ଼ା ସହରର ସରବାହାଲ ରୋଡ୍‌ରେ ଥିବା ଏକ ସପିଂ ମଲ୍ ସମ୍ମୁଖରୁ ବାଇକ ଚୋରି ହୋଇଥିବା ନେଇ ଝାରସୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ପୁରୁଣାବସ୍ତି ବାବୁପଡ଼ାର ବୈଭବ ଶର୍ମା ଗତ ୮ ତାରିଖ ମଲ୍ ସମ୍ମୁଖରେ ବାଇକ୍ ରଖି କାମରେ ଭିତରକୁ ଯାଇଥିଲେ। ଫେରିବା ପରେ ସେଠାରେ ଆଉ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ପୋଷ୍ଟାଲ ବାଲଟ୍ ମତଦାନ ପ୍ରଶିକ୍ଷଣ ଶିବିର

**ଦେବଗଡ଼, ୧୦।୪(ସମିସ):** ଆଗାମୀ ସାଧାରଣ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ପୁଲିସ କର୍ମଚାରୀଙ୍କ ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରଶିକ୍ଷଣ ଶିବିର ରିଜର୍ଭ ଇନ୍ସପେକ୍ଟରଙ୍କ ସମ୍ମିଳନୀ କକ୍ଷଠାରେ ରିଟର୍ଣ୍ଣିଂ ଅଫିସର ତଥା ଉପଜିଲ୍ଲାପାଳ ପରକ୍ଷିତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ନିର୍ବାଚନ କାର୍ଯ୍ୟରେ ଜିଲ୍ଲାରୁ ୫୪୨ ଜଣ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ମତଦାନ ଶିବିରରେ ଫର୍ମ ନଂ ୧୨ ଓ ୧୨(ଘ) ରେ ପୂରଣ କରି ମତଦାନ କରିବେ ବୋଲି ପ୍ରଶିକ୍ଷଣ ଦ୍ୱାରା ସୂଚାଇ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ପୁଲିସ ବିଭାଗ ନୋଡାଲ ଅଧିକାରୀ ଡିଏସପି ପବିତ୍ର କିସାନ, ରିଜର୍ଭ ଇନ୍ସପେକ୍ଟର ହାମ୍ବିରା ସୋରେନ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ବରିଷ୍ଠ ରାଜସ୍ୱ ସହାୟକ ସମିତ୍ରି ପ୍ରସାଦ ଦେହୁରୀ ଓ ପୁଲିସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପଞ୍ଚପଡ଼ା ଶିଶୁବିକାଶ ବିଦ୍ୟାମନ୍ଦିରରେ ଜ୍ଞାନଦୀକ୍ଷା ମହାଯଜ୍ଞ

**ଝାରସୁଗୁଡ଼ା, ୧୦।୪(ସମିସ) :** ପଞ୍ଚପଡ଼ା ଶିଶୁ ବିକାଶ ବିଦ୍ୟାମନ୍ଦିରରେ ଶିଶୁଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଜ୍ଞାନଦୀକ୍ଷା ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଉକ୍ତ ମହାଯଜ୍ଞରେ ପୂଜକ ଫକୀର ଚରଣ ମିଶ୍ର ଓ ପଣ୍ଡିତ ଗିରିଧାରୀ ଝା ପୁରୋହିତ ଭାବେ ପୂଜା କାର୍ଯ୍ୟ ତୁଲାଇଥିଲେ। ପ୍ରଧାନ ଆଚାର୍ଯ୍ୟା ମମତା ସିଂହ, ତାରିଣୀ ପ୍ରିୟା ମହାନ୍ତି ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ମିନାର୍ଭା ପଣ୍ଡା ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ରଘୁମଣୀ ପଟେଲ ଯଜ୍ଞରେ ଉପସ୍ଥିତ ରହିବା ସହିତ ଶିଶୁଙ୍କ ଶିକ୍ଷା ର ଉନ୍ନତି ପାଇଁ ଅନେକ ମୂଲ୍ୟବାନ ଜିନିଷ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ଦାସ, ସୁରଜ୍ ପଟେଲ, ରୁପାନନ୍ଦ ଚୌଧୁରୀ, ନବୀନ ସେନଙ୍କ ସମେତ ଅନେକ ନିମନ୍ତ୍ରିତ ଅତିଥି ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ। ରଞ୍ଜିତା ନାଏକ, ଚନ୍ଦ୍ରିକା କିସାନ୍, ଆରାଧ୍ୟ ପଟେଲ, ଝରଣା ସାହୁ, ବର୍ଷା ରାଣୀ ଦୋରାଙ୍କ ତତ୍ୱାବଧାନରେ ଶିଶୁ ମାନେ କ୍ରମରେ ପୁଷ୍ପାଞ୍ଜଳି ସହ ଆହୁତି ପ୍ରଦାନ କରିଥିଲେ।



# କାଳିଆପାଳ ପଞ୍ଚାୟତରେ କଂଗ୍ରେସର ନିର୍ବାଚନୀ ସଭା



**ଦେବଗଡ଼, ୧୦।୪(ସମିସ ):** ଆଗାମୀ ନିର୍ବାଚନୀ ତାରିଖ ପାଖେଇ ଆସୁଥିବା ବେଳେ ଦେବଗଡ଼ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ ଘୋଷଣା ହୋଇ ନ ଥିଲେ ମଧ୍ୟ ଜିଲ୍ଲା କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ଏକ ପ୍ରକାର ଆରମ୍ଭ ହୋଇଯାଇଛି। ବୁଧବାର ବାରକୋଟ ବ୍ଲକ କାଳିଆପାଳ ପଞ୍ଚାୟତଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଗ୍ରାମରେ କଂଗ୍ରେସର ନିର୍ବାଚନୀସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରାମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶ୍ରୀ ହେମ୍ବ୍ରାମ ଆଗାମୀ ନିର୍ବାଚନରେ କଂଗ୍ରେସକୁ ସମର୍ଥନ କରି ଜିଲ୍ଲାର ବିକାଶରେ ସହଯୋଗ କରିବାକୁ ଉପସ୍ଥିତ ଜନ ସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୈଶାଖୁ ନାଏକ, ପୂର୍ଣ୍ଣଚନ୍ଦ୍ର ଶବର, ଦୀର୍ଜ୍ୟ ପାତ୍ର, ରମେଶ ଚନ୍ଦ୍ର ପାତ୍ର, ଶ୍ରୀତମ ସାହୁ, ଅଲେଖ ନାଏକ, ଅନୁକୂଳ ନାଏକ, କ୍ଷୀର ଗଡ଼ନାୟକ, ନାଥକୃଷ୍ଣ ଜାଲଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ସରପଞ୍ଚ ସଙ୍ଘର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଅଲକାଙ୍କୁ ବିଜୟୀ କରିବା ନେଇ ସଂକଳ୍ପ

**ବ୍ରଜରାଜନଗର/ଲଖନପୁର/ ଝାରସୁଗୁଡ଼ା, ୧୦।୪(ସମିସ)**

ବୃଦ୍ଧି ପାଉଛି ବ୍ରଜରାଜନଗର ବିଜେଡି ପ୍ରାର୍ଥୀନୀ ଅଲକା ମହାନ୍ତିଙ୍କ ପ୍ରତି ଜନ ସମର୍ଥନ। ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ୩୮ଟି ପଞ୍ଚାୟତର ସମସ୍ତ ସରପଞ୍ଚଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ ବିଜୁ ଜନତା ଦଳର ପ୍ରାର୍ଥିନୀ ଅଲକା ମହାନ୍ତିଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରାଇବା ସହିତ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଗତ ପାଞ୍ଚ ବର୍ଷ ଭିତରେ ଯେତିକି ଉନ୍ନତୀମୂଳକକାର୍ଯ୍ୟ ହୋଇଛି ତାହା କେବେ ହୋଇ ନ ଥିଲା ବୋଲି ସରପଞ୍ଚମାନେ ପ୍ରକାଶ କରିବା ସହିତ ଉପନିର୍ବାଚନରେ ବିଜୟ ଲାଭ କଲାପରେ ବିଧାୟିକା ଅଲକା ମହାନ୍ତିଙ୍କ ଅକ୍ଲାନ୍ତ ପରିଶ୍ରମ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ନେତୃତ୍ୱ ପାଇଁ ବିକାଶ ଧାରା ଆଗକୁ ବଢ଼ି ପାରିଛି ବୋଲି ସରପଞ୍ଚ ସଙ୍ଘ ତରଫରୁ ପ୍ରକାଶ କରାଯାଇଛି। ବୈଠକରେ ବିଧାୟିକା ପ୍ରାର୍ଥିନୀ ଅଲକା ମହାନ୍ତି, ବିଜେଡି ପର୍ଯ୍ୟବେକ୍ଷକ ହରେକୃଷ୍ଣ ଷଡ଼ଙ୍ଗୀ, ସରପଞ୍ଚ ସଙ୍ଘର ଜିଲ୍ଲା ସଭାପତି ତଥା ଅତାବିରା ସରପଞ୍ଚ ସଞ୍ଜୀତ ପଧାନ, ସରପଞ୍ଚ ସଙ୍ଘ ଜିଲ୍ଲା ସମ୍ପାଦକ ତଥା ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଲଖନପୁର ବ୍ଲକ ସରପଞ୍ଚ ସଙ୍ଘ ସଭାପତି ତଥା କୁଶ୍ରାଲୋଇ ସରପଞ୍ଚ ରଘୁମଣୀ ପଧାନ, କଣ୍ଡେଇକେଲା ସରପଞ୍ଚ ଅଶୋକ ସେଠ, ରେମତା ସରପଞ୍ଚ ପ୍ରଫୁଲ୍ଲ ସିଂହ, ଚାରପାଲି ସରପଞ୍ଚ ଅରୁଣା ସୁନାଙ୍କ ପ୍ରତିନିଧି ପ୍ରଶାନ୍ତ ସୁନା, ପୀଥିଣ୍ଡା ସରପଞ୍ଚ ମହେନ୍ଦ୍ର ନାଏକ, ବାଦିମାଲ ସରପଞ୍ଚ ରାଜେଶ ପଧାନ, ଭିଖମପାଲି ସରପଞ୍ଚ ପଦ୍ମିନୀ ସାହୁ, ପଞ୍ଚଗାଁ ସରପଞ୍ଚ ମୁକେଶ ବାରିକ, ପଲସଦା ସରପଞ୍ଚ ତନୟା ଚାନ୍ଦ, ଜାମଗାଁ ସରପଞ୍ଚ ଗୋପୀନାଥ ସାଏ, ସମରବଗା ସରପଞ୍ଚ ଲିଳିମା ବାରିକ, କଦମଡ଼ିହି ସରପଞ୍ଚ ତରୁଲତା ବାରିକ, ବାଘମୁଣ୍ଡା ସରପଞ୍ଚ ସୁନିମା ପଧାନ, ପଣ୍ଡରୀ ସରପଞ୍ଚ ସୁବାସିନୀ ସାହୁ, କୁଡାଲୋଇ ସରପଞ୍ଚ ସନାତନ ନାୟକ, ବଞ୍ଜାରୀ ସରପଞ୍ଚ ସୀମା ସାହୁଙ୍କ ପ୍ରତିନିଧି ରମଣୀ ସାହୁ, ପିପିଲିମାଲ ସରପଞ୍ଚ ରଙ୍ଗାଧର ଡିଲା, ରେମଣ୍ଡା ସରପଞ୍ଚ ସୁଶାନ୍ତ ନାଏକ, ତେଲେନପାଲି ସରପଞ୍ଚ ଆକାଶ ସାହୁ, ବନ୍ଧବାହାଲ ସରପଞ୍ଚ ଭାରତୀ ବେହେରା, ଦଳଗାଁ ସରପଞ୍ଚ ସନ୍ତୋଷ ରୋହିଦାସ, ସରଣ୍ଡାମାଲ ସରପଞ୍ଚ ଝରଣା ସେଠ, ପିପିଲିକାନୀ ସରପଞ୍ଚ ଶ୍ରୀକାନ୍ତ ଦେହେରିଆ, ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପଧାନଙ୍କ ପ୍ରତିନିଧି ହେମନ୍ତ ପ୍ରଧାନ, ରମ୍ପେଲ୍ଲା ସରପଞ୍ଚ ବିମଳା କିସାନ, ରାଜପୁର ସରପଞ୍ଚ ସରସ୍ୱତୀ ନାଏକଙ୍କ ପ୍ରତିନିଧି ଗଣେଶରାମ ବାଗ, ଲୋଇସିଂ ସରପଞ୍ଚ ସନାତନ ରୋହିଦାସ, ଗୌଡ଼ମାଳ ସରପଞ୍ଚ ରାଜକୁମାର ସାଏ, କୁଦୋପାଲି ସରପଞ୍ଚ କଲ୍ୟାଣୀ ଦୀକ୍ଷିତ ଉପସ୍ଥିତ ରହିଥିଲେ। ଏହା ସହିତ ୨୦୨୪ ସାଧାରଣ ନିର୍ବାଚନରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଜୟ ଐତିହାସିକ ବିଜୟ ହେବ ବୋଲି ଜିଲ୍ଲା ସରପଞ୍ଚ ସଙ୍ଘ ସମ୍ପାଦକ ଲକ୍ଷ୍ମୀଧର ମିଶ୍ର ପ୍ରକାଶ କରିଛନ୍ତି।



# ପିକ୍‌ଅପ୍ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତା ଅବରୋଧ

**କଳମପୁର, ୧୦।୪(ସମିସ)**

କଳମପୁର ଥାନା ଓ ଜୁନାଗଡ଼ ଥାନା ସନ୍ଧିସୀମା ବଙ୍କାପଲା ବୁଲାଣି ନିକଟରେ ବୁଧବାର ଅପରାହ୍ନରେ ବଙ୍କାପଲା ଗ୍ରାମର ଗୋରୁ ଚରାଳୀ ହରିହର ନାଏକ (୬୫)ଙ୍କୁ ପିକଅପ ଗାଡ଼ି ନଂ ଓଡ଼ି ୦୩ ୟୁ-୩୧୯୩ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି। ଗୁରୁତର ହରିହରଙ୍କୁ ଉଦ୍ଧାର କରି କଳମପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରି ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ହରିହର ଗାଈଗୋରୁଙ୍କୁ ନେଇ ନିଜ ଘରକୁ ଯାଉଥିବା ସମୟରେ ବଲାଙ୍ଗୀରରୁ



ସୁପାରି ବୋଝେଇ କରି କଳମପୁର ଅଭିମୁଖେ ଆସୁଥିବା ପିକଅପ ଗାଡ଼ିଟି ଭାରସାମ୍ୟ ହରାଇ ତାଙ୍କୁ ଓ ତାଙ୍କ ଗାଈକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଏଥିରେ ହରିହରଙ୍କ ସହିତ ୩ରୁ ଅଧିକ ଗାଈଗୋରୁ ଗୁରୁତର ହୋଇଛନ୍ତି। କଳମପୁର ଥାନା ପୁଲିସ ଡ୍ରାଇଭରକୁ ଅଟକ ରଖି ଦୁର୍ଘଟଣା ସ୍ଥାନ ଜୁନାଗଡ଼ ଅଧିନରେ ଆସୁଥିବାରୁ ଚିଲିଗୁଡା ଫାଣ୍ଡିକୁ ଏହି ମାମଲା ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ବଙ୍କାପଲା ଗ୍ରାମବାସୀ କ୍ଷତିପୂରଣ ଦାବିରେ କଳମପୁର - ଜୁନାଗଡ଼ ମୁଖ୍ୟ ରାସ୍ତା ବଙ୍କାପଲା ନିକଟରେ ରାସ୍ତା ଅବରୋଧ କରିଥିଲେ। ଚିଲିଗୁଡା ଫାଣ୍ଡି ପୁଲିସ ଆସି ବୁଝାସୁଝା କରିବାରେ ରାସ୍ତା ଅବରୋଧ ସନ୍ଧ୍ୟାରେ ହଟିଥିଲା।

# ତେଲଙ୍ଗାନାରେ ବନ୍ଧା ପଡ଼ିଛନ୍ତି ଦମ୍ପତି

**ଶଗଡ଼ା, ୧୦।୪(ସମିସ):** କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ଗୁହିରାପାଲି ଗ୍ରାମର ଏକ ଦମ୍ପତି ଦାଦନ ଖଟିବାକୁ ଯାଇ ତେଲେଙ୍ଗାନାରେ ବନ୍ଧା ପଡ଼ିଛନ୍ତି। ଏ ଦୁଇ ଜଣ ହେଲେ କଣ୍ଟାମାଳ ବ୍ଲକ ଲମ୍ବସରି ପଞ୍ଚାୟତ ଗୁହିରାପାଲି ଗ୍ରାମର ପ୍ରଶାନ୍ତ ଅଗରିଆ ଓ ତାଙ୍କ ସ୍ତ୍ରୀ ଅନୁପମା ରାଉତ। ଉଭୟ ତେଲେଙ୍ଗାନା ମାଧକ ଜିଲ୍ଲା ବନ୍ଥାପଲ୍ଲି ଅଞ୍ଚଳର ଶ୍ରୀନିବାସ ରେଡ୍ଡୀ ନାମକ ଜଣେ ବ୍ୟକ୍ତିଙ୍କ ବିଏସଆର୍ ଇଟା ଭାଟିରେ ବନ୍ଧା ପଡ଼ିଛନ୍ତି। ଏପରିକି ଇଟାଭାଟି ମାଲିକ ମାଲିକ ପ୍ରଶାନ୍ତଙ୍କ ନିକଟରୁ ମୋବାଇଲ ଛଡ଼ାଇ ନେଇଛନ୍ତି। ତାଙ୍କ ଫୋନ୍ ପେରୁ ୨ଥର ପାଖାପାଖି ୪୦ହଜାର ଉଠାଇ ନେଇଛନ୍ତି। କଣ୍ଟାବାଞ୍ଜି ଅଞ୍ଚଳର ଜଣେ ଶ୍ରମିକ ଦଲାଲ ପ୍ରଲୋଭନରେ ପଡ଼ି ଏମାନେ ତେଲେଙ୍ଗାନା ଚାଲି ଯାଇଥିଲେ। ତେବେ ସେମାନଙ୍କୁ ପାରିଶ୍ରମିକ ମିଳୁନି। କେବଳ ଖାଇବାକୁ ଦେଇ କାମ କରାଯାଉଛି। ଅନେକ ସମୟରେ କାମ ନ ହେଲେ ଖାଇବାକୁ ମଧ୍ୟ ଦିଆଯାଉନି। ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଛି। ୩ ମାସ କାମର ପାରିଶ୍ରମିକ ମାଗିବାରୁ ଦଲାଲକୁ ଡାକିଲେ ଟଙ୍କା ଦିଆଯିବ ବୋଲି ଇଟାଭାଟି ମାଲିକ କହୁଛନ୍ତି। ଏଭଳିକି ମାରି ଦେବାକୁ ଧମକ ଦେଉଛନ୍ତି। କାମକୁ ଯିବାରେ ସାମାନ୍ୟ ବିଳମ୍ବ ହେଲେ ମାଲିକ ଗାଳିଗୁଲଜ କରିବା ସହ ମାଡ଼ ମାରୁଛନ୍ତି। ଏହି



ଦମ୍ପତିଙ୍କ ସହ ପଡୋଶୀ ବଲାଙ୍ଗୀର ଓ ନୂଆପଡ଼ା ଜିଲ୍ଲାର ପାଖାପାଖି ୩୫ଜଣ ଦାଦନ ଶ୍ରମିକ ଭୋକ ଉପାସରେ ବନ୍ଧା ପଡ଼ିଛନ୍ତି। ତେବେ ଘଟଣା ସମ୍ପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୁଶାନ୍ତ ପାଇକରାୟଙ୍କୁ ପଚାରିବାରୁ ଶ୍ରମିକଙ୍କ ପରିବାର ଲୋକେ ଲିଖିତ ଅଭିଯୋଗ କଲା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ମା' ନାରାୟଣୀଙ୍କ ସ୍ତମ୍ଭ ପ୍ରତିଷ୍ଠା ଉତ୍ସବ



**ଉଲୁଣ୍ଡା, ୧୦।୪(ସମିସ):** ଲେହେଁଡ଼ି ଗାଁର ଦେବୀ ମା' ମାହେଶ୍ୱରୀଙ୍କ ପୀଠରେ ସ୍ତମ୍ଭ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାରାୟଣୀଙ୍କ କାଷ୍ଠ ପ୍ରତିମାର ନବକଳେବର ପୂର୍ବକ ପ୍ରତିଷ୍ଠା କରାଯାଇଛି। ଚୈତ୍ର ଶୁକ୍ଳ ଦଶମୀ ତିଥିରୁ ଚଣ୍ଡୀ ଯଜ୍ଞର ଆୟୋଜନ କରାଯାଇଥିଲା। ୩ ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିଥିଲା।

## ଖସିଗଲେ ଗଞ୍ଜେଇ ମାଫିଆ

ଶଗଡ଼ା/ମନମୁଣ୍ଡା, ୧୦।୪(ସମିସ): ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି କିରମାଖୋଲ ଗ୍ରାମ ନିକଟ ଜଙ୍ଗଲରେ ଚଢ଼ଉ କରି ମନମୁଣ୍ଡା ପୁଲିସ ୨ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ଜବତ କରିଛି। ତେବେ ପୁଲିସକୁ ଦେଖି ଗଞ୍ଜେଇ ମାଫିଆ ଖସି ପଳାଇଛନ୍ତି। ୫ଟି ଜରି ବସ୍ତାରେ ଏହି ଗଞ୍ଜେଇ ଭର୍ତ୍ତି ହୋଇ ରଖାଯାଇଥିଲା। ଆଇଆଇସି ରାମ ମୁର୍ମୁ, ଶଗଡ଼ା ଫାଣ୍ଡି ଅଧିକାରୀ ସନ୍ତୋଷ ମଲ୍ଲିକ ଚଢ଼ଉ କରିଥିଲେ।

## ଗଞ୍ଜେଇ କାରବାରରେ ୨ ଗିରଫ

**ଡୁଙ୍ଗୁରିପାଲି, ୧୦।୪(ସମିସ):** ଚେରୁପାଲି ଅଙ୍ଗନଦୀ ବ୍ରିଜ୍ ନିକଟରୁ ଡୁଙ୍ଗୁରିପାଲି ପୁଲିସ ୨୦ କେଜି ୪୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା କମଘାଟର ବେଦବ୍ୟାସ ସାହୁ ଓ ଚାରଭାଟି ଗାଁର ସାଗର ନାମକ ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଉଭୟଙ୍କଠାରୁ ଦୁଇଟି ମୋଟର ସାଇକଲ ଜବତ ହୋଇଛି।

## ଦୁଇ ମୋବାଇଲ ଚୋର ଗିରଫ

**ହରଭଙ୍ଗା, ୧୦।୪(ସମିସ):** ହରଭଙ୍ଗା ଥାନା ପୁଲିସ ଦୁଇଜଣ ମୋବାଇଲ ଚୋରଙ୍କୁ ଗିରଫ କରିଛି। ଏମାନେ ହେଲେ ଶତ୍ରୁଘନ ମହାନନ୍ଦିଆ, ଭାଗୀରଥି ବଘାର। ହୋଲି ଦିନ ସନ୍ତୋଷ ମାଝୀ ନାମକ ଜଣେ ବ୍ୟକ୍ତିଙ୍କ ବାଇକ ଡିକିରୁ ଏମାନେ ୩ଟି ମୋବାଇଲ ଓ ୨୨୦୦ ଟଙ୍କା ନେଇଯାଇଥିଲେ। ଅଭିଯୋଗ ପରେ ପୁଲିସ ତଦନ୍ତ ଜାରି ରଖିଥିଲା। ତେବେ ୩ଟି ମୋବାଇଲ ଜବତ କରିଥିଲେ ମଧ୍ୟ ଟଙ୍କା ଜବତ କରିପାରିନି।

## ବିଦ୍ୟୁତ୍ ଆଘାତରେ ଦଣ୍ଡୁଆଙ୍କ ମୃତ୍ୟୁ

**ବୌଦ୍ଧ, ୧୦।୪(ସମିସ):** କନ୍ଧମାଳ ଜିଲ୍ଲା ସୁଦ୍ରୁକୁମ୍ପାର ଦଳପଡ଼ା ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ଦଣ୍ଡୁଆଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ବ୍ଲକ ହରିପୁର ଗ୍ରାମର ପ୍ରଭାତ କହଁର। ତାଙ୍କ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାର ଓ ଆତ୍ମୀୟ ସ୍ୱଜନଙ୍କ କାନ୍ଦ ବୋବାଳିରେ ଗାଁ ଫାଟି ପଡ଼ିଥିଲା। ହରିପୁର ଗ୍ରାମର ଦଣ୍ଡନୃତ୍ୟ ଦଳ ସୁଦ୍ରୁକୁମ୍ପାର ଦଳପଡ଼ା ଗ୍ରାମକୁ ଯାଇଥିଲେ। ଦଣ୍ଡନୃତ୍ୟ ଚାଲିଥିବା ବେଳେ ହଠାତ ପବନ ଓ ବର୍ଷା ଆସିଥିଲା। ଦଣ୍ଡନୃତ୍ୟ ଦଳରେ ଯାଇଥିବା ପ୍ରଭାତ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କୁ ଉଦ୍ଧାର କରି ଗ୍ରାମବାସୀ ଓ କିଛି ଦଣ୍ଡୁଆ ୧୦୮ ଆମ୍ବୁଲାନ୍ସ ଯୋଗେ ଫୁଲବାଣୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ଆଇନସେବା ପ୍ରାଧିକରଣର ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ, ୧୦।୪(ସମିସ):** ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପଦ୍ମନପୁର ପଞ୍ଚାୟତ ଗୋଛାପଡ଼ା ଶିବମନ୍ଦିର ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଏତଲା, ବେଲ୍, ସମନ, ୱାରେଣ୍ଟ ଇତ୍ୟାଦି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶାଶ୍ୱତୀ ମିଶ୍ର ଅଧ୍ୟକ୍ଷତା କରିଥିଲେ।

# ଅଘଟଣକୁ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

**ବେହେରା, ୧୦।୪(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବାଙ୍କୀମୁଣ୍ଡା ଗ୍ରାମ ଅଙ୍ଗନବାଡ଼ି ସମ୍ମୁଖରେ ମୁକୁଳା ପଡ଼ିଛି ଉଚ୍ଚ ବିଦ୍ୟୁତ ଶକ୍ତି ସମ୍ପନ୍ନ ଟ୍ରାନ୍ସଫର୍ମର। ଯାହା ବିପଦକୁ ଆମନ୍ତ୍ରଣ କରୁଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ ଟ୍ରାନ୍ସଫର୍ମର ଚାରିପାଖେ ତାର ବାଡ଼

### ଲତାବୁଦାରେ ଢାଙ୍କି ହୋଇଗଲାଣି

ଦ୍ୱାରା ଆବଦ୍ଧ କରି ଏକ ସୁରକ୍ଷିତ ଉଚ୍ଚତାରେ ବସାଯିବା କଥା। ମାତ୍ର ଦୀର୍ଘ ବର୍ଷ ହେବ ବିନା କୌଣସି ସୁରକ୍ଷାରେ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଏହା ରହିଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡୁନି। ବର୍ତ୍ତମାନ ଲତା ବୁଦାରେ ଢାଙ୍କି ହୋଇ ଆହୁରି ବିପଦପୂର୍ଣ୍ଣ ପାଲଟିଛି। ଏହି ଟ୍ରାନ୍ସଫର୍ମରରୁ ଏଲଟି ସପ୍ଲାଇର ମୁକୁଳା ବିପଦପୂର୍ଣ୍ଣ ତାର ନିକଟରେ ଜଣେ ବ୍ୟକ୍ତିଙ୍କ ଘର ଛପରରେ ଅନେକ ଦିନରୁ ଲାଗି ରହିଥିବାବେଳେ, ଏକ ଜରାଜୀର୍ଣ୍ଣ କାଠ ଖମ୍ବ ଦେଇ ମୁକୁଳା ତାରକୁ ଟେକି



ରଖିଦିଆଯାଇଥିଲା। କାଳବୈଶାଖୀରେ ଭାଙ୍ଗିପଡ଼ି ଘର ଉପରେ ପଡ଼ି ଜନଜୀବନ ନେଇ ଯିବା ଆଶଙ୍କାରେ ରହୁଛନ୍ତି ପରିବାର ଲୋକେ। ଅଙ୍ଗନବାଡ଼ି କେନ୍ଦ୍ରକୁ ପ୍ରତିଦିନ କୋମଳମତି ଶିଶୁମାନେ ଆସୁଥିବାବେଳେ ଅଳ୍ପ ଉଚ୍ଚତା ତଥା ବିନା ସୁରକ୍ଷାରେ ଟ୍ରାନ୍ସଫର୍ମରଟି ଥିବାରୁ କେତେବେଳ ଯେ ଅଘଟଣ ଘଟିବ ତାହା କହିହେବ ନାହିଁ। ଅନ୍ୟପକ୍ଷରେ ପ୍ରାୟ ବର୍ଷେରୁ ଅଧିକ ସମୟ ଧରି ଟାଟା ପାୱାର ବିଦ୍ୟୁତ୍ ବ୍ୟବସ୍ଥା ହାତକୁ ନେଇଥିଲେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ରାସ୍ତା କଡ଼ରେ ଥିବାରୁ ଗୃହପାଳିତ ପଶୁ ପକ୍ଷୀ ମଧ୍ୟ ବିଭିନ୍ନ ସମୟରେ ଏହା ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରିବାକୁ ସାଧରଣରେ ଦାବି ହୋଇଛି। ଏନେଇ ଧର୍ମଗଡ଼ ବିଦ୍ୟୁତ ବିଭାଗ ଏସଡିଓଙ୍କୁ ପଚାରିବାରୁ ଏଥିପ୍ରତି ତୁରନ୍ତ ବିହିତ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

# ମହୀଧର, ଅଚ୍ୟୁତଙ୍କ ରୋଡ୍ ଶୋ



**ମନମୁଣ୍ଡା, ୧୦।୪(ସମିସ):** କଣ୍ଟାମାଳ ବିଧାୟକ ମହୀଧର ରଣା ଏବଂ କନ୍ଧମାଳ ସାଂସଦ ଡା. ଅଚ୍ୟୁତ୍ ସାମନ୍ତ ଚଳିତ ଥର ମଧ୍ୟ ବିଜେଡି ବିଧାୟକ ଏବଂ ସାଂସଦ ପ୍ରାର୍ଥୀ ହୋଇଛନ୍ତି। ଏହିକ୍ରମରେ ଉଭୟ ରୋଡ୍ ଶୋ' କରିଛନ୍ତି। କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପୂର୍ବ ଦିଗର ସୀମାନ୍ତ ତଥା ପ୍ରବେଶ ପଥ ସାହାଜପାଲଠାରୁ ରୋଡ୍ ଶୋ' ଆରମ୍ଭ କରାଯାଇଥିଲା। ସେଠାରେ ବିଧାୟକ ପ୍ରାର୍ଥୀ ଶ୍ରୀ ରଣା ଏବଂ ସାଂସଦ ପ୍ରାର୍ଥୀ ଡା. ସାମନ୍ତ ପହଞ୍ଚିଲା ପରେ ବିଜେଡି ନେତା ଓ କର୍ମୀ ବାଜା ବଜାଇ ପୁଷ୍ପଗୁଚ୍ଛ ଓ ଫୁଲମାଳ ଦେଇ ସ୍ୱାଗତ କରିଥିଲେ। କଣ୍ଟାମାଳ ନିର୍ବାଚନମଣ୍ଡଳୀ ପଶ୍ଚିମ ଦିଗ ଆମ୍ବଗାଁ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍ ଶୋ' କରାଯାଇଥିଲା। ଭାଗୀରଥି ମଲ୍ଲିକ, ବୟନିକା ରାଜ୍ୟ ସଭାପତି ପ୍ରକାଶଚନ୍ଦ୍ର ମେହେର ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପ୍ରତ୍ୟେକ ଗ୍ରାମରେ ମହିଳାମାନେ କଳସ ସ୍ଥାପନ ପୂର୍ବକ ପାଦ ଧୋଇ ସ୍ୱାଗତ କରିଥିଲେ।

# ସୁନାମୁଖି ମହୋତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପ୍ରସ୍ତୁତି ବୈଠକ



**ଭବାନୀପାଟଣା, ୧୦।୪ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଦେଓଗାଁ ପଞ୍ଚାୟତର ମହଗାଁ ସ୍ଥିତ ସୁନାମୁଖି ଶାନ୍ତିବନ ପରିସରରେ ଚଳିତ ମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ୨ୟ ମାଁ ସୁନାମୁଖି ମହୋତ୍ସବ ଓ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ଆୟୋଜିତ ହେବ। ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୁନାମୁଖି ଶାନ୍ତିବନ ଯଜ୍ଞ କମିଟି, ଆଦିବାସୀ ମହିଳା କମିଟି ଓ ମହଗାଁ ଗ୍ରାମବାସୀଙ୍କ ସହଯୋଗରେ ଏହି ମହୋତ୍ସବ ହେବାକୁ ଥିବାବେଳେ ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୂଚନା ଦିଆଯାଇଛି। ଅପ୍ରେଲ ୧୫ ସୋମବାର ଦିନ ପୂର୍ବାହ୍ନ ୯ ଘଣ୍ଟା ସମୟରେ କଳସ ଯାତ୍ରା ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନରେ ଧୂନି ସ୍ଥାପନ, ସନ୍ଧ୍ୟାରେ ଅଖଣ୍ଡ ବତୀ ପ୍ରଜ୍ୱଳନ, ଆଠ ଭଜନ ଏବଂ ରାତିରେ ଛତିଶଗଡ଼ ପାଣ୍ଡରୀପଖାନର ନାଟକ ମଞ୍ଚସ୍ଥ ହେବ। ଅପ୍ରେଲ ୧୬ ତାରିଖ ସନ୍ଧ୍ୟା ୫ଟାରେ ଆଠଭଜନ ଓ ପ୍ରବଚନ ଏବଂ ରାତିରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସ ଅପ୍ରେଲ ୧୭ ବୁଧବାର ବ୍ରହ୍ମ ମୁହୂର୍ତ୍ତରେ ପଣାପାଣି ଅର୍ପଣ ଓ ସକାଳ ୭ଟାରେ ଯଜ୍ଞର ପୂର୍ଣ୍ଣାହୁତି ପଡ଼ିବ। ସେହିଦିନ ଜଗତ ଭଗତ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ମହିମା ଗାଦି ଲତା ଆଶ୍ରମର ସଭାପତି, ସମ୍ପାଦକ ଓ ସାଧୁ ବୃନ୍ଦ ଯଜ୍ଞ ପରିଚାଳନା କରିବେ। ଏହି କାର୍ଯ୍ୟକ୍ରମରେ ସମସ୍ତେ ଯୋଗଦେଇ ବିଭୁ କୃପା ଲାଭ କରିବାକୁ ଆୟୋଜକ କମିଟି ନିବେଦନ କରିଛନ୍ତି। ଏଠାରେ ପ୍ରକାଶଯୋଗ୍ୟ ଯେ ମହଗାଁ ସ୍ଥିତ ସୁନାମୁଖି ଶାନ୍ତିବନ ଏକ ମନୋରମ ପରିବେଶ ମଧ୍ୟରେ ରହିଛି। ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ପୌରାଣିକ ତଥ୍ୟ ବହନ କରୁଥିବା ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ଦାବି ହୋଇ ଆସୁଛି। ନିକଟରେ ବାହାର ରାଜ୍ୟରୁ ବିଭିନ୍ନ ପ୍ରଜାତିର ୨୩୦ ପୁଷ୍ପ ବୃକ୍ଷ ଅଣାଯାଇ ଏଠାରେ ରୋପଣ କରାଯାଇଛି। ପ୍ରତିଦିନ ପାଳିକରି ମହଗାଁର ୨ଜଣ ଲେଖାଏଁ ମହିଳା ଏହି ଉଦ୍ୟାନରେ ପାଣି ଦେବାସହ ବୃକ୍ଷର ଯତ୍ନ ନେଉଛନ୍ତି।

# ହିନ୍ଦୁ ନବବର୍ଷ ପାଳିତ

**ବଲାଙ୍ଗିର, ୧୦।୪(ସମିସ):** ବଲାଙ୍ଗିରରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସହରରେ ଏକ ଶୋଭାଯାତ୍ରା କରାଯାଇଥିଲା। ଡେଲିମାର୍କେଟ ସ୍ଥିତ ରାମମନ୍ଦିର ରୁ ଶୋଭଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ସମସ୍ତ ବର୍ଗର ସବୁ ବୟସର ଲୋକେ ସାମିଲ ହୋଇଥିଲେ। କୁନିକୁନି ଶିଶୁମାନେ ରାମ, ଲକ୍ଷ୍ମଣ, ସୀତା, ରାଧା, କୃଷ୍ଣ ଓ ହନୁମାନ ବେଶରେ ବାହାରି ଶୋଭାଯାତ୍ରାର ଆକର୍ଷଣ ବଢ଼ାଇଥିଲେ। ପ୍ରତିବର୍ଷ ଚୈତ୍ର ମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିକୁ ହିନ୍ଦୁ ନବବର୍ଷ ଭାବରେ ପାଳନ କରାଯାଏ। ପାଶ୍ଚାତ୍ୟ ସଭ୍ୟତାରେ ପ୍ରଭାବିତ ହୋଇ ଜାନୁଆରୀ ୧ ତାରିଖକୁ ଇଂରାଜୀ ନବବର୍ଷ ଭାବରେ ପାଳନ କରାଯାଉଥିଲେ ହେଁ ପରମ୍ପରାଗତ ଭାବରେ ଆମେ ଚେତ୍ର÷ମାସ ଶୁକ୍ଳ ପକ୍ଷ ପ୍ରତିପଦା ତିଥିକୁ ହିନ୍ଦୁ ନବବର୍ଷ ଭାବରେ ପାଳନ କରିଆସୁଛୁ ବୋଲି ବିଶ୍ୱ ହିନ୍ଦୁ ପରିଷଦ ର କର୍ମକର୍ତ୍ତାମାନେ କହିଥିଲେ। ସର୍ମେସ୍ତ ଏହି ଦିନକୁ ହିଁ ନବବର୍ଷ ଭାବରେ ପାଳନ କରିବାକୁ ସେମାନେ ଆହ୍ୱାନ ଦେଇଥିଲେ।

# ପ୍ରଦୀପ୍ତଙ୍କ ପ୍ରଥମ ନିର୍ବାଚନୀ ସଭା

**ଭବାନୀପାଟଣା, ୧୦।୪(ସମିସ):** କରୋନା ମାହାମାରୀରୁ ସୁସ୍ଥ ହୋଇ ଦେଶର ମହାନ ଗଣପର୍ବ ୨୦୨୪ ପ୍ରଥମ ନିର୍ବାଚନୀ ସଭାରେ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାୟକ ଯୋଗ ଦେଇଛନ୍ତି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ



ଗାନ୍ଧୀ ଛକ ଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଭବାନୀପାଟଣା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ନାୟକଙ୍କ ସମେତ ଜିଲ୍ଲା ବିଜେପି ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ସଭାପତି ଦେବେନ୍ଦ୍ର ମହାନ୍ତି, ସାଂସଦ ପ୍ରାର୍ଥିନୀ ମାଳବିକା ଦେଓ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ପୂର୍ବତନ ବିଧାୟକ ଅନାମ ନାୟକ, ଭବେନ୍ଦ୍ର ପଣ୍ଡା, ପ୍ରଶାନ୍ତ ସାହୁ ଓ ଅଜୟ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ନେତୃବର୍ଗ ନିଜ ଅଭିଭାଷଣ ରଖିଥିଲେ। ପାର୍ଥୀ ଶ୍ରୀ ନାୟକ ବିପୁଳ ସଂଖ୍ୟାରେ ଭୋଟଦେଇ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ।

# ପରିବେଶ ସଚେତନତା ଓ ପୁରସ୍କାର ବିତରଣ ଉତ୍ସବ

**ବଲାଙ୍ଗିର, ୧୦।୪(ସମିସ):** ବଲାଙ୍ଗିର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ କୁଟୁମଡ଼ୋଲା ପଞ୍ଚାୟତ ସରକାରୀ ଉଚ୍ଚବିଦ୍ୟାଳୟଠାରେ ନୂତନ ଶ୍ରେଣୀ ପ୍ରବେଶ, ବାର୍ଷିକ ଛାତ୍ରଛାତ୍ରୀ ସମାବେଶ, ପରିବେଶ ସଚେତନତା ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ରବୀନ୍ଦ୍ର ଠେଟୁଆଲଙ୍କ




ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ ସୁଚାରୁବାଳା ଦେବୀ ଓ ସମ୍ମାନିତଅତିଥି ଭାବେ ବିଧୁଭୂଷଣ ସିଂଦେଓ, କୈଳାଶ ଚନ୍ଦ୍ର ସିଂଦେଓ, ଲବ ବିଶ୍ୱାଳ ଓ ଚିନ୍ତାମଣି ପଟେଲ ପ୍ରମୁଖ ଯୋଗଦେଇଥିଲ। ପରିବେଶ ସୁରକ୍ଷା ମାନବ ସମାଜକୁ ବହୁଳ ମାତ୍ରାରେ ପ୍ରଭାବିତ କରିଥାଏ ତେଣୁ ଆମେ ସମସ୍ତେ ମିଳିମିଶି ପରିବେଶକୁ ସୁରକ୍ଷିତ ରଖିଲେ ମଣିଷ ସମାଜ ନିଶ୍ଚିତ ଭାବେ ଉପକୃତ ହେବବୋଲି ମତବ୍ୟକ୍ତ କରିବା ସହ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପରେ ସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା। ଶେଷରେ ଶିକ୍ଷକ ମଳୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ସହିଦ ବୀର ମାଧୋସିଂ ବରିହାଙ୍କ ସ୍ମୃତିରେ ଶିଶୁ ଉଦ୍ୟାନ ଓ ସ୍ମୃତିମଣ୍ଡପ ନିର୍ମାଣ ଦାବି

**ପାଟଣାଗଡ଼, ୧୦।୪(ସମିସ)**

ପାଟଣାଗଡ଼ ବ୍ଲକ ବାଲିପଟା ପଞ୍ଚାୟତ ବନକା ବିହଁର ବସଷ୍ଟାଣ୍ଡଠାରେ ଥିବା ପ୍ରଶାସନର ଜମିରେ ସହିଦ ବୀର ମାଧୋସିଂ ବରିହାଙ୍କ ସ୍ମୃତିରେ ଏକ ମଣ୍ଡପ ଓ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦୀର୍ଘଦିନରୁ ଦାବି ହେଉଛି। ୧୯୯୦ ମସିହାରୁ ଏହି ସ୍ଥାନରେ ସର୍ବ ଭାରତୀୟ ସ୍ୱାଲାଖ ବିନ୍ଧ୍ୟଗିରିବାସୀ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ, ସମେତ ସାମୁହିକ ସଭା ସମିତି ପର୍ବପର୍ବାଣୀରେ ରୋଷେଇ କାର୍ଯ୍ୟ, ସାମାଜିକ ମହାସଭା ଓ ସମ୍ମିଳନୀମାନ ଅନୁଷ୍ଠିତ ହେଉଥିଲା। ୧୯୧୪ରୁ ଏହି ସ୍ଥାନରେ ମହାନ ସ୍ୱାଧିନତା ସଂଗ୍ରାମୀ ସହିଦ ମାଧୋସିଂଙ୍କ ସହିଦ ଦିବସ ପାଳିତ ହୋଇଆସୁଛି। ୨୦୧୯ ଡିସେମ୍ବର ୩୧ରେ ଏହି ସ୍ଥାନରେ ସର୍ବଭାରତୀୟସ୍ତରରେ ମାଧୋ ସିଂ ବରିହାଙ୍କ ବୀରତା ଦିବସ ବାଲିପଟା ଗ୍ରାମ୍ୟ ସଭାପତି ଶତ୍ରୁଘନ ବାଗ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।




ଅବସରରେ ଏହି ସ୍ଥାନରେ ମାଧୋ ସିଂ ବରିହାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶିଶୁ ଉଦ୍ୟାନ ଓ ମଣ୍ଡପ ନିର୍ମାଣ ପାଇଁ ପୂର୍ବତନ ଆଦିବାସୀ ମନ୍ତ୍ରୀ ସ୍ୱର୍ଗତ ବିଜୟ ରଞ୍ଜନ ସିଂହ ବରିହା ମୁଖ୍ୟ ଅତିଥି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାଷ ଚୌହାନ, ବିଧାୟକ ସରୋଜ ମେହେର ଯୋଗଦେଇ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ଏଠାରେ ମାଧୋ ସିଂ ବରିହାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଶିଶୁଉଦ୍ୟାନ ଓ ସ୍ମୃତିମଣ୍ଡପ ନିର୍ମାଣ ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ମଣ୍ଡପ ନିର୍ମାଣ ହେଲେ ବନକାବିହର, ନେହେନାବନ୍ଧ, ଝାରବନ୍ଧ, ସୋଲ ବନ୍ଦ, ବିଲାଇସାଥି, କଲଙ୍ଗାପାଲି, ବିଛିଲିବାହାଲ, ତୁଲ୍ଲାଦର୍ହ ଆଦି ଗ୍ରାମର ତଥା ଅଞ୍ଚଳର ଲୋକେଙ୍କ କାମରେ ଆସିବ ବୋଲି ସତ୍ୟବ୍ରତ ମେହେର, ଆନନ୍ଦ ମେହେର, ବିନୋଦ ବରିହା, ସୁରେନ୍ଦ୍ର ପୁରୋହିତ ଓ ଭକ୍ତବନ୍ଧୁ ମେହେର ପ୍ରମୁଖ ଜଣାଇଛନ୍ତି।

## ୨୦୨୪ ଲୋକସଭା ନିର୍ବାଚନ : ସ୍ଥିତି ଓ ସମ୍ଭାବନା

# ଅବକାରୀ ଦୁର୍ନୀତି ପ୍ରସଙ୍ଗ ଆପ୍ ପାଇଁ ହୋଇପାରେ କାଳ




୨୦୨୪ ଲୋକସଭା ନିର୍ବାଚନ ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଷଷ୍ଠ ପର୍ଯ୍ୟାୟରେ ମେ'୨୫ରେ ମତଦାନ ହେବ। ଚାନ୍ଦିନୀ ଚୌକ,ଉତ୍ତର ପୂର୍ବ ଦିଲ୍ଲୀ, ପୂର୍ବ ଦିଲ୍ଲୀ,ନୂଆଦିଲ୍ଲୀ, ଉତ୍ତର ପଶ୍ଚିମ ଦିଲ୍ଲୀ, ପଶ୍ଚିମ ଦିଲ୍ଲୀ ଏବଂ ଦକ୍ଷିଣ ଦିଲ୍ଲୀ ଭଳି ୭ଟି ଲୋକସଭା ଆସନକୁ ନେଇ ମତଦାନ ହେବାକୁ ରହିଥିଲେ ହେଁ ଏଠାରେ ସେଭଳି ରାଜନୈତିକ ଉଷ୍ଣତା ଦେଖାଯାଇ ନାହିଁ। କାରଣ ଏଠାକାର ଶାସକ ଆମ ଆଦମୀ ପାର୍ଟି(ଆପ୍)ର ସ୍ଥିତିକୁ ନେଇ ଯେଭଳି ଘଡିକେ ଘୋଡ଼ା ଛୁଟିବାରେ ଲାଗିଛି ତାହା ଏକ ବ୍ୟତିକ୍ରମ ଆଣିଛି ବୋଲି ଭୋଟରଙ୍କ ମହଲରେ ଜୋରଦାର ଚର୍ଚ୍ଚା ଚାଲିଛି।

ଏଠାରେ ମୁଖ୍ୟତଃ ବିଜେପି, କଂଗ୍ରେସ ଏବଂ ଆପ୍ ଭିତରେ ଲଢେଇ ହେବାକୁ ଯାଉଛି। ୨୦୧୯ ନିର୍ବାଚନରେ ଦିଲ୍ଲୀର ୭ଟି ଆସନ ମଧ୍ୟରୁ ବିଜେପି ସବୁ ଆସନରେ ବିଜୟୀ ହୋଇଥିଲା ବେଳେ ଅନ୍ୟ ଦୁଇ ଦଳ ଆପ୍ ଏବଂ କଂଗ୍ରେସ ଗୋଟିଏ ବି ଆସନରେ ବିଜୟୀ ହୋଇପାରି ନଥିଲେ। ବିଜେପି ସର୍ବାଧିକ ୫୬.୮୬ ପ୍ରତିଶତ ଭୋଟ ହାସଲ କରିଥିଲା ବେଳେ କଂଗ୍ରେସ ୨୨.୫୧ ଏବଂ ଆପ୍‌କୁ ମାତ୍ର ୧୮.୧୧ ପ୍ରତିଶତ ଭୋଟ ମିଳିଥିଲା। କିନ୍ତୁ ଚଳିତ ନିର୍ବାଚନରେ ୨୦୧୯ ଫଳାଫଳରେ କିଛିଟା ପରିବର୍ତ୍ତନ ଆଣିବାକୁ ଆପ୍ ବହୁ ଲକ୍ଷ୍ୟ ରଖିଥିଲା। ବିଗତ ଦୁଇ ଦଶନ୍ଧିରେ ଅଧିକ ସମୟ ଧରି ଦିଲ୍ଲୀରେ ରାଜୁତି କରିଆସୁଥିବା ଏହି ଦଳ ଲୋକସଭା ନିର୍ବାଚନରେ ବିଜେପିକୁ କଡ଼ା ଟକ୍କର ଦେବାକୁ ପୂର୍ବରୁ ପ୍ରସ୍ତୁତି ଚଳାଇଥିଲେ ହେଁ ଦଳର ସାଂପ୍ରତିକ ସ୍ଥିତି ଏଥିପାଇଁ ପ୍ରତିବନ୍ଧକ ଆଣିପାରେ ବୋଲି କୁହାଯାଉଛି। ଦିଲ୍ଲୀର ୭ ଆସନରେ ଇଣ୍ଡିଆ ମେଣ୍ଟର ଦୁଇ ସଦସ୍ୟ ଦଳ କଂଗ୍ରେସ ଏବଂ ଆପ୍ ମିଳିତ ଭାବେ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେବା ପରେ ଆପ୍ ୪ ଏବଂ କଂଗ୍ରେସ ୩ଟି ଆସନରେ ଲଢିବ ବୋଲି ସ୍ଥିର ହୋଇଛି। ତେବେ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାକୁ ନେଇ ଆପ୍‌ର ସଙ୍କଟ ଦିନକୁ ଦିନ ବଢି ଚାଲିଥିବାରୁ ବିଜେପିକୁ ଉଭୟ ଦଳ ଟକ୍କର ଦେବା ଏକପ୍ରକାର କଷ୍ଟସାଧ ହୋଇପଡ଼ିଛି। ବିଶେଷକରି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଏହି ମାମଲାରେ ଇଡି ଦ୍ୱାରା ଗିରଫ ହୋଇ ଜେଲ ଯିବା ଘଟଣା ଭୋଟରମାନଙ୍କ ମନରେ ନକାରାତ୍ମକ ଭାବ ସୃଷ୍ଟି କରିଛି ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଭୋଟରମାନଙ୍କ ମନ ଜିଣିବା ଏବଂ ଦଳ ପ୍ରତି ଅନୁକମ୍ପା ସୃଷ୍ଟି କରିବାକୁ କେଜ୍ରିୱାଲ ଏବଂ ତାଙ୍କ ଦଳର ଅନ୍ୟ ବରିଷ୍ଠନେତା ବହୁ ଉଦ୍ୟମ କରିଛନ୍ତି। କିନ୍ତୁ ଗତକାଲି କେଜ୍ରିୱାଲଙ୍କ ଗିରଫ ପ୍ରସଙ୍ଗରେ ହାଇକୋର୍ଟ ଦେଇଥିବା ରାୟ କେବଳ ଆପ୍ ନୁହେଁ, ସହଯୋଗୀ କଂଗ୍ରେସ ପାଇଁ ମଧ୍ୟ ବଡ଼ ସମସ୍ୟା ଆଣିଛି।

**ଦିଲ୍ଲୀ : ମୋଟ ଆସନ ସଂଖ୍ୟା ୦୭**

**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ : ବିଜେପି, କଂଗ୍ରେସ ଓ ଆମ୍ ଆଦମୀ ପାର୍ଟି**

# ହାଇକୋର୍ଟଙ୍କ ରାୟ : ବିରୋଧୀଙ୍କ ନୈତିକତା ଉପରେ ଉଠାଇଲା ପ୍ରଶ୍ନ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫ ପ୍ରସଙ୍ଗରେ ଗତକାଲି ହାଇକୋର୍ଟ ଦେଇଥିବା ରାୟ କେବଳ ଆମ ଆଦମୀ ପାର୍ଟି ନୁହେଁ ; ବିରୋଧୀ କେଜ୍ରିୱାଲଙ୍କ ଗିରଫ ପରେ ଗତ ମାସ ୩୧ ତାରିଖରେ ଦିଲ୍ଲୀର ରାମଲୀଳା ମଇଦାନରେ ଏକାଠି ହୋଇଥିବା ବିରୋଧୀ ଇଣ୍ଡିଆ ମେଣ୍ଟର ନେତାମାନେ ବିଜେପି ବିରୋଧରେ ରଣ ହୁଙ୍କାର ଦେଇ ଏହି ବିଷୟ ଉତ୍‌ଥାପନ ହାଇକୋର୍ଟ କହିବା ଘଟଣା କେଜ୍ରିୱାଲଙ୍କ ପ୍ରତି ଶକ୍ତ ଧକ୍କା ହୋଇଛି। ଏହାର ଅର୍ଥ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଭାବେ କେଜ୍ରିୱାଲଙ୍କ ଭୂମିକା ରହିଥିବା ସ୍ପଷ୍ଟ ହୋଇଛି। କେଜ୍ରିୱାଲ ନିର୍ବାଚନ





ଇଣ୍ଡିଆ ମେଣ୍ଟ ପାଇଁ ଶକ୍ତ ଧକ୍କା ହୋଇଛି। ଏହି ପ୍ରସଙ୍ଗରେ ହାଇକୋର୍ଟ ଦେଇଥିବା ରାୟ ସବୁ ବିରୋଧୀଙ୍କ ନେତିକତା ପ୍ରତି ପ୍ରଶ୍ନ ଉଠାଇଥିଲା ବେଳେ ଏହାର ପ୍ରଭାବ ବିଶେଷକରି ଦିଲ୍ଲୀ ଲୋକସଭା ନିର୍ବାଚନ ଉପରେ ପ୍ରତିଫଳିତ ହେବାର ଆଶଙ୍କା ସୃଷ୍ଟି କରିଛି। ୨୦୧୯ ନିର୍ବାଚନ ତୁଳନାରେ ଚଳିତ ଥର ବିଜେପିକୁ କଡ଼ା ଟକ୍କର ଦେବାକୁ ଆପ୍ ଏବଂ କଂଗ୍ରେସ ମିଳିତ ଭାବେ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଦିଲ୍ଲୀ ଅବକାରୀ ମାମଲାରେ କେଜ୍ରିୱାଲଙ୍କ ଗିରଫକୁ ନେଇ ହାଇକୋର୍ଟ ଯେଉଁଳି ଟିପ୍ପଣୀ ରଖିଛନ୍ତି ତାହା ଭୋଟରମାନଙ୍କୁ ଯଥେଷ୍ଟ ଭାବେ ପ୍ରଭାବିତ କରିବ ବୋଲି ଆକଳନ କରାଯାଉଛି। ବିଜେପି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ସିବିଆଇ ଏବଂ ଆୟକର ବିଭାଗ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡିକୁ ହାତବାରିସି କରି ବିରୋଧୀ ନେତାଙ୍କ ଉପରେ ଅତ୍ୟାଚାର ଚଳାଇଛି ବୋଲି ସବୁ ବିରୋଧୀ ଦଳ ଅଭିଯୋଗ କରିଆସୁଛନ୍ତି। ଏପରିକି କରିବା ସହିତ ବିଜେପି ଦେଶରେ ଗଣତନ୍ତ୍ରକୁ ହତ୍ୟା କରି ଏକଛତ୍ରବାଦ ଶାସନ ଚଳାଇଛି ବୋଲି କହିଥିଲେ। ନିର୍ବାଚନ ବେଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବିଜେପି ଜାଣି ଶୁଣି ଗିରଫ କରିଛି ବୋଲି କହିବା ସହିତ ଠିକଣା ସମୟରେ ଭୋଟର ଏହାର ଜବାବ ଦେବେ ବୋଲି କହିଥିଲେ। କିନ୍ତୁ କେଜ୍ରିୱାଲଙ୍କ ଗିରଫ ପ୍ରସଙ୍ଗରେ ହାଇକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ବିରୋଧୀଙ୍କ ମୁହଁ ବନ୍ଦ କରିଦେଇଛି। କେଜ୍ରିୱାଲଙ୍କୁ ଗିରଫ କରାଯିବ ଆଇନସମ୍ମତ ନୁହେଁ ଏବଂ ରାଜନୈତିକ ଆକ୍ରୋଶ ରଖାଯାଇ ଏହା କରାଯାଇଛି ବୋଲି ତାଙ୍କ ଓକିଲ ଅଭିଷେକ ମନୁସିଂଘଭି ହାଇକୋର୍ଟରେ ଯୁକ୍ତି ବାଢିଥିଲା ବେଳେ ହାଇକୋର୍ଟ ତାଙ୍କର ସବୁ ଯୁକ୍ତିକୁ ଖାରଜ୍ କରିଦେଇଥିଲେ। ଇଡି ଯାହାକିଛି ପଦକ୍ଷେପ ନେଇଛି ତାହା ଆଇନ ସମ୍ମତ ଏବଂ ଗିରଫଦାରୀକୁ ନେଇ ଯେଉଁ ପ୍ରଶ୍ନ କରାଯାଉଛି ତାହା ଅଦାଲତଙ୍କ ବିଶ୍ୱାସନୀୟତା ଉପରେ ଆଞ୍ଚ ଆଣୁଛି ବୋଲି ପୂର୍ବରୁ ଜେଲରୁ ମୁକୁଳିବା ସମ୍ଭାବନା କମ୍ ରହିଥିବା କୁହାଯାଉଥିବା ବେଳେ ତାଙ୍କ ଅନୁପସ୍ଥିତିରେ ଦିଲ୍ଲୀ ଲୋକସଭା ନିର୍ବାଚନ ଲଢେଇ ଆପ୍ ପାଇଁ ଫଳପ୍ରଦ ହେବା କମ୍ ବୋଲି ରାଜନୀତିକ ବିଶାରଦମାନେ ମତ ଦେଇଛନ୍ତି।

କେଜ୍ରିୱାଲ ୨୦୧୧ରେ ଆନ୍ନା ହଜାରେ ଆନ୍ଦୋଳନରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହିତ ଦୁର୍ନୀତିମୁକ୍ତ ଭାରତ ପାଇଁ ସଙ୍କଳ୍ପ ନେଇଥିଲେ। ଯେଉଁ ନେତା ଦୁର୍ନୀତି ସହ ଜଡ଼ିତ ରହିବେ ସେ ନିଜ ଆଡୁ ଇସ୍ତଫା ଦେଇ ଦେବେ ବୋଲି ଗୁରୁତ୍ୱ ଦେଇଥିଲେ। ସବୁଠାରୁ ବଡ଼ କଥା ହେଲେ ଏହି ଆନ୍ଦୋଳନରେ ଲୋକପାଳ ବିଲ୍‌କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ଆଜି କେଜ୍ରିୱାଲ ଦୁର୍ନୀତିରେ ଜଡ଼ିତ ହୋଇ ଗିରଫ ହେବା ବିଷୟକୁ ଜନତା ସହଜରେ ଗ୍ରହଣ କରିପାରିବେ ନାହିଁ ଓ ଏହାର ପ୍ରତିଫଳନ ନିର୍ବାଚନରେ ଦେଖାଯିବ ବୋଲି ସେମାନେ କହିଛନ୍ତି।

## ସିନେମାରୁ ଅଭିନେତାଙ୍କ ରାଜନୈତିକ ଯାତ୍ରା

# କିଏ ଛାଡ଼ିଲା ତ କିଏ ବଦଳାଇଲେ ଦଳ

ରାଜନୀତି ଏବଂ ସିନେ ଜଗତର ସମ୍ବନ୍ଧ ନୂଆ ନୁହେଁ। ଏହା ବହୁତ ପୁରୁଣା। ଅଭିନେତାରୁ ରାଜନେତା ପାଲଟିଥିବା ସେଲିବ୍ରିଟିଙ୍କ ତାଲିକା ବହୁତ ଲମ୍ବା ରହିଛି। ନିର୍ବାଚନ ପାଣିପାଗରେ ଚଳଚ୍ଚିତ୍ରର ରଙ୍ଗ ଏବଂ ବାସ୍ନା ବହୁତ ଅଧିକ ଦେଖିବାକୁ ମିଳୁଛି। ରାଜନୀତିରେ ଅଭିନେତାଙ୍କ ପ୍ରବେଶର ଧାରା ଏବେ ମଧ୍ୟ ଜାରି ରହିଛି। ତେବେ ଏମାନଙ୍କ ମଧ୍ୟରେ ଅନେକ ଅଭିନେତା ସାମିଲ ଅଛନ୍ତି, ଯେଉଁମାନଙ୍କ ରାଜନୈତିକ କ୍ୟାରିୟର ସଫଳ ହୋଇପାରି ନାହିଁ। ରାଜନୀତି ଦେହସୁଆ ନ ହେବାରୁ ଦୂରେଇ ଯାଇଛନ୍ତି। ଆଉ କିଛି କଳାକାର ଦଳ ବଦଳ କରିଦେଇଛନ୍ତି। ଆଉ କିଛି କଳାକାର ମୁଖ୍ୟମନ୍ତ୍ରୀ ଆସନ ପର୍ଯ୍ୟନ୍ତ ମଧ୍ୟ ପହଞ୍ଚି ଯାଇଛନ୍ତି। ନିମ୍ନରେ ଏପରି ସିନେ ଷ୍ଟାରଙ୍କ ରାଜନୈତିକ ଯାତ୍ରା ବିଷୟରେ ସମକ୍ୟ ସୂଚନା ଦିଆଗଲା।

### ଅମିତାଭ ବଚ୍ଚନ



ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିବାରୁ ସୁପରଷ୍ଟାର ଅମିତାଭ ବଚ୍ଚନ ରାଜନୀତିରେ ପ୍ରବେଶ କରିଥିଲେ। ସେ ୧୯୮୪ରେ ଆହ୍ଲାବାଦ ଲୋକସଭା ଆସନରୁ ଲଢ଼ି ବିଜୟୀ ମଧ୍ୟ ହୋଇଥିଲେ। ସେ ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମବନ୍ତୀ ନନ୍ଦନ ବହୁଗୁଣାଙ୍କୁ ହରାଇ ଥିଲେ। ଏହା ସତ୍ତ୍ୱେ ଅମିତାଭ ମାତ୍ର ତିନି ବର୍ଷ ଭିତରେ ରାଜନୀତିକୁ ବାଏ ବାଏ କହି ଦେଇଥିଲେ। ନିଜ ପଦରୁ ଇସ୍ତଫା ଦେଇ ରାଜନୀତିରୁ ସନ୍ୟାସ ନେଇଥିଲେ। ସେ ରାଜନୀତିକୁ ମଇଳା ବାହାରୁ ଥିବା ପାଇପ୍ କହିଥିଲେ।

### ଧର୍ମେନ୍ଦ୍ର



ସୁପ୍ରସିଦ୍ଧ ଫିଲ୍ମ ଅଭିନେତା ଧର୍ମେନ୍ଦ୍ର ମଧ୍ୟ ପଛରେ ନାହାନ୍ତି। ସେ ୨୦୦୪ରେ ପ୍ରଥମ ଥର ପାଇଁ ବିଜେପି ଟିକଟରୁ ରାଜସ୍ଥାନର ବିକାନେର ଲୋକସଭା ଆସନରୁ ନିର୍ବାଚନ ଲଢ଼ି ଥିଲେ। ସେ ବରିଷ୍ଠ କଂଗ୍ରେସ ନେତା ବଳରାମ ଜାଖରଙ୍କୁ ହରାଇ ଥିଲେ। ତେବେ ସେ ବହୁତ କମ୍ ସମୟ ଲୋକସଭା ଯାଉଥିଲେ। ପରେ ସେ ରାଜନୀତି ଛାଡ଼ି ଦେଇଥିଲେ। ଏହା ପୂର୍ବରୁ ୧୯୯୧ ସଂସଦୀୟ ନିର୍ବାଚନରେ ଧର୍ମେନ୍ଦ୍ର ବଳରାମଙ୍କ ପାଇଁ ପ୍ରଚାର କରିଥିଲେ। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୨୦୧୯ ନିର୍ବାଚନରେ ବଳରାମଙ୍କ ପୁଅ ସୁନୀଲ ଜାଖରଙ୍କୁ ଧର୍ମେନ୍ଦ୍ରଙ୍କ ପୁଅ ସନି ଦେଓଲ ଗୁରଦାସପୁର ଆସନରୁ ପରାସ୍ତ କରିଥିଲେ। ମାତ୍ର ଏବେ ସୁନୀଲ ବିଜେପିର ପ୍ରଦେଶ ଅଧ୍ୟକ୍ଷ ଅଛନ୍ତି।

### ସନି ଦେଓଲ



ଗତ ଲୋକସଭା ନିର୍ବାଚନ (୨୦୧୯)ରେ ଅଭିନେତା ସନି ଦେଓଲ ରାଜନୀତିରେ ପ୍ରବେଶ କରିଥିଲେ। ମାତ୍ର ୫ ବର୍ଷ ଭିତରେ ସେ ରାଜନୀତିରୁ ବିଦାୟ ନେଇଥିଲେ। ରାଜନୀତି ତାଙ୍କ କାମ ନୁହେଁ ବୋଲି କହିଥିଲେ। ସେ ସିନେମାକୁ ଅଧିକ ସମୟ ଦେବା ପାଇଁ ସନ୍ୟାସ ନେଉଥିବା ଉଲ୍ଲେଖ କରିଥିଲେ। ସେ ଗତ ଥର ପଞ୍ଜାବର ଗୁରଦାସପୁର ଆସନରୁ ଲଢ଼ି ଥିଲେ। ଚଳିତ ଥର ମନା କରିବାରୁ ବିଜେପି ସ୍ଥାନୀୟ ନେତା ଦିନେଶ ସିଂହ ବବୁଙ୍କୁ ଏଠାରୁ ଟିକଟ ଦେଇଛି।

### ଗୁଲ ପନାଗ

ଅଭିନେତ୍ରୀ ଗୁରକିରତ କୌର ପନାଗଙ୍କୁ ସମସ୍ତେ ଗୁଲ ପନାଗଙ୍କ ନାମରେ ଜାଣିଛନ୍ତି। ସେ ଲେଫ୍ଟନାଣ୍ଟ ଜେନେରାଲ ଏଚ୍‌ଏଚ୍ ପନାଗଙ୍କ ଝିଅ। ୧୯୭୯ ଜାନୁଆରୀ ୩ରେ ଜନ୍ମଗ୍ରହଣ କରିଥିବା ଗୁଲ ୨୦୧୪ରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଲୋକସଭା ନିର୍ବାଚନ ଲଢ଼ି ଥିଲେ। ମାତ୍ର ବିଜେପି ପ୍ରାର୍ଥୀ ତଥା ଅଭିନେତ୍ରୀ କିରଣ ଖେରଙ୍କଠାରୁ ସେ ପରାସ୍ତ ହୋଇଥିଲେ। ତେବେ ଏହା ଉପରେ ପନାଗ ଆଉ କୌଣସି ନିର୍ବାଚନ ଲଢ଼ି ନ ଥିଲେ।

### ରାଜପାଲ ଯାଦବ

ଅନ୍ୟମାନଙ୍କ ପରି ଅଭିନେତା ରାଜପାଲ ଯାଦବ ମଧ୍ୟ ରାଜନୀତିର ସ୍ୱାଦ ଚାଖିଥିଲେ। କିନ୍ତୁ ତାଙ୍କର ରାଜନୈତିକ କ୍ୟାରିୟର ସଫଳ ହୋଇପାରି ନ ଥିଲା। ୨୦୧୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ସେ ସର୍ବ ସଦ୍‌ଭାବ ପାର୍ଟି ଗଠନ କରିଥିଲେ। ମାତ୍ର ଏହି ଦଳକୁ ସଫଳତା ମିଳି ନ ଥିଲା। ତେଣୁ ପରେ ସେ ରାଜନୀତିରୁ ଦୂରେଇ ଯାଇଥିଲେ।

### ଶେଖର ସୁମନ

ଅଭିନେତା ଶେଖର ସୁମନ ମଧ୍ୟ ରାଜନୀତିରେ ପ୍ରବେଶ କରିଥିଲେ। ମାତ୍ର ଅଧିକ ଦିନ ପର୍ଯ୍ୟନ୍ତ ଏହି ମୈଦାନରେ ରହିପାରି ନ ଥିଲେ। ପରେ ରାଜନୀତି ଛାଡ଼ି ଦେଇଥିଲେ। ସେ ୨୦୦୯ରେ ପାଟନା ସାହିବ ଲୋକସଭା ଆସନରୁ କଂଗ୍ରେସ ଟିକଟରୁ ଅଭିନେତା ଶତ୍ରୁଘ୍ନ ସିହ୍ନାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମାତ୍ର ପରାଜୟ ବରଣ କରିବା ପରେ ରାଜନୀତି ଛାଡ଼ି ଦେଇଥିଲେ।

### ଶତ୍ରୁଘ୍ନ ସିହ୍ନା

ଅଭିନେତା ଶତ୍ରୁଘ୍ନ ସିହ୍ନା ଏ ପର୍ଯ୍ୟନ୍ତ ରାଜନୀତିରେ ତିଷ୍ଠି ରହିଛନ୍ତି। ମାତ୍ର ସେ ଗୋଟିଏ ପରେ ଗୋଟିଏ ଦଳ ବଦଳ କରି ଚାଲିଛନ୍ତି। ସେ ବିଜେପିରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଏହା ପରେ ୨୦୧୯ରେ କଂଗ୍ରେସରେ ସାମିଲ ହୋଇଥିଲେ। ମାତ୍ର ଏହି ଦଳରେ ବି ଦୀର୍ଘ ଦିନ ପର୍ଯ୍ୟନ୍ତ ରହିପାରି ନ ଥିଲେ। ଶତ୍ରୁଘ୍ନ ୨୦୨୨ରେ ଟିଏମ୍‌ସିରେ ସାମିଲ ହୋଇ ସାଂସଦ ନିର୍ବାଚିତ ହୋଇଥିଲେ। ଚଳିତ ଥର ଦଳ ତାଙ୍କୁ ଆସନସୋଲ ଆସନରୁ ପ୍ରାର୍ଥୀ କରିଛି।

### ଗୋବିନ୍ଦା



ସୁପରଷ୍ଟାର ଗୋବିନ୍ଦା ପୁଣିଥରେ ରାଜନୀତିକୁ ଫେରିଛନ୍ତି। ସେ ୨୦୦୪ରେ କଂଗ୍ରେସ ଟିକଟରୁ ଉତ୍ତର ମୁମ୍ବାଇ ଲୋକସଭା ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏହା ପରେ ୧୪ ବର୍ଷ ପର୍ଯ୍ୟନ୍ତ ରାଜନୀତିରୁ ଦୂରେଇ ରହିଥିଲେ। ମାତ୍ର ଏବେ ସେ ଶିବସେନାର ସିନ୍ଦେ ଗୋଷ୍ଠୀରେ ସାମିଲ ହୋଇଛନ୍ତି।

### ମନୋଜ ତିୱାରୀ

ମନୋଜ ତିୱାରୀ ୨୦୦୯ରେ ସମାଜବାଦୀ ପାର୍ଟିରୁ ପ୍ରଥମ ଥର ପାଇଁ ଲୋକସଭା ନିର୍ବାଚନ ଲଢ଼ି ଥିଲେ। ସେ ଗୋରଖପୁର ଆସନରୁ ଯୋଗୀ ଆଦିତ୍ୟନାଥଙ୍କଠାରୁ ପରାସ୍ତ ହୋଇଥିଲେ। ଏହା ପରେ ସେ ୟୁପିରୁ ଦୂରେଇ ଯାଇ ଦିଲ୍ଲୀରେ ରାଜନୀତି ଆରମ୍ଭ କରିଥିଲେ। ସେ ୨୦୧୪ରେ ବିଜେପି ଟିକଟରୁ ପୂର୍ବ ଦିଲ୍ଲୀରୁ ବିଜୟୀ ହୋଇଥିଲେ। ପରେ ୨୦୧୯ରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦିକ୍ଷୀତଙ୍କୁ ହରାଇ ଥିଲେ।

### ଉର୍ମିଳା ମାତୋଣ୍ଡକର



ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକରଙ୍କ ରାଜନୈତିକ କ୍ୟାରିୟର ଅଧିକ ଦିନ ପର୍ଯ୍ୟନ୍ତ ଚାଲିପାରି ନ ଥିଲା। ୨୦୧୯ ଲୋକସଭା ନିର୍ବାଚନ ପରେ ସେ କଂଗ୍ରେସରେ ସାମିଲ ହୋଇଥିଲେ। ଏହା ପରେ ଉତ୍ତର ମୁମ୍ବାଇରୁ ନିର୍ବାଚନ ଲଢ଼ି ପରାଜୟବରଣ କରିଥିଲେ। ଏହାର ମାତ୍ର ୫ ମାସ ପରେ ସେ କଂଗ୍ରେସରୁ ବିଦାୟ ଦେଇଥିଲେ। ଏହା ପରେ ଶିବସେନାରେ ସାମିଲ ହୋଇଥିଲେ। ମାତ୍ର ରାଜନୈତିକ ମହଲରେ ତାଙ୍କର ବହୁତ କମ୍ ଚର୍ଚ୍ଚା ହୋଇଥାଏ।

## ୧୯୫୭ ନିର୍ବାଚନ

# ଶାହାରୁଖ ଖାନ୍‌ଙ୍କ ବାପା ପାଇ ନ ଥିଲେ ଗୋଟିଏ ଭୋଟ୍

*ଗୁରୁଗ୍ରାମ ଲୋକସଭା କ୍ଷେତ୍ରରେ ହୋଇଥିବା କିଛି ନିର୍ବାଚନ ରେକର୍ଡ ସୃଷ୍ଟି କରିଛି। ସର୍ବନିମ୍ନ ଏବଂ ସର୍ବାଧିକ ଭୋଟରେ ଜିତିବାର ରେକର୍ଡ ଏହି ଲୋକସଭା ପ୍ରାର୍ଥୀଙ୍କ ନାମରେ ରହିଛି। ଏହି ଆସନରୁ ଲଢ଼ିଥିବା ଜଣେ ପ୍ରାର୍ଥୀ ଗୋଟିଏ ବି ଭୋଟ୍ ପାଇ ନ ଥିଲେ। ଏହି ପ୍ରାର୍ଥୀ ଅଭିନେତା ଶାହାରୁଖ ଖାନଙ୍କ ବାପା ତାଜ୍ ମହମ୍ମଦ ଥିଲେ। ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। କଂଗ୍ରେସ ସହ ମଧ୍ୟ ଜଡ଼ିତ ଥିଲେ। ସେ ମହାତ୍ମା ଗାନ୍ଧୀ, ଅବଦୁଲ ଗଫୁର ଖାନଙ୍କ ସହ ମିଶି ସ୍ୱାଧନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ପାକିସ୍ତାନ ପେଶାୱରର ବାସିନ୍ଦା ମିର ତାଜ୍ ମହମ୍ମଦ ବିଭାଜନ ବିଭୀଷିକା ପରେ ଦିଲ୍ଲୀରେ ଆସି ରହିଥିଲେ। ସ୍ୱାଧୀନତା ପରେ ଗୁରୁଗ୍ରାମ ଲୋକସଭା ଆସନ ଅସ୍ତିତ୍ୱ ପାଇଥିଲା। ଏଥିରେ ଫରିଦାବାଦ ମଧ୍ୟ ସାମିଲ ଥିଲା। ୧୯୫୨ରୁ ୧୯୭୧ ପର୍ଯ୍ୟନ୍ତ ଗୁରୁଗ୍ରାମ ଆସନ ରହିଥିଲା। ଏହି ସମୟରେ ଉପ-ନିର୍ବାଚନ ସମେତ ୬ ନିର୍ବାଚନ ହୋଇଥିଲା। ଏହା ପରେ ପୁଣି ୨୦୦୯ରେ ଗୁରୁଗ୍ରାମ ଆସନ ହୋଇଥିଲା। ଏହି ଆସନରୁ ୩ଟି ନିର୍ବାଚନ ହୋଇ ସାରିଲାଣି।*



*୧୯୫୨ରେ ଏଠାରେ ପ୍ରଥମ ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସ ପ୍ରାର୍ଥୀ ଠାକୁର ଦାସ ଭାର୍ଗବ ବିଜୟୀ ହୋଇଥିଲେ। ୧୯୫୭ରେ ଏଠାରୁ ନିର୍ବାଚନ ଲଢ଼ିଥିବା ତାଜ୍‌ଙ୍କ ଖାତାରେ କୌଣସି ଭୋଟ ପଡ଼ି ନ ଥିଲା। ସେ କଂଗ୍ରେସ ପ୍ରାର୍ଥୀ ଅବୁଲ କଲାମ ଆଜାଦଙ୍କ ବିରୋଧରେ ଲଢ଼ି ଥିଲେ। ମାତ୍ର ଉଭୟେ ଏକାଠି ହୋଇ ସ୍ୱାଧୀନତା ଆନ୍ଦୋଳନରେ ଇଂରେଜଙ୍କ ବିରୋଧରେ ଲଢ଼ି ଥିଲେ।*

*ତାଜ ମହମ୍ମଦ ସ୍ୱାଧୀନତା ଆନ୍ଦୋଳନରେ କଂଗ୍ରେସକୁ ସମର୍ଥନ ଦେଇଥିଲେ। କିନ୍ତୁ ନିର୍ବାଚନ ମୈଦାନରେ କଂଗ୍ରେସ ବିରୋଧରେ ପ୍ରାର୍ଥୀ ହୋଇଥିଲେ। ଏହି ଆସନରୁ ଲଢ଼ି ଶୋଚନୀୟ ପରାଜୟ ବରଣ କରିଥିଲେ। ଏହି ନିର୍ବାଚନରେ କଲାମଙ୍କୁ ୧, ୯୧, ୨୨୧, ବିଜେଏସ୍ ପ୍ରାର୍ଥୀ ମୁଳଚନ୍ଦଙ୍କୁ ୯୫, ୫୩୩ ଭୋଟ ଏବଂ ସ୍ୱାଧୀନ ପ୍ରାର୍ଥୀ ତାଜ୍ ମହମ୍ମଦଙ୍କୁ ଗୋଟିଏ ବି ଭୋଟ୍ ମିଳି ନ ଥିଲା। ଏହା ଆଜି ପର୍ଯ୍ୟନ୍ତ ଏକ ରେକର୍ଡ ହୋଇ ରହିଛି।*

# ମୁଖ୍ୟମନ୍ତ୍ରୀ ଆସନ ପର୍ଯ୍ୟନ୍ତ ପହଞ୍ଚିଥିବା କଳାକାର

ରାଜନୀତିରେ ଫିଲ୍ମ କଳାକାରଙ୍କ ପ୍ରବେଶର ଧାରା ଦକ୍ଷିଣ ଭାରତରୁ ଆରମ୍ଭ ହୋଇଥିଲା। ଏମ୍‌ଜି ରାମଚନ୍ଦ୍ରନ କ୍ୟାରିୟର ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଆସନ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲେ। ସେ ଏଆଇଡିଏମକେ ଗଠନ କରି ତାମିଲନାଡୁର ମୁଖ୍ୟମନ୍ତ୍ରୀ ହୋଇଥିଲେ। ତାଙ୍କ ପରେ ଜୟଲଳିତା ୬ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ରାଜନୀତିକୁ ଆସିବା ପୂର୍ବରୁ କରୁଣାନିଧି ମଧ୍ୟ ଅଭିନୟ ଜଗତରେ ସକ୍ରିୟ ଥିଲେ। ସେ ୧୯୬୯ରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ସେ ନିର୍ବାଚନରେ କେବେ ବି ପରାଜିତ ହୋଇନାହାନ୍ତି। ସେହିପରି ଏନଟି ରାମାରାଓ ଆନ୍ଧ୍ରପ୍ରଦେଶର ଦଶମ ମୁଖ୍ୟମନ୍ତ୍ରୀ ହୋଇଥିଲେ।



## ମନୁଷ୍ୟ ହାଡ଼ରେ ପ୍ରସ୍ତୁତ ମାରାତ୍ମକ ନିଶା 'କୁଶ୍'

# ଦୋହଲାଇଦେଇଛି ସିଏରା ଲିଓନର ଅସ୍ତିତ୍ୱ

ପଶ୍ଚିମ ଆଫ୍ରିକାର ଏକ ଦେଶ ସିଏରା ଲିଓନ ଦୋହଲି ଯାଇଛି । ମାନବ ହାଡରେ ପ୍ରସ୍ତୁତ କରାଯାଇଥିବା ଏକ ନିଶା ଯୋଗୁଁ ଏହି ଦେଶ ବରବାଦ୍ ହେବା ସ୍ଥିତିରେ ପହଞ୍ଚି ଯାଇଛି । ଏଠାକାର ଯୁବ ପିଢ଼ି ଏହି ନିଶା ପଛରେ ପାଗଳ ହୋଇଯାଇଛନ୍ତି । ସ୍ଥିତି ଏପରି ହୋଇଛି ଯେ ନିଶାଡ଼ି କବରସ୍ଥାନରେ ବୁଲୁଛନ୍ତି । ଏହି ନିଶା ମନୁଷ୍ୟ ହାଡରୁ ପ୍ରସ୍ତୁତ ହୋଇଥିବାରୁ ନିଶାଡ଼ି ନିଶା ନେବା ପାଇଁ କବର ଖୋଳି ହାଡ଼ ବାହାର କରୁଛନ୍ତି । କବର ଖୋଳିବାର ଘଟଣା ଅନେକ ଗୁଣ ବୃଦ୍ଧି ପାଇଛି । ଏହାକୁ ନେଇ ସରକାରଙ୍କ ଚିନ୍ତା ବୃଦ୍ଧି ପାଇଛି । ସରକାର ସ୍ଥିତିକୁ ଭୟାବହ କହିଛନ୍ତି ଏବଂ ଦେଶରେ ଜରୁରୀକାଳୀନ ସ୍ଥିତି ଘୋଷଣା କରିଛନ୍ତି । ଏହା ସହିତ ନିଶାଡିଙ୍କଠାରୁ କବରକୁ ବଞ୍ଚାଇବା ପାଇଁ କଡ଼ା ବ୍ୟବସ୍ଥା କରିଛନ୍ତି । କବରସ୍ଥାନର ସୁରକ୍ଷା ବଢ଼ାଇ ଦିଆଯାଇଛି ।

ରିପୋର୍ଟ ଅନୁଯାୟୀ ସରକାରଙ୍କ ଚିନ୍ତା ବଢ଼ାଇଥିବା ଏହି ଡ୍ରଗ୍ସକୁ 'କୁଶ' କୁହାଯାଉଛି । ମନୁଷ୍ୟ ହାଡ଼ ସହିତ ବିଭିନ୍ନ ପ୍ରକାର ବିଷାକ୍ତ ସାମଗ୍ରୀ ମିଶାଇ ଏହାକୁ ପ୍ରସ୍ତୁତ କରାଯାଉଛି । ହାଡ଼କୁ ଗୁଣ୍ଡ କରି ଏଥିରେ ଭର୍ତ୍ତି କରାଯାଉଛି । ତେଣୁ ମନୁଷ୍ୟ ହାଡ଼ ଖୋଜିବା ପାଇଁ ନିଶାଡ଼ି କବରସ୍ଥାନକୁ ଯାଉଛନ୍ତି । ଏହାକୁ ଦେଖି ସିଏରା ଲିଓନର ରାଜଧାନୀ ଫ୍ରିଟାଉନର ପୁଲିସ ଅଧିକାରୀ କବର ଖୋଳା ବନ୍ଦ କରିବା ପାଇଁ କବରସ୍ଥାନର ସୁରକ୍ଷାକୁ କଡ଼ାକଡ଼ି କରିଦେଇଛନ୍ତି ।

- ଜରୁରୀ ସ୍ଥିତି ଘୋଷଣା କଲେ ସରକାର
- କବରସ୍ଥାନରେ ବୁଲୁଛନ୍ତି ନିଶାଡ଼ି
- କବର ଖୋଳି ବାହାର କରୁଛନ୍ତି ହାଡ଼
- ସେନା ଜଗୁଛି କବରସ୍ଥାନ
- ନିଶା ଯୋଗୁଁ ମୃତ୍ୟୁହାର ବୃଦ୍ଧି





### ୬ ବର୍ଷ ହେଲା ଦ୍ରୁତଗତିରେ ବୃଦ୍ଧି ପାଇଛି ନିଶା ସେବନ

ଏହି ନିଶା ସାମଗ୍ରୀ ଦୀର୍ଘ ବର୍ଷ ହେଲା ଦେଶରେ ବ୍ୟବହାର କରାଯାଉ ନାହିଁ । ଗତ ୬ ବର୍ଷ ତଳେ ପ୍ରଥମ ଥର ପାଇଁ ଏହାର ବ୍ୟବହାର ବିଷୟରେ ଜଣା ପଡ଼ିଥିଲା । ଏହା ପରେ ବ୍ୟବହାର ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଥିଲା । ରିପୋର୍ଟ ଅନୁଯାୟୀ ଏହି ନିଶା ଖୁବଶୀଘ୍ର ମନୁଷ୍ୟକୁ ନିଶାସକ୍ତ କରି ନିୟନ୍ତ୍ରଣକୁ ନେଇଥାଏ । ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ରହିଥାଏ । ମାତ୍ର ୬ ବର୍ଷ ମଧ୍ୟରେ ଏହି ନିଶା ଏକ ବିରାଟ ସମସ୍ୟା ବନି ଯାଇଛି । ବହୁତ ଅଧିକ ଦାମ୍‌ରେ ଏହାକୁ ବିକ୍ରି କରାଯାଉଛି । ଏହାର ଚାହିଦା ବୃଦ୍ଧି ପାଇଥିବାରୁ ନିଶା ବ୍ୟବସାୟୀ ଯୋଗାଣ କରିପାରୁନାହାନ୍ତି । ତେଣୁ ହଜାର ହଜାର କବର ଖୋଳି ସେଥିରୁ ହାଡ଼ ବାହାର କରି ନେଉଛନ୍ତି । ନିଶା ବ୍ୟବହାର ବୃଦ୍ଧିକୁ ନେଇ ରାଷ୍ଟ୍ରପତି ଜୁଲିୟସ ମାଡ଼ା ବାୟୋ ଅକଳରେ ପଡ଼ିଛନ୍ତି । କୁଶର ବିନାଶକାରୀ ପ୍ରଭାବ ଯୋଗୁଁ ଦେଶ ପ୍ରତି ଅସ୍ତିତ୍ୱର ସଙ୍କଟ ସୃଷ୍ଟି ହୋଇଛି ବୋଲି କହିଛନ୍ତି । ଏହି ନିଶା ଯୋଗୁଁ ମୃତ୍ୟୁହାର ବୃଦ୍ଧି ପାଇଛି । ମିଳିମିଶି ଏହାର ମୁକାବିଲା କରିବା ପାଇଁ ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଏହାର ମୁକାବିଲା ପାଇଁ ସେ ଟାସ୍କ ଫୋର୍ସ ଗଠନ କରିଛନ୍ତି । ଏହା ଅଧିନରେ ଜିଲ୍ଲାଗୁଡ଼ିକରେ ନିଶା ନିବାରଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଠାରେ ନିଶାଡିଙ୍କୁ ରଖି ଉପଚାର କରାଯିବ । ସ୍ୱତନ୍ତ୍ର ଅଭିଯାନ ଚଲାଇ ଏହି ନିଶା ର୍‍ୟାକେଟକୁ ଭାଙ୍ଗିବା ପାଇଁ ରାଷ୍ଟ୍ରପତି ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

## ପାକିସ୍ତାନରେ ଭାରତ ବିରୋଧୀ ଆତଙ୍କୀଙ୍କୁ ନିପାତ ନେଇ 'ଦି ଗାର୍ଡିଆନ' ରିପୋର୍ଟ

# ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଲେ ଆମେରିକା, ସାଉଦି



ବିଗତ ଏକ ବର୍ଷରୁ ଅଧିକ ସମୟ ଧରି ପାକିସ୍ତାନରେ ଆତ୍ମଗୋପନ କରିଥିବା ଭାରତ ବିରୋଧୀ ଆତଙ୍କବାଦୀମାନଙ୍କୁ ନିପାତ କରାଯିବା ଘଟଣାକୁ ନେଇ ପାକିସ୍ତାନ ଚିନ୍ତିତ ହୋଇପଡ଼ିଛି । ଏଠାକାର ବହୁ ଆତଙ୍କବାଦୀ ସଂଗଠନର ସଦସ୍ୟ ଯେଉଁମାନେ କାଶ୍ମୀରରେ ହିଂସା ,ଅରାଜକତା ଚଳାଇ ଆସୁଥିଲେ ପାକିସ୍ତାନ ସେମାନଙ୍କୁ ମୁଜାହିଦ୍ଦିନ( ଦେଶ ପାଇଁ ସଂଗ୍ରାମ) ର ଆଖ୍ୟା ଦେବା ସହ ନିଜ ମାଟିରେ ଅତ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ଭିତରେ ରଖିଆସୁଥିଲା । କିନ୍ତୁ ସବୁ ସୁରକ୍ଷା ବଳୟ ଭେଦ କରି ଜଣକ ପରେ ପରେ ଜଣଙ୍କୁ ହତ୍ୟା କରାଯାଇ ଚାଲିଥିବାରୁ ପାକିସ୍ତାନ ସରକାର ଏବଂ ବିଶେଷକରି ସେନା ଓ ଆଇଏସଆଇର ନିଦ ହଜିଯାଇଛି । ଏଭଳି ଘଟଣା ପଛରେ ଭାରତର ଦୃଢ ହାତ ରହିଛି ଏବଂ ଭାରତୀୟ ଗୁଇନ୍ଦା ସଂସ୍ଥା 'ର' ଏହାକୁ ରୂପ ଦେଉଛି ବୋଲି ପାକିସ୍ତାନ ବାରମ୍ବାର କହି ଆସୁଥିଲେ ହେଁ ଭାରତ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଥିଲା । କିନ୍ତୁ ଏହି ପ୍ରକ୍ରିୟା ବନ୍ଦ ନ ହେବାରୁ ପାକିସ୍ତାନ ଏହାକୁ ଆନ୍ତର୍ଜାତିକ ମଞ୍ଚରେ ଉଠାଇବାକୁ ଉଦ୍ୟମ କରିଥିଲା । ଯାହାର ଫଳାଫଳ ହେଉଛି ନିକଟରେ ପ୍ରକାଶ ପାଇଥିବା ବ୍ରିଟିଶ ସମ୍ବାଦ ସଂସ୍ଥା ' ଦି ଗାର୍ଡିଆନ' ରିପୋର୍ଟ । ଏହି ସଂସ୍ଥା ମାଧ୍ୟମରେ ପାକିସ୍ତାନ ନିଜର କିଛି ମନଗଢ଼ା ଖବର ଆନ୍ତର୍ଜାତିକ ମହଲରେ ପ୍ରକାଶ୍ୟକୁ ଆଣି ରାଜନୀତି କରିବ ବୋଲି ମସୁଧା କରିଥିଲା । ବିଶେଷକରି ବ୍ରିଟେନ,ଆମେରିକା ଏବଂ ଅନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରମାନଙ୍କ ଧ୍ୟାନ ଆକର୍ଷ କରି ଭାରତ ଉପରେ ଚାପ ପକାଇବାକୁ ଉଦ୍ୟମ କରିଥିଲା । କେବଳ ପାଶ୍ଚାତ୍ୟ ରାଷ୍ଟ୍ର ନୁହନ୍ତି, ମୁସଲମାନ ରାଷ୍ଟ୍ରମାନଙ୍କ ମୁରବୀ ବୋଲାଯାଉଥିବା ସାଉଦି ଆରବ ଏବଂ ୟୁଏଇ ନିକଟରେ ମଧ୍ୟ ପାକିସ୍ତାନ ଏହି ପ୍ରସଙ୍ଗକୁ ନେଇ ଗୁହାରି କରିଥିଲା । କେବଳ ଆତଙ୍କବାଦୀଙ୍କୁ ହତ୍ୟା ପ୍ରସଙ୍ଗ ନୁହେଁ, ଏହିକ୍ରମରେ ଶିଥିଳ ପଡ଼ିଯାଇଥିବା କାଶ୍ମୀର ପ୍ରସଙ୍ଗକୁ ଯୋଡି ପାକିସ୍ତାନ ଏହାକୁ ଆନ୍ତର୍ଜାତିକ ମହଲରେ ପୁଣି ବିବାଦ ସୃଷ୍ଟି କରିବାକୁ ଯୋଜନା କରିଥିଲା । ହେଲେ ପାକିସ୍ତାନର ଏହିସବୁ ଉଦ୍ୟମ ଫେଲ ମାରିଛି । ପ୍ରଥମତଃ ଗାର୍ଡିଆନ ରିପୋର୍ଟକୁ ନେଇ ପାକିସ୍ତାନ ଆମେରିକାରେ ପହଞ୍ଚିଥିଲା ବେଳେ ଏଥିରେ ମୁଣ୍ଡ ନ ପୁରାଇବାକୁ ଆମେରିକା ରୋକ୍‌ଠୋକ୍ ମନା କରିଦେଇଛି । ଆମେରିକା କୌଣସି ଗଣମାଧ୍ୟମ ଖବରକୁ ନେଇ ଅନ୍ୟ ରାଷ୍ଟ୍ର ଉପରେ ଚାପ ପକାଇ ପାରିବ ନାହିଁ ବୋଲି ଆମେରିକାର ବୈଦେଶିକ ବ୍ୟାପାର ବିଭାଗ ପ୍ରବକ୍ତା ମାଥ୍ୟୁ ମୁଲର ସ୍ପଷ୍ଟ କରିବା ସହିତ କାଶ୍ମୀର ବିବାଦ ଏକ ଦ୍ୱିପାକ୍ଷିକ ବ୍ୟାପାର ହୋଇଥିବାରୁ ଏହାର ସମାଧାନ ପାଇଁ ଭାରତ ସହ ଆଲୋଚନା କରୁ ବୋଲି ମାଥ୍ୟୁ କହିଥିଲେ । ଆମେରିକାରୁ ନିରାଶ ହେବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ ସାଉଦି ଆରବ ଗସ୍ତ କରି ସେଠାକାର ଯୁବରାଜ ଏମବିଏସଙ୍କୁ ଭେଟି ଗୁହାରି କରିଥିଲେ ହେଁ ସେଠାରେ ମଧ୍ୟ ପାକିସ୍ତାନକୁ ନିରାଶ ହେବାକୁ ପଡ଼ିଛି । ଯୁବରାଜ ତଥା ପ୍ରଧାନମନ୍ତ୍ରୀ ମହମ୍ମଦ ବିନ ସଲମାନ ଏହି ପ୍ରସଙ୍ଗକୁ ଏତେ ଗୁରୁତ୍ୱ ନ ଦେବା ସହିତ କାଶ୍ମୀର ପ୍ରସଙ୍ଗରେ ଉଭୟ ରାଷ୍ଟ୍ର ଆଲୋଚନା କରି ଆପୋଷ ସମାଧାନ ଆଣିବା ଦରକାର ବୋଲି ଏମବିଏସ୍ କହିଛନ୍ତି । ସେପଟେ ୟୁଏଇ କଥା ନ କହିବା ଭଲ । କାଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର ପ୍ରସଙ୍ଗରେ ସେତେବେଳେ ପାକିସ୍ତାନ ଦୃଢ ସ୍ୱର ଉତ୍ତୋଳନ କରି ୟୁଏଇର ଦ୍ୱାରସ୍ଥ ହୋଇଥିଲା ବେଳେ ୟୁଏଇ ରାଷ୍ଟ୍ରପତି ଏହାକୁ ସେଭଳି ଗୁରୁତ୍ୱ ଦେଇ ନଥିଲେ । ଓଲଟା ୟୁଏଇ ଭାରତ ସହ ମିଳିତ ପ୍ରକଳ୍ପରେ ଜମ୍ମୁ କାଶ୍ମୀରରେ ପର୍ଯ୍ୟାପ୍ତ ପୁଞ୍ଜି ନିବେଶ କରିବାକୁ ପଛାଇ ନଥିଲା । ୟୁଏଇ ବର୍ତ୍ତମାନ ମଧ୍ୟ ନିଜ ରଣନୀତିକୁ ନେଇ ଅତୁଟ ରହିଛି ଏବଂ ପାକିସ୍ତାନକୁ ଭାରତ ସହ ଆଲୋଚନା କରିବାକୁ ରାଷ୍ଟ୍ରପତି ମହମ୍ମଦ ବିନ ଜାଏଦ୍ ଅଲ ନହ୍ୟାନ କହିଛନ୍ତି । ଫଳରେ ପାକିସ୍ତାନକୁ ଶକ୍ତ ଝଟ୍‌କା ଲାଗିଛି ।

## ନିଆରା ଗ୍ରହ ଡବ୍ଲ୍ୟୁଏଏସ୍‌ପି-୭୬ବି

# ହେଉଛି ଲୁହା ବର୍ଷା



ସୌର ମଣ୍ଡଳ ବାହାରେ ଡବ୍ଲ୍ୟୁଏଏସ୍‌ପି-୭୬ବି ନାମକ ଏକ ଗ୍ରହ (ଏକ୍ସପ୍ଲାନେଟ) ରହିଛି । ଏଠାରେ ଖାଲି ଲୁହା ବର୍ଷା ହେଉଛି । ପୃଥିବୀ ଭଳି ସେଠାରେ ମଧ୍ୟ ଇନ୍ଦ୍ରଧନୁ ଦେଖାଯାଉଛି । ଏହାକୁ ଗ୍ଲୋରି କୁହାଯାଉଛି । ସୂଚନାଯୋଗ୍ୟ ଯେ ଆମ ସୌରମଣ୍ଡଳ ବାହାରେ ଥିବା ଗ୍ରହକୁ ଏକ୍ସୋପ୍ଲାନେଟ କୁହାଯାଇଥାଏ । ଏ ପର୍ଯ୍ୟନ୍ତ କୌଣସି ଗ୍ରହରେ ଏଭଳି ଘଟଣା ଘଟୁଥିବା ଜଣା ପଡ଼ି ନ ଥିଲା । ତେଣୁ ଡବ୍ଲ୍ୟୁଏଏସ୍‌ପି-୭୬ବି ଏକ ଗୋଲାକାର ଗ୍ରହ ହୋଇଥିବା ଅନୁମାନ କରାଯାଉଛି । ପୃଥିବୀ ଭଳି ସମାନ କଣିକାରେ ପ୍ରସ୍ତୁତ ବାଦଲ ମଧ୍ୟ ରହିଛି । ଡବ୍ଲ୍ୟୁଏଏସ୍‌ପି-୭୬ବି ଏକ ଗ୍ୟାସ୍ ଗୋଳା ଭଳି । ଏହା ପୃଥିବୀଠାରୁ ୬୩୭ ଆଲୋକ ବର୍ଷ ଦୂରରେ ରହିଛି । ୨୦୧୩ରେ ଏହି ଗ୍ରହର ସନ୍ଧାନ କରାଯାଇଥିଲା । ଏହା ନିଜର ପ୍ୟାରେଣ୍ଟ ୟେଲୋ ଷ୍ଟାରଠାରୁ ୪.୮ କୋଟି କିମି ଦୂରରେ ରହିଛି । ଡବ୍ଲ୍ୟୁଏଏସ୍‌ପି-୭୬ବି ନିଜର ମୂଳ ଗ୍ରହ ନିକଟରେ ରହିଛି । ଏଥିପାଇଁ ଗୋଟିଏ ପଟେ ଦିନ ରହୁଥିବାବେଳେ ଅନ୍ୟପଟେ ଲୁହା ବର୍ଷା ହେଉଛି । ଦିନରେ ତାପମାତ୍ରା ୨, ୪୦୦ ଡିଗ୍ରୀରୁ ଅଧିକ ରହୁଛି । ଏହା ଧାତୁଗୁଡ଼ିକୁ ବାଷ୍ପ କରିଦେଉଛି । ଏତେ ତାପମାତ୍ରା ଯୋଗୁଁ ଲୁହାଗୁଡ଼ିକ ବାଷ୍ପରେ ପରିଣତ ହୋଇଯାଉଛି । ଏହା ପରେ ପବନ ବାଷ୍ପକୁ ଗ୍ରହର ଅନ୍ୟ ପାର୍ଶ୍ୱକୁ ନେଇଯାଉଛି । ତେଣୁ ଏହି ପାର୍ଶ୍ୱ ରାତିରେ ଥଣ୍ଡା ରହୁଛି । ଏହା ଦ୍ୱାରା ଆଇରନ ବାଦଲ ସୃଷ୍ଟି ହୋଇ ଲୁହାର ବର୍ଷା ହେଉଛି । ଆମେରିକା ମହାକାଶ ଏଜେନ୍ସି ନାସା ଏବଂ ୟୁରୋପିଆନ ସ୍ପେସ ଏଜେନ୍ସି ଚେଓପ୍ସ ମିଶନରୁ ଏହି ସୂଚନା ସାମ୍ନାକୁ ଆସିଛି । ଏହାକୁ ଡିସେମ୍ବର ୨୦୧୯ ରେ ଉତ୍କ୍ଷେପଣ କରାଯାଇଥିଲା । ଚେଓପ୍ସ ତିନି ବର୍ଷରେ ପ୍ରାୟ ୨୪ ଥର ଡବ୍ଲ୍ୟୁଏଏସ୍‌ପି-୭୬ବି ପର୍ଯ୍ୟବେକ୍ଷଣ କରିଥିଲା ।

## ଭାଇରାଲ ହେପାଟାଇଟିସ୍ କ'ଣ



ଖାଦ୍ୟ କିମ୍ବା କିଛି ଔଷଧ କାରଣରୁ ହେପାଟାଇଟିସ ହୋଇପାରେ । ତେବେ ସାଧାରଣତଃ ଭୂତାଣୁ ଯୋଗୁଁ ଏହି ରୋଗ ହୋଇଥାଏ । ହେପାଟାଇଟିସରେ ସଂକ୍ରମିତ ଅନେକ ଲୋକଙ୍କଠାରେ ଏହାର ଲକ୍ଷଣ ଦେଖାଯାଇ ନ ଥାଏ । ଏଥିଯୋଗୁଁ ଏହି ରୋଗକୁ ଚିହ୍ନଟ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ । କିନ୍ତୁ ଲକ୍ଷଣ ଦେଖା ଦେଉଥିବା ରୋଗୀଙ୍କଠାରେ ଜ୍ୱର, ଥକାପଣ, ଭୋଗ ନ ଲାଗିବା, ବାନ୍ତି, ପେଟ ଦରଜ, ଗାଢ଼ ରଙ୍ଗର ପରିସ୍ରା, ବୃକକରେ ଦରଜ ଏବଂ ଜଣ୍ଡିସ ଆଦି ହୋଇଥାଏ ।

ଆମେରିକାର ସେଣ୍ଟର ଫର୍ ଡିଜିଜ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ (ସିଡିସି) ଅନୁଯାୟୀ ଯକୃତରେ ପ୍ରଦାହକୁ ହେପାଟାଇଟିସ କୁହାଯାଇଥାଏ । ଯକୃତରେ ପ୍ରଦାହ କିମ୍ବା କ୍ଷତି ହେଲେ ଏହାର କାର୍ଯ୍ୟ ପ୍ରଭାବିତ ହୋଇପାରେ । ମଦ, ବିଷାକ୍ତ



## ଭାଇରାଲ ହେପାଟାଇଟିସ୍‌କୁ ନେଇ 'ହୁ'ର ଚେତାବନୀ

# ଦିନକୁ ଯାଉଛି ୩, ୫୦୦ ଜଣଙ୍କ ଜୀବନ

### ବର୍ଷକୁ ପ୍ରାଣ ହରାଉଛନ୍ତି ୧୩ ଲକ୍ଷ ଲୋକ • ଭାରତ ପାଇଁ ରହିଛି ବିପଦ

ଭାଇରାଲ ହେପାଟାଇଟିସ୍ ରୋଗ ଦିନକୁ ଦିନ ଘାତକ ହେବାରେ ଲାଗିଛି । ଏହି ରୋଗୀସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତଦନୁସାରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ଏବେ ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଚେତାବନୀ ଜାରି କରିଛି । ଏହି ସଂକ୍ରାମକ ରୋଗ ବିଶ୍ୱରେ ଦିନକୁ ୩, ୫୦୦ ଲୋକଙ୍କ ଜୀବନ ନେଉଛି । ବର୍ଷକୁ ପ୍ରାୟ ୧୩ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି । 'ଡବ୍ଲ୍ୟୁଏଚ୍‌ଓ ୨୦୨୪ ଗ୍ଲୋବାଲ ହେପାଟାଇଟିସ ରିପୋର୍ଟ'ରେ କୁହାଯାଇଛି ଯେ ୨୦୧୯ ରେ ଏହି ରୋଗରେ ୧୧ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା । ଏହି ସଂଖ୍ୟା ୨୦୨୨ରେ ୧୩ ଲକ୍ଷରେ ପହଞ୍ଚି ଯାଇଛି । ୧୮୭ ଦେଶକୁ ନେଇ ହୋଇଥିବା ସର୍ଭେରୁ ଏହି ସୂଚନା ମିଳିଛି । ରିପୋର୍ଟ ଅନୁଯାୟୀ ୮୩ ପ୍ରତିଶତଙ୍କ ମୃତ୍ୟୁ 'ହେପାଟାଇଟିସ୍ ବି' ଏବଂ ୧୭ ପ୍ରତିଶତ 'ହେପାଟାଇଟିସ ସି' ଯୋଗୁଁ ହୋଇଛି ।

ବିଶ୍ୱ ହେପାଟାଇଟିସ ଶିଖର ସମ୍ମିଳନୀରେ ଜାରି ରିପୋର୍ଟରେ କୁହାଯାଇଛି ଯେ ହେପାଟାଇଟିସ ବି ଏବଂ ସି ସଂକ୍ରମଣ ଯୋଗୁଁ ବିଶ୍ୱରେ ଦିନକୁ ୩,୫୦୦ ଲୋକଙ୍କ ମୃତ୍ୟୁ ହେଉଛି । ଏହି ସଂକ୍ରମଣର ଦୁଇ ତୃତୀୟାଂଶ ମାମଲା ବାଂଲାଦେଶ, ଚୀନ୍, ଇଥିଓପିଆ, ଭାରତ, ଇଣ୍ଡୋନେସିଆ, ନାଇଜେରିଆ, ପାକିସ୍ତାନ, ଫିଲିପିନ୍ସ, ରୁଷ୍ ଏବଂ ଭିଏତନାମରୁ ଆସୁଛି ।

#### ଚିନ୍ତା ପ୍ରକଟ କଲା 'ହୁ' ମୁଖ୍ୟ

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ କୁହାଯାଇଛି ଯେ ୨୦୨୫ ସୁଦ୍ଧା ଉପରୋକ୍ତ ୧୦ ଦେଶରୁ ସଂକ୍ରମଣକୁ ନିୟନ୍ତ୍ରଣ, ନିଦାନ ଏବଂ ଉପଚାର ଲାଗି ସାର୍ବଜନୀନ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ପଡିବ । ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ମୁକାବିଲା ବ୍ୟବସ୍ଥାକୁ ସାକାର ଭାବେ କାର୍ଯ୍ୟକାରୀ କରିବାକୁ ହେବ । 'ହୁ'ର ମହାନିର୍ଦ୍ଦେଶ ଡ.ଟେଡ୍ରୋସ ଅଧନୋମ ଘେବ୍ରିୟସସ ମଧ୍ୟ ହେପାଟଇଟିସ ମାମଲା ବୃଦ୍ଧିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏହାର ମୁକାବିଲା କରିବାକୁ ନେଇ ସେ ଦେଶମାନଙ୍କୁ ଆଶ୍ୱାସନା ଦେଇଛନ୍ତି । ଏଥିପାଇଁ 'ହୁ' ପ୍ରତିବଦ୍ଧ ବୋଲି କହିଛନ୍ତି ।






## ୧୦ ମାସ ହେଲା ବଢୁଛି ପୃଥିବୀର ତାପମାତ୍ରା

# ମାର୍ଚ୍ଚ ସବୁଠାରୁ ଉତ୍ତପ୍ତ

ପୃଥିବୀକୁ ଜଳବାୟୁ ପରିବର୍ତ୍ତନର କଳା ବାଦଲ ଘେରି ରହିଛି । ତେଣୁ ପାଣିପାଗରେ ଦ୍ରୁତ ପରିବର୍ତ୍ତନ ହେଉଛି । କେଉଁଠି ଅଦିନିଆ ବର୍ଷା ତ ଆଉ କେଉଁଠି ବନ୍ୟା ସହିତ ଅସହ୍ୟ ଖରା ହେଉଛି । ଏହାକୁ ନେଇ ବୈଜ୍ଞାନିକ ଚିନ୍ତିତ ଅଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ତାପମାତ୍ରା ହ୍ରାସ ନ ପାଇଲେ ସ୍ଥିତି କ'ଣ ହେବ ତାହା କହିବା କଠିନ ହୋଇଯିବ । ବୈଜ୍ଞାନିକଙ୍କ ଏହି ଚେତାବନୀ ମଧ୍ୟରେ ଏକ ନୂଆ ରିପୋର୍ଟ ଆସିଛି । ଗତ ମାର୍ଚ୍ଚ ମାସ ଏ ପର୍ଯ୍ୟନ୍ତ ବିଶ୍ୱର ସବୁଠୁ ଉତ୍ତପ୍ତ ମାସ ହୋଇଛି । ତେବେ ଏହା କେବଳ ମାର୍ଚ୍ଚରେ ସୀମିତ ହୋଇ ରହିନାହିଁ । ଗତ ୧୦ ମାସ ହେଲା ପୃଥିବୀର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅର୍ଥାତ୍ ପ୍ରତି ମାସ ତାର ପୂର୍ବ ମାସ ଅପେକ୍ଷା ଅଧିକ ଉତ୍ତପ୍ତ ରହୁଛି । ଏହି ପରିବର୍ତ୍ତନ ବୈଜ୍ଞାନିକ ଏବଂ ପରିବେଶବିତ୍‌ଙ୍କ ଚିନ୍ତା ବଢ଼ାଇ ଦେଇଛି । ଦ୍ରୁତଗତିରେ ଜଳବାୟୁ ପରିବର୍ତ୍ତନ ହେଉଥିବାରୁ ବିଶ୍ୱ ଏକ ନୂତନ ଯୁଗରେ ପ୍ରବେଶ କରିଛି ବୋଲି କୁହାଯାଉଛି ।

ଗତ କିଛି ମାସ ହେଲା ଉତ୍ତାପ ବୃଦ୍ଧି ପାଇଁ ଏଲ୍‌ନିନୋକୁ ଦାୟୀ କରାଯାଉଥିଲା । ଏହା ସମାପ୍ତ ହେବା ପରେ ତାପମାତ୍ରା ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଥିଲା । କିନ୍ତୁ ଏପରି ହେବ ନାହିଁ ବୋଲି କିଛି ବୈଜ୍ଞାନିକ ମତ ଦେଇଛନ୍ତି । ଜଳବାୟୁ ପରିବର୍ତ୍ତନ ଉପରେ ନଜର ରଖୁଥିବା ୟୁରୋପୀୟ ଏଜେନ୍ସି କୋପରନିକସ କ୍ଲାଇମେଟ ଚେଞ୍ଜ ସର୍ଭିସ ଅନୁଯାୟୀ ପୂର୍ବ ବର୍ଷଗୁଡିକର ମାର୍ଚ୍ଚ ତୁଳନାରେ ଚଳିତ ବର୍ଷର ତାପମାତ୍ରା ୧.୬୮ ଡିଗ୍ରୀ ଅଧିକ ଥିଲା ।

# ହଟି, ସ୍ୱିଟି, ଶାସ୍ତ୍ରୀ ସିକ୍ସଟି



ମୁମ୍ବଇ, ୧୦।୪(ଏଜେନ୍ସି)

ସମ୍ବାଦର ଶିରୋନାମାରେ ରହିବାକୁ ସେଲିବ୍ରିଟିମାନେ ସର୍ବଦା ଚାହିଁଥାନ୍ତି। ଏହା ମଧ୍ୟରେ ପୂର୍ବତନ କ୍ରିକେଟ ଖେଳାଳି, କୋଚ୍ ଓ ବର୍ତ୍ତମାନ ଧାରାବିବରଣୀ ପ୍ରଦାନ କରୁଥିବା ରବି ଶାସ୍ତ୍ରୀ ବା ବାଦ୍ ଯାଆନ୍ତେ କିପରି। ନିକଟରେ ସେ କୌଣସି ବିବାଦ କିମ୍ବା ମନ୍ତବ୍ୟ ଲାଗି ନୁହେଁ ବରଂ ସାମାଜିକ ଗଣମାଧ୍ୟମରେ କରିଥିବା ଫଟୋ ପୋଷ୍ଟ ଓ ଏହା ଉପରେ ଲେଖିଥିବା କ୍ୟାପ୍ସନ ଲାଗି ଚର୍ଚ୍ଚାକୁ ଆସିଛନ୍ତି। ସେ କରିଥିବା ଫଟୋ ପୋଷ୍ଟରେ କ୍ୟାପ୍ସନ ଦେଇଛନ୍ତି, ହଟି, ସ୍ୱିଟି, ଆଇ ଆମ ସିକ୍ସଟି। ବାସ୍ ଏହି କେତୋଟି ଶବ୍ଦ ସାମାଜିକ ଗଣମାଧ୍ୟରେ ଚର୍ଚ୍ଚାର ଖୋରାକ ଯୋଗାଇଦେଇଛି। ସବୁଆଡେ ଭାଇରାଲ ହୋଇଛି ଏହି ଫଟୋ ଓ ଅନେକ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି। ଜଣେ ପ୍ରଶଂସକଙ୍କ ମତରେ ଶାସ୍ତ୍ରୀ ଜୀ ଏଭଳି ପୋଷ୍ଟ କରିପାରିବେ ନାହିଁ, ଆଉ ଜଣଙ୍କ ମତରେ ଶାସ୍ତ୍ରୀ ଜୀ'ଙ୍କ ଆକାଉଣ୍ଟ ବୋଧେ ହ୍ୟାକ୍ ହୋଇଯାଇଛି।

ଏହା ମଧ୍ୟରେ ଶାସ୍ତ୍ରୀଙ୍କ ଏପରି ଅବତାର ସମ୍ପର୍କରେ ସୂଚନା ମିଳିଛି। ସେ ଓ ଅନ୍ୟତମ ପୂର୍ବତନ କ୍ରିକେଟର ଏକ ବିଜ୍ଞାପନ ଲାଗି କରିଥିବା ଫଟୋ ସୁଟ୍‌ଆଉଟ୍‌ର ଏହା ହେଉଛି ପରିପ୍ରକାଶ। ଏକ ଘରୋଇ ସଂସ୍ଥାର ପ୍ରଚାର ଲାଗି ଶାସ୍ତ୍ରୀ ଓ ସେହ୍ୱାଗ ଏପରି ଫଟୋ ସୁଟ କରିଛନ୍ତି। ବାସ୍ ଏହା ସାମାଜିକ ଗଣମାଧ୍ୟରେ ଚର୍ଚ୍ଚାର ଖୋରାକ ଯୋଗାଇଛି।

## ତୃତୀୟ ହକି ଟେଷ୍ଟରେ ହାରିଲା ଭାରତ

# ଅଷ୍ଟ୍ରେଲିଆର ଆଗୁଆ ସିରିଜ୍ ବିଜୟ

ପର୍ଥ,୧୦।୪(ଏଜେନ୍ସି)

ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ହରମନପ୍ରୀତ ସିଂହଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ଟେଷ୍ଟ ସିରିଜରେ ପରାସ୍ତ ହୋଇଛି। ହ୍ୟାଟ୍ରିକ ପରାଜୟ ସହ ଭାରତ ସିରିଜ୍ ବଞ୍ଚାଇବାକୁ ବିଫଳ ହୋଇଛି। ବୁଧବାର ସ୍ଥାନୀୟ ପର୍ଥ ହକି ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭଲ ଲଢେଇ କରିଥିଲେ ମଧ୍ୟ ୧-୨ ଗୋଲରେ ପରାସ୍ତ ହୋଇଛି। ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌କୁ ୧-୫ ଓ ଦ୍ୱିତୀୟ ମ୍ୟାଚ୍‌କୁ ୨-୪ ଗୋଲରେ ହାତଛଡ଼ା କରିଥିଲା। ଏଥିସହ ୩-୦ରେ ଅଗ୍ରଣୀ ହାସଲ କରି ଘରୋଇ ଅଷ୍ଟ୍ରେଲିଆ ଦଳ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜକୁ ଆଗୁଆ ହାତେଇ ନେଇଛି। ଅଭିଜ୍ଞ ଗୋଲ କିପର ପିଆର ଶ୍ରୀଜେସ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ଦଳକୁ ପରାଜୟରୁ ରକ୍ଷା କରିପାରି ନଥିଲେ। କିନ୍ତୁ ପ୍ରଥମ ଦୁଇଟି ମ୍ୟାଚ୍ ତୁଳନାରେ ଏହି ମ୍ୟାଚରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଘରୋଇ ଦଳକୁ ସହଜରେ ବାଟ ଛାଡି ନଥିଲା। ଆସନ୍ତା ୧୨ ଓ ୧୩ ତାରିଖର ଏହି ଗ୍ରାଉଣ୍ଡରେ ଚତୁର୍ଥ ଓ ୫ମ ଟେଷ୍ଟ ମ୍ୟାଚ୍ ଖେଳାଯିବ।



### ହେୱାର୍ଡଙ୍କ ଡବଲ୍ ଗୋଲ୍

କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଜବରଦସ୍ତ ଲଢେଇ ଦେଖିବାକୁ ମିଳିଥିଲା ଓ ଗୋଲ୍ ସମ୍ଭବ ହୋଇ ନଥିଲା। ତେବେ ଦ୍ୱିତୀୟାର୍ଦ୍ଧ ଅର୍ଥାତ ତୃତୀୟ କ୍ୱାର୍ଟରରେ ଯୁଗରାଜ ସିଂ ୪୧ତମ ମିନିଟ୍‌ରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଭାରତର ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ରହିପାରି ନଥିଲା। ଏହାର ୩ ମିନିଟ୍ ପରେ ଅର୍ଥାତ ୪୪ତମ ମିନିଟ୍‌ରେ ଅଷ୍ଟ୍ରେଲିଆର ଜେରେମି ହେୱାର୍ଡ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ୪୯ତମ ମିନିଟ୍‌ରେ ହେୱାର୍ଡ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଅଷ୍ଟ୍ରେଲିଆକୁ ୨-୧ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଭାରତ ଗୋଲ ପରିଶୋଧ କରିବାକୁ ଭାରତ ପ୍ରାଣପଣେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଫଳରେ ଶେଷରେ ଅଷ୍ଟ୍ରେଲିଆ ବାଜି ମାରିଥିଲା।

ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଚିରାଚରିତ ଢଙ୍ଗରେ ତା'ର ଆକ୍ରମଣାତ୍ମକ ହକି ଖେଳିଥିଲା। ଭାରତର ରକ୍ଷଣଭାଗ ଏହି ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲା। ନହେଲେ ପରାଜୟ ବ୍ୟବଧାନ ଆହୁରି ବଡ଼ ହୋଇଥାନ୍ତା। ପ୍ରଥମ ଦୁଇଟି କ୍ୱାର୍ଟରରେ ଗୋଲରକ୍ଷକ ପିଆର ଶ୍ରୀଜେସ୍ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ତୃତୀୟ କ୍ୱାର୍ଟରରେ ପେନାଲ୍ଟି କର୍ଣ୍ଣର ଜରିଆରେ ଯୁଗରାଜ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଡ୍ରାଗ ଫ୍ଲିକର ଅମିତ ରୋହିଦାସ ପେନାଲ୍ଟି ବରଣ କରିଥିଲେ ଓ ହେୱାର୍ଡ ଏହାର ସଫଳ ରୂପାୟନ କରିଥିଲେ। ଭାରତ ମଧ୍ୟ କେତୋଟି ସୁଯୋଗର ସଦ୍ ବ୍ୟବହାର କରିପାରି ନଥିଲା।

## କଳାହାଣ୍ଡି କପ୍

# ପରବର୍ତ୍ତୀ ରାଉଣ୍ଡରେ ସମ୍ବଲପୁର-ବି



କଟକ,୧୦।୪(ସମିସ)

ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ ସିଲ୍‌ଭର ଲିଗ୍‌ର କ୍ୱାଲିଫାୟର୍ସ ମ୍ୟାଚ୍ ବୁଧବାର ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ସମ୍ବଲପୁର-ବି ୮୮ରନରେ କେନ୍ଦ୍ରାପଡ଼ାକୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି। ତେବେ ଗୋଲ୍ଡ ଲିଗ୍ ଗ୍ରୁପ-ଏ'ରୁ ନୟାଗଡ଼ ସର୍ବାଧିକ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଛି। ଗ୍ରୁପ-ବି'ର ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହେବ। ଗୋଲ୍ଡ ଲିଗ୍ ଦୁଇ ଗ୍ରୁପର ଶୀର୍ଷ ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏଥିରୁ ବିଜୟୀ ଦଳ ସିଧାସଳଖ ସୁପରଲିଗ୍‌ରେ ପ୍ରବେଶ କରିବ। ସୁପରଲିଗ୍‌ରେ ପ୍ରବେଶ ନିମନ୍ତେ ପରାଜିତ ଦଳ ସହ ମ୍ୟାଚ୍ ଖେଳିବ ସମ୍ବଲପୁର-ବି।



ଅଭିନବ ନନ୍ଦ



ଶ୍ରେୟାଂଶ ପଣ୍ଡା

ବାରବାଟୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରରେ ସମ୍ବଲପୁର-ବି ଓପନର ଅମନ ବେହେରା (୧ରନ)ଙ୍କ ୱିକେଟ ହରାଇଥିଲା। ଅମର ଭୋଇ ଏବଂ ଶ୍ରେୟାଂଶ ପଣ୍ଡା ଦ୍ୱିତୀୟ ୱିକେଟରେ ୯୦ରନର ଭାଗୀଦାରି ସୃଷ୍ଟି କରିଥିଲେ। ଅମର ୩୩ ରନରେ ଏବଂ ଶ୍ରେୟାଂଶ ୬୨ ରନରେ ଆଉଟ ହେବା ପରେ ଦଳର ଅନ୍ୟ ବ୍ୟାଟରମାନେ ଫେଲ୍ ମାରିଥିଲେ। ସମ୍ବଲପୁର-ବି ସମସ୍ତ ୱିକେଟ ହରାଇ ୧୮୨ରନ କରିଥିଲା। କେନ୍ଦ୍ରାପଡ଼ା ପକ୍ଷରୁ ଗୌରବ ଚୌଧୁରୀ ଏବଂ ବିମଳ କୁମାର ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ରାକେଶ ଦାଶଙ୍କୁ ୨ଟି ୱିକେଟ ମିଳିଥିଲା। ଜବାବରେ କେନ୍ଦ୍ରାପଡ଼ା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ ସହ ମାତ୍ର ୯୪ରନରେ ଅଲଆଉଟ ହୋଇଥିଲା। ନିମ୍ନକ୍ରମର ବ୍ୟାଟର ରାଜକିଶୋର ଦଳାଇ ସର୍ବାଧିକ ୨୫ରନ କରିଥିଲେ। ସମ୍ବଲପୁର-ବି ପକ୍ଷରୁ ଅଭିନବ ନନ୍ଦ ଏବଂ ପ୍ରଶାନ୍ତ ଠାକରଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିଲା।

## ଅଲିମ୍ପିକ୍ସର ୧୨୮ ବର୍ଷ ଇତିହାସରେ ପ୍ରଥମ

# ସ୍ୱର୍ଣ୍ଣ ଜିତିଲେ ମିଳିବ ୪୧ ଲକ୍ଷ ଟଙ୍କା

ପ୍ୟାରିସ, ୧୦।୪ (ଏଜେନ୍ସି)



ବିଶ୍ୱ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସରେ ପଦକ ଜିତିବା ସବୁ କ୍ରୀଡ଼ାବିତ୍‌ଙ୍କ ସ୍ୱପ୍ନ ରହିଥାଏ। ଅନେକ ହୁଏତ ଜାଣି ନ ଥିବେ ଅଲିମ୍ପିକ୍ସ କ୍ରୀଡ଼ାରେ ପଦକ ଜିତିଲେ କ୍ରୀଡ଼ାବିତ୍‌ଙ୍କୁ କୌଣସି ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇ ନ ଥାଏ। କିନ୍ତୁ ଅଲିମ୍ପିକ୍ସ କ୍ରୀଡ଼ାର ୧୨୮ ବର୍ଷ ଇତିହାସରେ ପ୍ରଥମଥର ଲାଗି ଆର୍ଥିକ ପୁରସ୍କାର ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ମଧ୍ୟଭାଗରେ ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ୩୩ତମ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଲେ କ୍ରୀଡ଼ାବିତ୍‌ଙ୍କୁ ୫୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୪୧ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା କେବଳ ଦୌଡ଼କୁଦ ଇଭେଣ୍ଟର କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ଲାଗୁ ହେବ। ବିଶ୍ୱ ଆଥ୍‌ଲେଟିକ୍ ସଂଘ ପକ୍ଷରୁ ବୁଧବାର ଏନେଇ ଘୋଷଣା କରାଯାଇଛି। ଏଥିସହ ବିଶ୍ୱ ଆଥ୍‌ଲେଟିକ୍ ସଂଘ ପକ୍ଷରୁ ଆହୁରି ମଧ୍ୟ କୁହାଯାଇଛି ଯେ, ୨୦୨୮ ରେ ଲସ୍ ଏଞ୍ଜେଲ୍ସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ପରବର୍ତ୍ତୀ ସଂସ୍କରଣରେ ଦୌଡ଼କୁଦ ଇଭେଣ୍ଟରେ ସ୍ୱର୍ଣ୍ଣ ସମେତ ରୌପ୍ୟ ଓ କାଂସ୍ୟ ପଦକ ବିଜେତାଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯିବ। ୨୦୨୪ ଅଲିମ୍ପିକ୍ସରେ ରୌପ୍ୟ ଓ କାଂସ୍ୟ ବିଜେତାଙ୍କୁ କିନ୍ତୁ କୌଣସି ଆର୍ଥିକ ପୁରସ୍କାର ଦିଆଯିବ ନାହିଁ।

ଉଲ୍ଲେଖଯୋଗ୍ୟ, ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଦୌଡ଼କୁଦରେ ମୋଟ୍ ୪୮ ସ୍ୱର୍ଣ୍ଣ ପଦକ ଇଭେଣ୍ଟ ରହିଛି। ରିଲେ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ଟିମ୍ ସେମାନଙ୍କ ମଧ୍ୟରେ ପୁରସ୍କାର ରାଶି ଭାଗ କରିବେ। 'ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କୁ ପୁରସ୍କାର ରାଶି ପ୍ରଦାନ ନେଇ ଘୋଷଣା କରିବା ଏକ ସ୍ମରଣୀୟ ମୁହୂର୍ତ୍ତ ଅଟେ। ଏହା ଦୌଡ଼କୁଦ କ୍ରୀଡ଼ାବିତ୍‌ଙ୍କୁ ସଶକ୍ତିକରଣ କରିବା ସହ ଅଲିମ୍ପିକ୍ କ୍ରୀଡ଼ାର ସଫଳତାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଚିହ୍ନିବା ପାଇଁ ଆମର ପ୍ରତିବଦ୍ଧତାକୁ ସୂଚିତ କରେ' ବୋଲି ବିଶ୍ୱ ଦୌଡ଼କୁଦ ସଂଘର ସଭାପତି ସେବାଷ୍ଟିଆନ କୋଏ କହିଛନ୍ତି।



# ରୋନାଲ୍ଡୋ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ

**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ସାଉଦି ଆରବ ସୁପର କପ୍‌ରେ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ ହୋଇଛନ୍ତି। ସୁପର କପ୍ ସେମିଫାଇନାଲରେ ରୋନାଲ୍ଡୋଙ୍କ ଅଲ-ନାସେର କ୍ଲବ ୧-୨ ଗୋଲରେ ଅଲ-ହିଲାଲଠାରୁ ପରାସ୍ତ ହୋଇ ବିଦାୟ ନେଇଥିଲା। ଫଳରେ ରୋନାଲ୍ଡୋ ଅସନ୍ତୋଷ ଜାହିର କରିବା ସହ ପ୍ରତିପକ୍ଷ ଦଳ ଅଲ ହିଲାଲର ଜଣେ ଖେଳାଳିଙ୍କୁ କହୁଣୀ ମାରିଥିଲେ। ଫଳରେ ତାଙ୍କୁ ରେଫରି ରେଡ୍ କାର୍ଡ ଦେଖାଇଥିଲେ ଓ ତାଙ୍କୁ ଶେଷରେ ଦୁଇଟି ମ୍ୟାଚ୍‌ରୁ ବାସନ୍ଦ ହେବାକୁ ପଡିଛି। ୫ଥର ବାଲନ ଡି'ଅର ପୁରସ୍କାର ଜିତିଥିବା ରୋନାଲ୍ଡୋ ୨୦୨୨ ଡିସେମ୍ବରରେ ଅଲ-ନାସର କ୍ଲବରେ ଯୋଗ ଦେଇଥିଲେ। ମ୍ୟାଚ୍‌ର ୮୬ତମ ମିନିଟ୍‌ରେ ୩୯ ବର୍ଷୀୟ ରୋନାଲ୍ଡୋ ଅଲ୍-ହିଲାଲ ଡିଫେଣ୍ଡର ଅଲି-ଅଲ-ବୁଲାଇହିଙ୍କୁ ଧକ୍କା ଦେଇଥିଲେ। କେବଳ ସେତିକି ନୁହଁ ରେଡ୍ କାର୍ଡ ମିଳିବା ପରେ ସେ ପଡିଆ ଛାଡି ଯାଉଥିବା ବେଳେ ରେଫରିଙ୍କ ନକଲ କରି ତାଙ୍କୁ ପରିହାସ କରିବାକୁ ପ୍ରୟାସ କରିଥିଲେ।

## ୟୁଇଏଫ୍‌ଏ ଚାମ୍ପିଅନ୍ସ ଲିଗ୍

# ମାଦ୍ରିଦ୍- ମାଞ୍ଚେଷ୍ଟର କ୍ୱାର୍ଟର ଫାଇନାଲ ଲେଗ୍ ଅମୀମାଂସିତ

**ମାଦ୍ରିଦ୍,୧୦।୪(ଏଜେନ୍ସି):** ୟୁନିୟନ ଅଫ୍ ୟୁରୋପିଆନ୍ ଫୁଟବଲ ଆସୋସିଏସନ (ୟୁଇଏଫ୍‌ଏ) ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହେଉଥିବା କ୍ଲବ୍ ଟୁର୍ଣ୍ଣାମେଣ୍ଟ ୟୁଇଏଫଏ ଚାମ୍ପିଅନ୍ସ ଲିଗ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଆରମ୍ଭ ହୋଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ସ୍ଥାନୀୟ ସାଣ୍ଟିଆଗୋ ବେର୍ଣ୍ଣବେଉ ଷ୍ଟାଡିୟମରେ ରିୟଲ ମାଦ୍ରିଦ୍ ଓ ମାଞ୍ଚେଷ୍ଟ ସିଟି ମଧ୍ୟରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ଲେଗ୍ ୩-୩ ଗୋଲରେ ଅମୀମାଂସିତ ରହିଛି। ମାଞ୍ଚେଷ୍ଟର ତରଫରୁ ବର୍ଣ୍ଣାଡୋ ସିଲ୍‌ଭା ଦ୍ୱିତୀୟ ମିନିଟ୍‌ରେ ମ୍ୟାଚ୍‌ର ପ୍ରଥମ ଗୋଲ ଦେଇଥିଲେ। ଏହାପରେ ଦ୍ୱାଦଶ ମିନିଟ୍‌ରେ ମାଞ୍ଚେଷ୍ଟରର ରୁବେନ ଡିଆସ୍‌ଙ୍କ ଆତ୍ମଘାତୀ ଗୋଲ ବଳରେ ମ୍ୟାଚ୍ ୧-୧ ଗୋଲ ବରାବର ସ୍ଥିତିକୁ ଆସିଥିଲା। ୧୪ତମ ମିନିଟ୍‌ରେ ରୋଡ୍ରିଗୋ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ମାଦ୍ରିଦ୍‌କୁ ଅଗ୍ରଣୀ କରାଥିଲେ। ଏହାପରେ ୬୬ତମ ମିନିଟ୍‌ରେ ଫିଲ ଫୋଡେନ ଓ ୭୧ତମ ମିନିଟ୍‌ରେ ଜୋସକୋ ଜିଭାରଡିଓଏ ଗୋଲ ଦେଇ ମାଞ୍ଚେଷ୍ଟରକୁ ୩-୨ ଗୋଲରେ ଅଗ୍ରଣୀ କରାଇଥିଲେ। କିନ୍ତୁ ମ୍ୟାଚ୍‌ର ୭୯ତମ ମିନିଟ୍‌ରେ ଫେଡେରିକୋ ଭାଲଭେର୍ଡେ ଗୋଲ ସ୍କୋର କରି ମ୍ୟାଚ୍‌କୁ ୩-୩ ଗୋଲ ସମାନ ସ୍ଥିତିକୁ ଆଣିଥିଲେ। ଏହାପରେ ଗୋଲ ସମ୍ଭବ ନ ହେବା କାରଣରୁ ମ୍ୟାଚ୍ ଅମୀମାଂସିତ ରହିଥିଲା।

# ଆଇପିଏଲ୍‌ର ନୂଆ ଯୋଡ଼ିଦାର ଶଶାଙ୍କ-ଆଶୁତୋଷ

ମୋହାଲି, ୧୦।୪(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଏପରି ଏକ ଟୁର୍ଣ୍ଣାମେଣ୍ଟ ଯେଉଁଥିରେ ଘରୋଇ କ୍ରିକେଟ ଖେଳାଳିଙ୍କୁ ପ୍ରତିଭା ପ୍ରଦର୍ଶନ ଲାଗି ଭରପୁର ସୁଯୋଗ ରହିଛି। ଏଭଳି ପ୍ଲାଟଫର୍ମରେ ସମସ୍ତ ନୂଆ ଖେଳାଳି ସୁଯୋଗ ପାଇବା ଲାଗି ଉତ୍କଣ୍ଠାର ସହ ଅପେକ୍ଷା କରିଥାନ୍ତି। ଏଭଳି ଏକ ସୁଯୋଗର ସଦ୍‌ବ୍ୟବହାର କରିଛନ୍ତି ପଞ୍ଜାବ କିଙ୍ଗ୍‌ସ ପକ୍ଷରୁ ଖେଳୁଥିବା ଶଶାଙ୍କ ସିଂ ଓ ଆଶୁତୋଷ ଶର୍ମା। ଏହି ଦୁଇ ଖେଳାଳି ଗତ ଦୁଇଟି ମ୍ୟାଚ୍‌ରେ ନିଜ ଟିମ୍‌ର ଜୀବନରେଖା ପାଲଟିଯାଇଛନ୍ତି। ଉଭୟ ମ୍ୟାଚ୍‌ରେ ଦଳ ଆରମ୍ଭରୁ ୱିକେଟ ହରାଇ ବିପଦରେ ପଡ଼ିଥିଲାବେଳେ ଶଶାଙ୍କ ସିଂ ଓ ଆଶୁତୋଷଙ୍କ ଯୋଡ଼ି ଦଳକୁ ବିପଦରୁ ଉଦ୍ଧାର କରିଛନ୍ତି। ପ୍ରଥମେ ଏହି ଯୋଡି ଅହମ୍ମଦାବାଦ୍‌ରେ ଗୁଜରାଟ ଟାଇଟାନ୍ସ ନିକଟରୁ ମ୍ୟାଚ୍ ଛଡ଼ାଇଆଣିଥିଲେ। ଦ୍ୱିତୀୟରେ ମୋହାଲିରେ ଖେଳାଯାଇଥିବା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷରେ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଏଣୁ ଏହି ଯୋଡି ବେଶ କିଛି ଲଢ଼େଇ କରିବାର ଆଶା ଦେଇଛନ୍ତି। ଉଭୟ ଖେଳାଳି ଅବିଭକ୍ତ ମଧ୍ୟପ୍ରଦେଶର ଖେଳାଳି। ଶଶାଙ୍କଙ୍କ ପିତା ଜଣେ ଆଇପିଏସ୍ ଅଧିକାରୀ ହୋଇଥିଲାବେଳେ ସେ ଛତିଶଗଡ଼ରୁ ଖେଳ ଆରମ୍ଭ କରି ରେଲବାଇ ଓ ପୁଡୁଚେରୀ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଛନ୍ତି। କିନ୍ତୁ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ ହେଉଛି ତାଙ୍କର ଚତୁର୍ଥ ଟିମ୍। କିନ୍ତୁ ଏହି ଟିମ୍‌ରେ ସେ ପାଇଛନ୍ତି ସଫଳତା। ଏହି ସଫଳତା ତାଙ୍କୁ ପରିଚୟ ଆଣିଦେଇଛି। ୩୨ ବର୍ଷୀୟ ଏହି ଡାହାଣହାତୀ ବ୍ୟାଟର ମୁମ୍ବଇରେ ଅଧିକାଂଶ ସମୟ କ୍ରିକେଟ ଖେଳୁଛନ୍ତି। ଏବେ ତାଙ୍କ ଖେଳରେ ଯେଉଁ ଉନ୍ନତି ଆସିଛି, ତାହା ମୁମ୍ବାଇ ଲିଗ୍ ଲାଗି। ଅନ୍ୟ ପକ୍ଷରେ ୨୫ ବର୍ଷୀୟ ଆଶୁତୋଷ ମଧ୍ୟ ପ୍ରଦେଶ ପକ୍ଷରୁ ରଣଜୀ ଟ୍ରଫି ଖେଳୁଛନ୍ତି। ପଞ୍ଜାବ ତାଙ୍କର ପ୍ରଥମ ଆଇପିଏଲ୍ ଟିମ୍। କିନ୍ତୁ ଏହି ଟିମ୍ ପକ୍ଷରୁ ସେ ଭଲ ପ୍ରଦର୍ଶନ କରିବ ନିଜର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି।

ଅହମ୍ମଦାବାଦ୍‌ରେ ଗୁଜରାଟ ପ୍ରଦତ୍ତ ୨୦୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ୭୦ ରନ୍‌ରେ ପ୍ରଥମ ୪ଟି ୱିକେଟ ହରାଇବା ପରେ ବ୍ୟାଟିଂ ଲାଗି ଆସିଥିଲେ ଶଶାଙ୍କ। ପ୍ରଥମେ ସେ ସିକନ୍ଦର ରାଜାଙ୍କ ସହ ୨୨ ବଲ୍‌ରୁ ୪୧, ଜିତେଶ ଶର୍ମାଙ୍କ ସହ ୧୯ ବଲ୍‌ରୁ ୩୯ ରନ୍ ଉଠାଇ ଦଳକୁ ବିଜୟ ଦୌଡ଼ରେ ରଖିଥିଲେ। ଦଳ ୧୫୦ ରନ୍‌ରେ ୬ଷ୍ଠ ୱିକେଟ ହରାଇବା ପରେ ଶଶାଙ୍କଙ୍କ ସହ ଯୋଗଦେଇଥିଲେ ଆଶୁତୋଷ। ଏହି ସମୟରେ ଦଳକୁ ବିଜୟ ଲାଗି ଆବଶ୍ୟକ ଥିଲା ୨୭ ବଲ୍‌ରୁ ୫୦ ରନ୍। ଏହି ଯୋଡି ୭ମ ୱିକେଟରୁ ୨୨ ବଲ୍‌ରୁ ୪୩ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଆଶୁତୋଷ ୧୭ ବଲ୍‌ରେ ୩୧ ଓ ଶଶାଙ୍କ ୫ ବଲ୍‌ରେ ୯ ରନ୍ କରିଥିଲେ। ଆଶୁତୋଷ ଆଉଟ ହୋଇଥିଲାବେଳେ ଶଶାଙ୍କ ଶେଷ ପର୍ଯ୍ୟନ୍ତ ଆଉଟ ନହୋଇ ମାତ୍ର ୨୯ ବଲ୍‌ରୁ ୬ ଚୌକା ଓ ୪ ଛକା ସହ ୬୧ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପଞ୍ଜାବ ୩ ୱିକେଟରେ ବିଜୟୀ ହୋଇଥିଲା।



ସେହିପରି ମୋହାଲିରେ ହାଇଦ୍ରାବାଦ୍ ଓ ପଞ୍ଜାବ ମଧ୍ୟରେ ଖେଳାଯାଇଥିବା ପିଚ୍ ବୋଲରଙ୍କୁ ସୁହାଇଥିଲା। ଉଭୟ ଦଳ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲାବେଳେ ପଞ୍ଜାବ ଆଗରେ ଥିଲା ୧୮୩ ରନ୍‌ର ଟାର୍ଗେଟ। ଏହାକୁ ପିଛା କରି ଦଳର ତାରକା ଖେଳାଳିମାନେ ଜଣଙ୍କ ପରେ ଜଣେ ଖେଳାଳି ଆଉଟ ହେବା ଫଳରେ ଦଳ ୧୧୪ ରନ୍‌ରେ ୬ଷ୍ଠ ୱିକେଟ ହରାଇଥିଲା। ଏହି ସମୟରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୨୭ଟି ବଲ୍ ବାକିଥିଲେ ମଧ୍ୟ ଆବଶ୍ୟକ ଥିଲା ୬୯ ରନ୍। ଶଶାଙ୍କ ଓ ଆଶୁତୋଷଙ୍କ ଯୋଡ଼ି ମିଳିତ ଭାବେ ସଂଗ୍ରହ କରିଥିଲେ ୬୬ ରନ୍। ଉଭୟ ଖେଳାଳି ଅପରାଜିତ ରହିଥିଲେ ମଧ୍ୟ ତାଙ୍କ ଦଳ ପଞ୍ଜାବ ମାତ୍ର ୨ ରନ୍‌ରେ ହାରିଯାଇଥିଲା। ଶଶାଙ୍କ ୨୫ ବଲ୍‌ରେ ୪୬ ଓ ଆଶୁତୋଷ ୧୫ ବଲ୍‌ରେ ୩୩ ରନ୍ କରିଥିଲେ। ଏପରିକି ଦଳ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୨୯ ରନ୍ ଆବଶ୍ୟକ କରୁଥିଲାବେଳେ ଏହି ଯୋଡି ୨୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଏହି ଯୋଡି ଦ୍ୱିତୀୟ ମ୍ୟାଚ୍‌ରେ ଦଳକୁ ଜିତାଇ ପାରି ନାହାନ୍ତି ସତ, କିନ୍ତୁ ସେମାନେ ଯେପରି ଚାପର ସମ୍ମୁଖୀନ ହୋଇ ସାହସର ସହ ମୁକାବିଲା କରୁଛନ୍ତି ତାହା ନିଶ୍ଚିତଭାବେ ଏକ ଉଲ୍ଲେଖନୀୟ ଘଟଣା।

## ମଣ୍ଟେକାର୍ଲୋ ମାଷ୍ଟର୍ସ ଟେନିସ୍

# ରାଉଣ୍ଡ-୩ରେ ସିନର, ସିତ୍‌ସିପାସ୍

ମଣ୍ଟେକାର୍ଲୋ,୧୦।୪(ଏଜେନ୍ସି)



ଫ୍ରାନ୍ସର ମଣ୍ଟେକାର୍ଲୋରେ ଚାଲିଥିବା ମଣ୍ଟେକାର୍ଲୋ ଏଟିପି ଟୁର ମାଷ୍ଟର୍ସ ୧୦୦୦ ଟୁର୍ଣ୍ଣାମେଣ୍ଟରେ ବୁଧବାର ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି। ଦ୍ୱାଦଶ ସିଡ୍ ଗ୍ରୀସ ଷ୍ଟିଫାନୋସ ସିତସିପାସ, ଦ୍ୱିତୀୟ ସିଡ୍ ଇଟାଲୀର ଜାନିକ ସିନର, ୧୧ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୫ତମ ସିଡ୍ ରୁଷିଆରେ କାରେନ ଖାଚାନୋଭ ରାଉଣ୍ଡ ଅଫ୍ ୩୨ ମ୍ୟାଚ୍‌ରେ ବିଜୟୀ ହୋଇ ତୃତୀୟ ରାଉଣ୍ଡକୁ ଉନ୍ନିତ ହୋଇଛନ୍ତି। ତେବେ ଷଷ୍ଠ ସିଡ୍ ଖେଳାଳି ରୁଷିଆର ଆନ୍ଦ୍ରେ ରୁବଲେଭ ଦ୍ୱିତୀୟ ରାଉଣ୍ଡରେ ୪-୬, ୪-୬ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପୋପିରିନଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ମଙ୍ଗଳବାର ବିଶ୍ୱର ୧ ନଂ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ୬-୧, ୬-୨ ସିଧାସଳଖ ସେଟ୍‌ରେ ରୁଷିଆର ରେମାନ ସାଫିଉଲିନ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିଲେ। ସିତସିପାସ ୬-୧, ୬-୦ ସେଟ୍‌ରେ ଆର୍ଜେଣ୍ଟିନାର ଟୋମାସ ମାର୍ଟିନ ଇଚେଭେରୀଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ସିନର ୬-୧, ୬-୨ ସେଟ୍‌ରେ ଆମେରିକାର ସେବାଷ୍ଟିଆନ କୋର୍ଡାଙ୍କୁ ହରାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ଖାଚାନୋଭ ୪-୬, ୬-୪, ୬-୩ ସେଟ୍‌ରେ ଆର୍ଜେଣ୍ଟିନାର ଫ୍ରାନସିସ୍କୋ ସେରୁଣ୍ଡୋଲୋଙ୍କୁ, ମିନାଉର ୨-୬, ୬-୨, ୬-୩ ସେଟ୍‌ରେ ନେଦରଲାଣ୍ଡସର ଟାଲୋନ ଗ୍ରିକ୍‌ସପୁରଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

### ବୋପାନ୍ନା- ଏବଡେନ ହାରିଲେ

ମଣ୍ଟେକାର୍ଲୋ ମାଷ୍ଟର୍ସ ପୁରୁଷ ଯୁଗଳ ପ୍ରତିଯୋଗିତାରେ ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥି ମାଥ୍ୟୁ ଏବଡେନ ପ୍ରି- କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଧବାର ଅନୁଷ୍ଠିତ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ଏହି ଯୋଡି ୩-୬, ୬-୭ ସିଧାସଳଖ ସେଟ୍‌ରେ କ୍ରୋଏସିଆର ମେଟ୍ ପେଭିକ୍ ଓ ସାଲଭାଡୋରର ମାର୍ସେଲୋ ଆରେଭାଲୋଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି।

### ସାମସନ-ପରାଗଙ୍କ ଶତକୀୟ ଭାଗୀଦାରି ବ୍ୟର୍ଥ

# ରାଜସ୍ଥାନର ବିଜୟ ଧାରା ଭାଙ୍ଗିଲା ଗୁଜରାଟ



**ଜୟପୁର, ୧୦।୪(ଏଜେନ୍ସି)**

ରାଜସ୍ଥାନ ରୟାଲ୍ସର ଅଧିନାୟକ ସଞ୍ଜୁ ସାମସନ ଓ ରିଆନ ପରାଗଙ୍କ ଶତକୀୟ ଭାଗୀଦାରି ବେକାର ହୋଇଛି। ଏଠାରେ ବୁଧବାର ଅନୁଷ୍ଠିତ ଆଇପିଏଲ୍-୧୭'ର ୨୪ତମ ଲିଗ୍ ମ୍ୟାଚ୍‌ର ଶେଷ ବଲରେ ଗୁଜରାଟ ଟାଇଟାନ୍ସ ୩ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ୪ଟି ମ୍ୟାଚ୍ ଜିତିବା ପରେ ୫ମ ମ୍ୟାଚ୍‌ରେ ରାଜସ୍ଥାନ ପରାଜୟ ବରଣ କରିଛି। ପରାଜିତ ହୋଇଥିଲେ ମଧ୍ୟ ୪ଟି ବିଜୟ ସହ ୮ ପଏଣ୍ଟ ପାଇଥିବା ରାଜସ୍ଥାନ ପଏଣ୍ଟ ସାରଣୀର ପ୍ରଥମ ସ୍ଥାନ ବଜାୟ ରଖିଛି। ଅନ୍ୟ ପକ୍ଷରେ ୬ଷ୍ଠ ମ୍ୟାଚରେ ତୃତୀୟ ବିଜୟ ହାସଲ କରିଥିବା ଗୁଜରାଟ ଟାଇଟାନ୍ସ ପଏଣ୍ଟ ସାରଣୀରେ ଗୋଟିଏ ସ୍ଥାନରେ ଉନ୍ନତି ଆଣି ଷଷ୍ଠ ସ୍ଥାନରେ ରହିଛି।

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ପ୍ରଥମେ ବ୍ୟାଟିଂ କରି ଘରୋଇ ରାଜସ୍ଥାନ ଦଳ ୩ ୱିକେଟରେ ୧୯୬ ରନ୍ କରିଥିଲା। ଦଳ ପକ୍ଷରୁ ସାମସନ ଓ ପରାଗ ଅର୍ଦ୍ଧଶତକ ହାସଲ କରିବା ସହ ଦ୍ୱିତୀୟ ୱିକେଟରେ ୭୮ ବଲ୍‌ରୁ ୧୩୦ ରନ୍ କରିଥିଲେ। ସାମସନ ଅପରାଜିତ ରହି ୬୮ ଓ ପରାଗ ୭୬ ରନ୍ କରିଥିଲେ। ଜବାବରେ ଗୁଜରାଟ ଆଗରେ ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଗୁଜରାଟ ଉତ୍‌ଥାନ ଓ ପତନ ମଧ୍ୟରେ ମ୍ୟାଚ୍‌ର ଶେଷ ବଲ୍‌ରେ ୭ ୱିକେଟ ହରାଇ ବିଜୟୀ ହୋଇଥିଲା। ଏହି ବଲରେ ମ୍ୟାଚ୍ ଜିତିବାକୁ ୨ ରନ୍ ଥିଲାବେଳେ ଆଭେଷ ଖାନଙ୍କୁ ଚୌକା ମାରି ରଶିଦ ଖାନ ଗୁଜରାଟକୁ ଜିତାଇଥିଲେ। ପୂର୍ବରୁ ଦଳ ପ୍ରଥମ ୱିକେଟରେ ୬୪ ରନ୍ ଉଠାଇ ଭଲ ଆରମ୍ଭ କରିଥିଲା। ଓପନର ସାଇ ସୁଦର୍ଶନଙ୍କୁ ୩୫ ରନ୍‌ରେ ବୋଲ୍ଡ କରି କୁଲଦୀପ ସେନ୍ ଏହି ଯୋଡି ଭାଙ୍ଗିଯାଇଥିଲା। ଏହା ପରେ ସେ ମାଥ୍ୟୁ ୱେଡ୍ (୪) ଓ ଅଭିନବ ମନୋହର (୧)ଙ୍କୁ ଆଉଟ କରି ମଧ୍ୟ ଭାଗରେ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଶୁବମାନ ଗିଲ୍‌ଙ୍କୁ ୭୨ (୪୪ବଲ୍, ୬ ଚୌକା, ୨ଛକା) ରନ୍‌ରେ ଷ୍ଟମ୍ପ ଆଉଟ ଓ ବିଜୟଶଙ୍କରଙ୍କୁ ୧୬ ରନ୍‌ରେ ଚହଲ ବୋଲ୍ଡ ଆଉଟ କରିବା ପରେ ମ୍ୟାଚ୍‌ଟି ଘରୋଇ ଦଳ ସପକ୍ଷକୁ ଚାଲିଯାଇଥିଲା। ଗୁଜରାଟକୁ ଶେଷ ୪ ଓଭରରେ ମ୍ୟାଚ୍ ଜିତିବାକୁ ବାକିଥିବା ୪ ୱିକେଟରେ ୫୯ ରନ୍ ଦରକାର ହେଉଥିଲା। ଘରୋଇ ଦଳର ଶ୍ରେଷ୍ଠ ବୋଲର କୁଲଦୀପ ପକାଇଥିବା ୧୯ତମ ଓଭରରୁ ୨୦ ରନ୍ ମିଳିବା ପରେ ଗୁଜରାଟକୁ ଶେଷ ଓଭରରେ ମ୍ୟାଚ୍ ଜିତିବାକୁ ୧୫ ରନ୍ ଦରକାରଥିଲା। ଶେଷ ଓଭରର ପ୍ରଥମ ଓ ତୃତୀୟ ବଲ୍‌ରେ ଚୌକା ମାରିବା ପରେ ଚତୁର୍ଥ ବଲ୍‌ରେ ରନ୍ ଆଉଟ ହୋଇଯାଇଥିଲେ ତେୱାତିଆ। ଯାହା ଫଳରେ ଶେଷ ବଲ୍‌ରେ ମ୍ୟାଚ୍ ଜିତିବାକୁ ୨ ରନ୍ ଆବଶ୍ୟକ ହେଉଥିଲା। ଏହି ସମୟରେ ବ୍ୟାଟିଂ କରୁଥିବା ରଶିଦ୍ ଖାନ୍ ଆଉ କୌଣସି କ୍ଷତି ହେବାକୁ ନ ଦେଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲେ। ରଶିଦ୍ ୧୧ ବଲ୍‌ରେ ୨୪ ରନ୍ କରି ଅପରାଜିତ ରହିଥିଲେ। ତେୱାତିଆ ୧୧ ବଲ୍‌ରେ ୨୨ ଓ ଶାହରୁଖ ଖାନ୍ ୮ ବଲ୍‌ରେ ୧୪ ରନ୍ କରି ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ପରାଜିତ ଦଳ ପକ୍ଷରୁ କୁଲଦୀପ ସର୍ବାଧିକ ୩ଟି, ଚହଲ ୨ଟି ୱିକେଟ ପାଇଥିଲେ।

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ମୁମ୍ବାଇ- ବେଙ୍ଗାଲୁରୁ**

ସ୍ଥାନ- ମୁମ୍ବଇ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ସାମସନ-ପରାଗଙ୍କ ଦ୍ରୁତ ଅର୍ଦ୍ଧଶତକ

ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ବୁଧବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲସ ୪୨ ରନ୍ ମଧ୍ୟରେ ଦୁଇ ତାରକା ଓପନରଙ୍କୁ ହରାଇଥିଲା। ଫର୍ମରେ ନ ଥିବା ଯଶସ୍ୱୀ ଜୟସ୍ୱାଲ ୧୯ ବଲ୍‌ରେ ୨୪ ଓ ଜୋଶ ବଟଲର ୧୦ ବଲ୍‌ରେ ୮ ରନ୍ କରି ଆଉଟ ହୋଇଥିଲେ। ୬ଷ୍ଠ ଓଭର ଶେଷ ହେବା ପୂର୍ବରୁ ଏମାନେ ପାଭିଲିୟନ ଫେରିଯାଇଥିଲେ। ତୃତୀୟ ୱିକେଟରେ ସଞ୍ଜୁ ସାମସନଙ୍କ ସହ ରିଆନ ପରାଗ ଯୋଗଦେବା ପରେ ଖେଳର ମୋଡ ବଦଳିଯାଇଥିଲା। ଏମାନେ ଧୈର୍ଯ୍ୟ ଓ ପାଇଥିବା ଜୀବନଦାନରୁ ଫାଇଦା ଉଠାଇ ଏକ ବଡ ପାର୍ଟନରସିପ୍ କରିଥିଲେ। ଆସାମର ଯୁବ ଖେଳାଳି ପରାଗ ୦ ଓ ୬ ରନ୍ କରିଥିଲାବେଳେ ୱିକେଟରକ୍ଷକ ମାଥ୍ୟୁ ୱେଡ୍ ଦୁଇଟି କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଏହି ଜୀବନଦାନ ପାଇବା ପରେ ପରାଗ ପ୍ରତିପକ୍ଷ ସ୍ପିନର ନୁର ଅହମ୍ମଦ୍‌ଙ୍କୁ ୩ଟି ଛକା ମାରି ସୁଯୋଗର ସଦ୍‌ବ୍ୟବହାର କରିଥିଲେ। ଏହି ବରିଷ୍ଠ ଓ ଉଦୀୟମାନ ଖେଳାଳି ଗୁଜରାଟ ବୋଲରଙ୍କୁ ପଡ଼ିଆର ଚାରିଆଡକୁ ଚମତ୍କାର ସଟ୍‌ମାନ ମାରି ତୃତୀୟ ୱିକେଟରୁ ୭୮ ବଲ୍ ଖେଳି ୧୩୦ ରନ୍ ଉଠାଇଥିଲେ। ଏହା ଦଳକୁ ଏକ ବଡ଼ ସ୍କୋର ଦେବାର ରାସ୍ତା ପରିଷ୍କାର କରିଦେଇଥିଲା। ଅଧିକ ଆକ୍ରମଣାତ୍ମକ ଖେଳୁଥିବା ପରାଗ ୪୮ ବଲ ଖେଳି ୩ ଚୌକା ଓ ୫ ଛକା ସହ ୭୬ ରନ୍ କରି ଆଉଟ ହୋଇଥିଲେ। ସେ ମୋହିତ ଶର୍ମାଙ୍କ ବଲ୍‌ରେ ଆଉ ଏକ ଛକା ମାରିବାକୁ ଯାଉଥିଲାବେଳେ ବାଉଣ୍ଡରୀରେ ବିଜୟ ଶଙ୍କର ଦୁଇଥର ଚେଷ୍ଟାରେ କ୍ୟାଚ୍ ନେଇ ଆଉଟ କରିଥିଲେ। ତାଙ୍କ ଆଉଟ ପରେ ଖେଳିବାକୁ ଆସି ସିମରନ ହେଟ୍‌ମାୟର ୫ ବଲ୍‌ରେ ଗୋଟିଏ ଚୌକା ଓ ଛକା ମାରି ୧୩ ରନ୍ କରିଥିଲେ। ଅନ୍ୟପକ୍ଷରେ ସାମସନ ସବୁଠାରୁ ଦ୍ରୁତ ରନ କରିବା ସହ ୩୮ ବଲ୍‌ରେ ୬୮ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଏହି ପାଳିରେ ସେ ୭ଟି ଚୌକା ଓ ଦୁଇଟି ଛକା ମାରିଥିଲେ।

**ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୮ | +୦.୮୭୧ |
| କୋଲକାତା | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ | ୫ | ୩ | ୨ | ୬ | +୦.୬୬୬ |
| ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ | ୫ | ୨ | ୩ | ୪ | -୦.୧୯୬ |
| ମୁମ୍ବାଇ | ୪ | ୧ | ୩ | ୨ | -୦.୭୦୪ |
| ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ | ୫ | ୧ | ୪ | ୨ | -୧.୩୭୦ |

### ୨୦୨୭ ଆଇସିସି ଦିନିକିଆ ବିଶ୍ୱକପ୍

## ଦ. ଆଫ୍ରିକାର ୮ଟି ଭେନ୍ୟୁରେ ଖେଳାଯିବ ମାଚ୍

**ଦୁବାଇ,୧୦।୪(ଏଜେନ୍ସି):** ୨୦୨୭ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଆଫ୍ରିକା ମହାଦେଶର ୩ଟି ଦେଶରେ ଆୟୋଜନ ହେବ। ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମ୍ବିଆରେ ଏହି ମେଗା ଇଭେଣ୍ଟ ଖେଳାଯିବ। ଦକ୍ଷିଣ ଆଫ୍ରିକା ବୁଧବାର ନିଜର ୮ ଭେନ୍ୟୁର ନାମ ଘୋଷଣା କରିଛି। ବିଶ୍ୱକପ୍ ଅକ୍ଟୋବର ଓ ନେଭେମ୍ବରେ ଖେଳାଯିବ। ଏହି ଭେନ୍ୟୁର ୮ଟି ଷ୍ଟାଡିୟମର ନାମ ଘୋଷଣା କରାଯାଇଛି। ଜୋହନ୍ସବର୍ଗର ୱାଣ୍ଡରର୍ସ, ପ୍ରିଟୋରିଆର ସେଞ୍ଚୁରିଅନ ପାର୍କ, ଡର୍ବାନ କିଙ୍ଗସମେଡ୍, ଗକେବେରାହର ସେଣ୍ଟ ଜର୍ଜ ପାର୍କ, ପର୍ଲର ବୋଲାଣ୍ଡ ପାର୍କ, କେପ୍ ଟାଉନର ନ୍ୟୁଲାଣ୍ଡସ, ବ୍ଲୋଏମଫୋଣ୍ଟେନର ମେଙ୍ଗାଙ୍ଗ୍ ଓଭାଲ ଓ ଇଷ୍ଟ ଲଣ୍ଡନର ବଫାଲୋ ପାର୍କ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ତା'ର ବିଶ୍ୱକପ୍ ମ୍ୟାଚ୍‌ଗୁଡିକ ଆୟୋଜନ କରିବ। ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ଦ୍ୱିତୀୟଥର ପାଇଁ ବିଶ୍ୱକପ୍ ଆୟୋଜନ କରିବେ। କିନ୍ତୁ ନାମ୍ବିଆ ପ୍ରଥମଥର ପାଇଁ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରିବ। ଆୟୋଜକ ହୋଇଥିବାରୁ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତେବେ ନାମ୍ବିଆକୁ ଆଫ୍ରିକାନ କ୍ୱାଲିଫାୟର୍ସ ଖେଳି ବିଶ୍ୱକପ୍ ପାଇଁ ଯୋଗ୍ୟତା ହାସଲ କରିବାକୁ ହେବ। ସେହିପରି ଆଇସିସି ମାନ୍ୟତା ଶ୍ରେଷ୍ଠ ୮ଟି ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ତେବେ ବାକି ୪ଟି ସ୍ଥାନ ପାଇଁ କ୍ୱାଲିଫାଇଙ୍ଗ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ୧୪ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ଗ୍ରୁପ୍‌ରେ ୭ଟି ଲେଖାଏ ଦଳ ସାମିଲ ରହିବେ। ପ୍ରତ୍ୟେକ ଗ୍ରୁପ୍‌ର ୩ଟି ଲେଖାଏ ଦଳ ସୁପର-୬ ପର୍ଯ୍ୟାୟକୁ ଉଠିବେ। ୨୦୦୩ ବିଶ୍ୱକପ୍ ଭଳି ପ୍ରତ୍ୟେକ ଗ୍ରୁପ୍ ଦଳଗୁଡିକ ପରସ୍ପର ସହ ଥରେ ଲେଖାଏ ମ୍ୟାଚ୍ ଖେଳିବେ।

## 'ମୁଁ ତୁମର ଶ୍ରେଷ୍ଠ ଚିୟର ଲିଡର୍'



**ନୂଆଦିଲ୍ଲୀ,୧୦।୪(ଏଜେନ୍ସି):** ବୁଧବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ରାଜସ୍ଥାନ ରୟାଲ୍ସ ତରଫରୁ ମ୍ୟାଚ୍ ଖେଳି ଅଭିଜ୍ଞ ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ଏକ ବଡ଼ ଉପଲବ୍ଧୀ ହାସଲ କରିଛନ୍ତି। ସେ ଏହି କ୍ରମରେ କ୍ୟାରିୟରର ୧୫୦ତମ ଆଇପିଏଲ ମ୍ୟାଚ୍ ଖେଳିଛନ୍ତି। ଏହି ଅବସରରେ ସେ ପତ୍ନୀ ତଥା ମଡେଲ ଧନଶ୍ରୀ ବର୍ମାଙ୍କଠାରୁ ଏକ ସ୍ୱତନ୍ତ୍ର ତଥା ଉତ୍ସାହଜନକ ଭିଡିଓ ବର୍ତ୍ତା ପାଇଛନ୍ତି। ରାଜସ୍ଥାନ ରୟାଲ୍ସ ସାମାଜିକ ଗଣମାଧ୍ୟମରେ ଏହି ମଜାଦାର ଭିଡିଓ ପୋଷ୍ଟ କରିଛି। 'ହେ ଯୁଜି ୧୫୦ତମ ଆଇପିଏଲ ମ୍ୟାଚ୍ ଖେଳିଥିବାରୁ ତୁମକୁ ବହୁତ ବହୁତ ଅଭିନନ୍ଦନ। ତୁମ ପ୍ରଦର୍ଶନରେ ମୁଁ ଗର୍ବିତ। ସବୁଥର ତୁମେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଦଳ ଚାପରେ ରହିଥିବା ବେଳେ ଆପଣ ୱିକେଟ ନେବା ସହ ଦଳ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିଥାନ୍ତି। ଆମେ ସମସ୍ତେ ତୁମକୁ ବହୁତ ଭଲ ପାଉ। ମୁଁ ତୁମର ସବୁଠାରୁ ବଡ଼ ଚିୟର ଲିଡର। ଆପଣଙ୍କୁ ସବୁବେଳେ ଶତପ୍ରତିଶତ ସମର୍ଥନ କରିବି' ବୋଲି ଧନଶ୍ରୀ ଏଡି ଭିଡିଓରେ କହିଛନ୍ତି। ଏହି ଭିଡିଓକୁ ୟୁଜରମାନେ ଏହାକୁ ବେଶ୍ ପସନ୍ଦ କରିଛନ୍ତି।

## ପାଭୋ ନୁର୍ମି ଗେମ୍ସରେ ଭାଗନେବେ ନୀରଜ




**ନୂଆଦିଲ୍ଲୀ, ୧୦।୪ (ଏଜେନ୍ସି):** ଭାରତର ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ସମ୍ମାନଜନକ ପାଭୋ ନୁରମି ଗେମ୍ସରେ ଅଂଶଗ୍ରହଣ କରିବେ। ଫିନ୍‌ଲାଣ୍ଡର ତୁର୍କୁଠାରେ ଏହା ଜୁନ ୧୮ରେ ଖେଳାଯିବ। ଫିନ୍‌ଲାଣ୍ଡର କିମ୍ବଦନ୍ତୀ ଧାବକ ପାଭୋ ନୁରମିଙ୍କ ନାମରେ ୧୯୫୭ରୁ ଏହି ସମ୍ମାନଜନକ ଏକଦିବସୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଆସୁଛି। ଏହା ବିଶ୍ୱ ଦୌଡ଼କୁଦ ମହାଦେଶୀୟ ଟୁର୍ ଗୋଲ୍ଡ ସିରିଜ ଇଭେଣ୍ଟର ଅଂଶବିଶେଷ ଏକ ସମ୍ମାନଜନକ ପ୍ରତିଯୋଗିତା। ୨୬ ବର୍ଷୀୟ ଜାଭେଲିନ୍ ତାରକା ନୀରଜଙ୍କ ବର୍ଷର ଏହା ୨ୟ ପ୍ରତିଯୋଗିତା ହେବ। ଏଥିପୂର୍ବରୁ ସେ ମେ ୧୦ରେ ଦୋହା ଡାଇମଣ୍ଡ ଲିଗ୍‌ରେ ଭାଗନେଇ ସିଜନ ଆରମ୍ଭ କରିବେ। ଗତବର୍ଷ ନୀରଜ ଦୋହା ଡାଇମଣ୍ଡ ଲିଗ୍‌ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏଥର ମଧ୍ୟ ସେ ଏହି ପ୍ରଦର୍ଶନଠାରୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ରହିଛନ୍ତି। ପାଭୋ ନୁରମି ଗେମ୍ସରେ ନୀରଜଙ୍କ ଲଢ଼େଇ ଜର୍ମାନୀର ଯୁବ ତାରକା ୧୯ ବର୍ଷୀୟ ମାକ୍ସ ଡେହନିଙ୍ଗଙ୍କ ସହ ହେବ। ଡେହନିଂ ନିକଟରେ ୯୦ ମିଟର ଦୂରତା ଛୁଇଁ ଚର୍ଚ୍ଚାକୁ ଆସିଥିଲେ।

## ବାଂଲାଦେଶକୁ ଝଟ୍‌କା; ବିଶ୍ୱକପ୍ ଖେଳିବେନି ହୋସେନ

**ଢାକା, ୧୦।୪ (ଏଜେନ୍ସି):** ଚଳିତ ବର୍ଷ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ଦଳକୁ ଜୋର୍‌ଦାର୍ ଝଟ୍‌କା ଲାଗିଛି। ଦଳର ଡାହାଣହାତୀ ଦ୍ରୁତ ବୋଲର୍ ଇବାଦତ୍ ହୋସେନ ଏହି ଟି-୨୦ ବିଶ୍ୱକପ୍‌ରୁ ବାଦ୍ ପଡ଼ିଛନ୍ତି। ଆଘାତଜନିତ ସମସ୍ୟାରୁ ମୁକୁଳିପାରି ନ ଥିବାରୁ ହୋସେନ ଜୁନ ପ୍ରାରମ୍ଭରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ମିଳିତ ଭାବେ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍‌ରେ ଖେଳିବେ ନାହିଁ। ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି)ର ମୁଖ୍ୟ ଚିକିତ୍ସକ ଦେବାଶିଷ ଚୌଧୁରୀ ବୁଧବାର ଏହି ସୂଚନା ଦେଇଛନ୍ତି। ଅକ୍ଟୋବର ପୂର୍ବରୁ ହୋସେନ ସମ୍ପୂର୍ଣ୍ଣ ଭାବେ ଫିଟ୍ ହୋଇପାରିବେ ନାହିଁ ବୋଲି ଦେବାଶିଷ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତବର୍ଷ ଜୁଲାଇରେ ଆଫଗାନିସ୍ତାନ ବିପକ୍ଷରେ ଖେଳୁଥିବାବେଳେ ୩୦ ବର୍ଷୀୟ ହୋସେନ ଫିଲ୍ଡ ଅମ୍ପାୟରଙ୍କ ସହ ଧକ୍କା ଖାଇଥିଲେ। ଯାହା ଫଳରେ ତାଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିଲା ଓ ପରେ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରୁ ସେ ବର୍ତ୍ତମାନ ସୁଦ୍ଧା ସୁସ୍ଥ ହୋଇନାହାନ୍ତି।

## ବିଜୟଠାରୁ ୧୫୪ ରନ ଦୂରରେ ପୂର୍ବାଞ୍ଚଳ

**ପୁଣେ, ୧୦।୪ (ଏଜେନ୍ସି):** ବିସିସିଆଇ ଆନୁକୂଲ୍ୟରେ ଏଠାରେ ଚାଲିଥିବା ଆନ୍ତଃଜୋନ ମହିଳା କ୍ରିକେଟ୍ ଫାଇନାଲ ମୁକାବିଲା ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ଦକ୍ଷିଣାଞ୍ଚଳ ପକ୍ଷରୁ ଧାର୍ଯ୍ୟ ୧୮୪ ରନର ଲକ୍ଷ୍ୟକୁ ପଶ୍ଚାତଧାବନ କରି ପୂର୍ବାଞ୍ଚଳ ବୁଧବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୨ୟ ପାଳିରେ ଦୁଇ ୱିକେଟ୍ ହରାଇ ୩୦ ରନ କରିଛି। ଓପନର୍ ଦୁର୍ଗା ମୁର୍ମୁ ୯ ଓ ଧରା ଗୁଜର ୧୩ ରନ କରି ଆଉଟ୍ ହୋଇଛନ୍ତି। ମ୍ୟାଚ୍ ଆହୁରି ଦୁଇଦିନ ବାକି ରହିଥିବାବେଳେ ପୂର୍ବାଞ୍ଚଳକୁ ଜିତିବା ଲାଗି ଆହୁରି ୧୫୪ ରନ ଆବଶ୍ୟକ ହେଉଛି। ଦଳରେ ରିଚା ଘୋଷ, ଅଧିନାୟିକା ଦୀପ୍ତି ଶର୍ମାଙ୍କ ଭଳି ଅଭିଜ୍ଞ ଖେଳାଳି ରହିଥିବାରୁ ପୂର୍ବାଞ୍ଚଳ ମ୍ୟାଚ୍ ଜିତି ଚାମ୍ପିଅନ ହେବାର ସମ୍ଭାବନା ରହିଛି। ପୂର୍ବରୁ ଏହି ମ୍ୟାଚର ପ୍ରଥମ ଦିବସରେ ମଙ୍ଗଳବାର ଦକ୍ଷିଣାଞ୍ଚଳ ପ୍ରଥମ ପାଳିରେ ମାତ୍ର ୧୩୩ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅରୁନ୍ଧତି ରେଡ୍ଡୀ ସର୍ବାଧିକ ୫୭, ତମନ୍ନା ନିଗମ ୨୯ ରନ କରିଥିଲେ। ପୂର୍ବାଞ୍ଚଳ ତରଫରୁ ଅଧିନାୟିକା ଦୀପ୍ତି ଓ ଟିଟାସ ସିଧୁ ୪ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରି ମଙ୍ଗଳବାର ଷ୍ଟମ୍ପ ସୁଦ୍ଧା ପୂର୍ବାଞ୍ଚଳ ୩୪ ଓଭରରେ ୫ ୱିକେଟ ହରାଇ ୧୦୮ ରନ୍ ସଂଗ୍ରହ କରିଥିଲା। ବୁଧବାର ଏହି ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଦଳ ୧୨୯ ରନରେ ସୀମିତ ରହିଥିଲା। ରିଚା ଘୋଷ ସର୍ବାଧିକ ୨୫, ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ୨ ରନ କରିଥିଲେ। ଏହାପରେ ୪ ରନରେ ଅଗ୍ରଣୀ ଥିବା ଦକ୍ଷିଣାଞ୍ଚଳ ୨ୟ ପାଳିରେ ମିରିୟାଲା ଦୁର୍ଗା (୬୪ ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ୧୭୯ ରନରେ ଅଲଆଉଟ୍ ହୋଇଥିଲା। ଦୀପ୍ତି ପୁଣିଥରେ ବୋଲିଂରେ କମାଲ କରି ସର୍ବାଧିକ ୬ ୱିକେଟ ନେଇଥିଲେ।

### ଏସିଆନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

## ପ୍ରଥମ ରାଉଣ୍ଡରେ ହାରିଲେ ପଣ୍ଡା ଭଉଣୀ

**ନିଙ୍ଗବୋ,୧୦।୪(ଏଜେନ୍ସି):** ଚୀନ୍‌ର ନିଙ୍ଗବୋ ସହରରେ ଆରମ୍ଭ ହୋଇଥିବା ଏସିଆନ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିମାନେ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ପୁରୁଷ ଓ ମହିଳା ଏକକ, ଯୁଗଳ, ମିଶ୍ରିତ ଯୁଗଳ ପ୍ରତିଯୋଗିତାରେ ଭାରତୀୟ ଖେଳାଳିମାନେ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ମହିଳା ଯୁଗଳ ପ୍ରତିଯୋଗିତାରେ ଦୁଇ ଓଡ଼ିଆ ଖେଳାଳି ରତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଧବାର ଖେଳାଯାଇଥିବା ମୁକାବିଲାରେ ଏହି ଯୋଡି ୮-୨୧, ୧୩-୨୧ ସିଧାସଳଖ ଗେମ୍‌ରେ ଚୀନର ଝାଙ୍ଗ ଶୁଜିଆନ୍ ଓ ଝେଙ୍ଗ ଯୁଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହି ମ୍ୟାଚରେ ପାଣ୍ଡା ଭଉଣୀ ପ୍ରତିପକ୍ଷ ଚୀନ ଯୋଡିଙ୍କ ବିପକ୍ଷରେ ସଂଘର୍ଷ କରିଥିଲେ ଓ ଏକତରଫା ଭାବେ ହାରିଥିଲେ।




### ବିଦାୟ ନେଲେ ଶ୍ରୀକାନ୍ତ, ଲକ୍ଷ୍ୟ

ପୁରୁଷ ଏକକରେ ଅଭିଜ୍ଞ ଭାରତୀୟ ଖେଳାଳି କିଦାମ୍ବି ଶ୍ରୀକାନ୍ତ ୧୪-୨୧, ୧୩-୨୧ରେ ପ୍ରଥମ ରାଉଣ୍ଡରେ ଇଣ୍ଡୋନେସିଆର ଆନ୍ଥୋନି ଜିନଟିଙ୍ଗଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ସେହିପରି ଯୁବ ଖେଳାଳି ଲକ୍ଷ୍ୟ ସେନ୍ ୧୯-୨୧, ୧୫-୨୧ରେ ଚୀନ୍‌ର ସି ଯୁକିଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି ପ୍ରିୟାଂଶୁ ରାଜାୱତ୍ ୯-୨୧, ୧୩-୨୧ରେ ମାଲେସିଆର ଲି ଜି ଜିଆଙ୍କଠାରୁ ହାରିଛନ୍ତି।

### ସିନ୍ଧୁଙ୍କ ବିଜୟ ଅଭିଯାନ

ଦୁଇଥର ଅଲିମ୍ପିକ୍ସ ପଦକ ହାସଲ କରିଥିବା ଅଭିଜ୍ଞ ଭାରତୀୟ ମହିଳା ଖେଳାଳି ପିଭି ସିନ୍ଧୁ ମହିଳା ଏକକ ପ୍ରଥମ ରାଉଣ୍ଡ ମୁକାବିଲାରେ ୧୮-୨୧, ୨୧-୧୪, ୨୧-୧୯ରେ ମାଲେସିଆର ଗୋ ଜିନ ୱେଇଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ପ୍ରଥମ ଗେମ୍‌ରେ ହାରିଥିଲେ ମଧ୍ୟ ସିନ୍ଧୁ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ଗେମ୍‌ରେ ବିଜୟୀ ହୋଇଥିଲେ। ଅନ୍ୟତମ ଭାରତୀୟ ମହିଳା ଖେଳାଳି ଆକର୍ଷୀ କାଶ୍ୟପ ୧୦-୨୧, ୧୧-୨୧ରେ ଥାଇଲାଣ୍ଡର ବୁସାନନ୍ ଓଙ୍ଗବାମ୍ରୁଙ୍ଗଫାନଙ୍କଠାରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

### କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟ

## ୬ ଘଣ୍ଟା ଲଢ଼େଇରେ ଜିତିଲେ ଗୁକେଶ

**ଟରଣ୍ଟୋ, ୧୦।୪(ଏଜେନ୍ସି):** ଭାରତର ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍‌ର ମାରାଥନ ଲଢ଼େଇରେ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ୫ମ ରାଉଣ୍ଡ ମୁକାବିଲାରେ ୨୭୪୩ ରେଟିଂପ୍ରାପ୍ତ ଗୁକେଶ ଆଜରବାଇଜାନର ଗ୍ରାଣ୍ଡମାଷ୍ଟର ତଥା ୨୬୩୨ ରେଟିଂ ପ୍ରାପ୍ତ ନିଜାତ ଆବାସୋଭ୍‌ଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ଏହି ବିଜୟ ଫଳରେ ଗୁକେଶ ଓ ଫିନ୍‌ଲାଣ୍ଡର ଗ୍ରାଣ୍ଡମାଷ୍ଟର ଇଆନ ନେପୋମନିଆଚାଚି ସମାନ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ଗୁକେଶ ପ୍ରଥମ ଓ ଇଆନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆମେରିକାର ଫାବିଆନୋ କାରୁଆନା ୩ ପଏଣ୍ଟ ପାଇ ତୃତୀୟସ୍ଥାନରେ ରହିଛନ୍ତି। ୫ମ ରାଉଣ୍ଡରେ ବିଜୟ ସୁଯୋଗ ହାତଛଡ଼ା କରିଥିବା ଆର୍ ପ୍ରଜ୍ଞାନନ୍ଦା ୨.୫ ପଏଣ୍ଟ ପାଇ ଚତୁର୍ଥ ଓ ବିଦିତ ସନ୍ତୋଷ ଗୁଜରାଟୀ ୨ ପଏଣ୍ଟ ପାଇ ଷଷ୍ଠ ସ୍ଥାନରେ ରହିଛନ୍ତି। ବୁଧବାର ରାତିରେ ଷଷ୍ଠ ରାଉଣ୍ଡ ମୁକାବିଲା ହେବ। ଏଥିରେ ଗୁକେଶଙ୍କ ସହ ହିକାରୁ ନାକାମୁରା, ଟପ୍ ବୋର୍ଡରେ ଇଆନଙ୍କ ସହ ଫାବିଆନୋ, ତୃତୀୟ ବୋର୍ଡରେ ଗୁଜରାଟୀଙ୍କ ଫିରୋଉଜା ଅଲିରେଜା ଓ ଚତୁର୍ଥ ବୋର୍ଡରେ ପ୍ରଜ୍ଞାନନ୍ଦାଙ୍କ ସହ ଆବାସୋଭ୍‌ଙ୍କର ମୁକାବିଲା ହେବ।

ବିଶ୍ୱର ଦ୍ୱିତୀୟ ସର୍ବକନିଷ୍ଠ ଖେଳାଳି ଭାବେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଗୁକେଶଙ୍କ ପ୍ରଦର୍ଶନ ବେଶ ଉଚ୍ଚକୋଟୀର ହୋଇଥିଲା। ମଙ୍ଗଳବାର ରାତିରେ ଖେଳାଯାଇଥିବା ୫ମ ରାଉଣ୍ଡ ମୁକାବିଲାରେ ସେ ଦୀର୍ଘ ୬ଘଣ୍ଟା କାଳ ମୁକାବିଲା ଓ ୮୭ଟି ଚାଲରେ ଗୁକେଶ ଏହି ମାରାଥନ ମୁକାବିଲା ଜିତିଥିଲେ। ଏଣ୍ଡ ଗେମ୍‌ରେ ପ୍ରତିଦ୍ୱନ୍ଦ୍ୱୀ ଆବାସୋଭ୍ ଭଲ ସ୍ଥିତିକୁ ଆସିଯାଇଥିଲେ ମଧ୍ୟ ଗୁକେଶ ତାଙ୍କ ସ୍ମାର୍ଟ ମୁଭ୍‌ରେ ବିଜୟ ହାସଲ କରିଥିଲେ। ଏଥିରେ ଭାଗ ନେଇଥିବା ଅନ୍ୟ ଦୁଇ ଭାରତୀୟ ଖେଳାଳି ଆର ପ୍ରଜ୍ଞାନନ୍ଦା ଓ ବିଦିତ ସନ୍ତୋଷ ଗୁଜରାଟୀ ବିଭିନ୍ନ ସମୟରେ ଭଲ ସ୍ଥିତିରେ ରହିଥିଲେ ମଧ୍ୟ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିବାରେ ସମର୍ଥ ହୋଇ ପାରି ନଥିଲେ। ପଞ୍ଚମ ରାଉଣ୍ଡରେ ପ୍ରଜ୍ଞାନନ୍ଦା ଶୀର୍ଷରେ ଥିବା ଇଆନ ନେପୋମନିଆଚାଚିଙ୍କୁ ମ୍ୟାଚ୍ ଅମୀମାଂସିତ ରଖିବା ଲାଗି ସମର୍ଥ ହୋଇଥିଲେ। ସେହିପରି ଟପ୍ ସିଡ୍ ଫାବିଆନୋ କାରୁଆନାଙ୍କ ସହ ଗୁଜରାଟୀ ମ୍ୟାଚ୍ ଅମୀମାଂସିତ ରଖିଥିଲେ। ୬ଷ୍ଠ ରାଉଣ୍ଡ ମୁକାବିଲା ବେଶ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।




ମହିଳା ବିଭାଗରେ ୫ମ ରାଉଣ୍ଡର ସମସ୍ତ ମୁକାବିଲା ଅମୀମାଂସିତ ରହିଥିଲା। ଏଥିରେ ଭାରତର ଦୁଇ ଖେଳାଳି ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରୁ ଆର ବୈଶାଳୀ ତାଙ୍କଠାରୁ ଅଧିକ ମାନ୍ୟତାପ୍ରାପ୍ତ ଖେଳାଳି ଆନ୍ନା ମୁଜିଚୁକଙ୍କ ସହ ଏବଂ କୋନେରୁ ହମ୍ପି ଫିନ୍‌ଲାଣ୍ଡର ଆଲେକ୍‌ଜାଣ୍ଡ୍ରା ଗୋର୍ୟାଚିକନାଙ୍କ ସହ ମ୍ୟାଚ୍ ଅମୀମାଂସିତ ରଖିଛନ୍ତି। ବୁଧବାର ରାତିରେ ଖେଳାଯିବାକୁ ଥିବା ୬ଷ୍ଠ ରାଉଣ୍ଡରେ ହମ୍ପିଙ୍କ ସହ ଲେଇ ଟିଙ୍ଗଜିଏ ଓ ବୈଶାଳୀଙ୍କ ସହ କେଟେରିନା ଲାଗ୍‌ନୋଙ୍କର ମୁକାବିଲା ହେବ। ୫ମ ରାଉଣ୍ଡ ଶେଷରେ ଚୀନା ଗ୍ରାଣ୍ଡମାଷ୍ଟର ଝୋଙ୍ଗୟି ତାନ୍ ୩.୫ ପଏଣ୍ଟ ପାଇ ପ୍ରଥମ ଓ ଆଲେକ୍‌ଜାଣ୍ଡ୍ରା ୩ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ୨.୫ ପଏଣ୍ଟ ପାଇ ବୈଶାଳୀ ଚତୁର୍ଥ ଓ ୨ ପଏଣ୍ଟ ପାଇ ହମ୍ପି ଷଷ୍ଠ ସ୍ଥାନରେ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA

# ୩ମାସ ମଧ୍ୟରେ ସମ୍ବଲପୁର ଡପ୍ଲର ରାଡାର ହେବ କାର୍ଯ୍ୟକ୍ଷମ

- ଜମାଦାରପାଲିରେ ରାଜ୍ୟ ସରକାର ଦେଇଛନ୍ତି ଜମି
- ୧୮ ବର୍ଷ ପରେ କେନ୍ଦ୍ର ପାଣିପାଗ ବିଭାଗର ଚେତା ପଶିଲା

ସମ୍ବଲପୁର, ୧୦।୪(ସମିସ)

ଦୀର୍ଘଦିନ ପରେ ପଶ୍ଚିମ ଓଡ଼ିଶା ଚାଷୀଙ୍କ ଆଶା ପୂରଣ ହେବ। ପାଣିପାଗ ସୂଚନାକୁ ଅଧିକ ସକ୍ରିୟ କରିବା ପାଇଁ ସମ୍ବଲପୁରରେ ଡପଲର ରାଡାର ସ୍ଥାପନ ହେବ। ଆସନ୍ତା ଦୁଇରୁ ତିନି ମାସ ଭିତରେ ଏହା କାର୍ଯ୍ୟକ୍ଷମ ହେବ। ଆବଶ୍ୟକ ସମସ୍ତ ଯନ୍ତ୍ରାଂଶ ଭୁବନେଶ୍ୱର ପହଞ୍ଚିସାରିଛି। ଏସବୁ ନିର୍ଦ୍ଧାରିତ ସ୍ଥାନରେ ଲାଗିବା ପରେ ତାହାକୁ ଉପଗ୍ରହ ସହ ସଂଯୋଗ କରାଯିବ। ଏହା ମାଧ୍ୟମରେ ସମ୍ପୃକ୍ତ ସ୍ଥାନ ଓ ଆଖପାଖ ଅଞ୍ଚଳରେ ଆକାଶ ଓ ପବନକୁ ଅନୁଧ୍ୟାନ କରିବା ସହଜ ହେବ।

ଓଡ଼ିଶା ହେଉଛି ବନ୍ୟା, ବାତ୍ୟା ତଥା ବିପର୍ଯ୍ୟୟ ପ୍ରବଣ ରାଜ୍ୟ। ହେଲେ ଏସବୁର ସଠିକ ମୁକାବିଲା କରି ଆମ ରାଜ୍ୟ ବିଶ୍ୱସ୍ତରରେ ନାଁ କରିଛି। ଓଡ଼ିଶାର ସମସ୍ତ ଅଞ୍ଚଳକୁ ରାଡାରେ ସଂଯୋଗ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୦୦୬ ମସିହାରେ କେନ୍ଦ୍ରକୁ ଚିଠି ଲେଖିଥିଲେ। ତେବେ କେନ୍ଦ୍ର ମଧ୍ୟ ଓଡ଼ିଶାର ପାରାଦୀପ, ଗୋପାଳପୁର, ସମ୍ବଲପୁର ଓ ବାଲେଶ୍ୱରରେ ଡପଲର ରାଡାର ସ୍ଥାପନ ପାଇଁ ଘୋଷଣା କରିଥିଲା। ପର୍ଯ୍ୟାୟ କ୍ରମେ ୨୦୧୫ରେ ପାରାଦୀପ ଓ ୨୦୧୭ରେ ଗୋପାଳପୁର ଡପଲର ରାଡାର କାର୍ଯ୍ୟକ୍ଷମ ହୋଇଛି। ହେଲେ ସମ୍ବଲପୁର ଓ ବାଲେଶ୍ୱର କଥା କେନ୍ଦ୍ର ସରକାର ପୂରା ଭୁଲି ଯାଇଥିଲେ। ଏନେଇ ରାଜ୍ୟ ସରକାର ସମ୍ବଲପୁର ଜମାଦାରପାଲି ଅଞ୍ଚଳରେ ଜମି ଯୋଗାଇ ଦେବା ସହ ଆବଶ୍ୟକୀୟ ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ। ଏନେଇ କୋଠା ତିଆରି ସରିବା ସହ ରାଜ୍ୟ ସରକାର ସମସ୍ତ ସହଯୋଗ କରି ଆସିଛନ୍ତି। ହେଲେ ୨୦୦୬ରୁ ଘୋଷଣା ହୋଇଥିବା ଏହି ଡପଲର ରାଡାର କଥା ସତେ ଯେମିତି କେନ୍ଦ୍ର ସରକାର ଭୁଲି ଯାଇଥିଲେ। ବାରମ୍ବାର ଓଡ଼ିଶାର ଦାବି ପରେ ଆସନ୍ତା ୩ ମାସ ମଧ୍ୟରେ ସମ୍ବଲପୁରରେ ଏହି ସି-ବ୍ୟାଣ୍ଡ ଡପ୍ଲର ରାଡାର ସ୍ଥାପନ ହେବ। ଏଥିଲାଗି ଆବଶ୍ୟକ ସମସ୍ତ ଯନ୍ତ୍ରାଂଶ ଭୁବନେଶ୍ୱର ପହଞ୍ଚି ସାରିଛି। ଏସବୁ ନିର୍ଦ୍ଧାରିତ ସ୍ଥାନରେ ଲାଗିବା ପରେ ତାହାକୁ ଉପଗ୍ରହ ସହ ସଂଯୋଗ କରାଯିବ। ଏହା ମାଧ୍ୟମରେ ସମ୍ପୃକ୍ତ ସ୍ଥାନ ଓ ଆଖପାଖ ଅଞ୍ଚଳରେ ଆକାଶ ଓ ପବନକୁ ଅନୁଧ୍ୟାନ କରିବା ସହଜ ହେବ। ଏହି ଅନୁସାରେ ସ୍ଥାନୀୟ କୈନ୍ଦ୍ରିକ ସଠିକ୍ ପୂର୍ବାନୁମାନ କରିବା ପାଣିପାଗ ବୈଜ୍ଞାନିକଙ୍କ ଲାଗି ସହଜ ହେବ। ପାଣିପାଗ ବିଭାଗ ଅନୁସାରେ ଏହା ଆସନ୍ତା ୨ରୁ ୩ ମାସ ଅର୍ଥାତ୍ ମୌସୁମୀ ଋତୁ ଆରମ୍ଭରୁ କାର୍ଯ୍ୟ ଆରମ୍ଭ କରିବ। ଫଳରେ ପଶ୍ଚିମାଞ୍ଚଳରେ ବର୍ଷାର ଗତି କ'ଣ ହେବ, କେଉଁଠାରେ କେତେବେଳେ କେତେ ବେଗରେ ପବନ ଓ କୁଆପଥର ପଡ଼ିବ ତାହା ସ୍ପଷ୍ଟ ହେବ। ପଶ୍ଚିମ ଓଡ଼ିଶା କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ଏହା ଦ୍ୱାରା ପଶ୍ଚିମ ଓଡ଼ିଶାର ୧୦ ଟି ଜିଲ୍ଲାରେ ଚାଷୀ ଉପକୃତ ହୋଇ ପାରିବେ। ପାଣିପାଗ ତଥା ବର୍ଷାର ସଠିକ ପୂର୍ବାନୁମାନ ହୋଇ ପାରିଲେ ପଶ୍ଚିମ ଓଡ଼ିଶା ଚାଷୀ ଆଗୁଆ ସୂଚନା ପାଇବା ଫଳରେ ଯତ୍ନବାନ ହୋଇ ପାରିବେ।



# ସମ୍ବଲପୁରରେ ଅଷ୍ଟ୍ରେଲିଆ କ୍ରିକେଟର ଦେଭ୍ ୱାଟ୍‌ମୋର

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ପାବପାଲିସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଓ ରୋହିତ ଶର୍ମାଙ୍କ କ୍ରିକ୍-କିଙ୍ଗଡମ କ୍ରିକେଟ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ଭିଏସ୍‌ଏସ୍ ଷ୍ଟାଡିୟମରେ ଆସନ୍ତା ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ କ୍ରିକେଟ ଶିବିର ଅନୁଷ୍ଠିତ ହେବ। ଏହି କ୍ରିକେଟ୍ ଶିବିରରେ ପ୍ରଶିକ୍ଷଣ ଦେବାକୁ ଅଷ୍ଟ୍ରେଲିଆ କ୍ରିକେଟ୍ ଟିମ୍‌ର ପୂର୍ବତନ କ୍ରିକେଟର ତଥା ଶ୍ରୀଲଙ୍କା ବିଶ୍ୱକପ୍ ବିଜେତା ଦଳର ମୁଖ୍ୟ କୋଚ୍ ଦେଭ ୱାଟ୍‌ମୋର ସମ୍ବଲପୁର ଆସିଛନ୍ତି। ଏହି ଶିବିରରେ ଯେକୌଣସି ସ୍କୁଲର ଛାତ୍ରଛାତ୍ରୀଙ୍କ ସହିତ ଯେକୌଣସି କ୍ରିକେଟ୍ ଖେଳାଳି ତଥା କ୍ରିକେଟ୍ ପ୍ରେମୀ ଭାଗ ନେଇପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କ୍ରିକେଟ୍ ଶିବିର ସମଗ୍ର ପଶ୍ଚିମ ଓଡ଼ିଶାର କ୍ରିକେଟ୍ ସମ୍ବନ୍ଧୀୟ ଶିକ୍ଷାର ମାନ ବୃଦ୍ଧି କରିବା ସହିତ ଅନ୍ତର୍ଜାତୀୟ ସ୍ତରରେ ଉଜ୍ଜ୍ୱଳ ପ୍ରତିଭାବାନ୍ ଖେଳାଳିମାନଙ୍କ ପାଇଁ ଏକ ପ୍ଲାଟ୍‌ଫର୍ମ ଯୋଗାଇ ପାରିବ ବୋଲି ବୈଦିକ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ଖୁସିବ୍ୟକ୍ତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି।



# ଡିଏଫ୍‌ଓଙ୍କ ବଦଳି

**ସମ୍ବଲପୁର, ୧୦।୪ (ସମିସ):** ସମ୍ବଲପୁର ବନଖଣ୍ଡ ଅଧିକାରୀ ବିଶ୍ୱନାଥ ନିଳାମ୍ବରନଙ୍କ ବଦଳି ହୋଇଛି। ତାଙ୍କୁ ପିସିସିଏଫ୍ ଏବଂ ଏଚ୍‌ଓଏଫ୍‌ଏଫ୍‌ର ଡେପୁଟି ସିଏଫ୍ ଭାବରେ ନିଯୁକ୍ତ କରାଯାଇଛି। ସମ୍ବଲପୁର ନୂତନ ବନଖଣ୍ଡ ଅଧିକାରୀ ଭାବେ କାଲୁଜେଞ୍ଜ ଗୋରଖ ୱମାନଙ୍କୁ ଦାୟିତ୍ୱ ଦିଆଯାଇଛି।

# ଟଙ୍କା ବାକ୍ସ ଚୋରି, ୨ ଗିରଫ

**ବୁର୍ଲା, ୧୦।୪(ସମିସ):** ବୁର୍ଲା ସହର ବିଷ୍ଣୁ ମନ୍ଦିରପଡ଼ାର ଏକ ଘରୁ ଟଙ୍କା ବାକ୍ସ ଚୋରି ହୋଇଥିଲା।ଏନେଇ ବୁର୍ଲା ଥାନାରେ ଲିଖିତ ଅଭିଯୋଗ ହେବା ପରେ ବୁର୍ଲା ପୁଲିସ ତଦନ୍ତ କରି ଉକ୍ତ ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୁର୍ଲା ଡେଲି ମାର୍କେଟର ଅଜୟ ଶାହା (୨୮) ଓ ବିଷ୍ଣୁ ମନ୍ଦିର ପଡ଼ାର ଗୋପାଳ ନାଗ (୩୫)। ସୂଚନା ଅନୁସାରେ ବିଷ୍ଣୁ ମନ୍ଦିରପଡ଼ାର ଧନଞ୍ଜୟ ପ୍ରସାଦଙ୍କ ଘରୁ ଅଭିଯୁକ୍ତ ଦ୍ୱୟ ୭୦ ହଜାର ଟଙ୍କା ଥିବା ଏକ ବାକ୍ସ ଚୋରି କରି ଫେରାର ମାରିଥିଲେ। ଅଭିଯୋଗ ପରେ ପୁଲିସ ତଦନ୍ତ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସହରରେ ଯାହାକୁ ଯେତେ ଦେଶୀ ପାଉଚ୍

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ସହରରେ ନିଶା କାରବାର ଦିନକୁ ଦିନ ବଢ଼ିବାରେ ଲାଗିଛି। ସମ୍ବଲପୁର ପୁଲିସ୍ ମଧ୍ୟ ନିତିଦିନ ନିଶା କାରବାରକୁ ରୋକିବା ପାଇଁ ପେଟ୍ରୋଲିଂ କରୁଛି। କେତେକ ଅଭିଯୁକ୍ତ ଧରାପଡୁଛନ୍ତି ଓ କେତେକ ଫେରାର ହୋଇଯାଉଛନ୍ତି। ଜାତୀୟ ରାଜପଥ କଡରେ ଓ ସହରର ବିଭିନ୍ନ ଗଳିକନ୍ଦିରେ ଅବାଧରେ ମଦ ବିକ୍ରି କରାଯାଉଛି। ରାସ୍ତା କଡରେ ବିକ୍ରି ହେଉଥିବାରୁ ବରେଇପାଲି ଛକ ଓ ରେମେଡ଼ ଛକରେ ସବୁବେଳେ ଗାଡ଼ି ଜାମ୍ ରହି ଟ୍ରାଫିକ ସମସ୍ୟା ଲାଗିରହିଛି। ରନ୍ଧା ମଦ ଓ ପାଉଚ୍ ବରେଇପାଲି ଛକରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ସୁବିଧାରେ ମଦ ବିକ୍ରି ହେଉଥିବାରୁ ଏହି ଛକରେ ଅନ୍ୟ ପଡ଼ା ଓ ନିଶାଡ଼ିଙ୍କ ଆଡ୍ଡା ସ୍ଥଳ ପାଲଟିଛି। ଚଳିତ ମାସରେ ବରେଇପାଲି ପୁଲିସ୍ ବିପୁଳ ଦେଶୀ ପାଉଚ୍ ମଦ ଜବତ କରିଥିବା ଘଟଣା ଏହାକୁ ପ୍ରମାଣିତ କରୁଛି। କେବଳ ଛକରେ ନୁହେଁ ବିହାରିପଡ଼ା, ଗୋପାଳପାଲିରୁ ବେପାରୀମାନେ ବ୍ୟାଗ୍‌ରେ ରଖି ପାଉଚ୍ ମଦ ବିକ୍ରି କରୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲା। ପ୍ରକାଶ ଥାଉକି ସହରରେ ନିଶାଦ୍ରବ୍ୟ ବେଆଇନ ବିକ୍ରି ବୃଦ୍ଧି ପାଇଛି। ବିଶେଷ କରି ଜାତୀୟ ରାଜପଥ କଡ଼ରେ ଥିବା ଛକ ଗୁଡ଼ିକରେ ଅବାଧରେ ମଦ ବିକ୍ରି ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା, ଜନଗହଳିପୂର୍ଣ୍ଣ ବରେଇପାଲି ଛକରେ ଦିନତମାମ ରାସ୍ତା ଉପରେ ଓପନ୍‌ବାର ଖୋଲିଲା ଭଳି ନିଶାଡ଼ିମାନେ ନିଶାଦ୍ରବ୍ୟ ସେବନ କରୁଛନ୍ତି। ସର୍ଭିସ ରୋଡ୍‌ରେ ଥିବା କେତେକ ଝୁମ୍ପୁଡ଼ି ଦୋକାନ ଗୁଡ଼ିକରେ ଅବାଧରେ ନିଶା ଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥ ହୋଇଥିବାରୁ ଦିନତମାମ ଜିଲ୍ଲା ତଥା ରାଜ୍ୟ ବାହାରର ଗାଡ଼ି ଯାତାୟତ କରିଥାଏ। ନିକଟରେ ବରେଇପାଲି ଥାନା ରହିଥିବା ସତ୍ତ୍ୱେ ନିଶାଡ଼ିମାନେ ପୁଲିସକୁ ଭ୍ରୂକ୍ଷେପ କରୁ ନାହାନ୍ତି। ପୁଲିସ୍ ମଧ୍ୟ ନିଶାଡ଼ିମାନଙ୍କ ବିରୋଧରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ପୁଲିସ ଛକରେ ପଇଁତରା ମାରୁଥିବାବେଳେ ପିସିଆର ଭ୍ୟାନ୍ ମଧ୍ୟ ଘିରିଘିରି ବୁଲୁଛି। ତଥାପି ଏହି ବେଆଇନ କାର୍ଯ୍ୟ ବେଧଡ଼କ ଚାଲିଛି।

# ସ୍ୱାମୀ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ

**ସମ୍ବଲପୁର, ୧୦।୪(ସମିସ):** ଯୌତୁକ ଦାବିରେ ସ୍ୱାମୀ ଅସହ୍ୟ ନିର୍ଯାତନା ଦେଉଥିବା ନେଇ ପତ୍ନୀ ଧୁଚରପଡ଼ା ବାସିନ୍ଦା ଶ୍ୱେତା ସିଂହ ମହିଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଶ୍ୱେତା ଝାଡ଼ଖଣ୍ଡର ମୂଳ ବାସିନ୍ଦା ଅଟନ୍ତି। ଅଭିଯୋଗକ୍ରମେ, ସେ ଝାଡଖଣ୍ଡର ଦେଓଘର ଜିଲ୍ଲାର ରାକେଶ କୁମାର ସିଂଙ୍କୁ ୧୫ବର୍ଷ ତଳେ ବିବାହ କରିଥିଲେ। ସେମାନଙ୍କର ଏକ ସନ୍ତାନ ରହିଛି। ହେଲେ ବିବାହର କିଛି ବର୍ଷ ପରେ ସ୍ୱାମୀ ଯୌତୁକ ପାଇଁ ଶାରୀରିକ ଓ ମାନସି ନିର୍ଯାତନ ଦେଇଆସୁଥିଲେ। ରାକେଶ ଝାଡ଼ଖଣ୍ଡ ପୁଲିସରେ ଚାକିରି କରିଥିବାରୁ ତାଙ୍କୁ ବାରମ୍ବାର ହତ୍ୟା ଧମକ ଦେଉଥିଲେ। ଟାଉନ ଥାନାରେ ମଧ୍ୟ ଏହି ଘଟଣାକୁ କେନ୍ଦ୍ର କରି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ଏହାପରେ ମଧ୍ୟ ସେ ନିର୍ଯାତନା ଦେବା ବନ୍ଦ କରି ନଥିଲେ। ବ୍ୟବହାରରେ ଅତିଷ୍ଠ ହୋଇ ଶ୍ୱେତା ନିଜ ଭାଇ ସହ ବାପଘରେ ରହୁଥିଲେ। କିନ୍ତୁ ବାପଘରେ ମଧ୍ୟ ରାକେଶ ଶାନ୍ତିରେ ରଖାଇ ଦେଇ ନଥିଲା। ବାରମ୍ବାର ହତ୍ୟା ଧମକ ଦେବା ଫଳରେ ଶ୍ୱେତା ମହିଳା ଥାନାର ଦ୍ୱାରସ୍ଥ ହୋଇ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗ କରିଛନ୍ତି। ମହିଳା ଥାନା ପୁଲିସ ୩୧/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ଆଇସିଡିଏସ୍ ଅଧିକାରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ



**ସମ୍ବଲପୁର, ୧୦।୪ (ସମିସ):** ସମ୍ବଲପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆଇସିଡିଏସ୍ ଓ ସିଡିପିଓଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁ, ସମ୍ବଲପୁର ଜିଲ୍ଲା ଏନ୍‌ଓପିର ସିପିଏମ୍‌ଙ୍କ ସମେତ ଏସ୍‌ଡବ୍ଲ୍ୟୁ ସୁରତି ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାର ୯ଗୋଟି ବ୍ଲକ ଓ ସମ୍ବଲପୁର ସହରାଞ୍ଚଳ ସମେତ ମୋଟ ୧୦ଗୋଟି ସିଡିପିଓମାନେ ଉପସ୍ଥିତ ଥିଲେ। ଜିଲ୍ଲାରେ ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଚାଲୁଥିବା ମହିଳା ଓ ଶିଶୁଙ୍କ ବିଭିନ୍ନ ପ୍ରକଳ୍ପ ଉପରେ ସମୀକ୍ଷା କରାଯାଇଥିଲା।

# ସୋସିଆଲ ଷ୍ଟାର୍ କ୍ଲବକୁ ଅମ୍ଳଜାନ ସିଲିଣ୍ଡର ପ୍ରଦାନ

**ସମ୍ବଲପୁର, ୧୦।୪ (ସମିସ):** ସମ୍ବଲପୁର ସୋସିଆଲ ଷ୍ଟାର୍ କ୍ଲବକୁ ଆଜି ଏକ ପରିବାର ଅମ୍ଳଜାନ ସିଲିଣ୍ଡର ପ୍ରଦାନ କରିଛନ୍ତି। ବୁଢାରଜା ଏସ୍‌ଆର୍‌ଆଇଟି କଲୋନୀ ବାସିନ୍ଦା ଦୁର୍ଗାମାଧବ ମିଶ୍ର ଓ ରୀତି ମିଶ୍ରଙ୍କ ସ୍ମୃତିରେ ପରିବାରବର୍ଗ ଏହି ସିଲିଣ୍ଡର ପ୍ରଦାନ କରିଛନ୍ତି। କ୍ଲବ ପକ୍ଷରୁ ଉପସଭାପତି ସନ୍ତୋଷ ଦାଶ ଓ ଅତିଫ ଆଲମ ଏହାକୁ ଗ୍ରହଣ କରିଛନ୍ତି। ମୃତ୍ୟୁପରେ ଚିକିତ୍ସା ପାଇଁ ବ୍ୟବହୃତ ସାମଗ୍ରୀ ଘରେ ପଡ଼ିରହିବା ବଦଳରେ କୌଣସି ଦରକାରୀ ରୋଗୀଙ୍କ ନିକଟରେ ପହଞ୍ଚି ପାରିବା ହେଉଛି ପରିବାରର ଲକ୍ଷ୍ୟ ବୋଲି କହିଛନ୍ତି। କ୍ଲବ ପକ୍ଷରୁ ଉକ୍ତ ପରିବାରଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯାଇଛି।



# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଇଁ ପ୍ରସ୍ତୁତି

**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲି ଖଡ଼ିଆପଡ଼ାସ୍ଥିତ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ସଭାଗୃହରେ ବାବାସାହେବ ଆମ୍ବେଦକର ଜୟନ୍ତୀ ମହୋତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ତରଣୀସେନ ଖଡ଼ିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଭାରତୀୟ ସମ୍ବିଧାନ ପ୍ରଣେତା ବାବାସାହେବ ଡ଼.ଭୀମ ରାଓ ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ମହାସମାରୋହରେ ପାଳନ କରିବାକୁ ସ୍ଥିର ହୋଇଛି। ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ଉତ୍ସବ ସମ୍ବଲପୁରଠାରେ ପାଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ଉତ୍ସବରେ କୁଚିଣ୍ଡା, ଧନକଉଡ଼ା, ରେଙ୍ଗାଲି, ରେଢ଼ାଖୋଲ, ମାନେଶ୍ୱର, ଯୁଯୁମୁରା, ଜମନକିରା, ନାକଟିଦେଉଳ, ବାମରା ବ୍ଲକର ଆଦିବାସୀ ଭାଇ ଭଉଣୀ ଅଂଶଗ୍ରହଣ କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ସାଂସଦ ରାଜ୍ୟସଭା ନିରଞ୍ଜନ ବିଶି, ନାରୀନେତ୍ରୀ ଅନିତା ଓରାମ, ପୂର୍ବତନ ସଭାପତି ଉଷ୍ମନ ମୁଣ୍ଡା, ଉପସଭାପତି ରୋହିତ ଭୋଇ, ମହେନ୍ଦ୍ର କୁଅଁର ସହ ସମ୍ପାଦକ, ଯୁବରାଜ ଭୋଇ, ବସନ୍ତ କୋକବାଗ, ଡ଼ମ୍ବରୁଧର ଖଡ଼ିଆ, ରାଜୁ ଖଡ଼ିଆ, ଗୁପ୍ତେଶ୍ୱର ମଲ୍ଲିକ, ତରଣୀ ଖଡ଼ିଆ, ଶିବଶଙ୍କର ଖଡ଼ିଆ, ସୁରେନ୍ଦ୍ର ଓରାମ, ଅଶୋକ ବେହେରା, ସହଦେବ ମୁଣ୍ଡା, ସୁବାସ ମିର୍ଦ୍ଧା, ବରୁଣ ସୋରେନ, ଦୁର୍ଗା ଖଡ଼ିଆ, ଅବନୀ କୁମୁରା, ଆନନ୍ଦ ଭୋଇ, ବସନ୍ତ ନାଏକ, କରୁଣା କିସାନ, ସ୍ୱପ୍ନେଶ୍ୱର ପ୍ରଧାନ, ରାଜୀବ ମୁଣ୍ଡା, ମହେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



# ଶୁକ୍ରବାର ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ

**ସମ୍ବଲପୁର, ୧୦।୪(ସମିସ):** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଡିଏଲ୍ ପକ୍ଷରୁ ସମ୍ବଲପୁର ଅଇଁଠାପାଲି ନିକଟବର୍ତ୍ତୀ ୩୩କେଭି ଫିଡର୍ ଲାଇନର ରକ୍ଷଣାବେକ୍ଷଣ କାର୍ଯ୍ୟ ଆସନ୍ତା ୧୨ ତାରିଖ(ଶୁକ୍ରବାର) କରାଯିବ। ଜନସାଧାରଣଙ୍କ ସୁରକ୍ଷା ପାଇଁ ସମ୍ବଲପୁର ସହର ଅନ୍ତର୍ଗତ ଅଇଁଠାପାଲି, କାଇଁସିର୍, ଭାଲୁପାଲି, ବୁଢାରଜା, ଜଗନ୍ନାଥ କଲୋନୀ, ଲକ୍ଷ୍ମଟକିଜ୍, ପୋଲିସ୍ ଲାଇନ୍, ଫାଟକ, ଚେରୁଆପଡ଼ା, ବଲବସପୁର, ସମଲେଇଶ୍ୱରୀ ମନ୍ଦିର ଅଞ୍ଚଳ, ବାଲିବନ୍ଧା, ପଟ୍ଟନାୟକପଡ଼ା, ମୁଦିପଡ଼ା, ଲେବର କଲୋନୀ, ରେଲୱେ କଲୋନୀ, ସରକାରୀ ବସଷ୍ଟାଣ୍ଡ, ବଙ୍ଗାଳିପଡ଼ା, ବଡ଼ବଜାର, ଲକ୍ଷ୍ମୀଡୁଙ୍ଗୁରୀ, ଦୁର୍ଗାପାଲି, କାନିଝୁରି, ସହଯୋଗ ନଗର, ରେମେଡ଼, ବରେଇପାଲି ଏବଂ କ୍ଷେତ୍ରରାଜପୁର ଆଦି ଅଞ୍ଚଳ ଓ ଏହାର ଆଖାପାଖ ଅଞ୍ଚଳରେ ଉକ୍ତ ଦିନ ସକାଳ ୭ଟାରୁ ଅପରାହ୍ଣ ୨ଘଟିକା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ସ୍ଥିର, ନିରବଚ୍ଛିନ୍ନ ତଥା ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ।

# ଧର୍ମପରାୟଣାଙ୍କ ପରଲୋକ

ସମ୍ବଲପୁର, ୧୦।୪(ସମିସ): ବୁଢ଼ାରଜା ଏସ୍‌ଆର୍‌ଆଇଟି କଲୋନୀ ବାସିନ୍ଦା କିଲା ଶର୍ମା (୬୮)ଙ୍କ ବୁର୍ଲା ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ତାଙ୍କର ଶେଷଶଯ୍ୟା ନିକଟରେ ଆକାଶ ଶର୍ମା, ବାଦଲ ଶର୍ମା, ଦଶରଥ ଶର୍ମା, ରବି ଶର୍ମା ଝିଅ ବିଣା ଶର୍ମା ଓ ରିନା ଶର୍ମା ଉପସ୍ଥିତ ଥିଲେ। ସ୍ୱର୍ଗୀୟ ଶର୍ମା ଜଣେ ଶାନ୍ତଶିଷ୍ଟ ମିଷ୍ଟଭାଷୀ, ମେଳାପୀ, ଧର୍ମପରାୟଣ ମହିଳା ଥିଲେ। ଆଜି ସକାଳେ ସମ୍ବଲପୁର ମନ୍ଦଲିଆ ସ୍ଥିତ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ରବି ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକ ଖେଳିଯାଇଛି।



# ପୁଅ ଅତ୍ୟାଚାରରେ ବାପା ଥାନାର ଦ୍ୱାରସ୍ଥ

**ସମ୍ବଲପୁର, ୧୦।୪(ସମିସ):** ମୁଦିପଡ଼ା ନିବାସୀ ନବୀନ ଚନ୍ଦ୍ର ଶର୍ମା ତାଙ୍କ ପୁଅ ବାରମ୍ବାର ଅତ୍ୟାଚାର ଓ ହତ୍ୟା ଧମକ ଦେଉଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଅ ସାନୁଜିତ ଦୀର୍ଘଦିନରୁ ଉଭୟ ବାପା ଓ ମାଁଙ୍କୁ ବାରାମ୍ବାର ମାନସିକ ଓ ଶାରୀରିକ ନିର୍ଯାତନ ଦେଇଆସୁଛି। ଝଗଡ଼ା ନିତିଦିନ କରିବା ସହ ହତ୍ୟା ଧମକ ମଧ୍ୟ ଦେଉଛି। ଘରୁ ବାହର କରିବା ନେଇ ନବୀନ ଉପଜିଲ୍ଲାପାଳଙ୍କ ଅନୁମତିରେ ବରିଷ୍ଠ ନାଗରିକ ଅଧୀନରେ ଏକ ଦରଖାସ୍ତ କରିଥିଲେ। ପୁଲିସ ମଧ୍ୟ ମୋକଦ୍ଦମାର ନୋଟିସ୍‌ଟି ସାନୁଜିତକୁ ଦେଇଛି। ଗତକାଲି ଏହି ମୋକଦ୍ଦମାର ଶୁଣାଣି ଥିଲା। ହେଲେ କୌଣସି କାରଣରୁ ଶୁଣାଣି ହୋଇପାରି ନଥିଲା। ଗତ ରାତିରେ ସାନୁଜିତ ଘରକୁ ଆସି ପୁଣି ବାପା ଓ ମାଁକୁ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଛି। ପୁଅ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବାପା ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

# ବିପୁଳ କଫ୍‌ସିରପ୍ ଜବତ; ଜଣେ ଗିରଫ



**ସମ୍ବଲପୁର, ୧୦।୪(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ପୁଲିସ ଓ ରେଙ୍ଗାଲି ଅବକାରୀ ବିଭାଗର ମିଳିତ ଉଦ୍ୟମରେ ଗତକାଲି ବିପୁଳ ମାତ୍ରାରେ କଫ୍ ସିରପ୍ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ରେଙ୍ଗାଲିର ବିଶାଳ ମହାପାତ୍ର(୨୫) ନିକଟରୁ ୧୦୦ ମିଲିଲିଟର ବିଶିଷ୍ଟ ୩୩୯ଗୋଟି କଫ୍ ସିରପ୍ ଜବତ କରିଛି। ଗତ ରାତିରେ ଅଭିଯୁକ୍ତର ଘରେ ପୁଲିସ୍ ରେଡ୍ କରି ଏହା ଜବତ କରିଛି।

# ବଦଳିଛି ନିଶାଡ଼ିଙ୍କ ପସନ୍ଦ, ଏବେ ବ୍ରାଉନ୍‌ସୁଗର

ସମ୍ବଲପୁର, ୧୦।୪(ସମିସ)

ସମୟ ଅନୁସାରେ ନିଶାଡିଆଙ୍କ ପସନ୍ଦ ବଦଳି ଯାଉଥିବା ଜଣାପଡୁଛି। ପ୍ରଥମେ ମଦ, ଗଞ୍ଜେଇ ନିଶା ଚାଲୁଥିବାବେଳେ କିଛିବର୍ଷ ହେବ କଫ୍ ସିରପକୁ ନିଶା ବଟିକାକୁ ପ୍ରମୁଖ ନିଶା ଦ୍ରବ୍ୟ ଭାବେ ଗ୍ରହଣ କରୁଛନ୍ତି। ଏବେ ପୁଣି ଆଉ ପାଦେ ଆଗେଇ ଯାଇଛନ୍ତି। ଲୁଚିଛପି ପୂର୍ବରୁ ବ୍ରାଉନ ସୁଗର ଜିଲ୍ଲାରେ ବିକ୍ରି ହେଉଥିଲା। ଏବେ ଏହାର ଚାଲାଣ ହେବା ପରିମାଣ ବୃଦ୍ଧି ପାଇଛି। ଅବାଧରେ ବହୁ ମାତ୍ରାରେ ଚାଲାଣ ହେଉଛି। ଆଜି କେବଳ ଗୋଟିଏ ଗ୍ରୁପ ଧରାପଡ଼ିଛନ୍ତି। ଅବକାରୀ ବିଭାଗ ସ୍ୱତନ୍ତ୍ର ମୋବାଇଲ ଟିମ ହାତରେ ରେଙ୍ଗାଲି ଷ୍ଟେସନରୁ ୬୦ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଛି। ଯାହାର ଅନୁମାନିକ ମୂଲ୍ୟ ୬ ଲକ୍ଷ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଦୁଇଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଧନୁପାଲି ଥାନା ସୁନାପାଲିର କିରନ ଓରାମ, ଅଜିତ ଲାର୍କା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। କଲିକତାରୁ ସମ୍ବଲପୁର ବ୍ରାଉନସୁଗର ଚାଲାଣ ହେଉଥିଲା। ରେଙ୍ଗାଲି ଷ୍ଟେସନ ନିକଟରେ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା। ପୂର୍ବରୁ ମଧ୍ୟ ସମ୍ବଲପୁର ସହରରେ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ରାଉନ ସୁଗର ଜବତ ହୋଇଥିଲା। ତେଣୁ କରି ସମ୍ବଲପୁରକୁ ଏବେ ବିପଦ କରିବ ଧଳା ଜହର ବୋଲି ଆଲୋଚନା ହେଉଛି। ପୁଲିସ, ଅବକାରି ଯାଞ୍ଚ ନ କଲେ ଆଗକୁ ଅପରାଧିକ କାର୍ଯ୍ୟ ମଧ୍ୟ ବୃଦ୍ଧି ପାଇବ ବୋଲି ସାଧାରଣରେ କହୁଛନ୍ତି। ଦେଖିବାକୁ ଗଲେ ସହରରେ ବିଭିନ୍ନ ଛକ, ଗଳି, ନିଛାଟିଆ ସ୍ଥାନରେ ସନ୍ଧ୍ୟା ହେଲେ ବସୁଛି ନିଶାର ଆସର। ଅନ୍ଧାରରେ ବସି ହିରୋଇନ୍ ଚରସ ଭଳି ମାରାତ୍ମକ ନିଶା ସେବନ କରୁଛନ୍ତି ଯୁବପୀଢ଼ି। ବୟସ ବେଶୀ ନୁହେଁ, ସମସ୍ତଙ୍କ ବୟସ କୋଡ଼ିଏରୁ ତିରିଶ ବର୍ଷ ମଧ୍ୟରେ। ପାଠପଢ଼ି ଭବିଷ୍ୟତ ଗଢିବା ସେମାନଙ୍କ ଭାବନରେ ନାହିଁ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବସି ନିଶା ସେବନ କରିବା ବିଭିନ୍ନ ଅନୈତିକ କାର୍ଯ୍ୟକଳାପ ରେ ସମ୍ପୃକ୍ତ ହେଉଥିବା ଅଭିଯୋଗ ହୋଇଛି।

